

ହସ୍ତେ ସ୍ଫଟିକ ମାଳୀକାମ୍ ବିଦଧତୀଂ
ପଦ୍ମାସନେ ସଂସ୍ଥିତାମ୍,
ବନ୍ଦେତାଂ ପରମେଶ୍ୱରୀଂ ଭଗବତୀଂ
ବୁଦ୍ଧିପ୍ରଦାମ୍ ଶାରଦାମ୍ ।


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-208 ♦FRIDAY ♦23 JANUARY 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୨୦୮ ♦ଶୁକ୍ରବାର ♦୨୩ ଜାନୁଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦






10 YEAR WARRANTY | BAJAJ SECURE • AMC • ROAD SIDE ASSISTANCE | 72198 21111 | SHRIRAM Finance | IDFC FIRST Bank | BAJAJ AUTO CREDIT | L&T Finance | TATA CAPITAL Two Wheeler Loans

*ସର୍ତ୍ତ ଓ ନିୟମାବଳୀ ଲାଗିବ । ସଞ୍ଚୟ 31 ଜାନୁୟାରୀ 2026 ପର୍ଯ୍ୟନ୍ତ ପ୍ରଯୁଜ୍ୟ । ଉଦ୍ଧୃତ ମୋଟ ସଞ୍ଚୟ ହେଉଛି କ୍ୟାଶ୍ ବ୍ୟାକ୍‌ଜନିତ ସଞ୍ଚୟ । ଶୂନ୍ୟ ପ୍ରୋସେସିଙ୍ଗ ଫୀ ଓ 5 ମାଗଣା ସର୍ଭିସ୍ (3 ଷ୍ଟାଣ୍ଡାର୍ଡ ମାଗଣା ସର୍ଭିସ୍ ଓ 2 ଅତିରିକ୍ତ ମାଗଣା ସର୍ଭିସ୍) । ମାଗଣା ସର୍ଭିସ୍ ଙ୍କ ସଞ୍ଚୟସବୁ ନିର୍ଦ୍ଧାରିତ ଲେବର୍ ଚାର୍ଜେସ୍ ଉଦ୍ଦିଷ୍ଟ । ପ୍ରଯୁଜ୍ୟ ଅଫର୍‌ସବୁ ମଡେଲ/ପ୍ରଦେଶ ଅନୁସାରେ ଭିନ୍ନ ହୋଇପାରେ । ଶୂନ୍ୟ ପିଏଫ୍ ରେ ସଞ୍ଚୟ, ଫାଇନାନ୍‌ସର୍ ଉପରେ ନିର୍ଭର କରି ବିଭିନ୍ନ ଅଞ୍ଚଳରେ ଭିନ୍ନ ହୋଇପାରେ । ଫାଇନାନ୍‌ସର୍ ଙ୍କ ନିଜସ୍ୱ ବିବେଚନା ଆଧାରରେ ଫାଇନାନ୍‌ସ । ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସୁରକ୍ଷା ନିୟମଗୁଡ଼ିକ ପାଳନ କରନ୍ତୁ । ପଲ୍‌ସର 125 ଅଫର୍ ନିଅନ୍ ଓ କାର୍ବନ୍ ଫାଇବର୍ ମଡେଲ୍ ସକାଶେ ।

**Authorised Dealers for BAJAJ Auto Ltd.: Jajpur Road** PARIDA BAJAJ 7381012602 • **Dhenkanal** SHIVAM BAJAJ 7873922722 • **Jajpur Road** PARIDA BAJAJ 7381012602 • **Rahama** MAITREE BAJAJ 9668801781 • **Cuttack: Badambadi** SURAJ BAJAJ 8093066603 • **Shikharpur RASHMI BAJAJ 9237379210** • **Satichaura RASHMI BAJAJ 9237379211** • **Chandikhole** TARINI BAJAJ 9937310800. • **Pattamundai MAITREE BAJAJ 7064987720/9668801781,** • **Kendrapara** TARINI BAJAJ 8338944471 • **Rajnagar** MAITREE BAJAJ 7064987720/9668801781 • **Anandapur** PARIDA BAJAJ 7381670007, • **Udala** BALA BAJAJ 8260843646 • **Jaleswar** SURAJ BAJAJ **9124626016,** • **Markona** SURAJ BAJAJ **9124626001** • **Basudevpur SHANKAR BAJAJ 9040902802** • **Rairangpur BALA BAJAJ 9583777236** • **Harichandanpur JR BAJAJ 7008484029.**

# ଆନ୍ଧ୍ରରେ ୧୬ ବର୍ଷରୁ କମ୍ ପିଲାଙ୍କ ଉପରେ ଲାଗିବ କଟକଣା



**ଅଷ୍ଟ୍ରେଲିଆ ଭଳି ପିଲାଙ୍କ ପାଇଁ ନିଷିଦ୍ଧ ହେବ ସାମାଜିକ ଗଣମାଧ୍ୟମ**

ହାଇଦରାବାଦ୍, ୨୨।୧(ଏଜେନ୍ସି): ନାବାଳକଙ୍କ ଉପରେ ଇଣ୍ଟରନେଟ୍ ଓ ସାମାଜିକ ଗଣମାଧ୍ୟମର ନକରାତ୍ମକ ପ୍ରଭାବକୁ ଦୃଷ୍ଟିରେ ରଖି ଅଷ୍ଟ୍ରେଲିଆ ଏକ ଦୃଷ୍ଟାନ୍ତମୂଳକ ଆଇନ୍ ପ୍ରଣୟନ କରିଥିଲା। ଏହା ଦ୍ୱାରା ନାବାଳକଙ୍କ ପାଇଁ ସାମାଜିକ ଗଣମାଧ୍ୟମକୁ ନିଷିଦ୍ଧ କରାଯାଇଥିଲା। ଅଷ୍ଟ୍ରେଲିଆର ଏହି ପଦକ୍ଷେପଠାରୁ ପ୍ରେରଣା ନେଇ ଏବେ ଆନ୍ଧ୍ରପ୍ରଦେଶ ସରକାର ଏହି ଭଳି ନୀତି ଆପଣାଇବାକୁ ଯାଉଛନ୍ତି। ଆନ୍ଧ୍ର ସରକାର ୧୬ ବର୍ଷରୁ କମ୍ ବୟସର ପିଲାମାନଙ୍କ ପାଇଁ ସାମାଜିକ ଗଣମାଧ୍ୟମ ଉପରେ ପ୍ରତିବନ୍ଧକ ଲଗାଇବାକୁ ବିଚାର କରୁଛି। ଡାଭୋସରେ ଚାଲିଥିବା ବିଶ୍ୱ ଅର୍ଥନୈତିକ ମଞ୍ଚରେ ଭାଷଣ ଦେଇ ଆନ୍ଧ୍ର ଆଇଟି ମନ୍ତ୍ରୀ ନାରା ଲୋକେଶ କହିଛନ୍ତି ଯେ, ସରକାର ଅଷ୍ଟ୍ରେଲିଆର ଏହି ପଦକ୍ଷେପ ତଥା ଅଭିମୁଖ୍ୟକୁ ନିକଟରୁ ଅଧ୍ୟୟନ କରୁଛନ୍ତି। ପିଲାମାନଙ୍କ ପାଇଁ ଆମକୁ ଏକ ଦୃଢ଼ ଆଇନଗତ ଢାଞ୍ଚା ସୃଷ୍ଟି କରିବାକୁ ପଡ଼ିବ ବୋଲି ସେ କହିଛନ୍ତି। ଉଲ୍ଲେଖଥାଉ କି, ଅଷ୍ଟ୍ରେଲିଆ ୨୦୨୪ରେ ମାନସିକ ସ୍ୱାସ୍ଥ୍ୟ, ଅନଲାଇନ୍ କ୍ଷତି, ସାଇବର ଧମକ ଓ ନିଶା ଆଲଗାରିଦିମ ସଂକ୍ରାନ୍ତରେ ବଢୁଥିବା ଚିନ୍ତାକୁ ଉଲ୍ଲେଖ କରି ୧୬ ବର୍ଷରୁ କମ୍ ବୟସର ପିଲାମାନଙ୍କୁ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମକୁ ନିଷିଦ୍ଧ କରିଥିଲା ଓ ଏ ନେଇ ଆଇନ ପ୍ରଣୟନ କରିଥିଲା। ତେଲଗୁ ଦେଶମ ପାର୍ଟି (ଟିଡିପି)ର ଜାତୀୟ ମୁଖପାତ୍ର ଦୀପକ ରେଡ୍ଡୀ କହିଛନ୍ତି ଯେ, ମନ୍ତ୍ରୀ ନାରା ଲୋକେଶ ଛୋଟ ପିଲାଙ୍କ ମାନସିକ ସ୍ୱାସ୍ଥ୍ୟ ଓ ସୁରକ୍ଷା ଉପରେ ସାମାଜିକ ଗଣମାଧ୍ୟମର ପ୍ରଭାବ ସମ୍ପର୍କରେ ଗମ୍ଭୀର ଚିନ୍ତାଧାରାକୁ ଠିକ୍ ଭାବେ ଉଜାଗର କରିଛନ୍ତି। ଆନ୍ଧ୍ର ସରକାର ଏବେ ଅଷ୍ଟ୍ରେଲିଆର ଏହି ଆଇନ୍‌ର ଯାଞ୍ଚ କରୁଛନ୍ତି ବୋଲି ସେ କହିଛନ୍ତି। ଯଦି ଏହା କାର୍ଯ୍ୟକାରୀ ହୁଏ, ତେବେ ଆନ୍ଧ୍ର ଭାରତର ପ୍ରଥମ ରାଜ୍ୟ ଭାବେ ନାବାଳଙ୍କ ପାଇଁ ନାବାଳକ ପାଇଁ ସାମାଜିକ ଗଣମାଧ୍ୟମ ନିଷିଦ୍ଧ କରିବା ନେଇ ଆଇନ୍ ଲାଗୁ କରିବ।

## ପତ୍ନୀଙ୍କୁ ଗୁଳି କରି ଆତ୍ମହତ୍ୟା କଲେ ସାଂସଦଙ୍କ ଭଣଜା

ଅହମଦାବାଦ, ୨୨।୧(ଏଜେନ୍ସି): ଗୁଜରାଟ୍‌ରେ କଂଗ୍ରେସ ରାଜ୍ୟସଭା ସାଂସଦ ଶକ୍ତି ସିଂ ଗୋହିଲଙ୍କ ଭଣଜା ଯଶରାଜ ସିଂ ଗୋହିଲ୍ ଏକ ଅଭାବନୀୟ କାଣ୍ଡ ଘଟାଇଛନ୍ତି। ମାତ୍ର ଦୁଇମାସ ତଳେ ବିବାହ କରିଥିବା ଯଶରାଜ ପତ୍ନୀଙ୍କୁ ଗୁଳି ମାରି ହତ୍ୟା କରିବା ପରେ ସେ ଆତ୍ମହତ୍ୟା କରିଛନ୍ତି। ପତ୍ନୀଙ୍କ ବେକରେ ଗୁଳି ବାଜିବା ପରେ ସେ ମୃତ୍ୟୁବରଣ କରିଥିଲେ। ଏହାପରେ ସେ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଇଥିଲେ। ପୁଲିସ ଦେଇଥିବା ସୂଚନା ଅନୁଯାୟୀ, ଯଶରାଜ ବୁଧବାର ରାତି ୧୧.୪୫ରେ ଆମ୍ବୁଲାନ୍ସ ଡାକିବା ପାଇଁ ୧୦୮କୁ ଫୋନ୍ କରିଥିଲେ। ଫୋନ୍‌ରେ ପତ୍ନୀ ରାଜେଶ୍ୱରୀଙ୍କ ଆଘାତ ବିଷୟରେ ଜଣାଇଥିଲେ। ଘଟଣାସ୍ଥଳରେ ପହଞ୍ଚିଥିବା ଡାକ୍ତରୀ ଦଳ ରାଜେଶ୍ୱରୀଙ୍କୁ ମୃତ ଘୋଷଣା କରିଥିଲେ। ଯଶରାଜ ଆମ୍ବୁଲାନ୍ସ ଦଳକୁ କହିଥିଲେ ଯେ, ଭୁଲବଶତଃ ତାଙ୍କ ଲାଇସେନ୍ସପ୍ରାପ୍ତ ପିସ୍ତଲରୁ ଗୁଳି ବାହାରି ରାଜେଶ୍ୱରୀଙ୍କ ବେକରେ ବାଜିଥିଲା। ରାଜେଶ୍ୱରୀଙ୍କ ମୃତଦେହକୁ ଆମ୍ବୁଲାନ୍ସରେ ରଖିବାକୁ ଡାକ୍ତରୀ ଦଳ ବାହରକୁ ଯାଇଥିବା ବେଳେ ଯଶରାଜ କୋଠାରୀ ଭିତର ନିଜକୁ ଗୁଳି କରିଥିଲେ ଓ ସେ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ। ଯଶରାଜ ଗୁଜରାଟ ମେରିଟାଇମ ବୋର୍ଡରେ ଜଣେ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ସେ ଶ୍ରେଣୀ-୨ରୁ ଶ୍ରେଣୀ-୧କୁ ପଦୋନ୍ନତି ପାଇଥିଲେ। ବସ୍ତ୍ରପୁର ପୁଲିସ ଓ କ୍ରାଇମବ୍ରାଞ୍ଚ୍ ଘଟଣାର ତଦନ୍ତ କରୁଛନ୍ତି। ଘଟଣା ସମୟରେ ଯଶରାଜଙ୍କ ମା ଅନ୍ୟ ଏକ କୋଠାରୀରେ ଥିଲେ। ପୁଲିସ ମୃତଦେହଗୁଡିକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ପରିବାର ଦେଇଥିବା ସୂଚନା ଅନୁଯାୟୀ, ଏହି ଦମ୍ପତି ବିବାହ ପରେ ବେଶ୍ ଖୁସିଥିଲେ ଓ ବିଦେଶ ଗସ୍ତରେ ଯିବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ହଠାତ ଏହି ଘଟଣା ସମସ୍ତଙ୍କୁ ଚକିତ କରିଛି।

## ବେଙ୍ଗାଲୁରୁ ବିମାନ ବନ୍ଦରରେ କୋରିଆ ମହିଳାଙ୍କୁ ଯୌନ ନିର୍ଯାତନା

ବେଙ୍ଗାଲୁରୁ, ୨୨।୧(ଏଜେନ୍ସି): ବେଙ୍ଗାଲୁରୁର କେମ୍ପେଗୌଡ଼ା ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଦକ୍ଷିଣ କୋରିଆର ଜଣେ ମହିଳା ଯୌନ ନିର୍ଯାତନାର ଶିକାର ହୋଇଛନ୍ତି। ଜାନୁଆରୀ ୧୯ରେ ଏହି ଘଟଣା ଘଟିଥିଲେ ମଧ୍ୟ ଗୁରୁବାର ଏହା ସାମ୍ନାକୁ ଆସିଛି। ଟର୍ମିନାଲ-୨ରେ ଇମିଗ୍ରେସନ ଯାଞ୍ଚ ସମୟରେ, ଅଭିଯୁକ୍ତ ବ୍ୟକ୍ତି ଯାଞ୍ଚ୍ କରିବା ବାହାନାରେ ମହିଳାଙ୍କୁ ପୁରୁଷ ଶୌଚାଳୟକୁ ନେଇଯାଇଥିବା ଅଭିଯୋଗ ହୋଇଛି। ସେଠାରେ ସେ ମହିଳାଙ୍କୁ ଅନୁପଯୁକ୍ତ ଭାବେ ସ୍ପର୍ଶ କରିଥିଲେ। ବିମାନ ବନ୍ଦର ପୁଲିସ କହିଛି ଯେ, ମହିଳା ଜଣକ ଦକ୍ଷିଣ କୋରିଆ ଯାତ୍ରା କରୁଥିଲେ। ତାଙ୍କ ଟିକେଟ ଓ ବ୍ୟାଗେଜ ଯାଞ୍ଚ୍ ସମୟରେ ଏକ ବିପ୍ ଶୁଭିଥିଲା। ଏହାପରେ ଅଭିଯୁକ୍ତ ତାଙ୍କୁ ଏକ ପାଖକୁ ନେଇଯାଇଥିଲେ। ଯାଞ୍ଚ୍ ସମୟରେ ସେ ମହିଳାଙ୍କ ସହ ଅସଦାଚରଣ କରିଥିଲେ। ଇତିମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ଓ ସେ ହେଉଛନ୍ତି ଆଫାନ ଅହମ୍ମଦ। ବିମାନ ବନ୍ଦରରେ ସେ ଗ୍ରାଉଣ୍ଡ ଷ୍ଟାଫ୍ ଭାବେ କାର୍ଯ୍ୟ କରୁଥିଲେ। ପୁଲିସ କହିଛି ଯେ, ସେ ମହିଳାଙ୍କ ଗୁପ୍ତାଙ୍ଗ ଛୁଇଁବା ସହ ଜୋର ଜବରଦସ୍ତ ତାଙ୍କୁ ଆଲିଙ୍ଗନ କରିଥିଲେ। ମହିଳା ଏହାର ପ୍ରତିବାଦ କରିଥିଲେ ମଧ୍ୟ ସେ ଯାଞ୍ଚ ଜାରି ରଖିଥିଲେ। ଏହାପରେ ସେ ଠିକ୍ ଅଛି, ଧନ୍ୟବାଦ କହି ଚାଲିଯାଇଥିଲେ ବୋଲି ପୁଲିସ କହିଛି। ପରେ ମହିଳା ଜଣକ ଘଟଣା ବିଷୟରେ ସୁରକ୍ଷା କର୍ମଚାରୀଙ୍କୁ ଜଣାଇଥିଲେ। ସିସିଟିଭି ଫୁଟେଜର ଯାଞ୍ଚ କରାଯିବା ପରେ ଅଭିଯୁକ୍ତଙ୍କ ଅସଦାଚରଣ ନଶ୍ଚିତ ହୋଇଥିଲା। ଏହା ପରେ ଅଭିଯୁକ୍ତକୁ ପୁଲିସକୁ ହସ୍ତାନ୍ତର କରାଯାଇଥିଲା।

## ହିମାଚଳ ଦୁର୍ଘଟଣାରେ ୩ ପର୍ଯ୍ୟଟକ ମୃତ

ପାଟଲିକୁହାଲ, ୨୨।୧(ଏଜେନ୍ସି): ହିମାଚଳ ପ୍ରଦେଶର କୁଲ୍ଲୁ ଜିଲ୍ଲାରେ ଗୁରୁବାର ଏକ ସଡ଼କ ଦୁର୍ଘଟଣାରେ ଦିଲ୍ଲୀରୁ ଆସିଥିବା ୩ ଜଣ ପର୍ଯ୍ୟଟକ ମୃତ୍ୟୁବରଣ କରିଛନ୍ତି। ଅନ୍ୟ ୩ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଆହତମାନଙ୍କୁ କୁଲ୍ଲୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ଓ ସେମାନଙ୍କର ଚିକିତ୍ସା ଚାଲୁ ରହିଛି। ପୁଲିସ ମୃତକଙ୍କ ମୃତଦେହକୁ ହେପାଜତକୁ ନେଇ ବ୍ୟବଚ୍ଛେଦ ପାଇଁ ପଠାଇଛି। ସୂଚନା ଅନୁଯାୟୀ, ସକାଳ ୮ଟା ସମୟରେ ଚଣ୍ଡିଗଡ଼- ମନାଲି ୪ ଲେନ୍ ସଡ଼କରେ କୁଲ୍ଲୁର ୧୦ କିମି ପୂର୍ବରେ ଥିବା ଚାବେଲି ଅଞ୍ଚଳରେ ଆଇଟିବିପି ଷ୍ଟେସନ ଫାଟକ ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ଦିଲ୍ଲୀର ୬ ଜଣ ପର୍ଯ୍ୟଟକ ମନାଲି ଯାଉଥିବା ବେଳେ ସେମାନଙ୍କ କାର୍ ନିୟନ୍ତ୍ରଣ ହରାଇ ଏକ ଡିଭାଇଡରରେ ପିଟି ହୋଇଥିଲା। ଧକ୍କା ଏତେଜୋରରେ ହୋଇଥିଲା ଯେ, କାର୍‌ର ସମ୍ମୁଖ ଭାବେ ସମ୍ପୂର୍ଣ୍ଣ ଭାବେ ଚୂର୍ଣ୍ଣବିଚୂର୍ଣ୍ଣ ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ୩ ଜଣ ମୃତ୍ୟୁବରଣ କରିଥିଲେ। ସ୍ଥାନୀୟ ବାସିନ୍ଦା ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ ଓ ଆହତମାନଙ୍କୁ ଡାକ୍ତରଖାନା ପଠାଇଥିଲେ। ମୃତକଙ୍କ ମଧ୍ୟରେ ୨ ମହିଳା ଓ ଜଣେ ୫ ବର୍ଷ ଶିଶୁ ଅଛନ୍ତି। ପୁଲିସ ମୃତକଙ୍କ ପରିବାରକୁ ସୂଚନା ଦେଇଛି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣା କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।

## ନୀତୀଶଙ୍କ ସଭା ପାଖରେ ବିସ୍ଫୋରଣ

ସିୱାନ, ୨୨।୧(ଏଜେନ୍ସି): ସିୱାନରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସଭାର ଅଳ୍ପ ଦୂରରେ ଏକ ବିସ୍ଫୋରଣ ହୋଇଥିଲା। ବାଣ ତିଆରି ସମୟରେ ଏକ ଘରେ ବିସ୍ଫୋରଣ ହୋଇଥିଲା। ଏଥିରେ ଜଣେ ବ୍ୟକ୍ତି ମୃତ୍ୟୁବରଣ କରିଛନ୍ତି। ବିସ୍ଫୋରଣର ଶବ୍ଦ ଦୁଇ କିମି ପର୍ଯ୍ୟନ୍ତ ଶୁଣାଯାଇଥିଲା। ଏହା ଏତେ ଶକ୍ତିଶାଳୀ ଥିଲା ଯେ, ପୀଡିତଙ୍କ ମୁଣ୍ଡ ଓ ଗୋଡ଼ ୨୦ ଫୁଟ ଦୂରରେ ପଡ଼ିଥିଲା। ନୀତୀଶ ଯେଉଁଠାରେ ରାଲି କରୁଥିଲେ ତା'ଠାରୁ ୭ କିମି ଦୂରରେ ହୁସେନଗଞ୍ଜ ଥାନା ଅଞ୍ଚଳରେ ବଡ଼ରାମ ଗାଁ ନିକଟରେ ବିସ୍ଫୋରଣ ଘଟିଥିଲା। ପୁଲିସ ଏହି ଘରକୁ ସିଲ୍ କରିଛି ବୋଲି ସ୍ଥାନୀୟ ଏସ୍‌ପି ପୁରନ୍ କୁମାର ଝା କହିଛନ୍ତି। ବୋମା ନିଷ୍କ୍ରିୟକାରୀ ଦଳକୁ ଡକାଯାଇଛି। ତଦନ୍ତ ପାଇଁ ଫରେନସିକ୍ ଲାବରାଟୋରୀ (ଏଫ୍‌ଏସ୍‌ଏସ୍) ଦଳ ପହଞ୍ଚିଛି। ବିସ୍ଫୋରଣରେ ନିକଟସ୍ଥ ଘରଗୁଡ଼ିକ ଥରିବାକୁ ଲାଗିଥିଲା। ସମଗ୍ର ପରିବାର ପୂର୍ବରୁ ବାଣ ତିଆରି କରିଆସୁଥିଲେ। ଏ ନେଇ ଏକାଧିକ ବାର ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି।

## ଗୁଜରାଟ ଉପକୂଳରେ ଆତଙ୍କ | ଫୁଟୁଛି ସମୁଦ୍ର ପାଣି



**■ ଆସୁଛି କି ବଡ଼ ବିପଦ?**

ନୂଆଦିଲ୍ଲୀ, ୨୨।୧(ଏଜେନ୍ସି): ଗୁଜରାଟ ଓ ମହାରାଷ୍ଟ୍ରର ପାଲଘର ନିକଟରେ ସମୁଦ୍ର ଜଳ ହଠାତ ଉତ୍ତପ୍ତ ହୋଇ ଫୁଟୁଥିବାର ଦେଖାଯାଇଛି। ଫଳରେ ପାଲଘର ଜିଲ୍ଲାର ମତ୍ସ୍ୟଜୀବୀ ଓ ଅଧିକାରୀମାନଙ୍କୁ ଏ ନେଇ ସତର୍କ କରାଯାଇଛି। ସେହି ଅଞ୍ଚଳରୁ ମତ୍ସ୍ୟଜୀବୀଙ୍କୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଛି। ମତ୍ସ୍ୟଜୀବୀମାନେ ସମୁଦ୍ର ପାଣି ଫୁଟୁଥବା ଓ ବୁଦବୁଧ ହେଉଥିବାର ଭିଡିଓ ରେକର୍ଡ କରିଛନ୍ତି। ଏହି ଅଦ୍ଭୁତ ଘଟଣା ବିପର୍ଯ୍ୟୟ ପରିଚାଳନା ବିଭାଗକୁ ଚିନ୍ତିତ କରିଛି। ଏ ନେଇ ତୁରନ୍ତ ଦଦନ୍ତ ଆରମ୍ଭ କରାଯାଇଛି। ବୈଜ୍ଞାନିକମାନେ ଏହାର କାରଣ ଖୋଜିବାକୁ ପ୍ରୟାସ କରୁଛନ୍ତି। ସେମାନେ ଗ୍ୟାସ ଲିକ୍ ବା ପାଇପ୍ ଲାଇନ୍ ପାଟିଥିବା ସନ୍ଦେହ କରୁଛନ୍ତି। ଏହି ସାମୁଦ୍ରିକ ଘଟଣାକୁ ଅତି ଅସାଧାରଣ ବୋଲି କୁହାଯାଇଛି। ଏ ନେଇ ପ୍ରମୁଖ ସାମୁଦ୍ରିକ ବିଶେଷଜ୍ଞ ତୁରନ୍ତ ଧ୍ୟାନ ଦେବା ଆବଶ୍ୟକ। ଏହି ଅଞ୍ଚଳ ଜାହାଜ ଓ ମାଛ ଧରିବା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଫଳରେ ଚିନ୍ତା ସୃଷ୍ଟି ହୋଇଛି। ଏହି ସ୍ଥାନ ସାମୁଦ୍ରିକ ପଥର ନିକଟତର। ତେଣୁ ଏହି ବାଟ ଦେଇ ଜାହଜଗୁଡିକ ଯିବାରେ ଅନ୍ତରାୟ ହେବାକୁ ଯାଉଛି। ଏହି ଘଟଣାକୁ ଅତ୍ୟନ୍ତ ଅସାଧାରଣ ଘଟଣା ଭାବେ ବର୍ଣ୍ଣନା କରାଯାଇଛି। ଘଟଣାର ପରୀକ୍ଷା ତଥା ତଦନ୍ତ ପାଇଁ ଇଣ୍ଡିଆନ ନ୍ୟାସାନଲ ସେଣ୍ଟର ଫର ଓସେନ ଇନଫର୍ମେସନ ସର୍ଭିସେସ ଦଳକୁ ନିୟୋଜିତ କରାଯାଇଛି।

ସମୁଦ୍ର ଗର୍ଭରୁ ମିଥେନ୍ ଗ୍ୟାସ୍ ପ୍ରାକୃତିକ ଭାବେ ବାହରୁ ଥିବା ଆଶଙ୍କାକୁ ମଧ୍ୟ ଏଡାଇ ହେବନି ଓ ଏହା ପ୍ରାୟତଃ ଗୁରୁତ୍ୱପୂର୍ଣ୍ଣ ଭୂଗର୍ଭ ଗତିବିଧି ଅଞ୍ଚଳରେ ଘଟିଥାଏ। ପୁଣି ଜଳମଗ୍ନ ଭୂତାତ୍ତ୍ୱିକ ଗତିବିଧି, ସମୁଦ୍ର ତଳେ ବିଛା ଯାଇଥିବା ଏକ ତୈଳ କିମ୍ବା ଗ୍ୟାସ ପାଇପ୍ ଲାଇନ୍ ଫାଟିବା କାରଣରୁ ଗ୍ୟାସ୍ ଉତ୍ପନ୍ନ ହେବାର ଆଶଙ୍କାକୁ ମଧ୍ୟ ଏଡାଇ ହେବନି। ଅବଶ୍ୟ ଗୁଜରାଟ ଉପକୂଳରେ ଏଭଳି ଘଟଣା ଘଟିବା ନୂଆ ନୁହେଁ। ଅତୀତରେ ଏହି ଉପକୂଳରେ ଏଭଳି ଗତିବିଧି ଦେଖିବାକୁ ମିଳିଛି। ଆରବ ସାଗରର ଏହି ଅଂଶ ଅତ୍ୟନ୍ତ ସମ୍ବେଦନଶୀଳ, ବାରମ୍ବାର ସମୁଦ୍ର ଗତିବିଧି ଓ ଭୂକମ୍ପର ଅନୁଭବ କରିଆସୁଛି। ପୁଣି ସମୁଦ୍ରର ତାପମାତ୍ରା ବୃଦ୍ଧି ମଧ୍ୟ ଏଭଳି ସ୍ଥିତି ସୃଷ୍ଟି କରିପାରେ ବୋଲି ବୈଜ୍ଞାନିକମାନେ ବିଶ୍ୱାସ କରିନ୍ତି। ଅନ୍ୟପଟେ ସମୁଦ୍ରରେ ତରଙ୍ଗ ଓ ବୁଦ୍‌ବୁଦ୍ କାରଣରୁ ମତ୍ସ୍ୟଜୀବୀଙ୍କୁ ସେ ଅଞ୍ଚଳରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଛି। ତଦନ୍ତ ସମ୍ପୂର୍ଣ୍ଣ ନ ହେବା ଯାଏ, ଏହି ଅଞ୍ଚଳ ନିକଟକୁ ଯିବା ବିପଦପୂର୍ଣ୍ଣ ହୋଇପାରେ ବୋଲି ପ୍ରଶାସନ ତରଫରୁ ସତର୍କ କରାଇ ଦିଆଯାଇଛି। ୨୦୨୪ରେ ଉତ୍ତର ସାଗରରେ ଘଟିଥିବା ଘଟଣା ସହ ଏହା ସମାନ ବୋଲି କୁହାଯାଉଛି। ସେଠାରେ ସମୁଦ୍ର ଭିତରରେ ଥିବା ଜ୍ୱାଳାମୁଖୀ ବିସ୍ଫୋରଣ ହୋଇଥିଲା ଓ ପାଣିରେ ବୁଦ୍‌ବୁଦ୍ ହୋଇ ଉଠିଥିଲା। ସମୁଦ୍ରର ଏହି ଅଂଶରେ ସୃଷ୍ଟି ହୋଇଥିବା ଏହି ସ୍ଥିତିକୁ ଦୃଷ୍ଟିରେ ରଖି ବୈଜ୍ଞାନିକମାନେ ହାଇଡ୍ରୋଜେନ ସଲଫାଇଡ କିମ୍ବା କାର୍ବନ ଡାଇଅକ୍ସାଇଡ୍ ଭଳି ବିପଜ୍ଜନକ ଗ୍ୟାସ୍ ଅଛି କି ନାହିଁ ତାହା ନିର୍ଣ୍ଣୟ କରିବା ପାଇଁ ଜଳ ନମୂନା ସଂଗ୍ରହ କରୁଛନ୍ତି। ବୈଜ୍ଞାନିକଙ୍କ ଏହି ପରୀକ୍ଷା କାରଣରୁ ମତ୍ସ୍ୟଜୀବୀଙ୍କ ସେମାନଙ୍କ ଦୈନନ୍ଦିନ ଜୀବୀକା ନିର୍ବାହ କରିବା ପାଇଁ ପ୍ରଶାସନର ପରବର୍ତ୍ତୀ ନିର୍ଦ୍ଦେଶ ଓ ରିପୋର୍ଟକୁ ଅପେକ୍ଷା କରିଛନ୍ତି।

## କର୍ଣ୍ଣାଟକ ରାଜ୍ୟପାଳ ମଧ୍ୟ ୱାକ୍‌ଆଉଟ୍ କଲେ

ବେଙ୍ଗାଲୁରୁ, ୨୨।୧: ତାମିଲନାଡୁ ପରେ କର୍ଣ୍ଣାଟକ। ଏଠାରେ ମଧ୍ୟ ରାଜ୍ୟପାଳ ରାଜ୍ୟ ବିଧାନସଭାରେ ଅଭିଭାଷଣ ନ ପଢ଼ି ୱାକ୍ ଆଉଟ୍ କରିଛନ୍ତି। କର୍ଣ୍ଣାଟକ ବିଧାନସଭାରେ ଆଜି ଏଭଳି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ନୂଆବର୍ଷ।ରେ ରାଜ୍ୟ ବିଧାନସଭାରେ ରାଜ୍ୟପାଳ ଗେହଲଟ୍ ପାରମ୍ପରିକ ଅଭିଭାଷଣ ପ୍ରଦାନ କରିବାକୁ ଆଜି ଆସିଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଅଭିଭାଷଣ ପତ୍ରରୁ ମାତ୍ର ଦୁଇ ଧାଡ଼ି ପଢି ସେ ୱାକ୍ ଆଉଟ୍ କରିଥିଲେ। ଅଭିଭାଷଣ ପତ୍ରରେ କେନ୍ଦ୍ର ସରକାରଙ୍କ ବିବାଦୀୟ ନୂଆ ସ୍କିମ୍ ଜି-ରାମ-ଜିକୁ ନେଇ କେତେକ ଟିପ୍ପଣୀ ରହିଥିବାରୁ ଏହାକୁ ପଢ଼ିବାକୁ ମନା କରିଦେଇଥିଲେ ରାଜ୍ୟପାଳ। ଏହାପରେ ସେ ପୋଡିୟମରୁ ଓହ୍ଲାଇ ବାହାରକୁ ଯାଇଥିଲେ। ଏହି ସମୟରେ ଶାସକ କଂଗ୍ରେସର ବିଧାୟକମାନଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ରାଜ୍ୟପାଳଙ୍କ ଏତାଦୃଶ ଆଚରଣରେ ଉତକ୍ଷିପ୍ତ ବିଧାୟକମାନେ ଗୃହ ଭିତରେ ତାଙ୍କୁ ଘେରାଉ କରିବାକୁ ଉଦ୍ୟମ କରିଥିଲେ। ତେବେ ସୁରକ୍ଷା କର୍ମୀ ରାଜ୍ୟପାଳଙ୍କୁ ବାହାରକୁ ନେଇଯାଇଥିଲେ। ରାଜ୍ୟପାଳଙ୍କ ଏଭଳି ଆଚରଣକୁ ନେଇ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା ବିରକ୍ତି ପ୍ରକାଶ କରିଛନ୍ତି। ସେ କହିଛନ୍ତି ରାଜ୍ୟ ସରକାର ଦ୍ୱାରା ପ୍ରସ୍ତୁତ ଅଭିଭାଷଣ ପତ୍ର ନ ପଢ଼ି ରାଜ୍ୟପାଳ ସମ୍ବିଧାନର ଉଲ୍ଲଂଘନ କରିଛନ୍ତି। ଏହି ପ୍ରସଙ୍ଗରେ ତାଙ୍କ ସରକାର ସୁପ୍ରିମ କୋର୍ଟ ଯିବ ବୋଲି ସେ କହିଛନ୍ତି। ରାଜ୍ୟପାଳ ଗେହଲଟ୍ କେନ୍ଦ୍ରର ଏଜେଣ୍ଟ ଭାବେ ଆଚରଣ କରୁଥିବା ସେ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ ଯେ କିଛଦିନ ତଳେ ତାମିଲନାଡୁ ବିଧାନସଭାରେ ମଧ୍ୟ ଏଭଳି ପରିସ୍ଥିତି ଦେଖିବାକୁ ମିଳିଥିଲା। ରାଜ୍ୟପାଳ ରବି ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଅଭିଭାଷଣ ପତ୍ର ନପଢ଼ି ବିଧାନସଭାରୁ ୱାକ୍ ଆଉଟ୍ କରିଥିଲେ।

## ମୁମ୍ବାଇ ସମେତ ୧୬ ନଗର ନିଗମରେ ମହିଳା ମେୟର

ମୁମ୍ବାଇ, ୨୨।୧(ଏଜେନ୍ସି): ମହାରାଷ୍ଟ୍ରର ୨୯ଟି ନଗର ନିଗମ ମଧ୍ୟରୁ, ମୁମ୍ବାଇ ସମେତ ୧୬ଟିରେ ମହିଳା ମେୟର ନିର୍ବାଚିତ ହେବେ। ଗୁରୁବାର ମୁମ୍ବାଇରେ ଏକ ଲଟେରୀ ପ୍ରଣାଳୀ ମାଧ୍ୟମରେ ମହିଳାମାନଙ୍କୁ ଚୟନ କରାଯାଇଥିଲା। ତେବେ ପରଭାନୀ ନଗର ନିଗମରେ ମହିଳା ମେୟରଙ୍କ ସମ୍ପର୍କରେ ଅପତ୍ତି ଉଠିଛି। କିନ୍ତୁ ଶିବସେନା (ୟୁବିଟି) ନେତ୍ରୀ ତଥା ପୂର୍ବତ ମୁମ୍ବାଇ ମେୟର କିଶୋରୀ ପେଡନେକର ଲଟେରୀ ପ୍ରଣାଳୀର ପ୍ରତିବାଦ କରିଥିଲେ। କାହାକୁ ନ ଜଣାଇ ଏହି ନିଷ୍ପତ୍ତି ନିଆଯାଇଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ମୁମ୍ବାଇର ଶେଷ ଦୁଇ ମେୟର ସାଧାରଣ ବର୍ଗର ଥିଲେ, ତେଣୁ ନୂଆ ମେୟର ପଦବୀ ଓବିସି କିମ୍ବା ଅନୁସୂଚୀତ ଜାତି (ଏସ୍‌ଟି) ବର୍ଗ ପାଇଁ ସଂରକ୍ଷିତ ହେବା ଉଚିତ ଥିଲା ବୋଲି ସେ ଯୁକ୍ତି ଦର୍ଶାଇଛନ୍ତି। ଲଟେରୀ ଫଳାଫଳ ଅନୁସାରେ, ୨୯ଟି ମେୟର ପଦରୁ ୧୬ଟି ଏସ୍‌ସି, ଏସ୍‌ଟି ଓ ଓବିସି ବର୍ଗ ପାଇଁ ସଂରକ୍ଷିତ କରାଯାଇଛି। ଅନ୍ୟପଟେ ୧୩ଟି ମେୟର ପଦ ସାଧାରଣ ବର୍ଗ ପାଇଁ ଉଦିଷ୍ଟ ରହିଛି। ଉପ- ମୁଖ୍ୟମନ୍ତ୍ରୀ ଏକନାଥ ସିଣ୍ଡେଙ୍କ ଗଡ଼ କୁହାଯାଉଥିବା ଥାଣେରେ, ମେୟର ପଦବୀ ଅନୁସୂଚୀତ ଜାତି ବର୍ଗ ପାଇଁ ସଂରକ୍ଷିତ ରଖାଯାଇଛି। ମୁମ୍ବାଇ ଷଷ୍ଠଥର ପାଇଁ ମହିଳା ମେୟର ପାଇବାକୁ ଯାଉଛି। କିଶୋରୀ ପେଡନେକର ପୂର୍ବରୁ ଏହି ପଦବୀରେ ଥିଲେ। ସେହିପରି ଚନ୍ଦ୍ରପୁର ନଗର ନିଗମରେ କ୍ରମାଗତ ୫ମଥର ପାଇଁ ଜଣେ ମହିଳା ମେୟାର ଦାୟିତ୍ୱ ବହନ କରିବେ। ସଂରକ୍ଷଣ ଘୋଷଣା ପରେ, ଯୋଗ୍ୟ ବର୍ଗର ପ୍ରାର୍ଥୀମାନେ ପରେ ଘୋଷଣା ହେବାକୁ ଥିବା ତାରିଖରେ ସେମାନଙ୍କର ନାମଙ୍କନ ଦାଖଲ କରିବେ। ବର୍ଗ ସଂରକ୍ଷଣ ପରେ ନଗର ନିଗମର ଏକ ସ୍ୱତନ୍ତ୍ର ବୈଠକରେ କାଉନସିଲରମାନଙ୍କ ଦ୍ୱାରା ମେୟର ନିର୍ବାଚିତ ହେବେ। ଜଣେ ପ୍ରିଜାଇଡିଂ ଅଫିସରଙ୍କ ଉପସ୍ଥିତିରେ ଭୋଟ ନିଆଯିବ। ରାଜନୈତିକ ଦଳଗୁଡିକ ହୁଇପ୍ ଜାରି କରିବେ ଓ ଯେଉଁ କାଉନସିଲରମାନେ ଦଳୀୟ ଲାଇନ ବିରୋଧରେ ଯାଇ ଭୋଟ ଦେବେ, ସେମାନେ ସଦସ୍ୟତା ହରାଇବାର ଆଶଙ୍କା ରହିଛି।

## ଟ୍ରମ୍ପଙ୍କ ଗାଜା ଶାନ୍ତି ବୋର୍ଡ, ଗଲାନି ଭାରତ



**■ ବ୍ରିଟେନ, ଫ୍ରାନ୍ସ, ସୁଇଡେନ୍‌ର ବର୍ଜନ**
**■ ଦୂରେଇ ରହିଲେ ଚୀନ, ରୁଷିଆ, ୟୁକ୍ରେନ**
**■ ଯୋଗ ଦେଲେ ୮ ଇସ୍‌ଲାମିକ ରାଷ୍ଟ୍ର**

ଦୋହା, ୨୨।୧(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମାନସ ସନ୍ତାନ କୁହାଯାଉଥିବା 'ଗାଜା ଶାନ୍ତି ବୋର୍ଡ'ରେ ୮ଟି ଇସଲାମିକ ରାଷ୍ଟ୍ର ଯୋଗ ଦେବା ସ୍ପଷ୍ଟ ହୋଇଛି। ଏହି ଦେଶଗୁଡ଼ିକ ବୋର୍ଡରେ ଯୋଗ ଦେବାକୁ ଘୋଷଣା କରିଛନ୍ତି। ଗାଜାର ପ୍ରଶାସନ ଓ ପୁନଃନିର୍ମାଣ ତଦାରଖ କରିବାକୁ ଏହି ଟ୍ରମ୍ପ ଏହି ବୋର୍ଡ ଗଠନ ଉପରେ ଗୁରୁତ୍ୱ ଦେଉଛନ୍ତି। ରାଜଧାନୀ ଦୋହାରେ କାତାର ସମେତ ତୁର୍କୀ, ଇଜିପ୍ଟ, ଜୋର୍ଡାନ, ଇଣ୍ଡୋନେସିଆ, ପାକିସ୍ତାନ, ସାଉଦି ଆରବ ଓ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ବୈଦେଶିକ ମନ୍ତ୍ରୀମାନେ ଏକ ମିଳିତ ବିବୃତ୍ତି ମାଧ୍ୟମରେ ଏ ନେଇ ଘୋଷଣା କରିଛନ୍ତି। ୮ଟି ଦେଶ ବୋର୍ଡରେ ଯୋଗ ଦେବାକୁ ରାଜି ହୋଇଛନ୍ତି ବୋଲି ଏହି ମିଳିତ ବିବୃତ୍ତି ନିଶ୍ଚିତ କରିଛି। ଏହି ଦେଶଗୁଡ଼ିକର ସଦସ୍ୟତାକୁ ଆନୁଷ୍ଠାନିକ କରିବା ପାଇଁ ଆବଶ୍ୟକୀୟ ଆଇନଗତ ପ୍ରକ୍ରିୟା ଶେଷ ହେବ ବୋଲି କୁହାଯାଇଛି। ଇଜିପ୍ଟ, ୟୁଏଇ ଓ ପାକିସ୍ତାନ ପୂର୍ବରୁ ସାର୍ବଜନୀନ ଭାବେ ସେମାନଙ୍କୁ ସାମିଲକୁ ନିଶ୍ଚିତ କରିଛନ୍ତି। ତେବେ ଏହି ଘୋଷଣା ନେଇ ଇସ୍ରାଏଲ ତୀବ୍ର ଅସନ୍ତୋଷ ପ୍ରକାଶ କରିଛି। ଆମ ସହ କୌଣସି ପରାମର୍ଶ ନ କରି ଆମେରିକା ଏହି ନିଷ୍ପତ୍ତି ନେଇଛି ବୋଲି ଇସ୍ରାଏଲ କହିଛି। ଏହା ଇସ୍ରାଏଲ ସରକରୀ ନୀତି ବିରୋଧରେ ଯାଉଛି ବୋଲି ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ କହିଛନ୍ତି। ସେହିପରି ଚୀନ୍ ମଧ୍ୟ ଏହି ଶାନ୍ତି ବୋର୍ଡ ଗଠନକୁ ପ୍ରତ୍ୟାଖାନ କରିଛି। ସେହିପରି ଏ ନେଇ ରୁଷିଆ ରାଷ୍ଟ୍ରପତି ପୁଟିନ କହିଛନ୍ତି ଯେ, ସେ ରଣନୈତିକ ଅଂଶୀଦାରମାନଙ୍କ ସହ ପରାମର୍ଶ କରି ନିଷ୍ପତ୍ତି ନେବେ। ବ୍ରିଟେନ, ଫ୍ରାନ୍ସ, ନରୱେ ଓ ସ୍ୱିଡେନ୍ ଏହି ବୋର୍ଡକୁ ବର୍ଜନ କରିଥିବା ବେଳେ ଭାରତ ସମେତ ରୁଷ, ଚୀନ ଓ ୟୁକ୍ରେନ ଏଥିରୁ ଦୂରେଇ ରହିଛନ୍ତି।

## ୟୁରୋପୀୟ ସଂଘ ଭାରତ ସହ ପ୍ରତିରକ୍ଷା ଚୁକ୍ତିକୁ ଅନୁମୋଦନ କରିଛି

ବ୍ରସେଲ୍ସ, ୨୨।୧(ଏଜେନ୍ସି): ୟୁରୋପୀୟ ସଂଘ (ଇୟୁ) ଭାରତ ସହିତ ଏକ ନୂଆ ପ୍ରତିରକ୍ଷା ଚୁକ୍ତିକୁ ଅନୁମୋଦନ କରିଛି। ଏହା ଆସନ୍ତା ସପ୍ତାହରେ ନୂଆଦିଲ୍ଲୀରେ ଭାରତ-ଇୟୁ ଶିଖର ସମ୍ମିଳନୀରେ ସ୍ୱାକ୍ଷରିତ ହେବ। ଇୟୁ ବୈଦେଶିକ ନୀତି ମୁଖ୍ୟ କାଜା କ୍ଲାସ ବୁଧବାର ୟୁରୋପୀୟ ସଂସଦରେ ଏ ନେଇ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ, ଏହି ସହଭାଗୀତା ଏକ ବୃହତ ରଣନୈତିକ କାର୍ଯ୍ୟସୂଚୀର ଅଂଶ ହେବ। ଏହି କାର୍ଯ୍ୟସୂଚୀରେ ଏକ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍‌ଟିଏ), ଏକ ପ୍ରତିରକ୍ଷା ଏବଂ ସୁରକ୍ଷା ଚୁକ୍ତି, ସାଇବର ସୁରକ୍ଷା, ସାମୁଦ୍ରିକ ସୁରକ୍ଷା ଓ ଆତଙ୍କବାଦୀ ବିରୋଧୀ ଅନ୍ତର୍ଭୁକ୍ତ। ୟୁରୋପୀୟ ପରିଷଦ ଅଧ୍ୟକ୍ଷ ଆଣ୍ଟୋନିଓ କୋଷ୍ଟା ଓ ୟୁରୋପୀୟ କମିଶନ ଅଧ୍ୟକ୍ଷ ଉର୍ସୁଲା ଭନ ଡେର ଲେଏନ୍ ଭାରତ ଗସ୍ତରେ ଆସୁଛନ୍ତି। ଏମାନେ ଜାନୁଆରୀ ୨୬ରେ ଗଣତନ୍ତ୍ର ଦିବସ ସମାରୋହରେ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

# ବିପଦରେ ହିମାଚଳୀ ସେଓ, କାଳ କରିଛି ତାପମାତ୍ରା



ସିମଲା, ୨୨।୧(ଏଜେନ୍ସି): ହିମାଚଳ ପ୍ରଦେଶର ଆପଲ ବା ସେଓ ସାରା ବିଶ୍ୱରେ ଲୋକଙ୍କ ଦ୍ୱାରା ଆଦୃତ ହୋଇ ଆସୁଛି। ହିମାଚଳୀ ସେଓକୁ ଲୋକେ ଖାଇବାକୁ ଭଲ ପାଆନ୍ତି। କିନ୍ତୁ ଏବେ ପରିବର୍ତ୍ତିତ ସ୍ଥିତିରେ ଏହାର ଭବିଷ୍ୟତ ନେଇ ସଙ୍କଟ ସୃଷ୍ଟି ହୋଇଛି। ଏହା ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଏବେ ସ୍ପଷ୍ଟ ଭାବେ ଦୃଶ୍ୟମାନ ହେଉଛି। ଜଳବାୟୁ ପରିବର୍ତ୍ତନର ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି ଯେ, ସେଓ ଚାଷ ହେଉଥିବା ଅଞ୍ଚଳରେ ତାପମାତ୍ର ନିରନ୍ତର ଭାବେ ବୃଦ୍ଧି ପାଇବାରେ ଲାଗିଛି। ଏହା ସେଓ ଚାଷ ହେଉଥିବା ଅଞ୍ଚଳର ଭବିଷ୍ୟତ ପାଇଁ ଶୁଭ ଲକ୍ଷଣ ନୁହେଁ।

ନୌନିର ବନ ବିଶ୍ୱବିଦ୍ୟାଳୟର ଜଳବାୟୁ ପରିବର୍ତ୍ତନର ମୁଖ୍ୟ ପ୍ରଫେସର ସତୀଶ ଭରଦ୍ୱାଜ ସତର୍କ କରାଇ କହିଛନ୍ତି ଯେ, ଏହି ଭଳି ତାପମାତ୍ରା ବୃଦ୍ଧି କେବଳ ସେଓ ଚାଷ ନୁହେଁ, ଲୋକଙ୍କ ଜୀବନଧାରଣର ମାନକୁ ମଧ୍ୟ ପ୍ରଭାବିତ କରିବ। ଗତ କିଛି ବର୍ଷ ଧରି ଦେଖାଦେଇଥିବା ଧାରାଗୁଡିକୁ ଦୃଷ୍ଟିରେ ରଖି, ଆମକୁ କେବଳ ସେଓ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ। ଉଦ୍ୟାନ ଚାଷୀମାନଙ୍କୁ ଅନ୍ୟ ଫଳ ଚାଷ ଉପରେ ଧ୍ୟାନ ଦେବାକୁ ହେବ। ନିମ୍ନ ଅଞ୍ଚଳରେ ଆପଲ ଚାଷ ଏବେ ଉଚ୍ଚ ସ୍ଥାନଗୁଡିକୁ ସ୍ଥାନାନ୍ତର ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ଚଳିତ ବର୍ଷ ଜାନୁଆରୀ ୧୬ରେ ସିମଲାର ସର୍ବନିମ୍ନ ତାପମାତ୍ରା ୧୦.୫ ଡିଗ୍ରୀ ସେଲସିୟସ ଓ ଚୌପାଲରେ ୧୦.୩ ଡିଗ୍ରୀରେ ପହଞ୍ଚିଥିଲା। ଚୌପାଲ ହେଉଛି ସିମଲା ଜିଲ୍ଲାର ଏକ ଛୋଟ ସହର। ଏଥର ସିମଲାର ସ୍ୱାଭାବିକ ତାପମାତ୍ରା ୭.୪ ଡିଗ୍ରୀରୁ ଅଧିକ ଥିଲା। ଏହା ସେଓ ଚାଷ ପାଇଁ ବିପଦ ସୃଷ୍ଟି କରିଛି। ଭଲ ସେଓ ଚାଷ ପାଇଁ ପର୍ଯ୍ୟାପ୍ତ ଶୀତକାଳୀନ ଥଣ୍ଡା ଓ ତୁଷାର ପାତ ଜରୁରୀ ହୋଇଥାଏ। ଗତ ଦୁଇରୁ ତିନି ବର୍ଷ ହେବ ବୃଦ୍ଧି ପାଉଥିବା ତାପମାତ୍ରା ଯୋଗୁଁ, ଶୀତକାଳୀନ ଥଣ୍ଡା ଅନୁଭୂତ ହୋଇନାହିଁ। ଏପର୍ଯ୍ୟନ୍ତ ଗତବର୍ଷ ତୁଳନାରେ ବହୁତ କମ୍ ଥଣ୍ଡା ଅନୁଭୂତ ହୋଇଛି। ଏହା ସେଓ ଚାଷୀମାନଙ୍କୁ ଚିନ୍ତାରେ ପକାଇଛି। ପର୍ଯ୍ୟାପ୍ତ ପରିମାଣରେ ଶୀତକାଳୀନ ଥଣ୍ଡା ଅନୁଭୂତ ନ ହେବା ସେଓ ଉତ୍ପାଦନକୁ ବିପଦରେ ପକାଇଥାଏ ବୋଲି ବୈଜ୍ଞାନିକମାନେ କୁହନ୍ତି। ଏହା କେବଳ ଫୁଲ ଫୁଟାଇବା ଉପରେ ପ୍ରଭାବ ପକାଇ ନଥାଏ, ବରଂ ଫଳର ରଙ୍ଗ, ଆକାର ଗୁଣବତ୍ତା ଉପରେ ମଧ୍ୟ ନକାରାତ୍ମକ ଭାବେ ପ୍ରଭାବ ପକାଇଥାଏ। ପ୍ରତିବର୍ଷ ଶୀତକାଳୀନ ତାପମାତ୍ର ବୃଦ୍ଧି ପାଉଛି।

ପୂର୍ବରୁ ୨୦୨୩ ଜାନୁଆରୀ- ଫେବୃଆରୀରେ ତାପାମାତ୍ର ବୃଦ୍ଧି ୧୦୦ ବର୍ଷର ରେକର୍ଡ ଭାଙ୍ଗିଛି। ଏଥର ତାପମାତ୍ରା ସ୍ୱାଭାବିକଠାରୁ ଯଥେଷ୍ଟ ଅଧିକ ହୋଇଛି। ଏହା ସେଓ ବେଲ୍ଟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିପଦ ସୃଷ୍ଟି କରିପାରେ, ଖାସ୍ କରି ୬, ୦୦୦ ଫୁଟ୍ ଉଚ୍ଚରେ ଥିବା ଅଞ୍ଚଳରେ। ପରିବର୍ତ୍ତିତ ସ୍ଥିତିକୁ ଦୃଷ୍ଟିରେ ରଖି କେବଳ ସେଓ ଉପରେ ନିର୍ଭର କରିବା ପରିବର୍ତ୍ତେ ଡାଲିମ୍ବ, କିୱି, ନାସପାତି, ପିଚ୍, ପ୍ଲମ ଇତ୍ୟାଦି ପରି ଅନ୍ୟାନ ଫଳ ଚାଷ ଉପରେ ଗୁରୁତ୍ୱ ଦେବାର ସମୟ ଆସି ଉପନୀତ ହୋଇଛି। ଜଳବାୟୁ ପରିବର୍ତ୍ତନ ଏବେ ବୈଶ୍ୱିକ ସମସ୍ୟା ଭାବେ ଉଭା ହୋଇଛି। ପୂର୍ବରୁ ୧୦୦ ବର୍ଷରେ ଜଳବାୟୁ ପରିବର୍ତ୍ତନ ପରିଲକ୍ଷିତ ହେଉଥାଏ। କିନ୍ତୁ ଏବେ ଏହା ମାତ୍ର ୧୦ ବର୍ଷରେ ହେଉଛି। ଏଥିପାଇଁ ଗ୍ରୀନ ହାଉସ୍ ଗ୍ୟାସ୍ ନିର୍ଗମନ, ପରିବହନ ବୃଦ୍ଧି, ଶିଳ୍ପ କାର୍ଯ୍ୟକଳାପ ଓ ସହରୀକରଣ ସମେତ ଏକାଧିକ କାରଣ ଦାୟୀ। ତାପମାତ୍ର ବୃଦ୍ଧି କାରଣରୁ ତୁଷାରପାତ ହ୍ରାସ ହେଉଛି। ଏହି କାରଣ ଯୋଗୁଁ ୬ ହଜାର ଫୁଟ ତଳେ ଥିବା ଅଞ୍ଚଳଗୁଡିକୁ ବିଶେଷ ଭାବେ ପ୍ରଭାବିତ କରିଛି। ସୂଚନା ଯୋଗ୍ୟଯେ, ହିମାଚଳରେ ସେଓ ଶିଳ୍ପ ୫୫୦୦ କୋଟି ଟଙ୍କାର। ରାଜ୍ୟର ୨, ୫୦, ୦୦୦ ପରିବାର ସିଧାସଳଖ ସେଓ ଚାଷ ଉପରେ ନିର୍ଭର କରିଥାନ୍ତି। ତେଣୁ ଜଳବାୟୁ ପରିବର୍ତ୍ତନର ପ୍ରଭାବ କେବଳ ଫସଲ ପର୍ଯ୍ୟନ୍ତ ସୀମିତ ରହିବ ନାହିଁ, ବରଂ ଏହା ଗ୍ରାମୀଣ ଅର୍ଥନୀତି ଓ ଜୀବିକା ଉପରେ ମଧ୍ୟ ପ୍ରଭାବ ପକାଇବ ବୋଲି ଆଶାଙ୍କା କରାଯାଉଛି। ତେଣୁ ତାପମାତ୍ରା ବୃଦ୍ଧି ଓ ଥଣ୍ଡା ହ୍ରାସକୁ ନିୟନ୍ତ୍ରଣ କରିବାର ଆବଶ୍ୟକତା ରହିଛି। ନହେଲେ ଭବିଷ୍ୟତରେ ସ୍ଥିତ ନକରାତ୍ମକ ହେବ ବୋଲି ଆଶଙ୍କା କରାଯାଉଛି।



ଦୁଇ ଦୁର୍ଦ୍ଧର୍ଷ ବୀର ନେତାଜୀ ସୁଭାଷ ବୋଷ ଓ ସୁରେନ୍ଦ୍ର ସାଏଙ୍କ ଜନ୍ମତିଥିରେ 'ସକାଳ'ର ଶ୍ରଦ୍ଧାଞ୍ଜଳି

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-208 ◆FRIDAY ◆23 JANUARY 2026 ◆PAGE-12 ◆₹ 7.00

◆ବର୍ଷ-୪୩ ◆ସଂଖ୍ୟା-୨୦୮ ◆ଶୁକ୍ରବାର ◆୨୩ ଜାନୁଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ଖାଇକୁ ଖସିଲା ସେନା ଗାଡ଼ି; ୧୦ ଯବାନ ମୃତ



■ ଶ୍ରୀନଗର, ୨୨।୧ (ଏଜେନ୍ସି): ଜମ୍ମୁ-କଶ୍ମୀରର ଡୋଡ଼ା ଜିଲ୍ଲାରେ ଭାରତୀୟ ସେନାର ଏକ ଗାଡ଼ି ଆଜି ମଧ୍ୟାହ୍ନରେ ୨୦୦ ଫୁଟ ଗଭୀର ଖାଇକୁ ଖସିପଡ଼ିବା ଫଳରେ ୧୦ ଜଣ ଯବାନ ପ୍ରାଣ ହରାଇଛନ୍ତି। ଏହି ଦୁର୍ଘଟଣାରେ ଆହୁରି ୧୧ ଜଣ ଯବାନ ଗୁରୁତର ଭାବେ ଆହତ ହୋଇଛନ୍ତି। ଏହି ଗାଡ଼ିରେ ୨୧ ଜଣ ଯବାନ ଯାତ୍ରା କରୁଥିଲେ।

### ୧୧ରୁ ଊର୍ଦ୍ଧ୍ୱ ଯବାନ ଆହତ

### ଗୁରୁତରଙ୍କୁ ଏୟାରଲିଫ୍ଟ

ଗୁରୁତର ଭାବେ ଆହତ ହୋଇଥିବା ୧୦ ଜଣଙ୍କୁ ଉଧାମପୁର ସାମରିକ ହସ୍ପିଟାଲକୁ ବିମାନରେ ସ୍ଥାନାନ୍ତର କରାଯାଇଛି। ସେନା ଅଧିକାରୀଙ୍କ କହିବା ଅନୁଯାୟୀ, ଭାଦରୱାହ-ଚମ୍ବା ଆନ୍ତରାଜ୍ୟ ରାସ୍ତାରେ ଖାନନି ଟପ୍‌ରେ ହିଁ ଏହି ଦୁର୍ଘଟଣା ଘଟିଛି। ଯବାନମାନେ ଉଚ୍ଚସ୍ଥାନରେ ଅବସ୍ଥିତି ଏକ ପୋଷ୍ଟକୁ ଯାତ୍ରା କରୁଥିଲା ବେଳେ ଗାଡ଼ି ଉପରୁ ଡ୍ରାଇଭର ନିୟନ୍ତ୍ରଣ ହରାଇଥିଲେ। ଫଳରେ ଗାଡ଼ି ୯୦୦ ଫୁଟ୍ ଉଚ୍ଚରେ ଥିବା ଖାନନି ଶୃଙ୍ଗରୁ ଖସି ପଡ଼ିଥିଲା। ଖବର ପାଇ ▶ପୃଷ୍ଠା-୧୦

## ଛତିଶଗଡ଼ ଷ୍ଟିଲ୍ ପ୍ଲାଣ୍ଟରେ ବିସ୍ଫୋରଣ; ୬ ମୃତ

■ ବାଲୋଦାବଜାର, ୨୨।୧ (ଏଜେନ୍ସି): ଛତିଶଗଡ଼ର ବାଲୋଦାବଜାର ଜିଲ୍ଲାରେ ଗୁରୁବାର ଏକ ଘରୋଇ ସ୍ପଞ୍ଜ୍ ଆଇରନ୍ କାରଖାନାରେ ଶକ୍ତିଶାଳୀ ବିସ୍ଫୋରଣ ଘଟିଛି। ଏଥିରେ ୬ ଜଣ ମୃତ୍ୟୁବରଣ କରିଥିବା ବେଳେ ୫ ଜଣ ଶ୍ରମିକ ଗୁରୁତର ଭାବେ ଆହତ ହୋଇଛନ୍ତି। ଭଗ୍ନାବଶେଷ ତଳେ ଅନେକ ଶ୍ରମିକ ଫସି ରହିଥିବା ଆଶଙ୍କା କରାଯାଉଛି। ପ୍ରାରମ୍ଭିକ ଯାଞ୍ଚରୁ ଜଣାପଡ଼ିଛି ଯେ ବିସ୍ଫୋରଣ କୌଣସି ଯାନ୍ତ୍ରିକ ତ୍ରୁଟି କିମ୍ବା ଚାପ ବୃଦ୍ଧି ଯୋଗୁଁ ଘଟିଥିଲା।

ଆଜି ସକାଳ ପ୍ରାୟ ୯.୪୦ ସମୟରେ କାରଖାନାର କୋଇଲା ଭାଟିରେ ବିସ୍ଫୋରଣ ଘଟିଥିଲା। ଡଷ୍ଟ ସେଟିଂ ଚାମ୍ବର (ଡିଏସ୍‌ସି)ରେ ବିସ୍ଫୋରଣ ସମୟରେ ଗରମ କୋଇଲା ଓ ଲୁହା ଖଣ୍ଡ ଶ୍ରମିକଙ୍କ ଉପରେ ପଡ଼ିଥିଲା। ଦୁର୍ଘଟଣା ପରେ ପ୍ଲାଣ୍ଟ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ସୂଚନା ପାଇବା ମାତ୍ରେ ପୁଲିସ ଓ ପ୍ରଶାସନ ଦଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ପ୍ଲାଣ୍ଟକୁ ଏବେ ସ୍ଥାନୀୟ ପ୍ରଶାସନ ସିଲ୍ କରିଛି। ପ୍ଲାଣ୍ଟ ୫ ଜଣ ଆହତଙ୍କୁ ବିଳାସପୁର ବର୍ଣ୍ଣ ଟ୍ରମା ସେଣ୍ଟରକୁ ପଠାଯାଇଛି।



## ୟୁରୋପୀୟ ସଂଘଙ୍କ ମେଳି

# ପଛଘୁଞ୍ଚା ଦେଲେ ଟ୍ରମ୍ପ

## ୮ ଦେଶ ଉପରୁ ହଟାଇଲେ ପ୍ରସ୍ତାବିତ ୧୦ ପ୍ରତିଶତ ଟାରିଫ୍

■ ୱାଶିଂଟନ୍, ୨୨।୧ (ଏଜେନ୍ସି): ଗ୍ରୀନ୍‌ଲ୍ୟାଣ୍ଡ ପ୍ରସଙ୍ଗରେ ନରମିଲେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍। ଗ୍ରୀନ୍‌ଲ୍ୟାଣ୍ଡ ଅକ୍ତିଆର କ୍ଷେତ୍ରରେ ୟୁରୋପୀୟ ଦେଶଗୁଡ଼ିକୁ ଦିଆଯାଇଥିବା ଶୁଳ୍କ ଧମକ ପ୍ରତ୍ୟାହାର ହୋଇଛି। ଏହି ଘଟଣାରେ ଟ୍ରମ୍ପ୍ ଏକ ବଡ଼ ୟୁ-ଟର୍ଣ୍ଣ ନେଇଛନ୍ତି। ଫେବୃଆରୀରୁ ୮ଟି ୟୁରୋପୀୟ ଦେଶ ଉପରେ ଲାଗୁ ହେବାକୁ ଥିବା ଟାରିଫ୍‌କୁ ଟ୍ରମ୍ପ ପ୍ରଶାସନ ବାତିଲ୍ କରିଛନ୍ତି।

ଟ୍ରମ୍ପ୍ କହିଛନ୍ତି ଯେ ଗ୍ରୀନଲ୍ୟାଣ୍ଡ ଚୁକ୍ତି ପାଇଁ ଏକ ନୂତନ ଢାଞ୍ଚା ଚୂଡ଼ାନ୍ତ ହୋଇଛି। ଆମେରିକା ଏବଂ ନାଟୋର ନେତୃବୃନ୍ଦ ଗ୍ରୀନ୍‌ଲ୍ୟାଣ୍ଡର ସୁରକ୍ଷା ଉପରେ ଭବିଷ୍ୟତର ଚୁକ୍ତି ପାଇଁ ଏକ ଢାଞ୍ଚା ଉପରେ ସହମତ ହୋଇଛନ୍ତି। ଟ୍ରମ୍ପ୍ ଘୋଷଣା କରିଥିଲେ ଯେ ଗ୍ରୀନଲ୍ୟାଣ୍ଡ ଉପରେ ଆମେରିକାର ନିୟନ୍ତ୍ରଣକୁ ବିରୋଧ କରିବା ହେତୁ ସେ ଫେବୃଆରୀରୁ ୮ଟି ୟୁରୋପୀୟ ଦେଶରୁ ସାମଗ୍ରୀ ଉପରେ ୧୦% ଆମଦାନୀ ଶୁଳ୍କ ଲାଗୁ କରିବେ। ଯଦି ଆମେରିକା ଦ୍ୱାରା ଗ୍ରୀନ୍‌ଲ୍ୟାଣ୍ଡ ଅକ୍ତିଆର କିମ୍ବା ସମ୍ପୂର୍ଣ୍ଣ କ୍ରୟ ପାଇଁ କୌଣସି ଚୁକ୍ତିନାମା ନ ହୁଏ, ତେବେ ଡେନମାର୍କ, ନରୱେ, ସ୍ୱିଡେନ, ଫ୍ରାନ୍ସ, ଜର୍ମାନୀ, ବ୍ରିଟେନ, ନେଦରଲ୍ୟାଣ୍ଡ ଏବଂ ଫିନ୍‌ଲ୍ୟାଣ୍ଡ ଏହି ଶୁଳ୍କର ସମ୍ମୁଖୀନ ହେବେ, ଯାହାକୁ ଜୁନ୍ ପହିଲାରୁ

### ଫେବୃଆରୀ ପହିଲାରୁ ହୋଇଥା'ନ୍ତା ଲାଗୁ

### ଗ୍ରୀନ୍‌ଲ୍ୟାଣ୍ଡର ସୁରକ୍ଷା ନେଇ ଆମେରିକା-ନାଟୋ ସହମତି

୨୫%କୁ ବୃଦ୍ଧି କରାଯିବ। ଟ୍ରମ୍ପ୍‌ଙ୍କ ପ୍ରସ୍ତାବ ଅନୁଯାୟୀ, ୟୁରୋପୀୟ ଦେଶଗୁଡ଼ିକ ଉପରେ ଶୁଳ୍କ ଫେବୃଆରୀ ପହିଲାରେ ଲାଗୁ ହେବାର କାର୍ଯ୍ୟକ୍ରମ ଥିଲା। ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍ ଆଉଟରେ ଏକ ପୋଷ୍ଟରେ ଟ୍ରମ୍ପ ଘୋଷଣା କରିଥିଲେ ଯେ ସେ ଅନେକ ୟୁରୋପୀୟ ଦେଶ ଉପରେ ପ୍ରସ୍ତାବିତ ଶୁଳ୍କ ପ୍ରତ୍ୟାହାର କରୁଛନ୍ତି। ଟ୍ରମ୍ପ୍‌ଙ୍କ ଏହି ହଠାତ୍ ୟୁ-



ଟର୍ଣ୍ଣ ଡାଭୋସ୍‌ର ବିଶ୍ୱ ଅର୍ଥନୈତିକ ଫୋରମ୍‌ରେ ଆସିଥିଲା, ଯେତେବେଳେ ଟ୍ରମ୍ପ୍ କହିଥିଲେ ଯେ ଆମେରିକା ଗ୍ରୀନଲ୍ୟାଣ୍ଡ ଉପରେ ନିୟନ୍ତ୍ରଣ ହାସଲ କରିବା ପାଇଁ ବଳ ପ୍ରୟୋଗ କରିବନାହିଁ। ଆମେରିକା ରାଷ୍ଟ୍ରପତି ତାଙ୍କ ପୋଷ୍ଟରେ ଲେଖିଛନ୍ତି, ନାଟୋ ମହାସଚିବ ମାର୍କ ରୁଟ୍‌ଙ୍କ ସହ ତାଙ୍କର ଏକ ବହୁତ ଫଳପ୍ରଦ ବୈଠକ ହୋଇଛି। ଏହା ଉପରେ ଆଧାର କରି ସେ ଗ୍ରୀନ୍‌ଲ୍ୟାଣ୍ଡ ଏବଂ ସମଗ୍ର ଆର୍କଟିକ ଅଞ୍ଚଳ ସମ୍ପର୍କରେ ଭବିଷ୍ୟତ ଚୁକ୍ତି ପାଇଁ ଏକ ଢାଞ୍ଚା ସ୍ଥାପନ କରିବାକୁ ଯାଉଛନ୍ତି। ଏହା ଆମେରିକା ଏବଂ ସମସ୍ତ ନାଟୋ ଦେଶ ପାଇଁ ବହୁତ ଲାଭଦାୟକ ହେବ। ଏହି ବୁଝାମଣା ଉପରେ ଆଧାର କରି ସେ ଫେବୃଆରୀ ପହିଲାରୁ ଲାଗୁ ହେବାକୁ ଥିବା ଶୁଳ୍କକୁ କାର୍ଯ୍ୟକାରୀ କରିବେନାହିଁ।

ଯଦିବା ଟ୍ରମ୍ପ୍ ଗ୍ରୀନଲ୍ୟାଣ୍ଡ ନିୟନ୍ତ୍ରଣ କରିବାକୁ ବଳ ପ୍ରୟୋଗ କରିବେ ନାହିଁ ବୋଲି କହିଛନ୍ତି, କିନ୍ତୁ ୱାଶିଂଟନକୁ ଆର୍କଟିକ ଦ୍ୱୀପର ମାଲିକାନା ଦେବା ପାଇଁ ତାଙ୍କର ଦାବିକୁ ପୁନରାବୃତ୍ତି କରିଛନ୍ତି। ଟ୍ରମ୍ପ୍ ଏହି ପୋଷ୍ଟରେ ଆହୁରି କହିଛନ୍ତି ଯେ ଗୋଲଡେନ୍ ଡୋମ୍ ସମ୍ପର୍କରେ ମଧ୍ୟ ଅତିରିକ୍ତ ଆଲୋଚନା ହେବ, କାରଣ ଏହି ପ୍ରସଙ୍ଗ ଗ୍ରୀନଲ୍ୟାଣ୍ଡ ସହିତ ଜଡ଼ିତ। ଆଲୋଚନା ଆଗକୁ ବଢ଼ିବା ସହିତ ଅଧିକ ସୂଚନା ପ୍ରଦାନ କରାଯିବ। ସେ କହିଛନ୍ତି ଯେ ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ, ଷ୍ଟେଟ୍ ସେକ୍ରେଟାରୀ ମାର୍କୋ ରୁବିଓ ଏବଂ ସ୍ୱତନ୍ତ୍ର ଦୂତ ଷ୍ଟିଭ୍ ୱିଟକଫ୍‌ଙ୍କ ▶ପୃଷ୍ଠା-୧୦

### ଭାରତରେ ଟି-୨୦ ଖେଳିବାକୁ ମନାକଲେ କ୍ରୀଡ଼ା ପରାମର୍ଶଦାତା

## ବିଶ୍ୱକପ୍‌ରୁ ବାଦ୍ ପଡ଼ିବ ବାଂଲାଦେଶ !

■ ଦୁବାଇ, ଢାକା, ୨୨।୧ (ଏଜେନ୍ସି): ଭାରତରେ ଟି-୨୦ ବିଶ୍ୱକପ୍ ମ୍ୟାଚ୍ ଖେଳିବାକୁ ମନା କରିଦେଇଛନ୍ତି ବାଂଲାଦେଶ ସରକାର। ଦେଶର କ୍ରୀଡ଼ା ପରାମର୍ଶଦାତା ଆସିଫ ନାଜରୁଲ ଆଜି ପ୍ରକାଶ କରିଛନ୍ତି ଯେ, ଖେଳାଳିଙ୍କ ଜୀବନ ପ୍ରତି ଥିବା ବିପଦ ସହ ସାଲିସ କରାଯାଇପାରିବ ନାହିଁ। ଏଣୁ ଭାରତର ଚାପ ହେଉ କିମ୍ବା ଆଇସିସିର ତାଗିଦ୍ ବଳରେ ଦେଶ ନିଜ ନାଗରିକଙ୍କ ସୁରକ୍ଷାକୁ ଅଣଦେଖା କରିପାରିବ ନାହିଁ। ଏଣୁ ଭାରତରେ ଆମେ ବିଶ୍ୱକପ୍ ଖେଳିବୁ ନାହିଁ। ବାଂଲାଦେଶକୁ ଭାରତରେ ବିଶ୍ୱକପ୍ ଖେଳିବାକୁ ଆଜି ବା ଗୁରୁବାର ସୁଦ୍ଧା ନିଷ୍ପତ୍ତି ନେବାକୁ ଆଇସିସି ଡେଡ୍‌ଲାଇନ୍ ଧାର୍ଯ୍ୟ କରିଥିଲା। ଏହାକୁ ଚ୍ୟାଲେଞ୍ଜ କରି ବାଂଲାଦେଶ ବିଶ୍ୱକପ୍ ଖେଳିବାକୁ ରାଜି; କିନ୍ତୁ ଭାରତରେ ନୁହେଁ ବୋଲି ନାଜରୁଲ ସ୍ପଷ୍ଟ କରିଛନ୍ତି। ଏହା ଫଳରେ ବାଂଲାଦେଶ ତାହାର ମତ ସ୍ପଷ୍ଟ କରିଛି। ଏବେ ବାଂଲଦେଶ ଟି-୨୦ ବିଶ୍ୱକପ୍‌ରେ ଖେଳିବ କି ନାହିଁ ତାହା ଆଜି ରାତି କିମ୍ବା କାଲି ଭିତରେ ଆଇସିସି ନିଷ୍ପତ୍ତି ନେବ। ଆଇସିସିର ନୀତି ଅନୁଯାୟୀ ଯଦି ବାଂଲାଦେଶ ନ ଖେଳେ, ତେବେ ତାହା ସ୍ଥାନରେ ସ୍କଟଲାଣ୍ଡକୁ ସୁଯୋଗ ମିଳିବ ବୋଲି କୁହାଯାଉଛି। ଏବେ ଆଇସିସିର ନିଷ୍ପତ୍ତିକୁ ସମସ୍ତେ ଅପେକ୍ଷା କରିଛନ୍ତି।

ସୂଚନାଯୋଗ୍ୟ, ଆଇପିଏଲ୍‌ରୁ ବାଂଲାର ଷ୍ଟାର ତଥା ଏକମାତ୍ର ଖେଳାଳି ମୁସ୍ତାଫିଜୁର ରହେମାନଙ୍କୁ ବିସିସିଆଇ ବିଦା କରିବା ପରେ ବାଂଲାଦେଶ ସରକାର କ୍ଷୁବ୍ଧ ହୋଇଛନ୍ତି। ଏହି ଘଟଣା ପରେ ଖେଳାଳିଙ୍କ ଜୀବନ ପ୍ରତି ଭାରତରେ ବିପଦ ରହିଛି; ଏଣୁ ଭାରତରେ ବାଂଲାଦେଶ ଯେଉଁ ମ୍ୟାଚ୍ ଖେଳିବାର ଥିଲା ତାହା ଶ୍ରୀଲଙ୍କାକୁ ସ୍ଥାନାନ୍ତର କରିବାକୁ ଆଇସିସିକୁ ଅନୁରୋଧ କରାଯାଇଥିଲା। କିନ୍ତୁ ଆଇସିସିର ଏକଜିକ୍ୟୁଟିଭ୍ ବୋର୍ଡ ଭେନ୍ୟୁ ପରିବର୍ତ୍ତନକୁ ପ୍ରତ୍ୟାଖ୍ୟାନ କରିବା ସହ ଭାରତରେ ଖେଳିବାକୁ କହିଥିଲା। କିନ୍ତୁ ଆଇସିସିର ଏହି ନିର୍ଦ୍ଦେଶକୁ ମଧ୍ୟ ବାଂଲାଦେଶ ପ୍ରତ୍ୟାଖ୍ୟାନ କରିଛି। ଏବେ ଆଇସିସି କି ନିଷ୍ପତ୍ତି ଏବଂ କେବେ ନେବ ତାହାକୁ ଅପେକ୍ଷା କରାଯାଉଛି।

### ଏପ୍ରିଲ୍ ୨ରେ ଶେଷ ହେବ ୪ ରାଜ୍ୟସଭା ସାଂସଦଙ୍କ କାର୍ଯ୍ୟକାଳ

## ନିର୍ବାଚନ ପ୍ରକ୍ରିୟା ଆରମ୍ଭ, ରାଜନୀତି ସରଗରମ

■ ଭୁବନେଶ୍ୱର, ୨୨।୧ (ସମିସ): ଆସନ୍ତା ଏପ୍ରିଲ ୨ ତାରିଖରେ ଶେଷ ହେବ ଓଡ଼ିଶାର ୪ ରାଜ୍ୟସଭା ସାଂସଦ ମୁନ୍ନା ଖାଁ, ନିରଞ୍ଜନ ବିଶି, ସୁଜିତ୍ କୁମାର ଓ ମମତା ମହାନ୍ତଙ୍କ କାର୍ଯ୍ୟକାଳ। ଏଥି ନିମନ୍ତେ ଜାତୀୟ ନିର୍ବାଚନ କମିଶନଙ୍କ ପକ୍ଷରୁ ଆରମ୍ଭ ହୋଇଛି ନିର୍ବାଚନ ପ୍ରକ୍ରିୟା। ଏପ୍ରିଲ ୨ରେ ଓଡ଼ିଶାର ୪ଟି ଆସନକୁ ମିଶାଇ ୧୦ ରାଜ୍ୟର ମୋଟ ୩୭ ଟି ରାଜ୍ୟସଭା ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ବିଭିନ୍ନ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କୁ ରିଟର୍ଣ୍ଣିଂ ଅଫିସର, ସହାୟକ ରିଟର୍ଣ୍ଣିଂ ଅଫିସର, ଭୋଟ୍ ଗ୍ରହଣ ସ୍ଥାନ ଏବଂ ବ୍ୟାଲଟ୍ ବକ୍ସର ପ୍ରକାର ସମ୍ପର୍କରେ ପ୍ରସ୍ତାବ ପଠାଇବାକୁ ମୁଖ୍ୟ ନିର୍ବାଚନ କମିସନ ନିର୍ଦ୍ଦେଶ ଦେଇଛନ୍ତି। ନିର୍ବାଚନ କମିସନଙ୍କ ପକ୍ଷରୁ ଲିଖିତ ଏହି ଚିଠିରେ ରାଜ୍ୟସଭା ନିର୍ବାଚନ ପାଇଁ ସମ୍ପୃକ୍ତ ରାଜ୍ୟର ବିଧାନସଭା ସଚିବାଳୟକୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ମଧ୍ୟ କୁହାଯାଇଛି। ମହାରାଷ୍ଟ୍ରର ୭ଟି, ତାମିଲନାଡୁରେ ୬ଟି, ପଶ୍ଚିମବଙ୍ଗରେ ୫ଟି, ଓଡ଼ିଶାରେ ୪ଟି, ତେଲଙ୍ଗାନାର ୨ଟି, ଆସାମର ୩ଟି, ବିହାରର ୬ଟି, ଛତିଶଗଡ଼ର ୨ଟି, ହରିୟାଣାର ୨ଟି ଆସନ, ହିମାଚଳ ପ୍ରଦେଶର ଗୋଟିଏ ଆସନରେ ରାଜ୍ୟସଭା ନିର୍ବାଚନ ଅନୁଷ୍ଠିତ ହେବ।

### ବିଜେପି ୨ଟି ଓ ବିଜେଡିକୁ ଗୋଟିଏ ଆସନ ନିଶ୍ଚିତ

### ୪ର୍ଥ ପାଇଁ ଛକାପଞ୍ଝା, କଂଗ୍ରେସ ଭୂମିକା ଗୁରୁତ୍ୱପୂର୍ଣ୍ଣ

ରାଜ୍ୟସଭା ନିର୍ବାଚନ ନିମନ୍ତେ ପ୍ରସ୍ତୁତି ଆରମ୍ଭ ପରେ ଓଡ଼ିଶାରେ ରାଜନୈତିକ ପାଣିପାଗ ଅକସ୍ମାତ ଉଷ୍ମ ହୋଇ ଉଠିଛି। ୨୦୨୦ ମସିହାରେ ଏହି ୪ଟି ରାଜ୍ୟସଭା ଆସନ ବିଜେଡି ଦଖଲ କରିଥିଲା। ମାତ୍ର ୨୦୨୪ ▶ପୃଷ୍ଠା-୧୦

## ଗ୍ରାମରକ୍ଷୀଙ୍କ ଭତ୍ତା ୨୫୦୦ ଟଙ୍କାକୁ ବୃଦ୍ଧି

■ ଭୁବନେଶ୍ୱର, ୨୨।୧ (ସମିସ): ରାଜ୍ୟ ସରକାର ଗ୍ରାମରକ୍ଷୀଙ୍କ ମାସିକ ଭତ୍ତା ବୃଦ୍ଧି କରିଛନ୍ତି। ଗ୍ରାମାଞ୍ଚଳରେ କାର୍ଯ୍ୟରତ ଗ୍ରାମରକ୍ଷୀମାନଙ୍କ ଭତ୍ତା ୧୮୦୦ରୁ ୨୫୦୦ ଟଙ୍କାକୁ ବୃଦ୍ଧି ହୋଇଛି। ଏଥି ସହିତ ଗୃହରକ୍ଷୀମାନେ ଏଣିକି ସପ୍ତାହକୁ ଥରେ ଯେଉଁ ଥାନା ଅଧୀନରେ କାମ କରୁଥିବେ, ସେଠାକୁ ଯାଇ ସେମାନଙ୍କ ଉପସ୍ଥାନ ଦେବାର ବ୍ୟବସ୍ଥା କରାଯାଇଛି। ଗ୍ରାମାଞ୍ଚଳରେ ଶାନ୍ତିଶୃଙ୍ଖଳା ରକ୍ଷା ଏବଂ ଅପରାଧୀ ଚିହ୍ନଟ ପ୍ରକ୍ରିୟାରେ ଗ୍ରାମରକ୍ଷୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି ପଦକ୍ଷେପ ନେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

### ବିଜେଡି ରାଜନୈତିକ ବ୍ୟାପାର କମିଟି ବୈଠକ

## ୬ ପ୍ରସଙ୍ଗରେ ସରକାରଙ୍କୁ ହେବ ଷଣ୍ଢୁଆସୀ ଆକ୍ରମଣ

■ ଭୁବନେଶ୍ୱର, ୨୨।୧ (ସମିସ): ଗୁରୁବାର ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ବାସଭବନରେ ଅନୁଷ୍ଠିତ ହୋଇଛି ଦଳର ରାଜନୈତିକ ବ୍ୟାପାର କମିଟି ବୈଠକ। ନବୀନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ତାଙ୍କର ରାଜନୈତିକ ପରାମର୍ଶଦାତା ଡଃ ସଂତୃପ୍ତ ମିଶ୍ର, ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ରାଜନୈତିକ ବ୍ୟାପାର କମିଟିର ସଦସ୍ୟ ନିରଞ୍ଜନ ପୂଜାରୀ, ପ୍ରମିଳା ମଲ୍ଲିକ, ସୁଦାମ ମାରାଣ୍ଡି, ଟୁକୁନି ସାହୁ, ବିକ୍ରମ ଆରୁଖ, ସଞ୍ଜୟ କୁମାର ଦାସବର୍ମା, ପ୍ରଣବ ପ୍ରକାଶ ଦାସ ଓ ଡଃ ସସ୍ମିତ ପାତ୍ର ଉପସ୍ଥିତ ଥିଲେ। ଏହି ବୈଠକରେ ବିଶେଷ କରି ୬ଟି ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି।

ବୈଠକ ପରେ ରାଜନୈତିକ ବ୍ୟାପାର କମିଟିର ସଦସ୍ୟ ତଥା ଉପସଭାପତି ସଞ୍ଜୟ କୁମାର ଦାସବର୍ମା କହିଛନ୍ତି ଯେ, ବିଜେଡି ରାଜନୈତିକ ବ୍ୟାପାର କମିଟି ବୈଠକରେ ୬ଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଦଳର ସଭାପତିଙ୍କ ▶ପୃଷ୍ଠା-୧୦



### ନିର୍ବାଚନ ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଛି

### ଚାଷୀକୁଳକୁ ଧୋକା ଦେଇଛନ୍ତି ବିଜେପି ସରକାର

### ରାଜ୍ୟବ୍ୟାପୀ ଆନ୍ଦୋଳନ ପାଇଁ ଖୁବଶୀଘ୍ର ଖସଡ଼ା

### ୫ ଦିନରେ ଜଣାପଡ଼ିଗଲା ୫ କୋଟିର ରାସ୍ତାର ମାନ

## ହାତ ମାରିଦେଲେ ଉଠିଯାଉଛି ପିଚୁ

■ ବାରିପଦା, ୨୨।୧ (ସମିସ): କପ୍ତିପଦା ବ୍ଲକ୍ ଅଞ୍ଚଳରେ ନିମ୍ନମାନର ରାସ୍ତା କାମକୁ ନେଇ ଗ୍ରାମରେ ଉଦବେଗ ପ୍ରକାଶ ପାଇଛି। ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହୋଇଥିବା ପିଚୁ ରାସ୍ତା କାମ ୫ଦିନ ପରେ ହାତ ମାରିବାରୁ ତାହା ଉଠିଯାଇଛି। ଯାହାକୁ ନେଇ ଗ୍ରାମରେ ଉଦ୍‌ବେଗ ପ୍ରକାଶ ପାଇବା ସହ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଜଣେ ସ୍ୱତନ୍ତ୍ର ଶ୍ରେଣୀର ଠିକାଦାରଙ୍କ ଦ୍ୱାରା ନିର୍ମିତ କାମର ଗୁଣବତ୍ତା ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ସ୍ୱଚ୍ଛତାକୁ ନେଇ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି।

ଗ୍ରାମ୍ୟ ଉନ୍ନୟନ ବିଭାଗ ଉଦଳା ଡିଭିଜନ ଅଧୀନ କପ୍ତିପଦା ସେକ୍ସନ ଗୌଡଗାଁରୁ ଫୁଲବାଡିଆକୁ ସଂଯୋଗ କରୁଥିବା ୪ କିମି ରାସ୍ତା ନିର୍ମାଣ କାମ ନିକଟରେ ଶେଷ ହୋଇଛି। ଏହି ରାସ୍ତାର ନିର୍ମାଣ କାମ ଜଣେ ସ୍ୱତନ୍ତ୍ର ଶ୍ରେଣୀ ଠିକାଦାର କରୁଥିଲେ। ରାସ୍ତା ପ୍ରଶସ୍ତିକରଣଠାରୁ ଆରମ୍ଭ କରି ପିଚୁ ନିର୍ମାଣ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକୁ ତରବରିଆ ଭାବେ କରାଯାଇଥିଲା। ଏପରିକି ନିର୍ମାଣ କାମକୁ ନେଇ କୌଣସି ସୂଚନା ଫଳକ ନ ଥିବାରୁ କାର୍ଯ୍ୟ ସମ୍ପର୍କରେ ଅଞ୍ଚଳବାସୀ ଅବଗତ ନାହାନ୍ତି। କାମରେ ବ୍ୟବହୃତ ସରଞ୍ଜାମ ଅତ୍ୟନ୍ତ ନିମ୍ନମାନର ଓ ସଠିକ ଭାବେ ମେଟାଲିଂ ହୋଇ ନ ଥିବାରୁ ତାହା ଚିରସ୍ଥାୟୀ ହେବା ପରିବର୍ତ୍ତେ କ୍ଷଣସ୍ଥାୟୀ ହୋଇପଡିଛି। ପୁରୁଣା ରାସ୍ତା ଉପରେ ପିଚୁ ଢାଳି ଦେଇ କାର୍ଯ୍ୟ କରାଯାଇଥିବାରୁ ନିର୍ମାଣ କାମର ୫ଦିନ ପରେ ତାହା ଉଠିବାକୁ ଲାଗିଥିଲା। ଗ୍ରାମବାସୀ ରାସ୍ତାର ପିଚୁକୁ



ହାତରେ ଉଠାଇବାରୁ ତାହା ଫଡା ଫଡା ହୋଇ ସହଜରେ ଉଠିଯାଉଛି। ଏପରିକି ଗରମ ପିଚୁ ପକାଇବା ପରିବର୍ତ୍ତେ ଶୀତଳ ପିଚୁ ପକାଇବା ଓ ଭାଇବ୍ରେଟର ରୋଲର ନ ଚଳାଇବା ଯୋଗୁଁ ରାସ୍ତା କାମରେ ଗୁଣବତ୍ତା ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏହାକୁ ନେଇ ଗ୍ରାମରେ ଅସନ୍ତୋଷ ପ୍ରକାଶ ପାଇବା ସହ ଲୋକମାନେ ପିଚୁ ଉଠାଇ ଫୋପାଡି ଦେଇଛନ୍ତି। କାର୍ଯ୍ୟ ସ୍ଥଳୀକୁ ବିଭାଗୀୟ ଅଧିକାରୀ ଯାଉ ନ ଥିବାରୁ ଠିକାଦାରଙ୍କ ମନମୁଖି କାର୍ଯ୍ୟ ପାଇଁ ସରକାରଙ୍କ କୋଟି କୋଟି ଟଙ୍କା ବିନିଯୋଗ ହେବାରେ ▶ପୃଷ୍ଠା-୧୦

## ସରଣ୍ଡାରେ ଏନକାଉଣ୍ଟର; ୧୫ ମାଓବାଦୀ ନିହତ

■ ରାଞ୍ଚି, ୨୨।୧ (ଏଜେନ୍ସି): ଓଡ଼ିଶା ସୀମାନ୍ତ ଝାଡ଼ଖଣ୍ଡରେ ଆଜି ସୁରକ୍ଷା ବାହିନୀ ସହ ଏନକାଉଣ୍ଟରରେ ୧୫ ଜଣ ମାଓବାଦୀ ପ୍ରାଣ ହରାଇଛନ୍ତି। ମୃତକଙ୍କ ମଧ୍ୟରେ ରହିଛି ଦୁର୍ଦ୍ଦାନ୍ତ ମାଓବାଦୀ ନେତା ଅନାଲ ଦା ଓରଫ ପତିରାମ ମାନ୍‌ଝୀ। ତାକୁ ଧରିବା ଲାଗି ରାଜ୍ୟ ପୁଲିସ ପକ୍ଷରୁ ଏକ କୋଟି ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ସେ ସିପିଆଇ (ମାଓବାଦୀ) କେନ୍ଦ୍ରୀୟ କମିଟିର ସଭ୍ୟ ଥିଲା। ତା ସହିତ ଆଉ ଜଣେ ଦୁର୍ଦ୍ଦାନ୍ତ ମାଓବାଦୀର ମଧ୍ୟ ମୃତ୍ୟୁ ଘଟିଛି। ତା ମୁଣ୍ଡ ପାଇଁ ୫୦ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ସମସ୍ତ ୧୫ ମାଓବାଦୀଙ୍କ ଶବ ଉଦ୍ଧାର କରାଯାଇଛି। ଘଟଣାସ୍ଥଳରୁ ବ୍ୟାପକ ପରିମାଣର ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ମଧ୍ୟ ଜବତ କରାଯାଇଛି।

### ଦୁର୍ଦ୍ଦାନ୍ତ ଅନାଲ ଦା ବି ମୃତ

### ମୁଣ୍ଡ ଉପରେ ଥିଲା ଏକ କୋଟିର ପୁରସ୍କାର

ଝାଡ଼ଖଣ୍ଡର ସରଣ୍ଡା ଜଙ୍ଗଲରେ ଏହି ଏନକାଉଣ୍ଟର ହୋଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ ମାଓବାଦୀଙ୍କ ଗତିବିଧି ନେଇ ଗୁଇନ୍ଦା ଖବର ମିଳିଥିଲା। ଏହାକୁ ଆଧାର କରି ସୁରକ୍ଷା ବାହିନୀ ଗତକାଲି ରାତିରୁ ଏହି ଜଙ୍ଗଲରେ ପଶି କମ୍ବିଂ ଅପରେସନ୍ ଆରମ୍ଭ କରିଥିଲେ। ଏହି ସମୟରେ ସୁରକ୍ଷା ବାହିନୀ ଉପରେ ମାଓବାଦୀମାନେ ଗୁଳିମାଡ଼ କରିଥିଲେ। ସୁରକ୍ଷା ବାହିନୀ ମଧ୍ୟ ଏହାର କଡ଼ା ଜବାବ ଦେଇଥିଲେ। ଏଥିରେ ୧୫ ଜଣ ମାଓବାଦୀ ନିହତ ହୋଇଥିବା ଜଣାପଡ଼ିଛି। ଚାଇବାସା ଅନ୍ତର୍ଗତ ଏହି ଜଙ୍ଗଲରେ ଏବେ ବି ସର୍ଚ୍ଚ ଅପରେସନ୍ ଜାରି ରହିଥିବାରୁ ପୁଲିସ ପକ୍ଷରୁ ବିସ୍ତୃତ ସୂଚନା ଦିଆଯାଇ ନାହିଁ। ମଝିରେ ମଝିରେ ସୁରକ୍ଷା ବାହିନୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହେଉଛି। ଆହୁରି ▶ପୃଷ୍ଠା-୧୦

**ଖବର ପ୍ରସାରଣ ପରେ ପ୍ରଶାସନ ତପ୍ତର**

# ଡାଙ୍ଗରଚୁଆରେ ପହଞ୍ଚିଲେ ପରିମଳ ଅଧିକାରୀ

ଶରତ, ୨୨।୧(ସମିସ): କପ୍ତିପଦା ବ୍ଲକ ମଝିଗୋଡ଼ିଆ ଗ୍ରାମପଞ୍ଚାୟତ ଅଧୀନ ଡାଙ୍ଗରଚୁଆ(ମରାସାହି) ଗ୍ରାମର ୬୦ରୁ ଊର୍ଦ୍ଧ୍ୱ ଜନଜାତି ପରିବାର ଚୁଆ ଓ ଝରଣା ପାଣି ପିଉଛନ୍ତି। ଏ ନେଇ ୨୦ ତାରିଖରେ ଦୈନିକ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ଗ୍ରାମର ଆଦିମ ଅଧିବାସୀମାନେ ଅତ୍ୟନ୍ତ ଦୟନୀୟ ଭାବରେ ଚୁଆ ଏବଂ ଝରଣାର ପାଣିକୁ ଉଭୟ ପାନୀୟ ଏବଂ ରୋଷେଇ ପାଇଁ ବ୍ୟବହାର କରୁଥିବା ପ୍ରସଙ୍ଗକୁ ଅତ୍ୟନ୍ତ ଗୁରୁତର ସହକାରେ ନେଇ ପରିମଳ ବିଭାଗର ଅଧିକାରୀମାନେ ଆଜି ଉକ୍ତ ଡାଙ୍ଗରଚୁଆ ଗ୍ରାମକୁ ପରିଦର୍ଶନରେ ଯାଇଛନ୍ତି। ପାଣି ଓ ପରିମଳ






ବିଭାଗ କପ୍ତିପଦା ଉପଖଣ୍ଡ(ଉଦଳା)ର ନିର୍ବାହୀ ଯନ୍ତ୍ରୀ ସୁଜିତ କୁମାର ଲୁଗୁନ, କପ୍ତିପଦା ବ୍ଲକ ଅତିରିକ୍ତ ଜଳ ବିଭାଗ ଯନ୍ତ୍ରୀ ସୃଷ୍ଟିଧର ବେହେରା ପ୍ରମୁଖ ଯାଇ ଗ୍ରାମର ସ୍ଥିତି ଅନୁଧ୍ୟାନ କରିବା ସହିତ ନଳକୂପ ଖୋଳା ଯିବା ନିମନ୍ତେ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। କପ୍ତିପଦା ବ୍ଲକ ଅତିରିକ୍ତ ଜଳ ବିଭାଗ ଯନ୍ତ୍ରୀ ସୃଷ୍ଟିଧର ବେହେରା କହିଛନ୍ତି 'ଆମେ ଉକ୍ତ ଗ୍ରାମକୁ ଯାଇ ଗ୍ରାମର ପାନୀୟ ଜଳର ସମସ୍ୟାକୁ ଅନୁଧ୍ୟାନ କରି ସାରିଛୁ ଏବଂ ଏହି ପ୍ରସଙ୍ଗରେ ଜିଲ୍ଲା ପ୍ରଶାସନକୁ ଆମେ ନଳକୂପ ଖୋଳା ଯିବା ନିମନ୍ତେ ପ୍ରସ୍ତାବ ଦେଇସାରିଛୁ। ପ୍ରକଳ୍ପ ଅନୁମୋଦନ ହେଲେ ଆମେ ଯୁଦ୍ଧକାଳୀନ ଭିତ୍ତିରେ ଗ୍ରାମରେ ନଳକୂପ ଖନନ କରାଯିବା ନିମନ୍ତେ ପଦକ୍ଷେପ ଗ୍ରହଣ କରିବୁ। ଗ୍ରାମକୁ ଜଳ ଓ ପରିମଳ ବିଭାଗର ଅଧିକାରୀଙ୍କ ଗସ୍ତ ସମୟରେ ଗ୍ରାମର ୱାର୍ଡ ମେମ୍ବର ବୁଧିରାମ ସିଂ, ଜିଙ୍ଗୀ ସିଂ ପୂର୍ତ୍ତି, ବେଲମଣି ତିୟୁ, ନବୀନ ମୁଣ୍ଡୁରୀ, ସୋମନାଥ ହୋ', ମେଚ ଗୁନ୍ଦୁଆଆ ପ୍ରମୁଖ ଉପସ୍ଥିତ ଥିଲେ। ଅଧିକାରୀମାନେ ପାନୀୟ ଜଳର ସମସ୍ୟା ସମାଧାନ ନିମନ୍ତେ ତଦନ୍ତ କରି ନଳକୂପ ଖୋଳିବା ନିମନ୍ତେ ପଦକ୍ଷେପ ଗ୍ରହଣ କରୁଥିବାରୁ ପାନୀୟ ଜଳ ପାଇବା ସକାଶେ ଗ୍ରାମବାସୀଙ୍କ ମନରେ ଆଶା ସଞ୍ଚାର ହୋଇଛି।

## ଜିଲ୍ଲା ପରିଷଦ ସାଧାରଣ ବର୍ଣ୍ଟନ ବ୍ୟବସ୍ଥା ଷ୍ଟାଣ୍ଡିଂ କମିଟି ବୈଠକ



ବାରିପଦା, ୨୨।୧(ସମିସ): ଜିଲ୍ଲା ପରିଷଦ ସାଧାରଣ ବର୍ଣ୍ଟନ ବ୍ୟବସ୍ଥା ଷ୍ଟାଣ୍ଡିଂ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦାଙ୍କ ଅଧ୍ୟକ୍ଷତାରେ କମିଟିର ସଦସ୍ୟ/ସଦସ୍ୟା ଯୋଗଦେଇ ବିଭାଗର ସମୀକ୍ଷା କରିଥିଲେ। ଜନକଲ୍ୟାଣ ନିମନ୍ତେ ବିଭିନ୍ନ ଆଲୋଚନା ପରେ ପ୍ରସ୍ତାବିତ ପଦକ୍ଷେପ ନିଆଯିବା ପାଇଁ ଗୃହୀତ ହୋଇଥିଲା। ଅଧ୍ୟକ୍ଷା ଭାରତୀ ହାଁସଦାଙ୍କ ସହିତ କମିଟି ସଦସ୍ୟ ସୁବାସିନୀ ନାଏକ, ଦଶରଥ ରାମ, ଝରଣା ମୁର୍ମୁ ଓ ଭାରପ୍ରାପ୍ତ ଯୋଗାଣ ଅଧିକାରୀ ଆଶିଷ ରାଉତ ଉପସ୍ଥିତ ଥିଲେ।

## ପିଏମ୍ଶ୍ରୀ ବିଦ୍ୟାଳୟର ବାର୍ଷିକ ଉତ୍ସବ




ମୋରଡ଼ା, ୨୨।୧(ସମିସ): ମୋରଡା ବ୍ଲକ ଗଡ଼ିଗାଁ ରେ ଥିବା ପିଏମ୍ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଚାରିଦିନ ଧରି ଚାଲୁଥିବା ବାର୍ଷିକ କ୍ରୀଡ଼ା ଉତ୍ସବ ପିଏମ୍ଶ୍ରୀ ଉତ୍ସବ ଏବଂ ବାର୍ଷିକ ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା, ମୁଖ୍ୟବକ୍ତା ସାମ୍ବାଦିକ ରଞ୍ଜିତ ସାହୁ ଏବଂ ସ୍ୱତନ୍ତ୍ର ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଜୟ କୁମାର ପାଣିଗ୍ରାହୀ ମହୋଦୟ ଯୋଗଦାନ କରିଥିଲେ। ତେବେ ସମସ୍ତ ଅତିଥିଙ୍କ ଦ୍ୱାରା ସ୍ମରଣିକା 'ନବ ପଲ୍ଲବ' ଉନ୍ମୋଚିତ ହୋଇଥିଲା। ସନ୍ଧ୍ୟା ସମୟରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଛି। ବିଭିନ୍ନ କ୍ରୀଡ଼ାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ବିଦ୍ୟାଳୟର ଶିକ୍ଷକ ସରୋଜ କୁମାର ବେହେରା ସମସ୍ତ କାର୍ଯ୍ୟକୁ ଠିକ ଭାବେ ସମ୍ପାଦନ କରିଥିବା ବେଳେ ଅନ୍ୟ ଶିକ୍ଷକମାନେ ପରିଚାଳନା ରେ ସହଯୋଗ କରିଥିଲେ।

## ଜାତୀୟ ମତଦାତା ଦିବସରେ ଶପଥ ପାଠ



ବାରିପଦା, ୨୨।୧(ସମିସ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ୧୬ତମ ଜାତୀୟ ମତଦାତା ଦିବସ ଉପଲକ୍ଷେ ଶପଥ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏକ ସୁଦୃଢ଼ ଗଣତନ୍ତ୍ର ରାଷ୍ଟ୍ର ପାଇଁ ମତଦାତାଙ୍କ ମତଦାନର ମହତ୍ତ୍ୱ ଓ ମୂଲ୍ୟବୋଧକୁ ଅକ୍ଷୁର୍ଣ୍ଣ ରଖିବା ଉଦ୍ଦେଶ୍ୟରେ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଅଧ୍ୟକ୍ଷତାରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ଓ ଈଶ୍ୱର ଚନ୍ଦ୍ର ନାଏକଙ୍କ ସମେତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀଗଣ ଉପସ୍ଥିତ ରହି ଶପଥ ପାଠରେ ଅଂଶ ଗ୍ରହଣ କରିଥିଲେ।

## ମା' ଶୀତଳାଙ୍କ ଚତୁର୍ଥ ବାର୍ଷିକ ପୂଜା



ରାସଗୋବିନ୍ଦପୁର, ୨୨।୧(ସମିସ): ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ଝାଟିଅଡା ପଞ୍ଚାୟତ ଝାଟିଅଡା ଛକରେ ମା ଶୀତଳା କମିଟି ପକ୍ଷରୁ ଚତୁର୍ଥ ବାର୍ଷିକ ପୂଜା ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ସତ୍ୟଶିବ ଭାଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚଳିତ ମାସ ୨୦ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ଖୁବ୍ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ମା ଶୀତଳାଙ୍କ ବାର୍ଷିକ ପୂଜା ସହ ତିନି ଦିନ ଧରି ଯାତ୍ରା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କମିଟିର ସଦସ୍ୟ ମାନସ କୁମାର ସେନାପତି, ଜିତେଶ କୁମାର ସାମଲ, ମିହିର ସେନାପତି, ସୁଧୀର ସେନାପତି, ଶାଶ୍ୱତ ପ୍ରଧାନ, ବିଶ୍ୱଜିତ୍ ଜେନା, ଜିତୁ କୁମାର ସାମଲ, ପଙ୍କଜ ଭାଟ, ମିଥୁନ ଦତ୍ତ, ଚନ୍ଦନ ପାତ୍ର, ସୁବ୍ରତ ସେଠୀ, କରୁଣାକର ଭୂୟାଁ, ନିରଞ୍ଜନ ଭୁୟାଁ, ଅଟଳ ଦତ୍ତ ପ୍ରମୁଖ ପୂଜାକୁ ସୁଚାରୁ ରୂପେ ପରିଚାଳନା କରିଥିବା ବେଳେ କମିଟି ପକ୍ଷରୁ ଏକ ଅନ୍ତଜିଲ୍ଲା ଫୁଟବଲ ଟୁର୍ଣ୍ଣାମେଣ୍ଟର ଆୟୋଜନ କରାଯାଇଥିଲା।

## ମତଦାନ ଦିବସ ପାଇଁ ଶପଥ ପାଠ



ମହୁଲଡିହା, ୨୨।୧(ସମିସ): ରାଷ୍ଟ୍ରୀୟ ମତଦାନ ଦିବସ ଜାନୁଆରୀ ୨୫ରେ ପାଳିତ ହେଉଥିବାବେଳେ ଚଳିତବର୍ଷ ଛୁଟି କାରଣରୁ ୨୨ ତାରିଖରେ ପାଳିତ ହୋଇଛି। ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ କର୍ମଚାରୀମାନେ ଶପଥ ପାଠ କରିଛନ୍ତି। ଠାକୁରମୁଣ୍ଡା ବନାଞ୍ଚଳ କାର୍ଯ୍ୟାଳୟରେ ବନାଞ୍ଚଳ ଅଧିକାରୀ ଉମାକାନ୍ତ ବେହେରାଙ୍କ ନେତୃତ୍ୱରେ କର୍ମଚାରୀମାନେ ନିଜ ଦେଶର ଗଣତାନ୍ତ୍ରିକ ପରମ୍ପରାର ମର୍ଯ୍ୟାଦା ରକ୍ଷା କରିବାକୁ ତଥା ମୁକ୍ତ, ଅବାଧ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନର ଗାରିମା ଅକ୍ଷୁର୍ଣ୍ଣ ରଖିବାକୁ ନିର୍ଭିକ ହୋଇ ଜାତି, ଧର୍ମ, ବର୍ଣ୍ଣ, ଗୋଷ୍ଠୀ, ଭାଷା ନିର୍ବିଶେଷରେ ଅଥବା ଅନ୍ୟ କୌଣସି ପ୍ରଲୋଭନର ବଶବର୍ତ୍ତୀ ନହୋଇ ପ୍ରତ୍ୟେକ ନିର୍ବାଚନରେ ନିଜର ମତାଧିକାର ସାବ୍ୟସ୍ତ କରିବାକୁ ଶପଥ ନେଇଛନ୍ତି।

## ବନାଞ୍ଚଳରେ ଜଙ୍ଗଲ ନିଆଁ ପ୍ରଶମନ ପ୍ରଶିକ୍ଷଣ ଶିବିର




ବେତନଟୀ, ୨୨।୧(ସମିସ): ବେତନଟୀ ବନାଞ୍ଚଳ ଅଧୀନରେ ଥିବା ୪ଟି ଫରେଷ୍ଟ ସେକ୍ସନ ୧୩ଟି ବିଟର ଫରେଷ୍ଟର ଗାର୍ଡ, ଫାୟାର ସ୍କ୍ୱାର୍ଡ, ଫରେଷ୍ଟ ସହଯୋଗୀଙ୍କ ପ୍ରଶିକ୍ଷଣ ଶିବିର ବେତନଟୀ ବନାଞ୍ଚଳ ଅଫିସରେ ବେତନଟୀର ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ ଧ୍ରୁବେନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜାତୀୟ ସବୁଜ ବାହିନୀ (ଇକୋ କ୍ଲବ)ର ମାଷ୍ଟର ଟ୍ରେନର ଇକୋ ଫ୍ରେଣ୍ଡ ଡକ୍ଟର ରମାକାନ୍ତ ମହାନ୍ତ, ମୁଖ୍ୟବକ୍ତା ଭାବେ ବେତନଟୀ ଫାୟାର ଅଫିସର ସତ୍ୟବାଦୀ ପଲେଇ ଯୋଗଦାନ କରି ଜଙ୍ଗଲ ନିଆଁ ଲାଗିବାର କାରଣ, ନିରାକରଣ ଓ ଜଙ୍ଗଲ ନିଆଁ ଲାଗିବାର କୁପରିଣାମ ବିଷୟରେ ଆଲୋଚନା କରି ଜଙ୍ଗଲ ବିଭାଗର କର୍ମଚାରୀଙ୍କୁ ଜଙ୍ଗଲ ନିଆଁ ପ୍ରତି ସଦା ଜାଗ୍ରତ ରହି ନିଆଁ ଦାଉରୁ ଜଙ୍ଗଲକୁ ରକ୍ଷା କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜାଇକା ସଂଯୋଜକ ନିହାର ରଞ୍ଜନ ସାମଲ, ରତିକାନ୍ତ ବେହୁରା, ଫରେଷ୍ଟର କାଞ୍ଚନମଣି ନାଏକ, ଦୀପକ କୁମାର ପାତ୍ର, ସସ୍ମିତା ଶତପଥୀ, ଉତ୍ତମ ଦାସ, ପ୍ରଦୀପ୍ତ ଭାମା (ମଣ୍ଟୁ) ମହାନ୍ତ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଜଙ୍ଗଲ ନିଆଁକୁ କିପରି ପ୍ରଶମନ କରାଯାଇପାରିବ, ସେଥିପାଇଁ ନିଜ ନିଜର ଅଭିଜ୍ଞତା ପ୍ରକାଶ କରିଥିଲେ। ବେତନଟୀ ଫରେଷ୍ଟର ଲକ୍ଷ୍ମୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ବନାଗ୍ନି ପ୍ରଶମନ ପ୍ରଶିକ୍ଷଣ ଶିବିର




ମୋରଡ଼ା, ୨୨।୧(ସମିସ): ଗୁରୁବାର ମୋରଡ଼ାସ୍ଥିତ ରାସଗୋବିନ୍ଦପୁର ରେଞ୍ଜ କାର୍ଯ୍ୟାଳୟରେ ଜଙ୍ଗଲ ମାନଙ୍କରେ ନିଆଁ ଲାଗିବା ସମ୍ଭାବନା କୁ ଦୃଷ୍ଟିରେ ରଖି ଆକସ୍ମିକ ନିଆଁ ନିୟନ୍ତ୍ରଣ କୁ ନେଇ ପୂର୍ବ ପ୍ରସ୍ତୁତି ପାଇଁ ବନବିଭାଗ ତରଫରୁ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ମୁଖ୍ୟ ଅତିଥି ଭାବେ ଡିଏଫଓ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ଅଗ୍ନିଶମ ବିଭାଗ ଅଧିକାରୀ ଉମାକାନ୍ତ ଦାସ, ରାସଗୋବିନ୍ଦପୁର ପୁଲିସ ଅଧିକାରୀ, ମୋରଡ଼ା ସରପଞ୍ଚ ରବି ସିଂ ପ୍ରମୁଖ ମଞ୍ଚାସୀନ ଥିଲେ। ଜଙ୍ଗଲରେ ଥିବା ମହୁଲ ଗଛରୁ ମହୁଲ ସଂଗ୍ରହ ପାଇଁ ଲୋକମାନେ ଗଛ ମୂଳରେ ନିଆଁ ଲଗାଇରୁ ନିବୃତ ରହିବା ପାଇଁ ସଚେତନତା କରିବା, ନିଆଁ ଲିଭାଇବା ସମୟରେ କେହି ଆହତ ହେଲେ କିପରି ଉଦ୍ଧାର କରିବା ଭଳି ବିଭିନ୍ନ କଥା କହି ସଚେତନତା ସୃଷ୍ଟି କରାଯାଇଛି। ଜଙ୍ଗଲ ଭିତରେ ଯଦି କେହି କର୍ମଚାରୀ ଦୁର୍ଘଟଣାର ଶିକାର ହୁଅନ୍ତି, ସେମାନଙ୍କୁ କିଭଳି ଉଦ୍ଧାର କରାଯିବ ସେ ନେଇ ଅଗ୍ନିଶମ ବିଭାଗ ପକ୍ଷରୁ ମକଡ୍ରିଲ କରାଯାଇଥିଲା। ବନଖଣ୍ଡ ଡିଏଫ୍ଓ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ ତାଙ୍କ ବକ୍ତବ୍ୟରେ ପ୍ରତ୍ୟେକ ଗାଁ ରେ ବିଭିନ୍ନ ପ୍ରକାର ସଚେତନତା ସୃଷ୍ଟି କରିବା ସହ ମହୁଲ ଫଳ ସଂଗ୍ରହ କରିବା ପୂର୍ବରୁ ମେସିନ ସାହାଯ୍ୟରେ ଗଛ ମୂଳରୁ ଅପରିଷ୍କାରକୁ ବନବିଭାଗ ସଫା କରିବା ପାଇଁ ପଦକ୍ଷେପ ନିଆଯାଉଛି। ତେବେ ଅଗ୍ନିଶମ ବିଭାଗ ପକ୍ଷରୁ ରେଞ୍ଜର ଘନଶ୍ୟାମ ସିଂ ଙ୍କ ତତ୍ତ୍ୱାବଧାନରେ ହୋଇଥିବା ଉକ୍ତ ଶିବିରରେ ବହୁ ସଂଖ୍ୟକ କର୍ମଚାରୀ ଉପସ୍ଥିତ ରହି ତାଲିମ ଗ୍ରହଣ କରିଥିଲେ।

## ୨ ଗୋରୁ ବୋଝେଇ ଗାଡ଼ି ଜବତ

ରାଇରଙ୍ଗପୁର, ୨୨।୧(ସମିସ): ସୀମାନ୍ତ ଅଞ୍ଚଳରୁ ଦୁଇଟି ଗୋ ଚାଲାଣ ଗାଡ଼ିକୁ ଜାମଦା ଥାନା ପୁଲିସ ଜବତ କରିଛନ୍ତି। ଏ ନେଇ ଜାମଦା ଥାନାରେ ପୁଲିସ ପକ୍ଷରୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ସୂଚନା ଅନୁଯାୟୀ, ପୁଲିସ ପକ୍ଷରୁ ପାଟ୍ରୋଲିଂ ଜାରି ଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବଳେଡିହି ଗ୍ରାମରେ ପୁଲିସ ଚଢ଼ଉ କରିଥିଲେ। ଗ୍ରାମରେ ଜଣକ ଘର ସମ୍ମୁଖରେ କିଛି ଦିନ ହେବ ପାର୍କିଂ ହୋଇଥିବା ଗାଡ଼ି ଯାଞ୍ଚ କରିଥିଲେ। ଗାଡ଼ିକୁ ଗୋଚାଲାଣ କରିବାକୁ ତିଆରି ହୋଇଥିବା ଜାଣିବାକୁ ପାଇଥିଲେ। ଗାଡ଼ିର କେହି ମାଲିକ ଜଣା ପଡ଼ିନଥିବା ବେଳେ ପୁଲିସ ଗାଡ଼ି ଜବତ କରି ଯାଞ୍ଚ କରୁଛି। ସେହିପରି ଉକ୍ତ ଟିମ ଖବର ପାଇ ଖଇରପାଳ ଗ୍ରାମରେ ଚଢ଼ଉ କରିଥିଲା। ସେଠାରେ ମଧ୍ୟ ଅନୁରୂପ ଭାବେ ଗୋଚାଲାଣ ନିମନ୍ତେ ବ୍ୟବହୃତ ଗାଡ଼ି ଜବତ କରାଯାଇଛି। ରାସ୍ତା କଡ଼ରେ ଗାଡ଼ି ପାର୍କିଂ କରି ପଳାଇଥିଲେ। ଉକ୍ତ ଗାଡ଼ିଗୁଡ଼ିକ ମାଲିକ ବାବଦରେ ପୁଲିସ ଖୋଳତାଡ଼ କରୁଛନ୍ତି। କିଛିଦିନ ପୂର୍ବରୁ ପୁଲିସ ପକ୍ଷରୁ ଗୋ ତସ୍କର ଉପରେ ବଡ଼ ଧରଣ ଚଢ଼ାଉ କରିଥିଲେ। ଯାହା ଫଳରେ ଚାଲାଣକାରୀ ଗାଡ଼ି ଛାଡ଼ି ଫେରାର ହୋଇଥିବା ସନ୍ଦେହ କରାଯାଉଛି।

## ବ୍ଲକସ୍ତରୀୟ ବୃତ୍ତିଗତ ମାର୍ଗଦର୍ଶନ ପ୍ରଶିକ୍ଷଣ ଶିବିର

ବେତନଟୀ, ୨୨।୧(ସମିସ): କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ସହଭାଗିତାରେ ବେତନଟୀ ବ୍ଲକ ହେଡ୍‌କ୍ୱାଟରରେ ଅବସ୍ଥିତ ସଠିଲୋ ଉଚ୍ଚବିଦ୍ୟାଳୟରେ ବେତନଟୀ ଓ ବଡ଼ସାହି ଦୁଇଟି ବ୍ଲକ ଅଧୀନସ୍ଥ ମାଧ୍ୟମିକ ଓ ଉଚ୍ଚବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ନେଇ ବୃତ୍ତିଗତ ମାର୍ଗଦର୍ଶନ (କ୍ୟାରିୟର ଗାଇଡେନ୍ସ) ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ବୃତ୍ତିଗତ କର୍ମଶାଳାକୁ ବେତନଟୀ ବିଇଓ ବିପ୍ଲବ କର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିବାବେଳେ ଏବିଇଓ ଅପର୍ଣ୍ଣା ସାହୁ ଓ ସଠିଲୋ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ନରହରି ମହାନ୍ତ ସ୍ୱତନ୍ତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ସରକାରଙ୍କ ଏହି କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ସୂଚନା ପ୍ରଦାନ ସହିତ ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତ କର୍ମପନ୍ଥା ନେଇ ରୁଚି ଅନୁସାରେ ନିଜର ବୃତ୍ତି ଚୟନ କରିବାକୁ ପରାମର୍ଶ ପ୍ରଦାନ କରିଥିଲେ। ରାଷ୍ଟ୍ର ନିର୍ମାଣରେ ଦେଶର ଛାତ୍ରଛାତ୍ରୀଙ୍କ ଗୁରୁଦାୟିତ୍ୱ ଥିବାବେଳେ କେବଳ ପୁସ୍ତକଗତ ଜ୍ଞାନ ସେମାନଙ୍କ ଭବିଷ୍ୟତ ଗଠନରେ ସହାୟକ ହୋଇପାରିବନାହିଁ ବୋଲି କହିବା ସହିତ ବିଦ୍ୟାଳୟରେ ଶିକ୍ଷାଦାନ କରୁଥିବା ଶିକ୍ଷକ ଶିକ୍ଷୟିତ୍ରୀ ସେ ବିଷୟରେ ସଚେତନ ହୋଇ ମାର୍ଗଦର୍ଶନ ଦେଲେ ଛାତ୍ରଛାତ୍ରୀ ସଫଳତା ହାସଲ କରିପାରିବେ। ଏହି ବୃତ୍ତିଗତ ମାର୍ଗଦର୍ଶନ କର୍ମଶାଳାରେ ମହାରାଜା ପ୍ରତାପ ଚନ୍ଦ୍ର ଉଚ୍ଚବିଦ୍ୟାଳୟର ଶିକ୍ଷକ ସୁବୋଧ ସାହୁ, ତାଳପଦା ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟର ଶିକ୍ଷକ ଦେବରାଜ ନାୟକ ଓ ପଦ୍ମଲୋଚନ ଉଚ୍ଚବିଦ୍ୟାଳୟ ବଡଛରୁଣୀର ଶିକ୍ଷୟିତ୍ରୀ ମଲ୍ଲିକା କିସ୍କୁ ପ୍ରମୁଖ ତାଲିମଦାତା ଭାବେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବଡ଼ସାହି ଓ ବେତନଟୀ ଦୁଇଟି ବ୍ଲକରୁ ୫୪ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଦିବସରେ ସଠିଲୋ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ନରହରି ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।




## ଇଗ୍ନୋ ବିଇଡି କର୍ମଶାଳା ଉଦ୍‌ଘାଟିତ

ବାରିପଦା, ୨୨।୧(ସମିସ): ସ୍ଥାନୀୟ ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ଇଗ୍ନୋ ବିଇଡି ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀଙ୍କ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଖିରୋଦ କୁମାର ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ପ୍ରଫେସର ଡକ୍ଟର ସଞ୍ଜୟ କୁମାର ଦେ ଯୋଗଦେଇ ଉତ୍ତମ ଆଦର୍ଶ ଶିକ୍ଷକ ନିର୍ମାଣରେ ଉଚ୍ଚ ଗୁଣବତ୍ତା ସମ୍ପନ୍ନ ପ୍ରଶିକ୍ଷଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡକ୍ଟର ସରୋଜ ନାୟକ ଯୋଗ ଦେଇଥିବା ବେଳେ, ସମ୍ମାନିତ ଅତିଥି ଭାବେ ସହକାରୀ ପ୍ରଫେସର ଡକ୍ଟର ଚିତ୍ରସେନ ସେଠୀ, ଡକ୍ଟର କେ ଲକ୍ଷ୍ମୀ ସେନାପତି, ଡକ୍ଟର ରୁବି ଟୁଡୁ, ରାଜକିଶୋର ରାଉଳ, ଉମେଶ ଚନ୍ଦ୍ର ମାଝୀ, ଅଦ୍ୱୈତ ପ୍ରସାଦ ବେହେରା ଯୋଗଦେଇ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ସହକାରୀ ପ୍ରଫେସର ସରୋଜ କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଦେବଶ୍ରୀ ଦ୍ୱିବେଦୀ ଅତିଥି ପରିଚୟ ପ୍ରଦାନ, ନବୀନ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କର୍ମଶାଳାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୫୦ଜଣ ପ୍ରଶିକ୍ଷାର୍ଥୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।





## ଘୋଷଣାରେ ରହିଗଲା ଟ୍ରମା କେୟାର ସେଣ୍ଟର

# ଦୁର୍ଘଟଣା ଆହତଙ୍କୁ ଭରସା କଟକ ବଡ଼ ଡାକ୍ତରଖାନା

ଆନନ୍ଦପୁର,୨୨।୧(ସମିସ): କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନା ସମେତ ଜାତୀୟ ରାଜପଥ କଡ଼ରେ ଥିବା ୫ଟି ଡାକ୍ତରଖାନାରେ ଅତ୍ୟାଧୁନିକ ଟ୍ରମାକେୟାର ସେଣ୍ଟର ଖୋଲିବାକୁ ତତ୍କାଳୀନ ସରକାରଙ୍କ ସମୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ହେଲେ ଏହା ଘୋଷଣାରେ ରହିଯାଇଛି। କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ, ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ, ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଟ୍ରମା କେୟାର ସେଣ୍ଟର ଖୋଲାଯିବ ବୋଲି ୨୦୨୩ ସେପ୍ଟେମ୍ବର ୧୫ରେ ଘୋଷଣା କରାଯାଇଥିଲା। ଏହାଦ୍ୱାରା ଦୁର୍ଘଟଣାଗ୍ରସ୍ତ ରୋଗୀଙ୍କୁ ତୁରନ୍ତ ଚିକିତ୍ସା ମିଳିପାରିବ ବୋଲି କୁହାଯାଇଥିଲା। କେବଳ କେନ୍ଦୁଝରରେ ଟ୍ରମା କେୟାର ସେଣ୍ଟର ଖୋଲା ଯାଇଥିବାବେଳେ ଅନ୍ୟସ୍ଥାନରେ ଏହା କେବଳ ଘୋଷଣାରେ ସୀମିତ ରହିଛି। ଆନନ୍ଦପୁର ଦେଇ ୨୦ନମ୍ବର ଜାତୀୟ ରାଜପଥ ଓ ୫୩ ନମ୍ବର



ରାଜ୍ୟ ରାଜପଥ ଯାଇଛି। ରାସ୍ତାର ଦୁରବସ୍ଥା ତଥା ବେପରୁଆ ଗାଡ଼ି ଚାଳନା ପାଇଁ ବିଭିନ୍ନ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଦୁର୍ଘଟଣାଗ୍ରସ୍ତ ଲୋକେ ଆମ୍ବୁଲାନ୍ସରେ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନା ଆସୁଛନ୍ତି। କିଛି ସମୟ ମଧ୍ୟରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିବାକୁ ଡାକ୍ତର ପରାମର୍ଶ ଦେଉଛନ୍ତି। ଅନେକ ସମୟରେ ଆମ୍ବୁଲାନ୍ସ ଉପଲବ୍ଧ ରହୁ ନଥିବାରୁ କଟକ ଯିବାରେ ବିଳମ୍ବ ହେଉଛି। ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ କେନ୍ଦୁଝର ଜିଲ୍ଲା ସମେତ ପଡ଼ୋଶୀ ମୟୂରଭଞ୍ଜ, ଭଦ୍ରକ, ଯାଜପୁର ଜିଲ୍ଲାର ୨୦ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ନିର୍ଭର କରୁଛନ୍ତି। ବିଶେଷ କରି ମୁଣ୍ଡରେ ଆଘାତ ପାଇଥିବା ଲୋକଙ୍କ ଚିକିତ୍ସାପାଇଁ ଏଠାରେ କୌଣସି ବ୍ୟବସ୍ଥା ନାହିଁ। ଗୁରୁତର ରୋଗୀଙ୍କୁ ତୁରନ୍ତ ଚିକିତ୍ସାସେବା ଯୋଗାଇବା ପାଇଁ ତତ୍କାଳୀନ ରାଜ୍ୟ ସରକାରଙ୍କ ସମୟରେ ଆନନ୍ଦପୁର ସମେତ ୫ଟି ଡାକ୍ତରଖାନାରେ ସ୍ୱତନ୍ତ୍ର ଟ୍ରମା କେୟାର ସେଣ୍ଟର ଖୋଲାଯିବ ବୋଲି ଘୋଷଣା ହୋଇଥିଲା। ସରକାର ବଦଳିବା ପରେ ଏହି ନିଷ୍ପତ୍ତି ଫାଇଲ ତଳେ ଚାପି ହୋଇଯାଇଛି। ସ୍ୱାସ୍ଥ୍ୟ ବିଭାଗ ଏ ଦିଗରେ ପଦକ୍ଷେପ ଗ୍ରହଣ କରୁ ବୋଲି ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ କହିଛନ୍ତି।

## ହଦଗଡ଼ରେ ନୂତନ ପଞ୍ଚାୟତ କାର୍ଯ୍ୟାଳୟ ଗୃହ ଉଦ୍‌ଘାଟିତ



ହାଟଡ଼ିହୀ,୨୨।୧(ସମିସ): ହାଟଡ଼ିହୀ ବ୍ଲକ ହଦଗଡ଼ଠାରେ ନୂତନ ପଞ୍ଚାୟତ କାର୍ଯ୍ୟାଳୟ ଗୃହ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମଟି ସରପଞ୍ଚ ନିରୁପମା ନନ୍ଦିଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଶୁଭ ଉଦଘାଟନ କରିଥିଲା ବେଳେ ଏଥିରେ ଉପାଧ୍ୟକ୍ଷ ଜିଲ୍ଲା ପରିଷଦ ସୋମନାଥ ଦାସ, ହାଟଡ଼ିହୀ ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ଜିଲ୍ଲା ପରିଷଦ ସଭ୍ୟା କୌଶଲ୍ୟା ସେଠୀ, ହାଟଡ଼ିହୀ ବିଡିଓ ରଞ୍ଜନ କୁମାର ପରିଡ଼ା, ସିଡିପିଓ ଉମାମଣି ମହାପାତ୍ର, ହଦଗଡ଼ର ପୂର୍ବତନ ସରପଞ୍ଚ ଅଭିମନ୍ୟୁ ନାଏକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଜେଡି କର୍ମୀ ଗୋପାଳ ନାୟକ, ଅଭୟ ରାଉତଙ୍କ ସମେତ ପଞ୍ଚାୟତର ୱାର୍ଡମେମ୍ବରଙ୍କ ସହ ଗ୍ରାମବାସୀ ଯୋଗ ଦେଇଥିଲେ। ପୂର୍ବତନ ସରପଞ୍ଚ ମଦନ ନନ୍ଦି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଝୁମ୍ପୁରା ବ୍ଲକ ବିଜୁ ଜନତା ଦଳର ସାଂଗଠନିକ ବୈଠକ



ବାଲିବନ୍ଧ,୨୨।୧(ସମିସ): ପାଟଣା ନିର୍ବାଚନ ମଣ୍ଡଳୀ ଝୁମ୍ପୁରା ବ୍ଲକର ୧୦ଟି ପଞ୍ଚାୟତର ବିଜୁ ଜନତା ଦଳ ର କର୍ମକର୍ତ୍ତାମାନଙ୍କୁ ନେଇ ସାଂଗଠନିକ ବୈଠକ ବିଜୁ ଜନତା ଦଳର ବ୍ଲକ ସଭାପତି ଡମ୍ବରୁଧର ଦାସଙ୍କ ସଭାପତିତ୍ୱରେ ଟୁକୁଡିହା ପଞ୍ଚାୟତର ସରାସିଙ୍ଗା ଗ୍ରାମର ସିଦ୍ଧେଶ୍ୱର ମଠ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଜୁ ଜନତା ଦଳର ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତୀ, ପୂର୍ବତନ ବିଧାୟକ ତଥା ରାଜ୍ୟ ସାଧାରଣସମ୍ପାଦକ ଜଗନ୍ନାଥ ନାୟକ, ଜିଲ୍ଲା ସାଧାରଣସମ୍ପାଦକ ମହେନ୍ଦ୍ର କୁମାର ସାହୁ, ଝୁମ୍ପୁରା ବ୍ଲକ ଅଧ୍ୟକ୍ଷା ମାଳତୀ ନାଏକ, ବରିଷ୍ଠ କାର୍ଯ୍ୟକର୍ତ୍ତା ସତ୍ୟବ୍ରତ ନାୟକ, ଧନେଶ୍ୱର ମହାନ୍ତ, ୧୮ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ରାଧାକାନ୍ତ ନାୟକ, ସିନିୟର ଉପ ସଭାପତି ଯଦୁନାଥ ରାଉତ, ଉପ ସଭାପତି ଶ୍ରୀବତ୍ସ କୁମାର ସାହୁ, କୁଳଧର ମହାନ୍ତ, ପୂର୍ବତନ ଯୁବ ସଭାପତି ଇଂ ହରିଭକ୍ତ କୁନା ଗିରି, ସାମାଜିକ ଗଣମାଧ୍ୟମ ପ୍ରତିନିଧି ରୁଦ୍ରନାରାୟଣ ମହାନ୍ତ, ୧୮ ନମ୍ବର ଜୋନ ସଭାପତି ଯଦୁମଣି ବାରିକ, ୧୭ ନମ୍ବର ଜୋନ ସଭାପତି ବାହାଦୂର ବାରିକ ପ୍ରମୁଖ ମଞ୍ଚାସିନ ରହିଥିଲେ। ଏହି ସାଙ୍ଗଠନିକ ବୈଠକରେ ଯୋଗଦାନ କରିଥିବା ବିଜୁ ଜନତା ଦଳର କର୍ମକର୍ତ୍ତା ମାନେ ତାଙ୍କ ବକ୍ତବ୍ୟରେ କହିଲେ ଯେ ଦଳ ସରକାର କରି ନ ଥିଲେ ମଧ୍ୟ ଆଜିବି ଲୋକଙ୍କ ହୃଦୟରେ ରହିଛି। ତୃଣମୂଳସ୍ତରରେ ପୁଣିଥରେ ଦଳର କର୍ମକର୍ତ୍ତା ମାନଙ୍କୁ ସୁସଙ୍ଗଠିତ କରିବା ପାଇଁ ଗୁରୁମନ୍ତ୍ର ଦେଇଥିଲେ। ଏହି ବୈଠକରେ ୧୦ ପଞ୍ଚାୟତରୁ ମନୋନୀତ ହୋଇଥିବା ପଞ୍ଚାୟତ ସଭାପତିମାନଙ୍କୁ ଦଳ ତରଫରୁ ସ୍ୱାଗତ କରିଥିଲେ। ସେହିପରି ଦଳର କର୍ମକର୍ତ୍ତାମାନଙ୍କ ଉପସ୍ଥିତିରେ ଅନ୍ୟ ଦଳରୁ ଆସିଥିବା ୧୦ରୁ ଊର୍ଦ୍ଧ୍ୱ କର୍ମୀ ଦଳର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଯୋଗଦାନ କରିଛନ୍ତି। ବୈଠକରେ ୧୦ ଟି ପଞ୍ଚାୟତରୁ ୨ ଶହରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ ଉପସ୍ଥିତ ରହିଥିବା ଦେଖିବାକୁ ମିଳିଥିଲା। ଯଦୁମଣି ବାରିକ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ବରିଷ୍ଠ କାର୍ଯ୍ୟକର୍ତ୍ତା ସୁଶାନ୍ତ କୁମାର ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## 'ଚର୍ଚ୍ଚ ଅଫ୍ ଗଡ୍'ର ବିଶ୍ୱବ୍ୟାପୀ ସ୍ୱଚ୍ଛତା ଅଭିଯାନ

କେନ୍ଦୁଝର,୨୨।୧(ସମିସ): ଚର୍ଚ୍ଚ ଅଫ୍ ଗଡ୍ ବିଶ୍ୱବ୍ୟାପୀ ସ୍ୱଚ୍ଛତା ଅଭିଯାନ ଶୁଭାରମ୍ଭ ହୋଇଛି। କେନ୍ଦୁଝରଗଡ ପୌରପାଳିକାର ଅଧ୍ୟକ୍ଷା ନିକୁ ସାହୁ ସ୍ୱେଚ୍ଛାସେବକଙ୍କୁ ଉତ୍ସାହିତ କରିଥିଲେ ଏବଂ ପରିଷ୍କାର ପରିବେଶକୁ ଦେଖି ବହୁତ ପ୍ରଭାବିତ ହୋଇଥିଲେ ଓ ଚର୍ଚ୍ଚ ଅଫ୍ ଗଡ୍‌ର ସଦସ୍ୟମାନଙ୍କୁ ଧନ୍ୟବାଦ ଦେଇଥିଲେ। କେନ୍ଦୁଝରଗଡ ପୌରପାଳିକାର ନିର୍ବାହୀ ଅଧିକାରୀ ଲଳିତ କୁମାର ନାୟକ ସ୍ଥାନ ପରିଦର୍ଶନ କରିଥିଲେ ଏବଂ ଗର୍ବର ଭାବନା ପ୍ରକାଶ କରି ସ୍ୱର୍ଗୀୟ ମାତା ନୂତନ ଯିରୁଶାଲମଙ୍କୁ ମଧ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ଏହିପରି ସ୍ୱଚ୍ଛ ସେବା କାର୍ଯ୍ୟକୁ ବଜାୟରଖିବା ପାଇଁ ଓ ମିଳିମିଶି କାର୍ଯ୍ୟ କରିବା ପାଇଁ ପ୍ରୋତ୍ସାହିତ କରିଥିଲେ। ଚର୍ଚ୍ଚ ଅଫ୍ ଗଡ୍ ବିଶ୍ୱବ୍ୟାପୀ ସ୍ୱଚ୍ଛତା ଅଭିଯାନରେ ତେଲକୋଇ ବସଷ୍ଟାଣ୍ଡ ଚାରିପାଖ ଅଞ୍ଚଳର ପ୍ରାୟ ୩୦୦



ଜଣ ସ୍ୱେଚ୍ଛାସେବୀଙ୍କ ଅଂଶଗ୍ରହଣରେ ପରିଷ୍କାର କରିଥିଲେ। ଏହାପରେ ସେମାନେ କେନ୍ଦୁଝର ସହରର ରାସ୍ତା ପାର୍ଶ୍ୱରେ ସଫେଇ କରିଥିଲେ। ବୁଧବାର ଦିନ ପ୍ରାୟ ୧୧ଟା ସମୟରେ ପ୍ରାୟ ୩୦୦ ଜଣ ସ୍ୱେଚ୍ଛାସେବକ, ମୁଖ୍ୟତଃ ଚର୍ଚ୍ଚ ଅଫ୍ ଗଡ୍ ସଦସ୍ୟ ତେଲକୋଇ ବସଷ୍ଟାଣ୍ଡରେ ଏକତ୍ରିତ ହୋଇଥିଲେ। ଏହି ଅଂଚଳଟି ବେଆଇନ ଭାବରେ ଫୋପାଡି ଦିଆଯାଉଥିବା ଅଳିଆ ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିଲା। ସ୍ୱେଚ୍ଛାସେବକମାନେ ପ୍ଲାଷ୍ଟିକ କପ୍, ଷ୍ଟ୍ର, ପ୍ଲାଷ୍ଟିକ ବ୍ୟାଗ୍, ବାକ୍ସ ଏବଂ ସ୍ନାକ୍ସ ରାପର୍ ସମେତ ବିଭିନ୍ନ ପ୍ରକାରର ଘରୋଇ ଅଳିଆ ସଂଗ୍ରହ କରିଥିଲେ। ୨୧ ତାରିଖରେ ଚର୍ଚ୍ଚ ପକ୍ଷରୁ କେନ୍ଦୁଝରରେ ୯୧୬୪ ତମ ବିଶ୍ୱବ୍ୟାପୀ ସ୍ୱଚ୍ଛତା ଅଭିଯାନ ଆୟୋଜନ କରାଯାଇଛି।

## ପାଟଣାରେ ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ

ତୁରୁମୁଙ୍ଗା,୨୨।୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକସ୍ତରୀୟ ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ ହୋଇଛି। ଶ୍ରୀଅନ୍ନ ଅଭିଯାନରେ ବୁଧବାର ବ୍ଲକ୍ କୃଷି ବିଭାଗ ତରଫରୁ ଏରେଣ୍ଡେଇ ଠାରେ ସ୍ୱେଚ୍ଛାସେବୀ ସଙ୍ଗଠନ ଭାରତ ସଂସ୍ଥା ପରିସରରେ ଶ୍ରୀବଳଭଦ୍ର ଚାଷୀ ଉତ୍ପାଦକ କମ୍ପାନୀ ଲିମିଟେଡ୍ ଓ ଏରେଣ୍ଡେଇ ଭାରତ ସଂସ୍ଥା ସାହଯୋଗରେ ଆୟୋଜିତ ଏ ନେଇ ସଭାରେ ମୁଖ୍ୟ ଅତିଥି ଭାବ ପାଟଣା ବ୍ଲକ୍ ଅଧ୍ୟକ୍ଷା ବୀଣାପାଣି ନାୟକ ଯୋଗ ଦେଇଥିଲେ।

ଭାଷ୍ୟକାର ପାର୍ଥ ସାରଥୀ ବେଜଙ୍କ ସଂଯୋଜନାରେ ଆୟୋଜିତ ସଭାରେ ସମ୍ମାନିତ ଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକଙ୍କ ପାଟଣା ବ୍ଲକ୍ ପ୍ରତିନିଧି କମଳା କାନ୍ତ ଦାଶ, ୨୩ନମ୍ବର୍ ଜୋନ ଜିଲ୍ଲାପରିଷଦ ସଦସ୍ୟା ରୁନୁ ମହାନ୍ତ, ପୂର୍ବତନ ବ୍ଲକ୍ ଅଧକ୍ଷ ବିଶ୍ୱନାଥ ନାୟକ, ମୂଷାଖୋରୀ ସରପଞ୍ଚ ଭାମାମଣି ଦାସ, ଜିଲ୍ଲା କୃଷି ଅଧିକାରୀ କବିତା ବେହେରା, ବ୍ଲକ୍ କୃଷି ଅଧିକାରୀ ବର୍ଷା ବୈଶାଳୀ, ବ୍ଲକ୍ ଯୋଗାଣ ଅଧିକାରୀ ଦିବ୍ୟ ରାଜ ଭୋଇ, ଭାରତ ସ୍ୱେଚ୍ଛାସେବୀ ସଂଗଠନର ସମ୍ପାଦକ ନବ କିଶୋର ମିଶ୍ର, ଅଞ୍ଚଳ ଅଧିକାରୀ ଶିବନାଥ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ କୃଷି ଅଧିଦର୍ଶକ ଦୁର୍ଗା ଚରଣ ତ୍ରିପାଠୀ, ଅଭୟ ଚରଣ ରାଉତ, ଶ୍ରୀବଳଭଦ୍ର ଏଗ୍ରିକଲଚର ଫାର୍ମର



ପ୍ରଡ୍ୟୁସ କମ୍ପାନୀର ଦୀନକୃଷ୍ଣ ମହାନ୍ତ, ରଣଜିତ ମହାନ୍ତ, ତ୍ରିଲୋଚନ ମହାନ୍ତ ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ୨ଶହରୁ ଊର୍ଦ୍ଧ୍ୱ ସ୍ୱୟଂ ସହାୟିକା ଗ୍ରୁପର ମହିଳା ଉପସ୍ଥିତ ଥିବାବେଳେ ପ୍ରଥମ ଦିନରେ କ୍ୱିଣ୍ଟାଲ ପ୍ରତି ୪୮୮୬ ଟଙ୍କାରେ ୧୯ ଜଣ ଚାଷୀଙ୍କ ଠାରୁ ୧୭ କ୍ୱିଣ୍ଟାଲ ୫୦ କେଜି ମାଣ୍ଡିଆ କିଣା ଯାଇଥିଲା। ବ୍ଲକ୍ ଅଞ୍ଚଳରେ ୧ ହଜାର ୩୫ ଜଣ ଚାଷୀ ୫୦୦ ହେକ୍ଟରରେ ମାଣ୍ଡିଆ ଚାଷ କରିଛନ୍ତି। ଆସନ୍ତା ମାର୍ଚ୍ଚ ମାସ ପର୍ଯ୍ୟନ୍ତ ସମସ୍ତ ଚାଷୀଙ୍କ ଠାରୁ ମାଣ୍ଡିଆ କିଣାଯିବ ବୋଲି ବ୍ଲକ୍ କୃଷି ଅଧିକାରୀ ବର୍ଷା ବୈଶାଳୀ କହିଛନ୍ତି।

## ଚୋରି ଘଟଣାରେ ୨ ନାବାଳକ ସହ ମୁଖ୍ୟ ଅଭିଯୁକ୍ତ ଗିରଫ



ଯୋଡ଼ା, ୨୨।୧( ସମିସ): ଯୋଡ଼ା ଥାନା ଅଧୀନ ବାଂଶପାଣି ଅଞ୍ଚଳର ଏକ ମୋଟରପାର୍ଟସ୍ ଦୋକାନ ଆଜବେଷ୍ଟସ୍ ଭାଙ୍ଗି ପ୍ରାୟ ଅଢେଇ ଲକ୍ଷ ଟଙ୍କା ମୂଲ୍ୟରେ ମୋଟର ପାର୍ଟସ ଚୋରି ହୋଇଛି। ଏହି ଘଟଣାରେ ଯୋଡ଼ା ପୁଲିସ ୨ ନାବାଳକ ସମେତ ମୁଖ୍ୟ ଅଭିଯୁକ୍ତ ବାଂଶପାଣି ଅଞ୍ଚଳର ଅମିତ ମୁଣ୍ଡାଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ଗତ ୧୭ ତାରିଖ ରାତିରେ ଏହି ଚୋରି ଘଟଣାଟି ଘଟିଥିବା ବେଳେ ଏନେଇ ଦୋକାନର ମାଲିକ ରାହୁଲ କେଜ୍ରିୱାଲ ଯୋଡ଼ା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୁକ୍ତଙ୍କଠାରୁ ସମସ୍ତ ଚୋରି ସାମଗ୍ରୀ ଜବତ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ ସାମଲ ସୂଚନା ଦେଇଛନ୍ତି। ଏନେଇ ଯୋଡ଼ା ଥାନାରେ ମାମଲା ରୁଜୁ ହୋଇଛି।

## ୫୦ ଲିଟର ମଦ ଜବତ, ୩ ଗିରଫ

ହାଟଡ଼ିହୀ,୨୨।୧(ସମିସ): ହାଟଡ଼ିହୀ ବ୍ଲକର ବିଭିନ୍ନ ଅଞ୍ଚଳରେ ଚୋରା ମଦ କାରବାରବେଳେ ଅବକାରୀ ବିଭାଗ ପକ୍ଷରୁ ଅତର୍କିତ ଚଢ଼ଉ କରାଯାଇଛି। ପୃଥକ ପୃଥକ ୩ଟି ସ୍ଥାନରେ ଚଢ଼ଉ କରି ୫୦ ଲିଟରରୁ ଊର୍ଦ୍ଧ୍ୱ ଦେଶୀ ଓ ବିଦେଶୀ ମଦ ଜବତ କରିବା ସହିତ ୩ ଜଣଙ୍କୁ ଅବକାରୀ ବିଭାଗ ଗିରଫ୍ କରିଛି। ଜିଲ୍ଲା ଅବକାରୀ ଅଧିକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଇନ୍ସପେକ୍ଟର ବ୍ରଜମୋହନ ମଲ୍ଲିକଙ୍କ ନେତୃତ୍ୱରେ ନନ୍ଦିପଦା ଥାନା ଶାଳକଣିଆଁ, ଆନନ୍ଦପୁର ଥାନା ପୁରୁଣାଘାଟି ଓ ସୋସୋ ଥାନା ଅଧୀନସ୍ଥ ସୋସୋ ଗ୍ରାମରେ ଚଢ଼ଉ ୫୦ଲିଟରରୁ ଊର୍ଦ୍ଧ୍ୱ ଦେଶୀ ଓ ବିଦେଶୀ ମଦ ଜବତ୍ କରିଥିଲେ। ସୋସୋ ଗ୍ରାମର ବ୍ରହ୍ମାନନ୍ଦ ସିଂ ନିଜ ଦୋକାନ ଘରେ ଚୋରାରେ ବିଦେଶୀ ମଦ ବିକ୍ରି କରୁଥିବା ବେଳେ ଅବକାରୀ ବିଭାଗ ଚଢ଼ଉ କରି ବିପୁଳ ପରିମାଣର ମଦ ଜବତ୍ କାରିଥିଲା। ଏହି ଘଟଣାରେ ତିନୋଟି ମାମଲା ରୁଜୁ ହୋଇଛି। ଏହି ଘଟଣାରେ ପୁରୁଣାଘାଟି ଗ୍ରାମର ରାଜେଶ ହୋ(୩୦), ଶାଳକଣିଆଁ ଗ୍ରାମର ପଦ୍ମଲୋଚନ ମୁଦୁଲି(୫୯) ଓ ସୋସୋ ଗ୍ରାମର ବ୍ରହ୍ମାନନ୍ଦ ସିଂ(୫୯) ଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କ ଠାରୁ ଗୋଟିଏ ବାଇକ୍ ମଧ୍ୟ ଜବତ୍ କରାଯାଇଥିବା ନେଇ ଇନ୍ସପେକ୍ଟର ବ୍ରଜମୋହନ ମଲ୍ଲିକଙ୍କ ସୂଚନା ଦେଇଛନ୍ତି।

## ବିରଗୋବିନ୍ଦପୁର ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଆନନ୍ଦପୁର,୨୨।୧(ସମିସ): ଘସିପୁରା ବ୍ଲକ୍ ବିରଗୋବିନ୍ଦପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଶୋକ କୁମାର ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଘସିପୁରା ଗୋଷ୍ଠୀ ଶିକ୍ଷାଧିକାରୀ ସଦ୍ୟସ୍ନାନ ପଣ୍ଡା ମୁଖ୍ୟଅତିଥି, ଏବିଇଓ ହାଡିବନ୍ଧୁ ସାହୁ ବିଶେଷ ଅତିଥି, ପ୍ରାକ୍ତନ ପ୍ରଧାନଶିକ୍ଷକ କାଳନ୍ଦୀଚରଣ ମହାପାତ୍ର, ଘସିପୁରା ଏସଏଚଜି ସଂଘ ସଭାପତି ଛବିରାଣୀ ମିଶ୍ର, ପରିଚାଳନା କମିଟି ସଭାପତି ନିରଞ୍ଜନ ନାଇକ, ପଞ୍ଚସଖା ସେତୁ ସଭାପତି ପ୍ରଦୀପ କୁମାର ପତି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଥିଲେ। ପରେ ବାର୍ଷିକ କ୍ରୀଡ଼ାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସହକାରୀ ଶିକ୍ଷକ ମନୋଜ କୁମାର ବେଜ, ରମାମଣି ମହାପାତ୍ର, ଦୀପାଞ୍ଜଳି ସାହୁ, ପ୍ରତିମା ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ବାଉଁଶଗଡ଼-କଣ୍ଟିପାଳ ଧାନମଣ୍ଡି ପରିଦର୍ଶନ

ଆନନ୍ଦପୁର,୨୨।୧(ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ୍ ଅଧୀନ ପଦ୍ମପୁର, ବାଉଁଶଗଡ଼ ଓ କଣ୍ଟିପାଳ ଆଦି ଧାନମଣ୍ଡୀକୁ ଆଜି ବିଜେପି କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ମହେଶ୍ୱର ସାହୁ ପରିଦର୍ଶନ କରିବା ସହିତ ଚାଷୀମାନଙ୍କ ସହିତ ଆଲୋଚନା କରିଛନ୍ତି। ଚଳିତବର୍ଷ ଖରିଫ୍ ଧାନ କିଣା କାରବାରକୁ ଶୃଙ୍ଖଳାର ସହିତ କରିବା ପାଇଁ ରାଜ୍ୟ ସରକାର ବ୍ୟାପକ ବ୍ୟବସ୍ଥା କରିଛନ୍ତି। ଚାଷୀମାନେ ଧାନ ଦେବାର ୪୮ ଘଣ୍ଟା ମଧ୍ୟରେ ସେମାନଙ୍କର ଆକାଉଣ୍ଟକୁ ପାଉଣା ଆସିବ ବୋଲି ଶ୍ରୀ ସାହୁ କହିଛନ୍ତି। ଧାନ କିଣା କାରବାରରେ ଯେଉଁ ମିଲର କିମ୍ବା ପ୍ରଶାସନିକ ଅଧିକାରୀମାନେ ଅସାଧୁ ଉପାୟ ଅବଲମ୍ବନ କରିବେ ତଥା କଟ୍‌ନୀଛଟନୀ କରୁଥିବା ଅଭିଯୋଗ ହେଲେ ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହି କାର୍ଯ୍ୟକ୍ରମରେ ସର୍ବଶ୍ରୀ ପ୍ରାଣବନ୍ଧୁ ସାହୁ, କୈଳାଶ ଚନ୍ଦ୍ର ନାୟକ, ପୁରୁଷୋତ୍ତମ ସାହୁ, ବାଇଧର ସାହୁ, ରାହାସ ବିହାରୀ ସାହୁ, ସନ୍ୟାସୀ ପାତ୍ର, ବସନ୍ତ କୁମାର ସାହୁ, କେଦାର ସାମଲ, ମନୋରଞ୍ଜନ ସାହୁ ପ୍ରମୁଖଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦଙ୍କ ସମେତ ଶତାଧିକ ଚାଷୀ ଯୋଗଦାନ କରିଥିଲେ।

## ହାଇୱା ଚୋରି ଅଭିଯୋଗରେ ୩ ଗିରଫ

ହାଟଡ଼ିହୀ,୨୨।୧(ସମିସ): ପୁଲିସ ଜିମାରେ ଥିବା ଏକ ଟ୍ରକକୁ ଚୋରି କରିବା ଅଭିଯୋଗରେ ପୁଲିସ ତିନିଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ, ଗତ ୧୮ ତାରିଖରେ କେନ୍ଦୁଝର ଜିଲ୍ଲାର କନିଷ୍ଠ ଖଣି ଅଧିକାରୀ ସୁନିଲ ଦେହୁରୀ ବାଲି ଅବୈଧ ପରିବହନ ଅଭିଯୋଗରେ ଓଡ଼ି-୨୨ଏବି-୫୯୩୨ ନମ୍ବର ବିଶିଷ୍ଟ ଟ୍ରକଟିକୁ ଜବତ କରିଥିଲେ। ଏ ସଂକ୍ରାନ୍ତରେ ନନ୍ଦିପଦା ଥାନାରେ ମଧ୍ୟ ଏକ ଲିଖିତ ଅଭିଯୋଗ। ଏନେଇ ମାମଲା ରୁଜୁ ହୋଇଥିଲା। ଗତ ୨୦ ତାରିଖ ରାତି ପ୍ରାୟ ୯ଟା ବେଳେ ଜବତ୍ ଯାନଗୁଡ଼ିକୁ ଯାଞ୍ଚ କରିବା ସମୟରେ ଏସଆଇ ବିନିତା ଲାକ୍ରା ଦେଖିଥିଲେ ଯେ ଟ୍ରକ୍ ନଂ ଓଡ଼ି-୨୨ଏବି-୫୯୩୨ ରଖାଯାଇଥିବା ସ୍ଥାନରେ ନଥିଲା। ଏହି ସଂକ୍ରାନ୍ତରେ ତାଙ୍କ ରିପୋର୍ଟ ଆଧାରରେ ନନ୍ଦିପଦା ଥାନାରେ ଅନ୍ୟ ଏକ ମାମଲା ରୁଜୁ କରି ତଦନ୍ତ ଭାର ନିରୀକ୍ଷକ ବଳିଆ ବାରିକଙ୍କୁ ଦିଆଯାଇଥିଲା। ତଦନ୍ତରୁ ଜଣାଯାଇଥିଲା ଯେ, ଜବତ୍ ଯାନଟି ମାଲିକ ବିଶ୍ୱଜିତ ପୃଷ୍ଟି ତାଙ୍କ ଭାଇ ଦେବାଶିଷ ପୃଷ୍ଟି, ଉଭୟ ଗ୍ରାମ-ହାଟୁଆରୀ, ଥାନା-ତିହିଡ଼ି, ଜିଲ୍ଲା-ଭଦ୍ରକ ଏବଂ ଡ୍ରାଇଭର ସନ୍ୟାସୀ ବେହେରା, ଗ୍ରାମ-ବେରୁଣେଇ, ଥାନା-ତିହିଡ଼ି, ଜିଲ୍ଲା-ଭଦ୍ରକ, ନକଲି ଚାବି ବ୍ୟବହାର କରି ପୁଲିସ ଜିମାରୁ ଚୋରି କରିନେଇଥିଲେ। ଜବତ ବାଲିକୁ ୫୩ନଂ ରାଜ୍ୟ ରାଜପଥ ପାର୍ଶ୍ୱରେ ଢାଳି ଦେଇ, ସେମାନେ ଭଦ୍ରକ ଆଡ଼କୁ ପଳାଇଥିଲେ। ପରେ ବାସୁଦେବପୁର ଥାନା ଅଧୀନ ବ୍ରହ୍ମାନଗାଁ ଗ୍ରାମରେ ଥିବା ତାଙ୍କ ମାମୁ ଅର୍ଜୁନ ଚରଣ ସାହୁଙ୍କ ଘରକୁ ଯାଇ, ତାଙ୍କ ସହଯୋଗରେ ଉକ୍ତ ଟ୍ରକଟିକୁ ଲୁଚେଇ ରଖିଥିଲେ। ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ବିଶ୍ୱଜିତ ପୃଷ୍ଟି, ଦେବାଶିଷ ପୃଷ୍ଟି ଓ ଅର୍ଜୁନ ଚରଣ ସାହୁଙ୍କୁ ନନ୍ଦିପଦା ପୁଲିସ ଗିରଫ କରି କୋର୍ଟକୁ ଚାଲାଣ କରିବା ସହ ଚୋରି ହୋଇଥିବା ଟ୍ରକ୍ ଟିକୁ ଜବତ୍ କରି ନିଜ ହେପାଜତକୁ ଆଣିଛି।

## ଅବସରପ୍ରାପ୍ତ ସୈନିକଙ୍କୁ ଶ୍ରଦ୍ଧାଞ୍ଜଳି



ଆନନ୍ଦପୁର,୨୨।୧(ସମିସ): ୧୯୭୧ ପାକିସ୍ଥାନ ସହିତ ଯୁଦ୍ଧରେ ନିଜର ବିରତ୍ୱ ପ୍ରଦର୍ଶନ କରିଥିବା ଆନନ୍ଦପୁର ବ୍ଲକ୍ ମୋଚିନ୍ଦା ଗ୍ରାମର ଅବସରପ୍ରାପ୍ତ ସୈନିକ ମଥୁରା ସାହୁଙ୍କ ଶ୍ରଦ୍ଧବାର୍ଷିକ ଅବସରରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଆନନ୍ଦପୁର ସୈନିକ ସଂଘର ସଭାପତି ସୁବେଦାର ମେଜର ଅଭିମନ୍ୟୁ ସାହୁ, ସମ୍ପାଦକ କୈବଲ୍ୟ ବେହେରା, ସଦସ୍ୟ ବାବୁଲି ବେହେରା, ପ୍ରଭାକର ବିଶ୍ୱାଳ, ବିଦ୍ୟାଧର ସାମଲ, ସନ୍ତୋଷ ଦାସ, ପ୍ରଫୁଲ୍ଲ ସାହୁ, ବରିଷ୍ଠ ସାମ୍ବାଦିକ ଶତ୍ରୁଘ୍ନ ସାହୁ ପ୍ରମୁଖ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଦେଶପାଇଁ ତାଙ୍କର ତ୍ୟାଗ ସବୁଦିନ ପାଇଁ ମନେ ରହିବ ବୋଲି ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ସତ୍‌ସଂଗ ଅନୁଷ୍ଠିତ ହୋଇଥିବାବେଳେ ପରେ ସ୍ଥାନୀୟ କଣ୍ଠଶିଳ୍ପୀଙ୍କ ଦ୍ୱାରା ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ପୁତ୍ର ରଂଜିତ୍ ସାହୁ, ବିଜୟ ସାହୁ, ଅଜୟ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/22 (ଚୁକ୍ତିଭିତ୍ତିକ ପଦବୀ)**

| ପୋଷ୍ଟର ନାମ | ଖାଲି ପଦବୀ | 31.12.2025 ରେ ବୟସ (ବର୍ଷ) | |
|---|---|---|---|
| | | ସର୍ବନିମ୍ନ | ସର୍ବାଧିକ |
| ଉପାଧ୍ୟକ୍ଷ (ୟୁଏକ୍ସ) | 1 | 40 | 50 |
| ଉପ-ଉପାଧ୍ୟକ୍ଷ (ୟୁଏକ୍ସ) | 1 | 36 | 44 |
| ସହାୟକ ଉପାଧ୍ୟକ୍ଷ (ୟୁଏକ୍ସ) | 1 | 32 | 40 |
| ବରିଷ୍ଠ ସ୍ୱତନ୍ତ୍ର କାର୍ଯ୍ୟନିର୍ବାହୀ (ୟୁଆଇ ଏବଂ ୟୁଏକ୍ସ) | 3 | 28 | 37 |

**ବିଜ୍ଞାପନ ସଂ. CRPD/SCO/2025-26/22 (ନିୟମିତ ପଦବୀ)**

| ପୋଷ୍ଟର ନାମ | ଗ୍ରେଡ୍ | ଖାଲି ପଦବୀ | 31.12.2025 ରେ ବୟସ (ବର୍ଷ) | |
|---|---|---|---|---|
| | | | ସର୍ବନିମ୍ନ | ସର୍ବାଧିକ |
| ଉପ-ପ୍ରବନ୍ଧକ (ୟୁଆଇ ଏବଂ ୟୁଏକ୍ସ) | ଏମ୍ଏମ୍‌ଜିଏସ୍-II | 6 | 25 | 35 |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/ web/ careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query)ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 16.01.2026 ରୁ 05.02.2026 ପର୍ଯ୍ୟନ୍ତ ।**

ସ୍ଥାନ: ମୁମ୍ବାଇ
ତାରିଖ: 16.01.2026
ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)


# ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ

ତେଲକୋଇ,୨୨।୧(ସମିସ): କେନ୍ଦୁଝର ଜିଲ୍ଲା ଅଧୀନ ତେଲକୋଇ ବ୍ଲକସ୍ଥିତ ଓରିଆ ଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଅଧକ୍ଷ ରଘୁନାଥ ପରିଡ଼ାଙ୍କ ସଭାପତିତ୍ୱରେ ବିଦ୍ୟାଳୟର ବାର୍ଷିକ ଉତ୍ସବ 'ସଂଗମ ୨. ୦' ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମରେ ତେଲକୋଇ ବ୍ଲକ୍ ଉନ୍ନୟନ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନାଏକ, ତହସିଲଦାର ଅନୁପମା ମୁର୍ମୁ, ବିଧାୟକଙ୍କ ପ୍ରତିନିଧି



ପଦ୍ମଲୋଚନ ସାହୁ ଏବଂ ସିଡିପି ଓ ସୀମା ଦାସ ଅତିଥି ଭାବେ ଯୋଗଦାନ କରିଥିଲେ। ବର୍ତ୍ତମାନ ସମାଜରେ ଶିକ୍ଷାର ଭୂମିକା ତଥା ତାହାର ଲକ୍ଷ୍ୟ କିପରି ସାଧିତ ହେବା ଆବଶ୍ୟକ ସେହି ବିଷୟରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ଅଧକ୍ଷ ବାର୍ଷିକ ବିବରଣୀର ସୂଚନା ପ୍ରଦାନ କରିବା ସହ ବିଦ୍ୟାଳୟରେ ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହାପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ବେହେରା ଓ ଶିକ୍ଷକ ସତ୍ୟକୃଷ୍ଣ ଦାସ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଚିତ୍ତରଞ୍ଜନ ସାହୁ, ପରିକ୍ଷିତ ଓଝା, ଅନୁଭବ ରାଉତ, ବିଶ୍ୱଭୂଷଣ ମହାନ୍ତ, ପିଙ୍କିରାଣୀ ବରାଳ, ବିନୋଦ ଚନ୍ଦ୍ର ଓରାମ, ସଞ୍ଜୟ କୁମାର ବେହେରା, ଜୁଗଳ କିଶୋର ସାହୁ, ରଞ୍ଜନା ଖରିଦା, ମିର ହେଦାତୁଲା, ବିଶ୍ୱଜିତ ବେହେରା, ନିବେଦିତା ମହାନ୍ତ, ନିତୁରାଣୀ ରାଉତ, ଦେବରାଜ ଲାକ୍ରା ସହଯୋଗ କରିଥିବାବେଳେ ସୁଦର୍ଶନ ଲାକ୍ରା ଧନ୍ୟବାଦ ଅର୍ପଣ କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ଯାହାର ମନରେ କିଛି କାମନା ନ ଥାଏ, ତାହାର କିଛି ଭୟ ମଧ୍ୟ ନ ଥାଏ।
-ଗୌତମ ବୁଦ୍ଧ

## ଆମେରିକାର ପଛଘୁଞ୍ଚା!

ଇରାନ୍ ବିରୋଧରେ କଠୋର ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଘୋଷଣା କରିଥିବା ଆମେରିକା ହଠାତ୍ ପଛଘୁଞ୍ଚା ଦେବା ପରେ ଅନେକ କଳ୍ପନାଜଳ୍ପନା ଆରମ୍ଭ ହୋଇଛି। 'ଇରାନ୍‌ର ସର୍ବୋଚ୍ଚ ଶାସନ ମୁଖ୍ୟ ଆୟାତୋଲ୍ଲା ଖେମିନିଙ୍କ ୪୦ ବର୍ଷର ରାଜତ୍ୱର ଅନ୍ତ ହେବାକୁ ଯାଉଛି' ବୋଲି ଆମେରିକା ଘୋଷଣା କରିବା ପରେ ଇରାନ୍‌ର ପ୍ରତ୍ୟୁତ୍ତର ଥିଲା 'ଖେମିନିଙ୍କ ପ୍ରତି ଉଠୁଥିବା ହାତ କାଟି ଦିଆଯିବ ଏବଂ ବିଶ୍ୱ ଆଉ ଏକ ଯୁଦ୍ଧ ଦେଖିବ'। ଏହିଭଳି ଉଚ୍ଚ ଓ ଉତ୍ତେଜନାପୂର୍ଣ୍ଣ ଧମକଚମକ ପରେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଅବଶ୍ୟାମ୍ଭାବୀ ହୋଇପଡ଼ିଥିଲା। କିନ୍ତୁ ଆମେରିକାର କାର୍ଯ୍ୟାନୁଷ୍ଠାନ ବିଳମ୍ବିତ ହେଉଥିବାରୁ ଇରାନ୍‌ର ଧମକ ଆଗରେ ଆମେରିକା ନଇଁ ଯାଇଛି କି ଏହିଭଳି ପ୍ରଶ୍ନ ଉଠୁଛି। ଏକଜିଦିଆ ଟ୍ରମ୍ପ ଏତେ ଶୀଘ୍ର ପଛଘୁଞ୍ଚା ଦେଇ ନ ପାରନ୍ତି। ତଥାପି ଇରାନ୍ ବିରୋଧରେ ଆମେରିକା ତତ୍କାଳ କୌଣସି ପଦକ୍ଷେପ ନେବା ସ୍ଥିତିରେ ନଥିବା ପରି ଜଣାପଡୁଛି। ମଧ୍ୟପ୍ରାଚ୍ୟର ଚିତ୍ରପଟ ହଠାତ୍ ବଦଳିଯିବା ପଛରେ କୂଟନୀତି ବିଶାରଦମାନେ ମୁଖ୍ୟତଃ ପାଞ୍ଚଟି କାରଣକୁ ଦର୍ଶାଉଛନ୍ତି।

ପ୍ରଥମତଃ, କାତାର ସମେତ ମଧ୍ୟପ୍ରାଚ୍ୟରେ ଆମେରିକା ସର୍ବାଧିକ ଆଣବିକ ପ୍ରକଳ୍ପମାନ କାର୍ଯ୍ୟକ୍ଷମ ଅଛି। ଆମେରିକା ଆକ୍ରମଣର ପ୍ରତ୍ୟୁତ୍ତରରେ ଇରାନ୍ ସେହିସବୁ ସ୍ଥାନ ଉପରେ ଆକ୍ରମଣ କରିବ ଏବଂ କାତାର ଏକପ୍ରକାର ଧ୍ୱଂସସ୍ତୂପରେ ପରିଣତ ହେବ। ଇରାନ୍-ଇସ୍ରାଏଲ୍‌ର ବାରଦିନିଆ ଯୁଦ୍ଧରେ ଇରାନ୍‌ର କ୍ଷେପଣାସ୍ତ୍ର କ୍ଷମତା କେତେ ତାହା ସମଗ୍ର ବିଶ୍ୱ ଦେଖିସାରିଛି। ଏପରିକି ବିଶ୍ୱର ସର୍ବୋତ୍ତମ ବାୟୁପ୍ରତିରକ୍ଷା ପ୍ରଣାଳୀ ରୂପେ ସ୍ୱୀକୃତ ଇସ୍ରାଏଲ୍‌ର ଆଇରନ୍ ଡୋମ୍ ମଧ୍ୟ ଇରାନ୍‌ର ବାଲିଷ୍ଟିକ୍ କ୍ଷେପଣାସ୍ତ୍ରକୁ ପ୍ରତିହତ କରିପାରି ନ ଥିଲା। ତେଣୁ ଆମେରିକାର ଆକ୍ରମଣରେ ଇରାନ୍ ତ କ୍ଷତିଗ୍ରସ୍ତ ହେବ, ସର୍ବାଧିକ କ୍ଷତି ସହିବେ ଇସ୍ରାଏଲ୍ ଓ ଆମେରିକା। ଏପରିକି ଯଦି ବା ଖେମେନି କ୍ଷମତାଚ୍ୟୁତ ହୋଇ ଆମେରିକା ତତ୍ତ୍ୱାବଧାନରେ ଇରାନ୍‌ରେ ଗଣତନ୍ତ୍ର ଶାସନ ପ୍ରତିଷ୍ଠା ହେବ ତାହା ଯେ ଇରାନ୍‌ର ପ୍ରଚଣ୍ଡ ମୌଳବାଦୀ ଓ ଦୁର୍ଦ୍ଦର୍ଷ 'ଇସ୍‌ଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପ'ର ଦୌରାତ୍ମ୍ୟରୁ ଅଧିକ ଦିନ ତିଷ୍ଠି ପାରିବ ନାହିଁ ଏବଂ ଜନବିକ୍ଷୋଭ ଆହୁରି ଉଗ୍ର ହେବ ଇରାକ୍, ସିରିଆ ଓ ଆଫଗାନିସ୍ତାନ ଉଦାହରଣରୁ ପ୍ରମାଣିତ। ସାମ୍ପ୍ରତିକ ସ୍ଥିତିରେ ମଧ୍ୟପ୍ରାଚ୍ୟରୁ ଯୋଜନାବଦ୍ଧ ଓ ଲକ୍ଷ୍ୟବଦ୍ଧ ଆକ୍ରମଣ କରିବା ସ୍ଥିତିରେ ମଧ୍ୟ ଆମେରିକା ନାହିଁ। ଏଥିପାଇଁ ଯେଉଁସବୁ ଆରବୀୟ ଦେଶମାନଙ୍କ ସହାୟତା ନେବାକୁ ପଡ଼ିବ ସେମାନେ ଇରାନ୍‌ର ଶିକାର ହେବା ନିଶ୍ଚିତ। ତେଣୁ ଏକମାତ୍ର ବିକଳ୍ପ ଭାବରେ ଆମେରିକା ଯଦି ଏୟାରଷ୍ଟ୍ରାଇକ୍ କରିବ ତେବେ ଇରାନ୍‌ର ଅଧିକ ନାଗରିକ ମୃତାହତ ହେବେ। ଏହାପରେ ଇରାନ୍‌ରେ ହେଜବୋଲ୍ଲା, ହମାସ୍, ଆଇଏସ୍ ସକ୍ରିୟ ହେବେ ଏବଂ ମଧ୍ୟପ୍ରାଚ୍ୟରେ ଥିବା ଆମେରିକାର ବାଣିଜ୍ୟ ଓ ଆଣବିକ କେନ୍ଦ୍ର ସମେତ ଲୋହିତସାଗରରେ ନୌବାଣିଜ୍ୟ କାରବାର ଅଧିକ ବିପଦାପନ୍ନ ହୋଇପଡ଼ିବ। ଏଥିଲାଗି ଆମେରିକା ହିଁ ଅଧିକ ସମାଲୋଚିତ ହେବା ସାର ହେବ। ୧୯୫୩ରେ ଆମେରିକାର ଅନୁରୂପ କାର୍ଯ୍ୟାନୁଷ୍ଠାନରେ ଇରାନ୍‌ର ନିର୍ବାଚିତ ପ୍ରଧାନମନ୍ତ୍ରୀ ମହମ୍ମଦ ମୋସାଦ୍ ଗାଦିଚ୍ୟୁତ ହୋଇ ଶାହା ମହମ୍ମଦ ରେଜା ପହଲଭିଙ୍କ ହାତକୁ ଶାସନ କ୍ଷମତା ଯାଇଥିଲା। କିନ୍ତୁ ତାହା ବେଶୀଦିନ ତିଷ୍ଠି ପାରିନଥିଲା। ଏଣୁ ଟ୍ରମ୍ପଙ୍କୁ ତାଙ୍କ ପରାମର୍ଶଦାତାମାନେ ସେହି ଇତିହାସ ସ୍ମରଣ କରାଇ ଦେଇଥିବେ। ଏଥିସହିତ ୧୯୮୦ରେ ଇରାନ୍‌ରୁ ଆମେରକୀୟ ନାଗରିକଙ୍କୁ ଉଦ୍ଧାର ପାଇଁ ଉଦ୍ଦିଷ୍ଟ ଆମେରିକାର 'ଅପରେସନ୍ ଇଗଲ୍ କ୍ଲ'ର ଚରମ ବିଫଳତା ବିଷୟରେ ମଧ୍ୟ ଟମ୍ପଙ୍କୁ ଉପଦେଷ୍ଟାମାନେ ଚେତାଇ ଦେଇଥିବେ।

ଦ୍ୱିତୀୟତଃ, ବିଶ୍ୱର ସାମଗ୍ରିକ ସାମୁଦ୍ରିକ ତୈଳ ବାଣିଜ୍ୟର ଏକ-ଚତୁର୍ଥାଂଶ ସମ୍ପନ୍ନ ହେଉଥିବା ଷ୍ଟ୍ରେଟ୍ ଅଫ୍ ହର୍ମୁଜକୁ ଯଦି ଇରାନ୍ ସମ୍ପୂର୍ଣ୍ଣ ବନ୍ଦ କରିଦିଏ ତେବେ ବିଶ୍ୱରେ ଯେଉଁ ତୈଳସଙ୍କଟ ସୃଷ୍ଟି ହେବ ସେଥିରେ ସର୍ବାଧିକ ପ୍ରଭାବିତ ହେବେ ୟୁରୋପୀୟ ସଂଘ ଏବଂ ଉତ୍ତର ଗୋଲାର୍ଦ୍ଧର ଦେଶମାନେ। ତୃତୀୟତଃ, ଇରାନ୍‌ର ଆଣବିକ ଅସ୍ତ୍ର କ୍ଷମତା କେତେ ତାହା ଏପର୍ଯ୍ୟନ୍ତ ବିଶ୍ୱ ଜାଣିପାରିନାହିଁ। ସମ୍ଭାବ୍ୟ କାର୍ଯ୍ୟାନୁଷ୍ଠାନରେ ଯଦି ଇରାନ୍‌ର ଆଣବିକ କେନ୍ଦ୍ରଗୁଡ଼ିକ କ୍ଷତିଗ୍ରସ୍ତ ହେବ ତେବେ ସମଗ୍ର ମଧ୍ୟପ୍ରାଚ୍ୟ, ୟୁରେସିଆ ଧ୍ୱଂସମୁଖକୁ ଚାଲିଯିବ। ଚତୁର୍ଥରେ, ଟ୍ରମ୍ପ ଅବିଳମ୍ବେ ବୁଝିପାରିଛନ୍ତି ଯେ ଇରାକ୍ ଓ ଆଫଗାନିସ୍ତାନ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ସମୟରେ ଆମେରିକା ପଛରେ ଥିବା 'ନାଟୋ' ସଦସ୍ୟମାନେ ଏବେ ତାଙ୍କ ପଛରେ ନାହାନ୍ତି। ଗ୍ରୀନ୍‌ଲାଣ୍ଡ ପ୍ରସଙ୍ଗରେ ଯେଭଳି ଭାବେ 'ନାଟୋ' ସଦସ୍ୟମାନେ ଆମେରିକା ବିରୋଧରେ ପ୍ରତୀକାତ୍ମକ ରଣନୈତିକ ପ୍ରସ୍ତୁତି ପ୍ରଦର୍ଶନ କରିଛନ୍ତି ଏବଂ ପ୍ରତ୍ୟକ୍ଷ ସମାଲୋଚନା କରିଛନ୍ତି ସେଥିରୁ ସନ୍ଦେଶ ମିଳୁଛି ଯେ ସବୁବେଳେ ଆମେରିକାର ପ୍ରଭୁତ୍ୱ ସ୍ୱୀକାର କରିବା ସ୍ଥିତିରେ ସେମାନେ ନାହାନ୍ତି। ଏଭଳି ପରିସ୍ଥିତିରେ ସାମରିକ ଓ ବାଣିଜ୍ୟରେ ଆମେରିକା ଏକଘରିକିଆ ହୋଇଯିବାର ଆଶଙ୍କା ଅଧିକ।

ପଞ୍ଚମରେ, ଆରବୀୟ ଦେଶଗୁଡ଼ିକ ବର୍ତ୍ତମାନ ପ୍ରଚଳିତ ରାଜକୀୟ ଶାସନତନ୍ତ୍ରରେ ହଠାତ୍ କୌଣସି ପରିବର୍ତ୍ତନ ଚାହୁଁନାହାନ୍ତି। ଯଦି ଆମେରିକା ସହାୟତାରେ ଇରାନ୍‌ରେ ଖେମିନିଙ୍କ ରାଜତ୍ୱର ଅନ୍ତ ଘଟି ଗଣତନ୍ତ୍ର ପ୍ରତିଷ୍ଠା ହେବ ତେବେ ତାହା ଅଚିରେ ମଧ୍ୟପ୍ରାଚ୍ୟର ଅନ୍ୟାନ୍ୟ ଦେଶମାନଙ୍କୁ ସଂକ୍ରମିତ ହୋଇ ଗଣତନ୍ତ୍ର ପ୍ରତିଷ୍ଠା ଦାବିରେ ଜନଆନ୍ଦୋଳନ ଉଗ୍ର ହେବ। ୨୦୧୦ ମସିହାରେ ଟ୍ୟୁନିସିଆ ପରି ଏକ କ୍ଷୁଦ୍ର ଦେଶର ସାମାନ୍ୟ ଜଣେ ଫଳବିକ୍ରେତାଙ୍କ ଆତ୍ମାହୁତି ଘଟଣାରୁ ଜନ୍ମ ନେଇଥିବା ଜନବିପ୍ଳବ(ଆରବ ବସନ୍ତ) ବାରଟି ମଧ୍ୟପ୍ରାଚ୍ୟ ଦେଶରେ ଶାସକ ପରିବର୍ତ୍ତନ କରିବାରେ ସମର୍ଥ ହୋଇଥିଲା। ଏହାକୁ ଏ ପର୍ଯ୍ୟନ୍ତ ଆରବୀୟ ଦେଶର ଶାସକମାନେ ଭୁଲି ନାହାନ୍ତି ଏବଂ ତାହାର ପୁନରାବୃତ୍ତି ଚାହୁଁନାହାନ୍ତି। ତେଣୁ ଆରବୀୟ ଦେଶ ସମେତ ଇସ୍ରାଏଲ୍ ଆମେରିକା ଉପରେ ଖେମିନିଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବା ପାଇଁ ଯେଉଁ ଚାପ ପ୍ରୟୋଗ କରିଛନ୍ତି ତାହା ଆପାତତଃ ବିଶ୍ୱକୁ ଆଉ ଏକ ଯୁଦ୍ଧ ମୁହଁରୁ ସୁରକ୍ଷା ଦେବାରେ ଫଳପ୍ରଦ ହୋଇଛି ବୋଲି କୁହାଯାଇପାରେ। କିନ୍ତୁ ଅଦୂରଦର୍ଶୀ ଟ୍ରମ୍ପ ଏହାକୁ କେତେଦୂର ଗ୍ରହଣ କରିବେ ତା' ଉପରେ ବିଶ୍ୱଶାନ୍ତିର ଭବିଷ୍ୟତ ନିର୍ଭର କରୁଛି।

## ଓଡ଼ିଶାର ପ୍ରାକୃତିକ ଐଶ୍ୱର୍ଯ୍ୟ

ଡକ୍ଟର ସୁନ୍ଦର ନାରାୟଣ ପାତ୍ର

ଓଡ଼ିଶାର ଉଦ୍ଭିଦ ଓ ପ୍ରାଣୀ ସମ୍ପଦ ଆକର୍ଷଣୀୟ। କାରଣ ଏହା ଉତ୍ତରୀ ହିମାଳୟ ଏବଂ ଦକ୍ଷିଣ ଉପଦ୍ୱୀପୀୟ ଡେକାନ ମାଳଭୂମି ଜାତୀୟ ଜୈବ ବିବିଧତାର ପ୍ରତିନିଧିତ୍ୱ କରେ। ଶାଳ ଓ ଅସଂଖ୍ୟ ଅନ୍ୟାନ୍ୟ ଉଦ୍ଭିଦ ସମୂହ ସହିତ ରଙ୍ଗବେରଙ୍ଗ ଜାତୀୟ ଅର୍କିଡ୍ ବା ଚିତ୍ରା ଓଡ଼ିଶାର ଜଙ୍ଗଲର ଶୋଭାବର୍ଦ୍ଧନ କରନ୍ତି। ହାତୀ, ବାଘ, ହରିଣ, ମୃଗ, ସରୀସୃପ, ବଜ୍ରକାପ୍ତା, ପ୍ରଜାପତି ଏବଂ ଅନ୍ୟାନ୍ୟ ବନ୍ୟପ୍ରାଣୀ ଓଡ଼ିଶାର ଜଙ୍ଗଲରେ ମୁକ୍ତ ଭାବରେ ବିଚରଣ କରନ୍ତି; ଡଲଫିନ୍, କୁମ୍ଭୀର, କଇଁଛ, ନୀଳରକ୍ତ କଙ୍କଡ଼ା, ପ୍ରବାସୀ ପକ୍ଷୀ ଏବଂ ଅସଂଖ୍ୟ ଅନ୍ୟାନ୍ୟ ଜଳଚର ପ୍ରାଣୀ ଏଠାରେ ସେମାନଙ୍କର ସର୍ବୋତ୍ତମ ଆଶ୍ରୟସ୍ଥଳ ପାଆନ୍ତି। ଓଡ଼ିଶା ହେଉଛି ଏକମାତ୍ର ଭାରତୀୟ ରାଜ୍ୟ, ଯେଉଁଠାରେ ତିନୋଟି ଦେଶୀୟ କୁମ୍ଭୀର ଜାତି ଯଥା ଘଡ଼ିଆଳ, ମଗର ଓ ବଉଳା ପ୍ରାକୃତିକ ଭାବରେ ରହିଛନ୍ତି।

ଓଡ଼ିଶାରେ ୧୯ଟି ସଂରକ୍ଷିତ କ୍ଷେତ୍ର ଅଛି, ଯେଉଁଥିରେ ଅଭୟାରଣ୍ୟ ଏବଂ ଜାତୀୟ ଉଦ୍ୟାନ ଅନ୍ତର୍ଭୁକ୍ତ, ଯାହା ରାଜ୍ୟର ମୋଟ ଭୌଗୋଳିକ କ୍ଷେତ୍ରର ୪.୩୬%। ଏହିସବୁ ସଂରକ୍ଷିତ ପ୍ରାକୃତିକ ପରିସଂସ୍ଥା ମଧ୍ୟରେ ଉଲ୍ଲେଖଯୋଗ୍ୟ ପାଞ୍ଚଟି ପ୍ରାକୃତିକ ଐଶ୍ୱର୍ଯ୍ୟ ହେଉଛି ଉତ୍ତରସୀମାରେ ଥିବା ଶିମିଳିପାଳ, ଦକ୍ଷିଣସୀମାରେ ଥିବା ମହେନ୍ଦ୍ରଗିରି, ମଧ୍ୟଭାଗରେ ଥିବା ସାତକୋଶିଆ, ଉପକୂଳବର୍ତ୍ତୀ ଅଞ୍ଚଳରେ ଥିବା ଭିତରକନିକା ଓ ଚିଲିକା। ୧୯୭୫ ମସିହାରେ ମିଳିତ ଜାତିସଂଘ ବିକାଶ କାର୍ଯ୍ୟକ୍ରମ ଏବଂ ଖାଦ୍ୟ ଓ କୃଷି ସଂଗଠନ ସହାୟତାରେ ଭିତରକନିକାରେ ବଉଳା, ସାତକୋଶିଆରେ ଘଡ଼ିଆଳ ଏବଂ ରାମତୀର୍ଥ (ଯଶିପୁର, ଶିମିଳିପାଳ)ରେ ମଗର କୁମ୍ଭୀର ସଂରକ୍ଷଣ ପାଇଁ ତିନୋଟି ପ୍ରକଳ୍ପ ଆରମ୍ଭ ହୋଇଥିଲା। ସାତକୋଶିଆରେ ଉଭୟ ଘଡ଼ିଆଳ ଓ ମଗର କୁମ୍ଭୀର ଅଛନ୍ତି।

ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳର ସମୁଦ୍ର ପତ୍ତନଠାରୁ ହାରାହାରି ଉଚ୍ଚତା ହେଉଛି ୯୦୦ ମିଟର। ସର୍ବୋଚ୍ଚ ଶିଖରଗୁଡ଼ିକ ହେଉଛି ଖଇରିବୁରୁ (୧୧୭୮ ମିଟର) ଓମେଘାସନୀ (୧୧୫୮ ମିଟର)। ୧୯୭୯ ମସିହାରୁ ଶିମିଳିପାଳର ୨,୨୦୦ ବର୍ଗ କିଲୋମିଟର କ୍ଷେତ୍ରଫଳ ଜଙ୍ଗଲ ଅଞ୍ଚଳ ଅଭୟାରଣ୍ୟର ମାନ୍ୟତା ପାଇଛି। ୧୯୮୬ ମସିହାରେ ଏହାମଧ୍ୟରେ ରହିଥିବା ୮୪୫. ୭୦ ବର୍ଗ କିଲୋମିଟରର କେନ୍ଦ୍ରୀୟ ଅଞ୍ଚଳକୁ ଜାତୀୟ ଉଦ୍ୟାନ ଭାବେ ଘୋଷଣା କରାଯାଇଛି। ୧୯୭୩ ମସିହାରେ ଭାରତରେ ଆରମ୍ଭ ହୋଇଥିବା ନଅଟି ବ୍ୟାଘ୍ର ପ୍ରକଳ୍ପର ପ୍ରଥମ ତାଲିକାରେ ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟକୁ ଅନ୍ତର୍ଭୁକ୍ତ କରାଯାଇଥିଲା। ୨୨.୦୬.୧୯୯୪ରେ ୫୫୬୯ ବର୍ଗ କିଲୋମିଟର ପରିମିତ ଜଙ୍ଗଲ ଜମିକୁ ନେଇ ଶିମିଳିପାଳରେ ଦେଶର ଅଷ୍ଟମ ସଂରକ୍ଷିତ ଜୈବମଣ୍ଡଳ ପ୍ରତିଷ୍ଠା କରାଯାଇଥିଲା। ୟୁନେସ୍କୋ ୨୦୦୯ ମସିହାରେ ଶିମିଳିପାଳକୁ ବିଶ୍ୱ ସଂରକ୍ଷିତ ଜୈବ ମଣ୍ଡଳ ଶୃଙ୍ଖଳରେ ଅନ୍ତର୍ଭୁକ୍ତ କରିଥିଲା। ୨୦୦୧ ମସିହାରେ ଅଧିସୂଚିତ ମୟୂରଭଞ୍ଜ ହାତୀ ସଂରକ୍ଷଣ ଅଞ୍ଚଳ ଶିମିଳିପାଳ ବନାଞ୍ଚଳର ଏକ ପ୍ରମୁଖ ଅଂଶକୁ ଅନ୍ତର୍ଭୁକ୍ତ କରେ। ଶିମିଳିପାଳ ପୂର୍ବରୁ ଗୃହପାଳିତ ମୁକ୍ତ ଖଇରୀ ବାଘ ପାଇଁ ଜଣାଶୁଣା ଥିବା ବେଳେ ଏବେ କଳା ବା କୃଷ୍ଣକାୟ ବାଘ ପାଇଁ ଚର୍ଚ୍ଚାରେ ଅଛି।

ମହେନ୍ଦ୍ରଗିରି ପାହାଡ଼ ଅଞ୍ଚଳ ଗଜପତି ଜିଲ୍ଲାରେ ଅବସ୍ଥିତ। କୋରାପୁଟ ଜିଲ୍ଲାର ଦେଓମାଳି (୧୬୭୨) ପରେ ମହେନ୍ଦ୍ରଗିରି (୧୫୦୧) ଓଡ଼ିଶାର ଦ୍ୱିତୀୟ ଉଚ୍ଚତମ ପାହାଡ଼। ଦୁଇଟି ସଂରକ୍ଷିତ ଜଙ୍ଗଲ (ଇଡୋନଗିରି ବା ଇନ୍ଦ୍ରଗିରି ଏବଂ ମହେନ୍ଦ୍ର ଆରଏଫ)କୁ ଆଚ୍ଛାଦିତ କରି ମାତ୍ର ୪୨.୫ ବର୍ଗ କିଲୋମିଟର (୪, ୨୫୦ ହେକ୍ଟର) ପରିମିତ ଏକ କ୍ଷୁଦ୍ର ଅଞ୍ଚଳକୁ ମହେନ୍ଦ୍ରଗିରି ଜୈବ ବିବିଧତା ଐତିହ୍ୟ ସ୍ଥଳ ଭାବରେ ଘୋଷଣା କରାଯାଇଛି। ଏକଦା ମହେନ୍ଦ୍ରଗିରି ବିବିଧ ବନ୍ୟଜୀବଙ୍କ ଭୂସ୍ୱର୍ଗ ଓ ମୁକ୍ତ ଚରାଭୂମି ଥିଲା। ଏବେ କିନ୍ତୁ ପରିସ୍ଥିତି ବିପରୀତ। ମହେନ୍ଦ୍ରଗିରି ପାହାଡ଼ ଜଙ୍ଗଲ ପରିସରକୁ ଜୈବମଣ୍ଡଳ ସଂରକ୍ଷଣ ସ୍ଥିତିକୁ ଉନ୍ନୀତ କରାଯିବା ଏବଂ ୟୁନେସ୍କୋର ବିଶ୍ୱ ଐତିହ୍ୟ ସ୍ଥଳର 'ଅସ୍ଥାୟୀ ତାଲିକା'ରେ ଅନ୍ତର୍ଭୁକ୍ତ କରାଯିବାର ସମୟ ଆସିଛି ତାହାର ହୃତଗୌରବ ଫେରି ପାଇବା ପାଇଁ।

ଓଡ଼ିଶାର ଭୌଗୋଳିକ କେନ୍ଦ୍ରରେ ଅବସ୍ଥିତ ସାତକୋଶିଆ ଓ ବାଇଶିପଲ୍ଲୀ ଅଭୟାରଣ୍ୟ ଯାହା ପାଞ୍ଚଟି ଜିଲ୍ଲା ଯଥା ଅନୁଗୁଳ, ଢେଙ୍କାନାଳ, କଟକ, ବୌଦ୍ଧ ଓ ନୟାଗଡ଼ରେ ବିସ୍ତୃତ, ୧୧୩୬.୭୦ ବର୍ଗ କିଲୋମିଟରର ଅଞ୍ଚଳ ପରିବ୍ୟାପ୍ତ। ଭୂଭାଗର ହାରାହାରି ଉଚ୍ଚତା ୩୭ ମିଟରରୁ ୯୩୨ ମିଟର ମଧ୍ୟରେ। ଏହାର ବିବିଧ ଅଞ୍ଚଳ, ଯେଉଁଥିରେ ସର୍ବନିମ୍ନ ସ୍ଥାନ କଟରଙ୍ଗ ଓ ସର୍ବୋଚ୍ଚ ସ୍ଥାନ ସୁନାଖଣିଆରେ ଅବସ୍ଥିତ। ସାତକୋଶିଆ ବନ୍ୟପ୍ରାଣୀ ଅଭୟାରଣ୍ୟ ୧୯୭୬ ମସିହାରେ ସୃଷ୍ଟି ହୋଇଥିଲା, ଯାହାର କ୍ଷେତ୍ରଫଳ ଥିଲା ୭୯୬ ବର୍ଗ କିଲୋମିଟର। ଏହାର ମୂଳ କ୍ଷେତ୍ରଫଳ ୪୪୦.୨୬ ବର୍ଗ କିଲୋମିଟର ଅଞ୍ଚଳ ୨୦୦୨ ମସିହାରେ ଘୋଷିତ ମହାନଦୀ ହାତୀ ଅଭୟାରଣ୍ୟର ଏକ ଅଂଶ। ଏହି ଅଭୟାରଣ୍ୟ ଦେଇ ପ୍ରବାହିତ ହୁଏ ମହାନଦୀ, ଯାହାର ପ୍ରାୟ ୨୨ କିଲୋମିଟର ଏକ ଗଭୀର ଗଣ୍ଡ ସୃଷ୍ଟି କରେ, ଯାହା ଘଡ଼ିଆଳ ଓ ମଗର କୁମ୍ଭୀରଙ୍କ ବାସସ୍ଥାନ। ଏହାକୁ ରାମସାର ସ୍ଥାନ (ଅନ୍ତର୍ଜାତୀୟ ଗୁରୁତ୍ୱର ଆର୍ଦ୍ରଭୂମି) ଭାବରେ ସ୍ୱୀକୃତି ଦିଆଯାଇଛି। ଏଠାରେ ୨୦୦୭ ମସିହାରେ ୯୬୩.୮୭ ବର୍ଗ କିଲୋମିଟର ଅଞ୍ଚଳ ପରିବ୍ୟାପ୍ତ ଅଞ୍ଚଳକୁ ନେଇ ଏକ ବ୍ୟାଘ୍ର ଅଭୟାରଣ୍ୟ ପ୍ରତିଷ୍ଠିତ ହୋଇଥିଲା।

କେନ୍ଦ୍ରାପଡ଼ା ଜିଲ୍ଲାର ବଙ୍ଗୋପସାଗର ଉପକୂଳରେ ଥିବା ଭିତରକନିକା ମାଙ୍ଗ୍ରୋଭ୍ ସ୍ୱାମ୍ପ ବା ଲୁଣା ଜଙ୍ଗଲ ଆର୍ଦ୍ର ଭୂମି ଚାରୋଟି ନଦୀ, ଯଥା ବ୍ରାହ୍ମଣୀ, ବୈତରଣୀ, ଧାମରା ଓ ପାଠଶାଳା ଦ୍ୱାରା ଗଠିତ ତ୍ରିକୋଣ ଭୂମିରେ ଅବସ୍ଥିତ। ଏହା ଲୁଣିଆ ପାଣି ବଉଳା କୁମ୍ଭୀର ଓ ପୃଥିବୀର ଦ୍ୱିତୀୟ ବୃହତ୍ତମ ଏସୀୟ ଜଳ ମନିଟରଙ୍କ ବହୁଳ ଜନସଂଖ୍ୟା ପାଇଁ ପ୍ରସିଦ୍ଧ। ସ୍ଥାନୀୟ ପକ୍ଷୀମାନଙ୍କ ବ୍ୟତୀତ ଶୀତକାଳରେ ପ୍ରବାସୀ ପକ୍ଷୀମାନେ ଏହି ଆର୍ଦ୍ରଭୂମିକୁ ଆସି ମୁକ୍ତ ଭାବରେ ବିଚରଣ କରନ୍ତି। ୧୯୭୫ ମସିହାରେ, ୬୭୨ ବର୍ଗକିଲୋମିଟର ଅଞ୍ଚଳକୁ ଭିତରକନିକା ବନ୍ୟପ୍ରାଣୀ ଅଭୟାରଣ୍ୟ ଭାବରେ ଘୋଷଣା କରାଯାଇଥିଲା। ୧୪୫ ବର୍ଗ କିଲୋମିଟର କ୍ଷେତ୍ରଫଳ ସହିତ ଏହି ଅଭୟାରଣ୍ୟର ମୂଳଅଂଶକୁ ସେପ୍ଟେମ୍ବର ୧୯୯୮ ମସିହାରେ ଜାତୀୟ ଉଦ୍ୟାନ ଭାବରେ ଅଧିସୂଚିତ କରାଯାଇଥିଲା। ୨୦୦୨ ମସିହାରେ ଏହାକୁ ରାମସାର ସ୍ଥଳ ଭାବରେ ମାନ୍ୟତା ମିଳିଥିଲା। ୧୯୯୭ ମସିହାରେ ସୃଷ୍ଟି ହୋଇଥିବା ଗହୀରମଥା ସାମୁଦ୍ରିକ ବନ୍ୟପ୍ରାଣୀ ଅଭୟାରଣ୍ୟ ଭିତରକନିକା ବନ୍ୟପ୍ରାଣୀ ଅଭୟାରଣ୍ୟ ଏବଂ ବଙ୍ଗୋପସାଗରର ଏକ ସଂଲଗ୍ନ ଅଂଶକୁ ସୀମାବଦ୍ଧ କରିଥାଏ। ଅଲିଭ୍ ରିଡଲେ ସାମୁଦ୍ରିକ କଇଁଛ ବହୁସଂଖ୍ୟାରେ ପ୍ରଶାନ୍ତ ମହାସାଗର ଏବଂ ଅନ୍ୟାନ୍ୟ ଅଞ୍ଚଳରୁ ଗହୀରମଥାର ଉପକୂଳ ଜଳକୁ ମିଳନ ଏବଂ ବସା ବାନ୍ଧିବା ପାଇଁ ଆସନ୍ତି। ୧୯୮୩ ମସିହାରୁ କଇଁଛ ଓ ସେମାନଙ୍କ ଅଣ୍ଡା ସଂଗ୍ରହ ଓ ବିପଣନ ଉପରେ ପ୍ରତିବନ୍ଧକ ଲଗାଯାଇଛି।

ଚିଲିକା ଲାଗୁନ୍ ବା ଲୁଣା ହ୍ରଦ ପୁରୀ, ଖୋର୍ଦ୍ଧା ଓ ଗଞ୍ଜାମ ଭଳି ତିନୋଟି ଉପକୂଳ ଜିଲ୍ଲା ଅଧୀନରେ ଆସେ। ଏହା ୧, ୦୫୫ ବର୍ଗ କିଲୋମିଟରର ଏକ ବିସ୍ତୃତ ଜଳକ୍ଷେତ୍ର ଆଚ୍ଛାଦିତ କରେ, ଯାହା ବର୍ଷା ଋତୁରେ ୧, ୧୬୫ ବର୍ଗ କିଲୋମିଟରକୁ ଫୁଲିଯାଏ ଏବଂ ଗ୍ରୀଷ୍ମ ଋତୁରେ ୯୦୬ ବର୍ଗ କିଲୋମିଟରକୁ ସଙ୍କୁଚିତ ହୁଏ। ଏହା ଭାରତୀୟ ଉପମହାଦେଶର ସର୍ବବୃହତ ଲୁଣିଆ ଜଳ ହ୍ରଦ। ବଙ୍ଗୋପସାଗର ସହିତ ସଂଯୁକ୍ତ ଏହି ଲାଗୁନ୍ ଦୟା ନଦୀର ଏକ ଶାଖାନଦୀ ମାଳାଗୁଣି ନଦୀର ବାମ କୂଳରେ ଅବସ୍ଥିତ। ଚିଲିକା ଏହାର ଅନ୍ତର୍ଦେଶୀୟ ପ୍ରବାହର ୬୦ ପ୍ରତିଶତରୁ ଅଧିକ ମହାନଦୀ ନଦୀ ପ୍ରଣାଳୀରୁ ପାଏ, ମୁଖ୍ୟତଃ ଏହାର ବିତରଣ ନଦୀଗୁଡ଼ିକ, ଯଥା ଦୟା ଓ ଭାର୍ଗବୀ ମାଧ୍ୟମରେ। ପ୍ରବାସୀ ପକ୍ଷୀମାନେ କାସ୍ପିଆନ୍ ସାଗର, ବୈକାଲ ହ୍ରଦ, ମଧ୍ୟଏସିଆ, ଦକ୍ଷିଣପୂର୍ବ ଏସିଆ, ଲଦାଖ ଓ ହିମାଳୟ ପରି ସ୍ଥାନରୁ ଶୀତକାଳରେ ଏହି ଲାଗୁନ୍ ପରିଦର୍ଶନ କରନ୍ତି। ଏହି ହ୍ରଦରେ ବିରଳ ଇରାୱାଡି ଡଲଫିନ ଅଳ୍ପ କିଛି ସଂଖ୍ୟା ମଧ୍ୟ ଅଛନ୍ତି। ଖୋର୍ଦ୍ଧା ବନ ନିୟମ ଏବଂ ଗୁଳିଚାଳନା ନିୟମ ଅନୁଯାୟୀ ଚିଲିକାକୁ ସଂରକ୍ଷିତ ଜଙ୍ଗଲର ମାନ୍ୟତା ଦିଆଯାଇଥିଲା। ୧୯୮୬ ମସିହାରୁ ଶିକାର ଓ ରାତ୍ରି ମାଛ ଧରିବା ନିଷେଧ କରାଯାଇଥିଲା। ଅନ୍ତର୍ଜାତୀୟ ପ୍ରକୃତି ସଂରକ୍ଷଣ ସଂଘ ୧୯୭୧ ମସିହାରେ ଚିଲିକାକୁ ରାମସାର ସ୍ଥଳ ଘୋଷଣା କରିଥିଲା। ପକ୍ଷୀସଂଖ୍ୟା ଘନତା ହେତୁ ଚିଲିକାର କେନ୍ଦ୍ର ସ୍ଥଳରେ ଥିବା ନଳବନ ନାମକ ୧୫ ବର୍ଗ କିଲୋମିଟର ଅଞ୍ଚଳର ଏକ ଛୋଟ ଦ୍ୱୀପକୁ ୧୯୮୭ ମସିହାରେ ପକ୍ଷୀ ଅଭୟାରଣ୍ୟ ଭାବରେ ଘୋଷଣା କରାଯାଇଥିଲା। ହ୍ରଦର ସମନ୍ୱିତ ବିକାଶ ତଦାରଖ କରିବା ପାଇଁ ଚିଲିକା ବିକାଶ ପ୍ରାଧିକରଣ ୧୯୯୨ ମସିହାରେ ଗଠିତ ହୋଇଥିଲା। ଏହାକୁ ଏକ ଅସ୍ଥାୟୀ ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥାନ ଭାବରେ ତାଲିକାଭୁକ୍ତ କରାଯାଇଛି।

(ସଭାପତି, ଓଡ଼ିଶା ପରିବେଶ ସମିତି)
ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

## ଭେନେଜୁଏଲା ସଙ୍କଟ ଅନ୍ତରାଳେ

ପ୍ରମୋଦ କୁମାର ମିଶ୍ର

ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋ ମୋରୋସ ଏବଂ ତାଙ୍କ ପତ୍ନୀ ସିଲିଆ ଫ୍ଲୋରେନ୍ସଙ୍କୁ ତାଙ୍କ ନିଜ ଦେଶରୁ ଅପହରଣ କରି ଆମେରିକା ଏବେ ଭେନଜୁଏଲାକୁ ନିଜ ଅକ୍ତିଆରରେ ରଖିଛି। କ୍ଷମତା ହସ୍ତାନ୍ତର ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ସେ ଦେଶରେ ଆମେରିକାର ପ୍ରଭୁତ୍ୱ ବଳବତ୍ତର ରହିବ। ଡ୍ରଗ୍ସ ତସ୍କରି ଓ ଆତଙ୍କବାଦ ଅପରାଧରେ ସଂଶ୍ଳିଷ୍ଟ ଥିବା ଅଭିଯୋଗରେ ଆମେରିକା ଅଦାଲତରେ ବର୍ତ୍ତମାନ ମାଦୁରୋଙ୍କ ବିରୋଧରେ ମାମଲା ଚାଲିବ।

ଭେନଜୁଏଲା ଏକଦା ଲାଟିନ ଆମେରିକାର ସବୁଠାରୁ ଦ୍ରୁତଉନ୍ନତି କରୁଥିବା ଦେଶଗୁଡ଼ିକ ମଧ୍ୟରେ ଅନ୍ୟତମ ଥିଲା। ବିଶ୍ୱର ସବୁଠାରୁ ଅଧିକ 'ମିସ୍ ୱାର୍ଲ୍ଡ' ଓ 'ମିସ୍ ୟୁନିଭର୍ସ' ଦେଇଥିବା ଦେଶ ହେଉଛି ଭେନେଜୁଏଲା। ଏକଦା ଏହାର ଜିଡିପି ବିଶ୍ୱର ଶ୍ରେଷ୍ଠ ଦଶଟି ଦେଶ ମଧ୍ୟରେ ଥିଲା। ସେ ଦେଶର ଜଣେ ନେତା ଥିଲେ - ହୁଗୋ ଚାଭେଜ। ସେ ଆମେରିକାକୁ ଲାଟିନ ଆମେରିକାର ଶୋଷଣ ପାଇଁ ଦାୟୀ କରି ଭେନେଜୁଏଲାକୁ ସମାଜବାଦୀ ପ୍ରତିରୋଧର ଏକ ପ୍ରତୀକ ରୂପେ ପ୍ରତିଷ୍ଠା କଲେ। ବାସ୍ତବରେ ଭେନେଜୁଏଲା ଓ ଆମେରିକା ମଧ୍ୟରେ ମତଭେଦ ଓ ବିବାଦର ମୁଖ୍ୟକାରଣ ଥିଲା ଭେନେଜୁଏଲାରେ ଗଚ୍ଛିତ ଥିବା ପ୍ରାକୃତିକ ଅଶୋଧିତ ଖଣିଜ ତୈଳ। ଏହା ସେ ଦେଶର ଆର୍ଥିକ ମାନଦଣ୍ଡ ନିର୍ଦ୍ଧାରଣରେ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ୧୯୯୯ ମସିହାରେ ଚାଭେଜ ରାଷ୍ଟ୍ରପତି ହେବା ପରେ ଦେଶର ସାଧାରଣଜନତାଙ୍କୁ ଖୁସି କରିବା ପାଇଁ ବିଭିନ୍ନ ସରକାରୀ ଯୋଜନାରେ ପ୍ରଚୁର ଅର୍ଥରାଶି ବାଣ୍ଟିଚାଲିଲେ। ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ତଥା ଦୈନିକ ମଜୁରୀ କରି ପରିବାର ପ୍ରତିପୋଷଣ କରୁଥିବା ସାଧାରଣ ଜନତା କାମ କରିବା ବନ୍ଦ କରିଦେଲେ। ସମସ୍ତ ବେସରକାରୀ ସଂସ୍ଥାଗୁଡ଼ିକୁ ରାଷ୍ଟ୍ରୀୟକରଣ କରି ବଡ଼ ବଡ଼ ଆମେରିକୀୟ କମ୍ପାନୀଗୁଡ଼ିକୁ ବାହାର କରିଦେଲେ। ଏହାଫଳରେ ସେ ଦେଶର ଉର୍ଜା ନୀତି ଏକ ରାଜନୈତିକ ଅସ୍ତ୍ରରେ ପରିଣତ ହେଲା।

ଏହାପରେ ସେ ଦେଶର ଜିଡିପି କ୍ରମଶଃ ହ୍ରାସ ପାଇଲା। ମୁଦ୍ରାସ୍ଫୀତି ବଢ଼ିଲା। ଉଦ୍ୟୋଗପତିମାନେ ନିଜ ଦେଶ ଛାଡ଼ି କରି ପଳାୟନ କଲେ। ସେ ସମୟରେ ପରସ୍ପରର ବିଭିନ୍ନ ସମସ୍ୟାକୁ ନେଇ ଆମେରିକା ଓ ଭେନେଜୁଏଲା ମଧ୍ୟରେ ମତଭେଦ ତୀବ୍ର ହେଲା। ଯୁକ୍ତରାଷ୍ଟ୍ର ଆମେରିକା ନେତୃତ୍ୱାଧୀନ ମୁକ୍ତବଜାର ଆର୍ଥିକ ବ୍ୟବସ୍ଥାକୁ ଭେନେଜୁଏଲା ଅସ୍ୱୀକାର କଲା। ଚାଭେଜଙ୍କ ମୃତ୍ୟୁ ପୂର୍ବରୁ ତାଙ୍କର ଉତ୍ତରାଧିକାରୀ ଭାବରେ ନିକୋଲାସ ମାଦୁରୋ ୨୦୧୩ ମସିହାରେ ରାଷ୍ଟ୍ରପତି ଦାୟିତ୍ୱ ନେଲେ। ସେ ପାଞ୍ଚବର୍ଷ ଧରି ନିର୍ବାଚନକୁ ଅନୁମତି ଦେଲେ ନାହିଁ। ଆର୍ଥିକ ଅନିୟମିତତା, ସଂସ୍ଥାଗତ ଅବକ୍ଷୟ ଓ ନିର୍ବାଚନ ପ୍ରକ୍ରିୟାରେ ଅହେତୁକ ବିଳମ୍ବ ଯୋଗୁଁ ସାଧାରଣ ଜନତାଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଲା। ଏହି ସୁଯୋଗରେ ଜୁଆନ ଗୁଆଇଡୋଙ୍କୁ ଯୁକ୍ତରାଷ୍ଟ୍ର ଆମେରିକା ଅସ୍ଥାୟୀ ରାଷ୍ଟ୍ରପତି ଭାବରେ ସ୍ୱୀକୃତି ଦେଲା। ଅବଶ୍ୟ ଏହା ମାଦୁରୋଙ୍କୁ ଗାଦିଚ୍ୟୁତ କରିପାରିଲା ନାହିଁ। ୨୦୧୮ ମସିହାରେ ସେ ସାଧାରଣ ନିର୍ବାଚନରେ ଜୟଲାଭ କରି ପୁନଃରାଷ୍ଟ୍ରପତି ପଦରେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ। ଏହାପରେ ବାଣିଜ୍ୟ କ୍ଷେତ୍ରରେ ରୁଷ, ଚୀନ୍ ଓ କ୍ୟୁବା ଉପରେ ଅଧିକ ନିର୍ଭରଶୀଳ ହୋଇ ଆମେରିକାର ପ୍ରଭୁତ୍ୱକୁ ସ୍ୱୀକାର କଲେ ନାହିଁ। ଫଳରେ ଉଭୟ ଦେଶ ମଧ୍ୟରେ ବାଣିଜ୍ୟ ଯୁଦ୍ଧ କ୍ରମଶଃ ଭୟଙ୍କର ହେଲା। ପରିଣାମ ସ୍ୱରୂପ ସେ ଏବେ ଆମେରିକାର କାରାଗାରରେ ବିଚାରାଧୀନ କଏଦୀର ଜୀବନ କାଟୁଛନ୍ତି।

ଏକ ନିରପେକ୍ଷ ନିର୍ବାଚନ ସମ୍ପନ୍ନ ପୂର୍ବକ ଭେନେଜୁଏଲାରେ ଗଣତନ୍ତ୍ର ପ୍ରତିଷ୍ଠା କରିବା ଅଭିପ୍ରାୟ ନେଇ ଆମେରିକାର ଏହି ସାମରିକ କାର୍ଯ୍ୟାନୁଷ୍ଠାନ କେତେଦୂର ଫଳପ୍ରଦ ହେବ ତାହା କେବଳ ସମୟ କହିବ। ଆମେରିକାର ଏହି ଆନ୍ତର୍ଜାତିକ ନିୟମ ଉଲଙ୍ଘନକାରୀ ଆକ୍ରମଣକୁ ଚୀନ ଦୃଢ଼ ନିନ୍ଦା କରିବା ସହ ମାଦୁରୋ ଓ ତାଙ୍କ ପତ୍ନୀଙ୍କୁ ତୁରନ୍ତ ମୁକ୍ତି କରିବା ସହ ସେ ଦେଶର କ୍ଷମତାକୁ ନିଜ ହାତକୁ ନ ନେବା ପାଇଁ ଚେତାବନୀ ଦେଇଛି। ବ୍ରିଟେନ୍ କୌଣସି ଉପନିବେଶବାଦ ପକ୍ଷରେ ନାହିଁ ବୋଲି ନିଜ ପକ୍ଷ ସ୍ପଷ୍ଟ କରିଛି। ରୁଷ, ଉତ୍ତର କୋରିଆ, ଇରାନ ଓ କଲମ୍ବିଆ ଆଦି ଦେଶ ଆମେରିକାର ଏତାଦୃଶ କାର୍ଯ୍ୟକୁ ଘୋର ନିନ୍ଦା କରିଛନ୍ତି।

ଏହାପୂର୍ବରୁ ୧୯୮୯ ମସିହାରେ ତତ୍କାଳୀନ ଆମେରିକା ରାଷ୍ଟ୍ରପତି ଜର୍ଜ ବୁଶ୍ ପାନାମାର ଶାସକ ନୋରିଏଗାଙ୍କୁ ବନ୍ଦୀ କରି ଆଣିଥିଲେ। ଆମେରିକା ଜେଲରେ ଦୀର୍ଘ ୨୦ ବର୍ଷ ରହିବା ପରେ ଶୋଚନୀୟ ଭାବରେ ମୃତ୍ୟୁବରଣ କରିଥିଲେ। ପୁଣି ୨୦୦୩ ମସିହାରେ ବିଭିନ୍ନ କାରଣ ଦେଖାଇ ଆମେରିକା ଇରାକ୍ ଉପରେ ଆକ୍ରମଣ କରିଥିଲା। ସେ ଦେଶର ଲୋକପ୍ରିୟ ରାଷ୍ଟ୍ରପତି ସଦ୍ଦାମ ହୁସେନ୍‌ଙ୍କୁ ଫାଶୀ ଖୁଣ୍ଟରେ ଝୁଲାଇବା ପରେ ଆମେରିକା ସେ ଦେଶ ପାଇଁ ଏକ ନୂଆ ସମ୍ବିଧାନ ପ୍ରଣୟନ କରିଥିଲା। ତେଣୁ ଏବେ ଆମେରିକାକୁ ଉଚିତ ଜବାବ ଦେବା ପାଇଁ ରୁଷ, ଚୀନ, ଉତ୍ତର କୋରିଆ ଆଦି ଦେଶ ଦକ୍ଷିଣ ଆଫ୍ରିକାରେ ମିଳିତ ହୋଇ ବିଚାରବିମର୍ଶ କରିଛନ୍ତି। ଉତ୍ତର କୋରିଆ ଏକ ପରମାଣୁ ଶକ୍ତି ସମ୍ପନ୍ନ ମିସାଇଲ ପରୀକ୍ଷା କରି ଆମେରିକାକୁ ପରୋକ୍ଷ ଚେତାବନୀ ଦେଇଛି। ଆମେରିକା ଭେନେଜୁଏଲା ଆକ୍ରମଣ କରିବା ଯୋଗୁଁ ରୁଷିଆର ଏକ ତୈଳବାହୀ ଜାହାଜ ଭେନେଜୁଏଲାରୁ ତୈଳ ଆଣି ନ ପାରି ଫେରି ଆସୁଥିବା ସମୟରେ ସେଠାରେ ତଟରକ୍ଷୀ ଭାବରେ ଥିବା ଆମେରିକାର ସୈନ୍ୟ ତାହାକୁ ଅନୁସରଣ କରିଛନ୍ତି। ଏହାର ପ୍ରତିକ୍ରିୟାରେ ରୁଷ ଏକ ଯୁଦ୍ଧଜାହାଜ ସେମାନଙ୍କୁ ଉଦ୍ଧାର କରିବା ପାଇଁ ପ୍ରେରଣ କରିଛି। ତେଣୁ ବିଶ୍ୱ କ୍ରମଶଃ ତୃତୀୟ ବିଶ୍ୱଯୁଦ୍ଧ ଆଡ଼କୁ ମୁହାଁଉଛି। ସାଧାରଣ ଭାବରେ ଗୋଟିଏ ଦେଶ ଅନ୍ୟ ଦେଶର ମୁଖ୍ୟ ବା ରାଷ୍ଟ୍ରପତିଙ୍କୁ ଗିରଫ କରିବା ଆନ୍ତର୍ଜାତିକ ନିୟମର ଉଲ୍ଲଂଘନ। ତେବେ ଏଠାରେ ପ୍ରଶ୍ନ ଉଠେ, ଏ ପ୍ରସଙ୍ଗରେ ଜାତିସଂଘ ନିରବ କାହିଁକି?

ସମ୍ବଲପୁର, ମୋ: ୯୪୩୭୪୨୦୫୪୬

## ବେଙ୍ଗ ମନ୍ଦିର

### ବିଚିତ୍ର ବିଶ୍ୱାସ

ଓଜସ୍ୱିନୀ

*ପୂର୍ବପ୍ରକାଶିତ ଉତ୍ତାରୁ...*

ଏହି ମନ୍ଦିର ବ୍ୟତୀତ ଜାପାନରେ ଗୋଟିଏ ଅଦ୍ଭୁତ ବେଙ୍ଗ ମନ୍ଦିର ଅଛି, ଯାହା କେରୁଡେରା, ସେଇଜାନ୍ ନ୍ୟୋଇରିନ୍-ଜି କିମ୍ବା ୟୋକୋଗୁମା ନାମରେ ବେଶ୍ ଜଣାଶୁଣା। ଏହି ମନ୍ଦିର ପରିସରରେ ପ୍ରାୟ ୧୦ ହଜାର ବେଙ୍ଗ ଆକୃତିର ବସ୍ତୁ ପରସ୍ପର ସହିତ ଯୋଡ଼ି ହୋଇରହିଛି। ପ୍ରତ୍ୟେକ ବସ୍ତୁ ବ୍ୟଙ୍ଗାତ୍ମକ ଭାବଭଙ୍ଗୀରେ ରହିଥିବାରୁ ଆଗନ୍ତୁକଙ୍କ ମନୋରଞ୍ଜନ ହୋଇଥାଏ।

କୁହାଯାଏ ଯେ, ଏକଦା ଏହି ମନ୍ଦିରର ପୂଜାରୀ ବା ମଙ୍କ୍ ତାଙ୍କର ଚୀନ୍ ଯାତ୍ରା ସମୟରେ ଗୋଟିଏ ବେଙ୍ଗ ପ୍ରତିମା କିଣି ଏହି ମନ୍ଦିରକୁ ଆଣିଥିଲେ। ପରବର୍ତ୍ତି ସମୟରେ ଲଗାତାର ଏହି ବେଙ୍ଗ ଆକୃତିର ବସ୍ତୁର ସଂଖ୍ୟା ବଢ଼ିବାରେ ଲାଗିଲା। ଏବେ ମୁଖ୍ୟତଃ ଏହି ମନ୍ଦିର ଆଗନ୍ତୁକଙ୍କୁ ମାନସିକ ଶାନ୍ତି ପ୍ରଦାନ କରିବା ସହିତ ତାଙ୍କର ବିଭିନ୍ନ ସମସ୍ୟାର ସାଧାନ ପାଇଁ ବାଟ ଦେଖାଉଛି। କାରଣ ମନ୍ଦିର ଭିତରେ ବିତ୍ତୀୟ ଉନ୍ନତି, ସୌଭାଗ୍ୟ, ସୁସ୍ୱାସ୍ଥ୍ୟ ଆଦି ପାଇଁ 'ସୁରକ୍ଷାର ଲେଉଟାଣି', 'ସୌଭାଗ୍ୟର ଲେଉଟାଣି' ଓ 'ଧନର ଲେଉଟାଣି' ଭଳି ବିଶେଷ କୌତୁକିଆ କ୍ରୀଡ଼ାର ଆୟୋଜନ କରାଯାଉଛି। ଏହି କ୍ରୀଡ଼ାରେ ଭାଗ ନେଇ ଲୋକମାନେ ମନୋରଞ୍ଜନ କରିବା ସହିତ ତାଙ୍କର ସବୁ ସମସ୍ୟାର ସମାଧାନ ମଧ୍ୟ ପାଇପାରୁଛନ୍ତି।



ପ୍ରତି କ୍ରୀଡ଼ାର ସ୍ଥାନୀୟ ନାମ ସହିତ 'କୋରୁ' ଶବ୍ଦର ଉପଯୋଗ କରାଯାଉଛି। 'କୋରୁ' ଶବ୍ଦର ଅର୍ଥ ହେଉଛି ବେଙ୍ଗ। ଏହି ମନ୍ଦିରରେ ଲାଗିଥିବା ସୁନ୍ଦର ବୃକ୍ଷଗୁଡ଼ିକ ପାଇଁ ଲୋକମାନେ ବିଭିନ୍ନ ଋତୁର ସୌନ୍ଦର୍ଯ୍ୟକୁ ମଧ୍ୟ ଉପଭୋଗ କରିପାରୁଛନ୍ତି, ଯାହାକି ମାନସିକ ଶାନ୍ତି ପ୍ରଦାନ କରୁଛି। ତେଣୁ ଅବସାଦର ଶିକାର ହୋଇଥିବା ବ୍ୟକ୍ତି ଏବଂ ଅନ୍ୟ ମାନସିକ ରୋଗୀଙ୍କ ପାଇଁ ଏହି ମନ୍ଦିରରେ ସୁସ୍ଥତା ପ୍ରଦାନ ପାଇଁ ବିଭିନ୍ନ ବ୍ୟବସ୍ଥା ରହିଛି।

ପ୍ରତିବର୍ଷ ଗ୍ରୀଷ୍ମ ଋତୁରେ ଏହି ମନ୍ଦିରରେ 'ଫୁ-ରିନ୍' ମହୋତ୍ସବ ପାଳନ କରାଯାଉଛି, ଯେଉଁଥିରେ ମନ୍ଦିରଟି ବିଭିନ୍ନ ପ୍ରକାର ୱିଣ୍ଡଚାମ୍ ଓ ଫୁରିନ୍‌ରେ ସଜ୍ଜିତ ହୋଇଥାଏ। ଫେଙ୍ଗସୁଇରେ ବେଙ୍ଗ ସୁଖ, ଶାନ୍ତି, ସୌଭାଗ୍ୟ ଓ ଆର୍ଥିକ ଉନ୍ନତିର ପ୍ରତୀକ ହୋଇଥିବାରୁ ଲୋକମାନଙ୍କର ଆସ୍ଥା ଓ ବିଶ୍ୱାସ ଏହି ବେଙ୍ଗ ମନ୍ଦିର ସହିତ ରହିଆସିଛି।

ଓଡ଼ିଶା ସହିତ ଅନ୍ୟ କେତେକ ରାଜ୍ୟରେ ମଧ୍ୟ ବେଙ୍ଗ-ବେଙ୍ଗୁଲି ବାହାଘରର ଏକ ନିଆରା ପରମ୍ପରା ରହିଛି। ଏହି ବାହାଘର କରିବା ଦ୍ୱାରା ଭଲ ବର୍ଷା ହୋଇଥାଏ ବୋଲି ବିଶ୍ୱାସ ରହିଛି। ମରୁଡ଼ି ପଡ଼ିଥିବା ଅଞ୍ଚଳରେ ବେଙ୍ଗ-ବେଙ୍ଗୁଲି ବାହାଘର କରିବା ପରେ ବର୍ଷା ହେବା ସହ ଉତ୍ତମ ଫସଲ ଅମଳ ହେବାର ଅନେକ ଦୃଷ୍ଟାନ୍ତ ମଧ୍ୟ ରହିଛି। (ସମାପ୍ତ)

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଡବଲ ଇଞ୍ଜିନ ସରକାରରେ ମିଳିଛି ଟ୍ରିପଲ ବିଫଳତା

ଭୁବନେଶ୍ୱର,୨୨ ।୧(ସମିସ): ଡବଲ ଇଞ୍ଜିନ ଡବଲ ବିକାଶ ନାରା ଦେଇ କ୍ଷମତାକୁ ଆସିଥିଲା । କିନ୍ତୁ ବାସ୍ତବରେ ଡବଲ ଇଞ୍ଜିନ ସରକାରରେ ଟ୍ରିପଲ ବିଫଳତା ଦେଖିବାକୁ ମିଳିଛି । ରାଜ୍ୟର ଆର୍ଥିକ ବିକାଶ କ୍ଷେତ୍ରରେ ଅପାର ସମ୍ଭାବନା ସୃଷ୍ଟି ହୋଇଥିବା ବେଳେ ଏହି ସୁଯୋଗ ହାତଛଡା ହେବାକୁ ବସିଲାଣି । ବଡ଼ ବଡ଼ କମ୍ପାନୀ ମାନେ ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି ବୋଲି କୁହାଯାଉଛି, କିନ୍ତୁ ବାସ୍ତବରେ ଶିଳ୍ପ ପ୍ରତିଷ୍ଠା ହୋଇପାରୁନାହିଁ । ଶିଳ୍ପ ପ୍ରତିଷ୍ଠା ପାଇଁ ରାଜ୍ୟ ବିଜେପି ସରକାର ଆବଶ୍ୟକୀୟ ବାତାବରଣ ତିଆରି କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ପୂର୍ବତନ ମନ୍ତ୍ରୀ ତଥା ଦଳର ବରିଷ୍ଠ ସାଧାରଣ ସମ୍ପାଦକ ପ୍ରୀତି ରଞ୍ଜନ ଘଡ଼ାଇ କହିଛନ୍ତି । ଗୁରୁବାର ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଘଡ଼ାଇ କହିଛନ୍ତି ଯେ, ଗତ ୧୮ ମାସର ବିଜେପି ଶାସନରେ ବିଫଳତା ତାଲିକା ଏତେ ଲମ୍ବା ହୋଇଛି ଯେ, ରାଜ୍ୟବାସୀ ଆଜି ରାଜ୍ୟରେ ଗୋଟିଏ ସରକାର ଅଛି ବୋଲି ଅନୁଭବ କରି ପାରୁ ନାହାନ୍ତି ।

- ରାଜ୍ୟର ଆର୍ଥିକ ବିକାଶ ସୁଯୋଗ ହାତଛଡ଼ା ହେଉଛି
- ଷ୍ଟାର୍ଟଅପ୍ କ୍ଷେତ୍ରରେ ଓଡ଼ିଶାର ପତନ ସରକାରଙ୍କ ବଡ଼ ବିଫଳତା
- ଦୁବାଇକୁ ସିଧା ବିମାନ ସେବା ବନ୍ଦ ଆଉ ଏକ ଅପାରଗତା

୨୦୨୨ ମସିହାରେ ଷ୍ଟାର୍ଟଅପ୍ ନିବେଶ କ୍ଷେତ୍ରରେ ରାଜ୍ୟ ସର୍ବଭାରତୀୟ ସ୍ତରରେ ଷଷ୍ଠ ସ୍ଥାନରେ ଥିଲା । କିନ୍ତୁ ୨୦୨୫ ବେଳକୁ ଓଡ଼ିଶା ୨୦ ତମ ସ୍ଥାନକୁ ଖସି ଆସିଛି । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ, ଷ୍ଟାର୍ଟଅପ୍ କ୍ଷେତ୍ରରେ ଯୁବବର୍ଗର ଲୋକମାନଙ୍କୁ ସାହସ ଶକ୍ତି ଓ ପ୍ରେରଣା ପ୍ରଦାନ କରାଯାଉଥିଲା । ହେଲେ ଏବେ କାହିଁକି ଓଡ଼ିଶାର ସ୍ଥାନ ତଳକୁ ତଳ ଖସୁଛି ବୋଲି ଶ୍ରୀ ଘଡ଼ାଇ ପ୍ରଶ୍ନ କରିଛନ୍ତି । ଏହା ବ୍ୟତୀତ ନବୀନ ପଟ୍ଟନାୟକଙ୍କ ସମୟରେ ଦୁବାଇକୁ ଆରମ୍ଭ ହୋଇଥିବା ସିଧା ବିମାନ ସେବା



ଏବେ ବନ୍ଦ ହେବାକୁ ଯାଉଛି । ଦୁବାଇ ଏକ ଅନ୍ତର୍ଜାତୀୟ ଟ୍ରେଡ୍ ସେଣ୍ଟର ହୋଇଥିବାରୁ, ଏଠାକୁ ବିମାନ ସେବା ବନ୍ଦ ହେବା ଯୋଗୁ ଏହା ରାଜ୍ୟର ବ୍ୟବସାୟ ବୃଦ୍ଧି ପାଇଁ ବାଧକ ହେବ ବୋଲି ଶ୍ରୀ ଘଡ଼ାଇ କହିଛନ୍ତି ।

ଅନ୍ୟପଟେ ରାଜ୍ୟରେ ସୁରକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଥିବା ଦର୍ଶାଇ ଶ୍ରୀ ଘଡ଼ାଇ ସରକାରଙ୍କ ଉପରେ ବର୍ଷିଛନ୍ତି । ଲଘୁ ଖଣିଜ ସମ୍ପଦ ଓ ଗୁରୁ ଖଣିଜ ସମ୍ପଦରେ ବ୍ୟାପକ ଲୁଟ ଚାଲିଛି । ଏଇ ଦୁଇ କ୍ଷେତ୍ରରେ ମାଫିଆମାନେ ରାଜ କରୁଛନ୍ତି । ନିକଟରେ କେନ୍ଦୁଝର ଜିଲ୍ଲାରେ ଦିନ ଦ୍ୱିପହରରେ ବ୍ୟାଙ୍କରୁ ଡକାୟତ ମାନେ କୋଟି କୋଟି ଟଙ୍କା ଲୁଟିନେବା ଘଟଣା ରାଜ୍ୟର ବିପର୍ଯ୍ୟସ୍ତ ସୁରକ୍ଷା ବ୍ୟବସ୍ଥାର ସଦ୍ୟତମ ନମୁନା ସାଜିଛି । ସବୁ କ୍ଷେତ୍ରରେ ବିଫଳତା ଓ ଅରାଜକତା ଦେଖିବାକୁ ମିଳୁଥିବା ବେଳେ, ରାଜ୍ୟ ବିଜେପି ସରକାର ଏହାକୁ ନିୟନ୍ତ୍ରଣ କରିବାରେ ଅସମର୍ଥ ହୋଇଛନ୍ତି । ଫଳସ୍ୱରୂପ ଶାସନ ବ୍ୟବସ୍ଥା ଭୁଶୁଡି ପଡିଛି ବୋଲି ରାଜ୍ୟବାସୀ ଅନୁଭବ କରୁଛନ୍ତି । ରାଜ୍ୟ ସରକାରଙ୍କର ତୁରନ୍ତ ନିଦ୍ରା ଭଙ୍ଗ ହେବା ଦରକାର ଓ ରାଜ୍ୟର ଶାସନ ବ୍ୟବସ୍ଥାରେ ସରକାର ସୁଧାର ଆଣିବା ଉଚିତ । ନଚେତ ବିଜୁ ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ଶ୍ରୀ ଘଡ଼ାଇ ଚେତାବନୀ ଦେଇଛନ୍ତି ।

## ବେଗୁନିଆ ବାସୁଦେବ ହତ୍ୟା ଘଟଣା

# ହତ୍ୟାକାଣ୍ଡ ପରେ ଘଟଣାସ୍ଥଳକୁ ଯାଇ ନ ଥିଲେ ଥାନା ଅଧିକାରୀ

ଭୁବନେଶ୍ୱର,୨୨ ।୧(ସମିସ): ବେଗୁନିଆ ଥାନା ଦଲକ ରାସ୍ତାରେ ଖଣି ବ୍ୟବସାୟୀ ବାସୁଦେବ ପରିଡ଼ା ହତ୍ୟାକାଣ୍ଡକୁ ୩ ଦିନ ବିତିଛି । ପୁଲିସ ୨୦ରୁ ଅଧିକ ଲୋକଙ୍କୁ ଉଠାଇ ଆଣି ପଚରାଉଚରା କରିଥିଲେ ମଧ୍ୟ ଏଯାଏଁ କାହାରିକୁ ଗିରଫ କରିପାରିନାହିଁ । ଏହାରି ଭିତରେ ଖୋର୍ଦ୍ଧା ଜିଲ୍ଲା ପୁଲିସର ଚରମ ଅବହେଳା ସାମ୍ନାକୁ ଆସିଛି । ହତ୍ୟାକାଣ୍ଡ ପରେ ତୁରନ୍ତ ଘଟଣାସ୍ଥଳକୁ ଯାଇନଥିବାରୁ ଖୋର୍ଦ୍ଧା ଏସପି ବିବେକାନନ୍ଦ ଶର୍ମା ଓ ବେଗୁନିଆ ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି କେନ୍ଦ୍ରାଞ୍ଚଳ ଆଇଜି ସତ୍ୟଜିତ୍ ନାଏକ । କେନ୍ଦ୍ରାଞ୍ଚଳ ଆଇଜିଙ୍କ ଏହି ଚିଠି ଏବେ ପୁଲିସର ଅପାରଗତାକୁ ପଦାରେ ପକାଇଛି ।

**ଏସ୍‌ପି ଓ ଆଇଆଇସିଙ୍କୁ କାରଣ ଦର୍ଶାଅ ନୋଟିସ୍**

ସୂଚନା ଅନୁସାରେ, ଜାମୁ ସାହିର ବାସୁଦେବ ଓ ସ୍ଥାନୀୟ ଅଞ୍ଚଳର ଦେବବ୍ରତ ବରାଳ ମଧ୍ୟରେ ଖଣି ବ୍ୟବସାୟୀକୁ ନେଇ ପୂର୍ବରୁ ଶତ୍ରୁତା ଲାଗି ରହିଥିବା ବେଳେ ହାତାହାତି ମଧ୍ୟ ହୋଇଥିଲେ । ଗତ ସୋମବାର ସନ୍ଧ୍ୟାରେ ବାସୁଦେବ ନିକଟସ୍ଥ ଜଳାଶୟକୁ ଶୌଚ ହେବାକୁ ଯାଇଥିବା ବେଳେ ୧୦ରୁ ଅଧିକ ଦୁର୍ବୃତ୍ତ ତାଙ୍କୁ ଗୁଳିମାଡ଼ କରିଥିଲେ । ବାସୁଦେବ ପଡ଼ିଯିବା ପରେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ । ଯିବାବେଳେ ଘଟଣାସ୍ଥଳରେ ଏକ ବୁଲେଟ୍ ବାଇକ୍ ଛାଡ଼ି ପଳାଇଥିଲେ । ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ଡାକ୍ତରଖାନାରେ ଭର୍ତ୍ତି କରିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସେପଟେ ହତ୍ୟାକାଣ୍ଡ ପରେ ଘଟଣାସ୍ଥଳରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା । ଉତ୍ୟକ୍ତ ଲୋକମାନେ ଅଭିଯୁକ୍ତ ଛାଡ଼ି ଯାଇଥିବା ଗାଡ଼ିକୁ ଭଙ୍ଗାରୁଜା କରିଥିଲେ । ଦୁର୍ବୃତ୍ତମାନେ ବିନା କୌଣସି ଭୟରେ ବ୍ୟବସାୟୀଙ୍କୁ ଗୁଳି ମାରି ହତ୍ୟା କରିଥିବାରୁ ସ୍ଥାନୀୟ ଲୋକମାନେ ନିଜକୁ ଅସୁରକ୍ଷିତ ମଣିବା ସହ ପୁଲିସର ପାରିବା ପଣିଆକୁ ନେଇ ପ୍ରଶ୍ନ ଉଠାଇଥିଲେ । ଫଳରେ ସ୍ଥାନୀୟ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥିଲା । ସବୁଠାରୁ ସାଙ୍ଘାତିକ କଥାଟି ହେଉଛି, ଠିକ୍ ହତ୍ୟାକାଣ୍ଡ ପରେ ବେଗୁନିଆ ଥାନା ଅଧିକାରୀ ତୁରନ୍ତ ଘଟଣାସ୍ଥଳକୁ ଯାଇନଥିଲେ । କେବଳ ଥାନା ଅଧିକାରୀ ନୁହଁନ୍ତି, ଜିଲ୍ଲା ପୁଲିସର କୌଣସି ବରିଷ୍ଠ ଅଧିକାରୀ ମଧ୍ୟ ଘଟଣାସ୍ଥଳକୁ ଯାଇନଥିଲେ । ଗୁଳିମାଡ଼ ଓ ହତ୍ୟାକାଣ୍ଡ ଭଳି ସମ୍ବେଦନଶୀଳ ଘଟଣାରେ ଘଟଣାସ୍ଥଳକୁ ନ ଯିବା, ପୁଲିସର ଖାମଖିଆଲି ମନୋଭାବକୁ ପ୍ରମାଣିତ କରିଛି । ଏହି ଘଟଣା ନଜରକୁ ଆସିବା ପରେ ଖୋର୍ଦ୍ଧା ଏସପି ଓ ବେଗୁନିଆ ଥାନା ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଦେଇଛନ୍ତି କେନ୍ଦ୍ରାଞ୍ଚଳ ଆଇଜି । ଏହା ଦୁର୍ଭାଗ୍ୟଜନକ ବୋଲି କହିବା ସହ ସଂପୃକ୍ତ ଥାନା ଅଧିକାରୀ ଓ ଜିଲ୍ଲା ପୁଲିସର ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସ୍ପଷ୍ଟୀକରଣ ମାଗି ୩ ଦିନ ମଧ୍ୟରେ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି ।

# ଶ୍ରମିକ ହୋଇ ଯାଇଥିଲେ; ଶବ ହୋଇ ଫେରିଲେ

ମହୁଲଡିହା, ୨୨।୧(ସମିସ): ପାରିବାରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନଥିବାରୁ କାମ ଅନ୍ୱେଷଣରେ ତାମିଲନାଡୁ ଯାଇଥିଲେ । କିନ୍ତୁ ସେଠାରୁ ଆଉ ଫେରିଲେନି, ତାଙ୍କ ଶବ ଫେରିଲା । ମୃତକ ହେଲେ, ଚମ୍ପାଝର ପଞ୍ଚାୟତର ଦିଲିଗଞ୍ଜି ଗ୍ରାମର ବାର୍ଣ୍ଣବାସ କାଲୁଣ୍ଡିଆଙ୍କ ସାନ ପୁଅ କୁଶ (୨୦) । କୁଶ ତାମିଲନାଡୁର ମଦୁରାଇରେ ଥିବା 'ପବନ ବି ହାଇଟେକ କମ୍ପାନୀ'ରେ ଗତ ଦେଢ଼ବର୍ଷ ହେଲା କାମ କରୁଥିଲେ । କିଛି ଦିନ ତଳେ ତାଙ୍କର ମୁଣ୍ଡବ୍ୟଥା ହୋଇଥିଲା । ନିଜେ ଦୋକାନରୁ ଔଷଧ କିଣି ଖାଇବା ସହ ଇଞ୍ଜେକ୍ସନ ନେଇଥିଲେ । କିନ୍ତୁ ଦେହ ଭଲ ହେବା ପରିବର୍ତ୍ତେ ସେ ଅଧିକ ଅସୁସ୍ଥ ହୋଇପଡ଼ିବାରୁ ରବିବାର ତାଙ୍କୁ ଆଇସିୟୁରେ



ଭର୍ତ୍ତି କରାଯାଇଥିଲା । ମାତ୍ର ଗତ ସୋମବାର ରାତିରେ କୁଶଙ୍କ ଦେହାନ୍ତ ହୋଇଯାଇଛି । ଏକ ଆମ୍ବୁଲାନ୍ସରେ ତାଙ୍କ ଶବ ଗାଁକୁ ଫେରୁଥିବା ସୂଚନା ମିଳିଛି । ଉଲ୍ଲେଖଯୋଗ୍ୟ, ପରିବାରର ଆର୍ଥିକ ଅବସ୍ଥା ଠିକ୍ ନଥିବାରୁ କୁଶ ଦେଢ଼ବର୍ଷ ତଳେ ମଦୁରାଇ ଯାଇ କମ୍ପାନୀରେ କାମ କରୁଥିଲେ । କୁଶଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି ।

# ୭୨ ପ୍ରଧାନଶିକ୍ଷକଙ୍କ ମାସକର ଦରମା ବନ୍ଦ

ପୁରୀ,୨୨।୧(ସମିସ):ସରକାରୀ ନିର୍ଦ୍ଦେଶନାମାକୁ ଅବମାନନା କରିବା ପୁରୀ ଜିଲ୍ଲାର ୭୨ଜଣ ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ମହଙ୍ଗା ପଡ଼ିଛି । ସେମାନଙ୍କର ଗୋଟିଏ ମାସର ଦରମା ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲା ଶିକ୍ଷାଧିକାରୀ (ଡିଇଓ) ଦୀପକ ପାଢ଼ୀ । ବର୍ଷା ସମୟରେ ବଜ୍ରପାତ ହେଲେ ସେଥିରୁ କିଭଳି ସୁରକ୍ଷିତ ରହିପାରିବେ ଏବଂ ସାପ କାମୁଡ଼ିଲେ ତୁରନ୍ତ କିଭଳି ପ୍ରାଥମିକ ଚିକିତ୍ସା ହୋଇପାରିବ, ସେନେଇ ଜିଲ୍ଲାର ସମସ୍ତ ସ୍କୁଲରେ ସଚେତନତା କାର୍ଯ୍ୟକ୍ରମ ଜରିଆରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରିବା ଲାଗି ନିର୍ଦ୍ଦେଶନାମା ଜାରି କରାଯାଇଥିଲା । ବଜ୍ରପାତ ସଚେତନ ପାଇଁ ଜିଲ୍ଲାର ସମସ୍ତ ବିଦ୍ୟାଳୟକୁ ୨ହଜାର ଟଙ୍କା ଲେଖାଏଁ ଏବଂ ସାପକାମୁଡ଼ା ସଚେତନତା ଲାଗି ସବୁ ବିଦ୍ୟାଳୟକୁ ୨୫୦୦ଟଙ୍କା ଲେଖାଏଁ, ଏହିପରି ଗୋଟିଏ ବିଦ୍ୟାଳୟକୁ ମୋଟ୍ ୪୫୦୦ ଟଙ୍କା ପ୍ରଦାନ କରାଯାଇଥିଲା । ହେଲେ ଶିବିର ନେଇ କୌଣସି ସୂଚନା ଦେଇ ନ ଥିବାରୁ କଡ଼ା କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ଜିଲ୍ଲା ଶିକ୍ଷାଧିକାରୀ । ଜିଲ୍ଲାର ୭୨ଜଣ ପ୍ରଧାନଶିକ୍ଷକ/ଶିକ୍ଷୟିତ୍ରୀଙ୍କ ୧ମାସର ଦରମା ବନ୍ଦ କରିବାକୁ ଚିଠି ଜରିଆରେ ନିର୍ଦ୍ଦେଶ ଜାରି କରାଯାଇଛି । ବଜ୍ରପାତ ସଚେତନତା କାର୍ଯ୍ୟକ୍ରମର ହିସାବ ନ ଦେବାରୁ ୩୮ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କର ଏବଂ ସାପକାମୁଡ଼ା ଲାଗି ସଚେତନତା କାର୍ଯ୍ୟକ୍ରମର ହିସାବ ନ ଦେବାରୁ ୩୪ଜଣ ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀଙ୍କର ଦରମା ବନ୍ଦ ହୋଇଛି । ଜାନୁଆରୀ ମାସର ଦରମା ପ୍ରଦାନ କରାଯିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି ଡିଇଓ ଶ୍ରୀ ପାଢ଼ୀ ।

# ହିତାଧିକାରୀଙ୍କୁ ମିଳିଲା ସୁଭଦ୍ରା ଟଙ୍କା

ଭୁବନେଶ୍ୱର,୨୨ ।୧(ସମିସ): ଓୟୁଏଟିସ୍ଥିତ କୃଷି ଶିକ୍ଷା ସଦନଠାରେ ଗୁରୁବାର ଆୟୋଜିତ ସୁଭଦ୍ରା ସହାୟତା ରାଶି ପ୍ରଦାନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଡିବିଟି ମାଧ୍ୟମରେ ୪ଲକ୍ଷ ୫୭ ହଜାର ୬୮୧ ହିତାଧିକାରୀଙ୍କ ଆକାଉଣ୍ଟକୁ ୩୧୫ କୋଟି ଟଙ୍କା ପ୍ରଦାନ କରିଛନ୍ତି ।


**OFFICE OF THE ROURKELA MUNICIPAL CORPORATION**
UditNagar, Rourkela Dist. –Sundargarh (Odisha) Pin-769012 Website: www.rmc.nic.in
Email Id: rourkelamunicipality@gmail.com
C-2161

No. 776 Date: 21.01.2026

**Tender Call Notice**

The Municipal Commissioner on behalf of Rourkela Municipal Corporation invites sealed applications in conformation with detailed Tender call notice from the reputed firms /Agencies for **"Open area development along with Erection of 01 No. of Sculptures at NH Entry Point towards Hockey Chowk".**
Detail technical specifications, along with terms & conditions etc. may be seen from the Tender Odisha Website i.e. www.tendersorissa.gov.in and Website of Rourkela Municipal Corporation i.e. www.rmc.nic.in. Date of issue of tender document **22.01.2026.**

Commissioner
Rourkela Municipal Corporation

OIPR-



**AFFIDAVIT**
By virtue of an affidavit before the Notary Public, Pipili, dtd. 22.01.2026, I, Pramila Panigrahi, resident of Oupada, PS- Patamundai, Dist- Kendrapada declare that my name is recorded as ANITA SAMANTARAY, C/o Sridhar Panigrahi in my Aadhaar Card but in Resident Certificate my name is mentioned as PRAMILA PANIGRAHI, W/o Sridhar Panigrahi. That both the names refer to one and the same person, i.e., myself.

**AFFIDAVIT**
By Virtue of an affidavit Sworn Before the Notary public, Kendrapara Town, Kendrapada, I, **Subrata Sahu, S/o: Pratapa Sahu,** resident of village, Angarbandha, P.O: Khandahata, P.S: Angul, Dist.: Angul, Odisha declare by this Affidavit No.: 501, dtd: 21/01/2026 that My name and my fathers name was wrongly mentioned as Subrat Sahu, S/o: Pratap Sahu instead of **Subrata Sahu, S/o:Pratapa Sahu** in my B.tech Certificate. Henceforth, I shall be known as **Subrata Sahu, S/o: Pratapa Sahu** for all purposes.

**AFFIDAVIT**
By Virtue Of an Affidavit no. 2168 dtd. 30.12.2025 the Executive Magistrate Khandapada, I Dillip Lenka S/o- Arjun Lenka At- PithaKhai, Po/Ps- Fategarh, Pin- 752077 Dist- Nayagarh have changed my Son's name SUBHARNSHU LENKA to SUDHANSU KUMAR LENKA. Henceforth He will be known as SUDHANSU KUMAR LENKA for all purposes.


# ବିମଳ ଦାସଙ୍କ ବିୟୋଗରେ ନବୀନଙ୍କ ଶୋକ

ଭୁବନେଶ୍ୱର,୨୨ ।୧(ସମିସ): କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟର ସଭାପତି ତଥା ବିଶିଷ୍ଟ ସମାଜସେବୀ ବିମଳ ଦାସଙ୍କ ବିୟୋଗରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି । ଏକ ଶୋକବାର୍ତ୍ତାରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ସ୍ୱର୍ଗତ ବିମଳ ଦାସ ବିଜୁ ବାବୁଙ୍କ ଘନିଷ୍ଠ ଅନୁଗାମୀ ଥିଲେ । ସେ କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟକୁ ପରିଚାଳନା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଥିଲେ । ଶ୍ରୀ ପଟ୍ଟନାୟକ,ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇବା ସହ ପରଲୋକଗତ ଆତ୍ମାର ସଦଗତି କାମନା କରିଛନ୍ତି ।

# ରାଜ୍ୟସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ

ଭୁବନେଶ୍ୱର,୨୨ ।୧(ସମିସ): ରାଜ୍ୟରେ ୪୦,୩୮୦ ଗୋଟି ପାଣି ପଞ୍ଚାୟତ ସକ୍ରିୟ ଭାବେ କାର୍ଯ୍ୟ କରୁଛି । ଆଗାମୀ ୫ ବର୍ଷ ମଧ୍ୟରେ ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ୧୫ ଲକ୍ଷ ହେକ୍ଟର ଅତିରିକ୍ତ ଜମିକୁ ଜଳସେଚନ ଅନ୍ତର୍ଭୁକ୍ତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଗୁରୁବାର ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପାଣି ପଞ୍ଚାୟତ ପକ୍ଷ-୨୦୨୬ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡିଶା ପାଣି ପଞ୍ଚାୟତ ଆଇନ-୨୦୦୨ ଓ ତାହାର ସଂଶୋଧନ ମାଧ୍ୟମରେ ମହିଳା, ମତ୍ସ୍ୟଜୀବୀ ଓ ଜଳ ବ୍ୟବହାରକାରୀଙ୍କୁ ସମାନ ଅଧିକାର ଓ ସୁଯୋଗ ଦିଆଯାଇଛି । ପ୍ରାଚୀନ ଜଳସେଚନ ପଦ୍ଧତିରେ ଜଳର ଅପଚୟ ହେଉଥିବାବେଳେ, ପାଣି ପଞ୍ଚାୟତ ମାଧ୍ୟମରେ ସମତାମୂଳକ ଓ ଦକ୍ଷ ଜଳ ବଣ୍ଟନ ସମ୍ଭବ ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।


**AFFIDAVIT**
By virtue of an affidavit sworn before The Executive Magistrate, Bhubaneswar, CF.NO- 37, dated 21-01-2026 I, **OM PRAKASH MAHAPATRA,** S/o Late Jagannath Mahapatra Permanent resident of Flat No- 104, Lumbini Enclave, Niladri Vihar, Opposite Care Hospital, Sailashree Vihar, Po/Ps: Sailashree Vihar, Bhubaneswar, Dist- Khordha, Odisha - 751021 declare that I have changed my minor daughter's name from **SAINA** (Old name) to **BHOOMEE MAHAPATRA** (New name), Henceforth, she shall be known as **BHOOMEE MAHAPATRA** for all purposes.
**( Sd- OM PRAKASH MAHAPATRA )**

**LOST**
I Hrushikesh Panda, C/o Dhanjaya Panda of Manitribhuban, Village Raghunathpur, PS: Infocity, District- UPD, Bhubaneswar, Odisha, Pin-751024 declare that I was issued a Property Sale Deed NO- 6898 - 11/12/2000 which has been lost at near RTO Saheed Nagar on dated 16/01/2026 at 15.01 hrs. I could not tract it out. If any person misuse the above said original deed, I shall have not responsible. This newspaper publication is required to produced before the Concerned Authority for issue of a Certified Copy of ROR/Pattain my favour.
Sd- Hrushikesh Panda



**ସର୍ବସାଧାରଣ ବିଜ୍ଞପ୍ତି**
(ସିଭିଲ ପ୍ରକ୍ରିୟା ସଂହିତାର ଆଦେଶ V, ନିୟମ 20 ଅନୁସାରେ)
**ମାନ୍ୟନୀୟ CJ-02 (ଦକ୍ଷିଣ)ଙ୍କ ଆଦାଲତ, ସାକେତ କୋର୍ଟସ୍, ନୂଆଦିଲ୍ଲୀ**
**CSSCJ83258/16**

ଅଲଷ୍ଟ୍ରଙ୍ଗ ଏଣ୍ଟରପ୍ରାଇଜେସ୍ ଇଣ୍ଡିଆ ପ୍ରା. ଲିଃ. ...ବାଦୀ
ବନାମ
କ୍ରିଷ୍ଣା ହାର୍ଡୱେୟାର ପ୍ଲାଏ ଆଣ୍ଡ ଅନ୍ୟମାନେ ...ପ୍ରତିବାଦୀ

ମାନ୍ୟନୀୟ ଅଦାଲତଙ୍କ ଦ୍ୱାରା ତା.୧୩.୦୧.୨୦୨୬ରିଖରେ ଜାରି ହୋଇଥିବା ଆହ୍ୱାନପତ୍ର ଆଦେଶ ଅନୁଯାୟୀ, ପ୍ରତିବାଦୀମାନେ ଅର୍ଥାତ କୃଷ୍ଣା ହାର୍ଡୱେୟାର ପ୍ଲାଏ ଏବଂ ଅନ୍ୟମାନେ, ଯାହାଙ୍କ ଠିକଣା ପ୍ଲଟ୍ ନମ୍ବର- ୮୭, ଏନ୍‌ଏଚ୍-୫, ଉଦୟଗିରି ବିହାର ରୋଡ୍ ଗେଟ୍ ନିକଟ, ପାତ୍ରପଡା, ଭୁବନେଶ୍ୱର - ୭୫୧୦୧୯ଙ୍କୁ ଏହି ନୋଟିସ୍ ମାଧ୍ୟମରେ ସୂଚିତ କରାଯାଉଛି ଯେ ସେମାନେ ମାନ୍ୟନୀୟ ଶ୍ରୀ ଯଶଦୀପ ଚାହାଲ, ଏଲ୍.ଡି. ସିଜେ-୦୨ (ଦକ୍ଷିଣ), ସାକେତ କୋର୍ଟସ୍, ନୂଆଦିଲ୍ଲୀଙ୍କ ଅଦାଲତରେ ତା.୧୩.୦୨.୨୦୨୬ ରିଖ, ସକାଳ ୧୦.୦୦ ଘଟିକାରେ ଉପସ୍ଥିତ ହେବେ ।

**ଅଭିନବ ଗର୍ଗ**
**ବାଦୀଙ୍କ ପକ୍ଷରୁ ଆଇନଜୀବୀ**
**ଏ-୪୦୧, ଏଲଜିଏଫ୍,**
**ଡିଫେନ୍ସ କଲୋନୀ, ନୂଆଦିଲ୍ଲୀ-୨୪**
**ମୋ- ୯୮୧୦୧୯୬୯୮**



**AFFIDAVIT**
I, Dhiresh Chandra Gochhayat Age-65,S/o-Late Upendra Gochayat ,At/Po--Panchapada,Ps-Basta,Dist-Balasore,Odisha, declared by affidavit before In The Court of A.Mahalik (O.R.S) Executive Magistrate,Balasore ,No-433,dtd-19/01/2026.That ,In ROR Mouza-Sartha, Khata No-2610/1243,P.S.No-114, My Name is Mentioned as Dinesh Chandra Gochhayat. Hence this affidavit **DINESH CHANDRA GOCHHAYAT & DHIRESH CHANDRA GOCHHAYAT** same and one person for all future purpose.
**Dhiresh Chandra Gochhayat**


## ଜିଲ୍ଲା ମୁଖ୍ୟାଳୟକୁ 'ମୁଖ୍ୟମନ୍ତ୍ରୀ ବସ୍' ଚଳାଚଳକୁ ବିରୋଧ

# ଘରୋଇ ବସ୍ ଧର୍ମଘଟ ସମ୍ପର୍କିତ ନିଷ୍ପତ୍ତି ଆଜି

କଟକ, ୨୨।୧ (ସମିସ): ଗ୍ରାମାଞ୍ଚଳ ତଥା ବ୍ଲକ୍‌ରୁ ଜିଲ୍ଲା ମୁଖ୍ୟାଳୟକୁ ମୁଖ୍ୟମନ୍ତ୍ରୀ ବସ୍ ଚଳାଚଳକୁ ଓଡ଼ିଶା ଘରୋଇ ବସ୍ ମାଲିକ ସଂଘ ବିରୋଧ କରିଆସୁଥିବା ବେଳେ ଆଜି ପରିବହନ କମିସନର ଅମିତାଭ ଠାକୁରଙ୍କ ସହ ସଂଘର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଛି । ମୁଖ୍ୟମନ୍ତ୍ରୀ ବସ୍ ସେବା

### ରୁଟ୍ ସମ୍ପର୍କିତ ନିଷ୍ପତ୍ତି ନେବ ସ୍ୱତନ୍ତ୍ର କମିଟି

ବନ୍ଦ କରାନଗଲେ, ଧର୍ମଘଟ ପାଇଁ ପୂର୍ବରୁ ବସ୍ ମାଲିକ ସଂଘ ଚେତାବନୀ ଦେଇଥିବା ବେଳେ ଏ ସମ୍ପର୍କରେ ଆସନ୍ତାକାଲି ନିଷ୍ପତ୍ତି ଚୂଡ଼ାନ୍ତ ନିଆଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି । ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁସାରେ, କୌଣସି ଜିଲ୍ଲାରେ ମୁଖ୍ୟମନ୍ତ୍ରୀ ବସ୍ ସେବା ଚଳାଚଳ ପୂର୍ବରୁ ଏକ କମିଟି ଗଠନ କରାଯିବ । ଏହି କମିଟିରେ ଜିଲ୍ଲାପାଳ, ଆର୍‌ଟିଓ, ଡିଟିଏମ୍ ଓ ଆଞ୍ଚଳିକ ବସ୍ ମାଲିକ ସଂଘର ପ୍ରତିନିଧିମାନେ ରହିବେ । କେଉଁ ରୁଟ୍‌ରେ ଏହି ବସ୍ ଚଳାଚଳ କରିବ, ଏହି କମିଟି ନିଷ୍ପତ୍ତି ଗ୍ରହଣ କରିବ । ତଥାପି ଯଦି କିଛି ଆପତ୍ତି ଥାଏ, ତାହାକୁ ପରିବହନ କମିସନରଙ୍କ ନିକଟରେ ସମୀକ୍ଷା କରାଯିବ । ଜଗତସିଂହପୁରରେ ଜିଲ୍ଲାପାଳ ଏହି ବସ୍ ସେବାକୁ ସଦର ମହକୁମାକୁ ସମ୍ପ୍ରସାରିତ କରି ଚଳାଇ ଆସୁଥିବା ନେଇ



ସଂଘ ପକ୍ଷରୁ ଉଦବେଗ ପ୍ରକାଶ ପାଇଥିଲା ।

ବୈଠକରେ ଘରୋଇ ବସ୍ ମାଲିକ ସଂଘର ସଭାପତି ଲୋକନାଥ ପାଣି, ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ, ରବୀନ୍ଦ୍ର କୁମାର ମହାନ୍ତି, ଜଗଦୀଶ ମହାନ୍ତି, ବରଦା ପ୍ରସନ୍ନ ଆଚାର୍ଯ୍ୟ, ସସ୍ମିତକାନ୍ତ ମହାନ୍ତି, ଶ୍ରୀକାନ୍ତ ପାଣି, ପ୍ରମୋଦ ବେହେରା, ପ୍ରିୟବ୍ରତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

ପ୍ରକାଶଥାଉକି, ଜାନୁଆରୀ ୨୩ ସୁଦ୍ଧା ସରକାର ଯଦି ପଞ୍ଚାୟତରୁ ଜିଲ୍ଲା ମୁଖ୍ୟାଳୟ ପର୍ଯ୍ୟନ୍ତ ଚାଲୁଥିବା ମୁଖ୍ୟମନ୍ତ୍ରୀ ବସ୍ ସେବାକୁ ବନ୍ଦ ନ କରନ୍ତି, ତେବେ ଆନ୍ଦୋଳନ ଜୋରଦାର ହେବ । ପ୍ରତିବାଦସ୍ୱରୂପ ଜାନୁଆରୀ ୨୪ରୁ ସମଗ୍ର କଟକ ଜିଲ୍ଲାରେ ଘରୋଇ ବସ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିବ ବୋଲି ଗତ ୧୭ ତାରିଖରେ ଘୋଷଣା କରିଥିଲା ବସ୍ ମାଲିକ ସଂଘ । ପୂର୍ବରୁ କେବଳ ପଞ୍ଚାୟତରୁ ବ୍ଲକ୍ ମୁଖ୍ୟାଳୟ ପର୍ଯ୍ୟନ୍ତ ସୀମିତ ଥିଲା । କିନ୍ତୁ ବର୍ତ୍ତମାନ ଏହି ବସ୍‌ଗୁଡ଼ିକ ଜିଲ୍ଲା ମୁଖ୍ୟାଳୟ ସମେତ ଅନ୍ୟାନ୍ୟ ପ୍ରମୁଖ ରୁଟ୍‌ରେ ଚାଲୁଛି, ଯାହା ଘରୋଇ ବସ୍ ମାଲିକଙ୍କ ବ୍ୟବସାୟକୁ ଗଭୀର ଭାବେ ପ୍ରଭାବିତ କରୁଛି । ବିଶେଷକରି ସରକାରୀ ବସ୍‌ରେ ମାତ୍ର ୫ଟଙ୍କା ଭଡ଼ା ରହିଥିବାରୁ ଘରୋଇ ବସ୍‌ଗୁଡ଼ିକ ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଛନ୍ତି ବୋଲି ସଂଘ ଅଭିଯୋଗ କରିଛି ।


ଦେବଗଡ଼ ଜିଲ୍ଲାରେ ପ୍ରଗତି ପଥେ ଜଳ ବିଭାଜିକା ଉନ୍ନୟନ ଯୋଜନା :-

କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡିକ :-

୧ . ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା (PMKSY WDC 2.0)

୨. REWARD

୩ . କ୍ଷେତ ପୋଖରୀ ଯୋଜନା

୪. ବୃଷ୍ଟିପୁଷ୍ଟ ଅଞ୍ଚଳ ଉନ୍ନୟନ ଯୋଜନା

ଜଳ, ଜମି, ଜଙ୍ଗଲ, ଜନ୍ତୁ ଓ ଜନତାର ସାମଗ୍ରିକ ବିକାଶ ପାଇଁ ପ୍ରତିବଦ୍ଧ ଅଟୁ ସଦାସର୍ବଦା ।

ଶୁଭେଚ୍ଛା ସହ
ପ୍ରକଳ୍ପ ନିର୍ଦ୍ଦେଶକ, ଜଳ ବିଭାଜିକା,
ଦେବଗଡ଼



**AFFIDAVIT**
By virtue of an affidavit sworn before the Executive Magistrate, Bhubaneswar, dated-13/01/2026. I, **Jay Prakash Moharana,** S/o- Padmanava Moharana, resident of Bharagola, Nayahat, Dist- Puri, Odisha, Pin - 752107, declare that my correct name is **Jay Prakash Moharana** which is mentioned in my Aadhar Card but in Educational Documents and some other documents my name has been mentioned as **Jayaprakash Moharana** instead of **Jay Prakash Moharana.** Henceforth, I shall be known as **Jay Prakash Moharana** for all future purposes.

**AFFIDAVIT**
I, Neetu Bondia, W/o- Kamal Prasad Bondia, resident of At- Marwaripara Jharsuguda, Po/Ps/ Dist- Jharsuguda, PIN- 768201, Odisha declared by this affidavit No. 17, dtd- 21/01/2026 that now onwards I shall be known as **NITU BONDIA** for all future purposes.



**ଯୁକୋ ବ୍ୟାଙ୍କ**

ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ୍,
୨ୟ ମହଲା, ସି-୨, ଅଶୋକ ନଗର,
ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ, ନୟାଗଡ ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ନଂ.୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ସେମାନଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ** ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, ନୟାଗଡ ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଦେୟ ପାଇଁ ଉତ୍ତରଦାୟୀ ରହିବେ । **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।**

| ନୟାଗଡ ଶାଖା / ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ୧) ଶ୍ରୀ ସରୋଜ କୁମାର ନାୟକ, ପିତା: ଶ୍ରୀ ରାଜୁ ନାୟକ, ୨) ଶ୍ରୀମତୀ ପ୍ରମିଳା ଦେଈ, ସ୍ୱାମୀ: ଶ୍ରୀ ରାଜୁ ନାୟକ, ଉଭୟଙ୍କ ଠିକଣା- ସା: ବଡହରିଜନ ସାହି, ନୟାଗଡ ଏନ୍.ଏ.ସି, ଜିଲ୍ଲା: ନୟାଗଡ | ତା.୨୯.୦୮.୨୦୨୫ରିଖ ସୁଦ୍ଧା ଟ.୪,୧୩,୦୮୧.୦୨ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୨୯.୦୮.୨୦୨୫ / ୨୦.୦୧.୨୦୨୬ | **ଶ୍ରୀ ସରୋଜ କୁମାର ନାୟକ,** ପିତା: ଶ୍ରୀ ରାଜୁ ନାୟକଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ନୟାଗଡ, ତହସିଲ / ଏସ୍‌ଆରଓ /ଜିଲ୍ଲା: ନୟାଗଡ, ଖାତା ନଂ.: ୧୨୧୯/୩୧୨୯, ପ୍ଲଟ୍ ନଂ.: ୧୩୯୨, କ୍ଷେତ୍ର: ଏକର ୦.୦୨ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: କୃଷ୍ଣ ମାହାର, ପଶ୍ଚିମ: ପୂର୍ଣ୍ଣ ଚନ୍ଦ୍ର ନାୟକ, ଉତ୍ତର: ପିଚୁ ରାସ୍ତା, ଦକ୍ଷିଣ: ସିସି ରୋଡ |

**ସ୍ଥାନ: ଭୁବନେଶ୍ୱର, ତାରିଖ : ୨୨.୦୧.୨୦୨୬** **କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ**



**ଭବାନୀପାଟଣା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ, ଭବାନୀପାଟଣା**
ରେ : ନଂ : ୨୨୯ ବି / ତା : ୩୧.୧୦.୧୯୪୯
**ବାର୍ଷିକ ସାଧାରଣ ସଭା ବିଜ୍ଞପ୍ତି**

ପତ୍ର ସଂଖ୍ୟା: ୨୭୫୬ ତାରିଖ: ୧୯.୦୧.୨୦୨୬

ଏତଦ୍ ଦ୍ୱାରା ଭବାନୀପାଟଣା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ ର ସମସ୍ତ ଅଂଶୀଦାର ସଭ୍ୟମାନଙ୍କୁ ଜଣାଇଦିଆଯାଉଛି ଯେ, ବ୍ୟାଙ୍କର ୬୬ ତମ ବାର୍ଷିକ ସାଧାରଣ ସଭା ଆସନ୍ତା ତା.୦୪.୦୨.୨୦୨୬ (ବୁଧବାର) ୧୧.୩୦ ଘଟିକା ସମୟରେ ଏସ୍ ଏନ୍ କଲ୍ୟାଣ ମଣ୍ଡପ, ରିଷିଗାଁ ଛକ, ଭବାନୀପାଟଣା ଠାରେ ଅନୁଷ୍ଠିତ ହେବ ।

ଉକ୍ତ ସାଧାରଣ ସଭାରେ ସମିତିର କ୍ଷମତା ପ୍ରାପ୍ତ ପ୍ରତିନିଧି ଯୋଗଦାନ କରି ନିମ୍ନ କାର୍ଯ୍ୟ ସୂଚୀ ଅନୁସାରେ ଆଲୋଚନାରେ ଅଂଶଗ୍ରହଣ କରିବା ପାଇଁ ସମସ୍ତ ଅଂଶୀଦାର ସଭ୍ୟମାନଙ୍କୁ ଅନୁରୋଧ ।

ବି:ଦ୍ର: ସାଧାରଣ ସଭାରେ ଯୋଗଦାନ କରିବା ପାଇଁ ସମିତି ଦ୍ୱାରା କ୍ଷମତା ପ୍ରାପ୍ତ ପ୍ରତିନିଧି ସମିତି ନିର୍ଦ୍ଧାରଣର ଅବିକଳ ନକଲ ସାଙ୍ଗରେ ଆଣିବାକୁ ଅନୁରୋଧ

**କାର୍ଯ୍ୟସୂଚୀ**
୧. ଗତ ସାଧାରଣ ସଭାର ବିବରଣୀ ପଠନ ଓ ଦୃଢ଼ୀକରଣ ।
୨. ବ୍ୟାଙ୍କର ୨୦୨୪-୨୦୨୫ ବର୍ଷର ବାର୍ଷିକ ବିବରଣୀ ପଠନ ଓ ଅନୁମୋଦନ ।
୩. ବ୍ୟାଙ୍କର ୨୦୨୪-୨୦୨୫ ବର୍ଷର ବାର୍ଷିକ ସମୀକ୍ଷା ବିବରଣୀ (ଅଡିଟ୍ ରିପୋର୍ଟ) ପଠନ ଓ ଗ୍ରହଣ ।
୪. ବ୍ୟାଙ୍କର ୨୦୨୫-୨୦୨୬ ବର୍ଷର ବାର୍ଷିକ ବଜେଟ ଅନୁମୋଦନ ।
୫. ବ୍ୟାଙ୍କର ୨୦୨୪-୨୦୨୫ ବର୍ଷର ଲାଭାଂଶ ବଣ୍ଟନ ସମ୍ବନ୍ଧେ ।
୬. ଅନ୍ୟାନ୍ୟ (ସଭାପତିଙ୍କ ଅନୁମତି କ୍ରମେ) ।

ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

ସକାଳ THE SAKALA



## ବାରିପଦା ମଣ୍ଡଳ କାରାଗାରରେ ଚକ୍ଷୁ ଚିକିତ୍ସା ଶିବିର




**ବାରିପଦା, ୨୨ ।୧(ସମିସ):** ବାରିପଦା ରୋଟାରୀ କ୍ଲବ ଆନୁକୂଲ୍ୟରେ ଏବଂ ପଣ୍ଡିତ ରଘୁନାଥ ମୁର୍ମୁ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ସହାୟତାରେ ବାରିପଦା ମଣ୍ଡଳ କାରାଗାରରେ ଅନ୍ତେବାସୀମାନଙ୍କ ନିମନ୍ତେ ଏକ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଚକ୍ଷୁ ବିଶେଷଜ୍ଞ ଡକ୍ଟର ସୌଭାଗ୍ୟ ରଞ୍ଜନ ପଣ୍ଡା ଏବଂ ଟେକନିସିଆନ ସୌରଭ ଶଙ୍କର ମହାନ୍ତି ୯୫ଜଣ ଅନ୍ତେବାସୀଙ୍କର ଚକ୍ଷୁ ପରୀକ୍ଷା କରିବା ପରେ କ୍ଲବ ତରଫରୁ ସେମାନଙ୍କୁ ଔଷଧ ବିତରଣ କରାଯାଇଥିଲା । ୪୦ଜଣ ଅନ୍ତେବାସୀଙ୍କର ଚଷମା ଆବଶ୍ୟକ ହେଉଥିବାରୁ ସେମାନଙ୍କ ପାଇଁ ଚଷମା ତିଆରି କରି ଅତିଶୀଘ୍ର ପ୍ରଦାନ କରାଯିବ । ଉକ୍ତ ଶିବିରକୁ ଜେଲର ଶଶିକାନ୍ତ ମାହାଲିକ, କ୍ଲବ ସଭାପତି ଭବାନୀ ଶଙ୍କର ସାହୁ, ସମ୍ପାଦକ ତିମିର କୁମାର ଘୋଷ, ପ୍ରକଳ୍ପ ଦାୟିତ୍ୱରେ ଥିବା ରୋଟାରିଆନ ସନ୍ଦୀପ କୁମାର ଚାନ୍ଦ ଏବଂ କାରାଗାରରର ଅନ୍ୟ ଅଧିକାରୀ ଓ କ୍ଲବର ଅନ୍ୟ ସଦସ୍ୟଙ୍କ ଉପସ୍ଥିତିରେ କାରାଗାର ଅଧିକ୍ଷକ ମନୋରଞ୍ଜନ ପ୍ରତିହାରୀ ଉଦଘାଟନ କରିଥିଲେ । ରୋଟାରିଆନ ଅରୁଣ କୁମାର ଦାଶ, ଡ଼ଃ ଶଶାଙ୍କ ଶେଖର ପାଣିଗ୍ରାହୀ, ଡ଼ଃ ପୁଷ୍ପା ପାତ୍ର, ସୁନୀତ ପୁରୀ, ମହେନ୍ଦ୍ର ରାଓ୍ୱତ, ପ୍ରୀତିସୁଧା ତ୍ରିପାଠୀ ଓ ଧରିତ୍ରୀ ପ୍ରହରାଜ ପ୍ରଭୃତି ଶିବିରରେ ଉପସ୍ଥିତ ରହି ବିଭିନ୍ନ କାର୍ଯ୍ୟରେ ସହଯୋଗ କରିଥିଲେ ।

## ଜାତୀୟ କାର୍ଯ୍ୟକ୍ରମରେ ପୁଣି ଚମକିଲେ କିଶନ




**ବାରିପଦା, ୨୨ ।୧(ସମିସ):** ଜାତୀୟସ୍ତରୀୟ କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୟୂରଭଞ୍ଜର ପୁଅ କିଶନ କୁମାରଙ୍କୁ ପୁରସ୍କୃତ କରିଛନ୍ତି । ନୂଆଦିଲ୍ଲୀର ଭାରତ ମଣ୍ଡପମରେ ଆୟୋଜିତ ବିକଶିତ ଭାରତ ୟଙ୍ଗ ଲିଡର୍ସ ଡାଇଲଗରେ ସାରା ଦେଶରେ ପୁଣି ଥରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଛନ୍ତି ମୟୂରଭଞ୍ଜ ଉଦଳା ମାଟିର ପୁଅ କିଶନ କୁମାର ସାହୁ । କେନ୍ଦ୍ର ଶିକ୍ଷା ମନ୍ତ୍ରୀ, ପ୍ରଧାନମନ୍ତ୍ରୀ, ଏନ୍ଏସ୍ଏ ଅଜିତ ଡୋଭାଲଙ୍କ ସମ୍ମୁଖରେ ନିଜର ଉପସ୍ଥାପନା ଦେଇ ପୁରସ୍କୃତ ହୋଇଛନ୍ତି କିଶନ । ତାଙ୍କ ବିଷୟ ରହିଥିଲା 'ଭାରତର ସପ୍ଟଓ୍ୱାର: ସାଂସ୍କୃତିକ କୁଟନୀତି ଏବଂ ତାହାର ବିଶ୍ୱ ସ୍ତରୀୟ ପ୍ରଭାବ' । ନିଜର ଓଜସ୍ୱିନୀ ବିଚାର ମାଧ୍ୟମରେ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ଏହି ଖବର ପ୍ରସାରିତ ହେବା ପରେ ମୟୂରଭଞ୍ଜ ଜିଲ୍ଲାରେ ଖୁସିର ଲହରୀ ଖେଳି ଯାଇଛି । ସୂଚନାନୁସାରେ କିଶନ କୁମାର ଏହା ପୂର୍ବରୁ ୩ଥର ଓଡ଼ିଶା ରାଜ୍ୟର ପ୍ରତିନିଧିତ୍ୱ କରି ରାଜ୍ୟକୁ ଗୌରବନ୍ୱିତ କରିଛନ୍ତି ।

## ବାରିପଦା ଡିଗ୍ରୀ ମହାବିଦ୍ୟାଳୟରେ ଜାତୀୟ ମତଦାନ ଦିବସ

**ବାରିପଦା, ୨୨।୧(ସମିସ):** ଭଞ୍ଜପୁରସ୍ଥିତ ବାରିପଦା ଡିଗ୍ରୀ ମହାବିଦ୍ୟାଳୟରେ ଅଧକ୍ଷ ଡଃ ପ୍ରବୋଧ କୁମାର ଦେଙ୍କ ତତ୍ତ୍ୱାବଧାନରେ ଜାତୀୟ ମତଦାନ ଦିବସ ପାଳିତ ହୋଇଯାଇଛି । ଅଧକ୍ଷ ଛାତ୍ରଛାତ୍ରୀଙ୍କୁ ମତଦାନର ମୂଲ୍ୟବୋଧ ଓ ଆବଶ୍ୟକତା ସମ୍ପର୍କରେ ଅବଗତ କରିବା ସହିତ ନିଜର ମାତାଧିକାର ସାବ୍ୟସ୍ତ କରି ଉଚିତ ପ୍ରାର୍ଥୀଙ୍କୁ ଭୋଟ ଦେଇ ଗଣତନ୍ତ୍ରକୁ ମଜଭୁତ କରିବା ନିମନ୍ତେ ଆହ୍ୱାନ ଦେଇଥିଲେ । ସଂସ୍କୃତ ବିଭାଗ ଅଧାପକ ଲଳିତ କୁମାର ଷଡ଼ଙ୍ଗୀ ଛାତ୍ରଛାତ୍ରୀଙ୍କୁ ଶପଥପାଠ କରାଇଥିଲେ । ଜାତୀୟ ସେବା ଯୋଜନା ଅଧିକାରୀ ସରୋଜ କୁମାର ବେହେରା ପରିଚାଳନା କରିଥିବାବେଳେ ଜ୍ୟୋସ୍ନାରାଣୀ ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।



## ସୀମାନ୍ତ ମୁକୁଳା
# ପଶୁଛନ୍ତି ଝାଡ଼ଖଣ୍ଡୀ ଅପରାଧୀ

**ରାଇରଙ୍ଗପୁର, ୨୨।୧(ସମିସ)**

ବାମନଘାଟି ଓ ପାଞ୍ଚପିଢ଼ ଉପଖଣ୍ଡକୁ ପଡ଼ୋଶୀ ଝାରଖଣ୍ଡ ରାଜ୍ୟ ଲାଗି ରହିଛି । ତେବେ ମୟୂରଭଞ୍ଜ-ଝାରଖଣ୍ଡ ସୀମାନ୍ତ କେତେ ପରିମାଣରେ ସୁରକ୍ଷିତ, ସେ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସୀମାନ୍ତ ପ୍ରବେଶ ପଥ ମୁକୁଳା ପଡ଼ିଥିବାବେଳେ ଏହି ରାସ୍ତା ଦେଇ ଝାଡ଼ଖଣ୍ଡୀ ଅପରାଧୀଙ୍କ ପ୍ରବେଶ ଘଟୁଛି । ଫଳରେ ରାଜ୍ୟରେ ଘଟୁଥିବା ବହୁ ଆପରାଧିକ କାର୍ଯ୍ୟକଳାପରେ ସେମାନଙ୍କ ସମ୍ପୃକ୍ତି ଜଣାପଡୁଛି । ମୟୂରଭଞ୍ଜ ଜିଲ୍ଲାର ସୀମାନ୍ତ ଝାଡ଼ଖଣ୍ଡ ସୀମାରେ ନିୟମିତ ହଜାର ହଜାର ସଂଖ୍ୟକ ଗାଡ଼ି ମୋଟର ଚଳାଚଳ କରୁଛନ୍ତି । ଯେଉଁଥିରେ କିଛି ଆପରାଧିକ କାର୍ଯ୍ୟକ, ପେ ଭିଆଉଥିବା ବ୍ୟକ୍ତି ବିଶେଷଙ୍କ ଚଳପ୍ରଚଳ ମଧ ରହୁଛି । କିଛି ଦିନ ପୂର୍ବରୁ କେନ୍ଦୁଝର ଜିଲ୍ଲାର ବଡ଼ବିଲସ୍ଥିତ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଶାଖାରୁ ସଶସ୍ତ୍ର ଡକାୟତି ହୋଇଛି । ବନ୍ଧୁକ ଦେଖାଇ ଭୟଭୀତ କରି ଟଙ୍କା, ସୁନାଗହଣା ଲୁଟି କରି ଫେରାର ହୋଇଛନ୍ତି । ଉକ୍ତ ଡକାୟତି ଘଟଣାରେ ପେସାଦାର ଝାଡ଼ଖଣ୍ଡ ଗ୍ୟାଙ୍ଗ ସମ୍ପୃକ୍ତ ବୋଲି ପୁଲିସ ଜାଣିବାକୁ ପାଇଛି । ଉକ୍ତ ଗ୍ୟାଙ୍ଗକୁ ଧରିବାକୁ ଛାନ୍‌ଭିନ୍ ସୀମାନ୍ତରେ ନାକାବନ୍ଦୀ କରାଯାଉଛି । ତେବେ ମୟୂରଭଞ୍ଜ ଜିଲ୍ଲାରେ ମଧ ଏହିପରି ଅଘଟଣ ହେବାର ସମ୍ଭାବନା ଥିବା ବେଳେ ଆମ ସୀମାନ୍ତ ଅସୁରକ୍ଷିତ ଭାବେ ମୁକୁଳା ପଡ଼ିଛି । ପୂର୍ବରୁ ମଧ ଝାରଖଣ୍ଡ ଗ୍ୟାଙ୍ଗ ବାମନଘାଟି ଓ ପାଞ୍ଚପିଢ଼ ଉପଖଣ୍ଡରେ ବିଭିନ୍ନ ସ୍ଥାନରେ ବ୍ୟାଙ୍କ ଡକାୟତି, ଚୋରି ଆଦି ଅନେକ ଅପରାଧୀକ କାର୍ଯ୍ୟକଳାପ ଭିଆଇ ସାରିଛନ୍ତି । କିନ୍ତୁ ଏଥିପରେ ମଧ ପୁଲିସ ପ୍ରଶାସନ ସଚେତନ ହେଉନାହାଁନ୍ତି । ଉକ୍ତ ସୀମାନ୍ତ ବାଟ ଦେଇ ବେଆଇନ ଗୋ ଚାଲାଣ ସହ ଲଘୁ ଖଣିଜ ଚୋରା ଚାଲାଣ ହେଉଛି । ତାହାକୁ ସବୁ ସମୟରେ ଯାଞ୍ଚ କରିବା ପୁଲିସ ପକ୍ଷରୁ ସମ୍ଭବ ହେଉନାହିଁ । ଜିଲ୍ଲାର ସୀମାନ୍ତବର୍ତ୍ତି ମୋଟ ୧୪ଟି ଥାନା ଆନ୍ତରାଜ୍ୟ ସୀମାକୁ ଲାଗି ରହିଛି । କିନ୍ତୁ ଅଧିକ ଥାନା ବାମନଘାଟି ଓ ପାଞ୍ଚପିଢ ଉପଖଣ୍ଡରେ ରହିଛି । ୨୪ଘଣ୍ଟିଆ ପାଟ୍ରୋଲିଂ ଅଭାବରୁ ସୀମାନ୍ତକୁ ସମ୍ପୂର୍ଣ୍ଣ ସୁରକ୍ଷିତ କରାଯାଇପାରୁନାହିଁ । ଆନ୍ତରାଜ୍ୟ ପ୍ରବେଶ ପଥ ଗୁଡିକରେ ସିସିଟିଭି କ୍ୟାମେରା ଲଗାଇବାର ଆବଶ୍ୟକତା ଥିବା ବେଳେ ତାହା ବର୍ତ୍ତମାନ ପର୍ଯ୍ୟନ୍ତ ହୋଇ ପାରିଲାନାହିଁ । ଅପରାଧ ମାନେ ଘଟଣା ଘଟାଇ ନିମିଷକ ମଧରେ ବେଶ ସହଜରେ ସୀମାନ୍ତ ପାର ହୋଇ ପଳାଇ ଯିବାରେ ସକ୍ଷମ ହେଉଛନ୍ତି । ଯାହା ଫଳରେ ଘଟଣା ପରେ ଅପରାଧୀଙ୍କୁ ଠାବ କରିବାରେ ପୋଲିସ ପକ୍ଷରେ କଷ୍ଟସାଧ ହେଉଛି । ଅନ୍ୟପଟେ ପୋଲିସ ବିଭାଗରେ ପେଟ୍ରୋଲିଂ ଓ ଥାନା ନିମନ୍ତେ କର୍ମଚାରୀ ଅଭାବ ରହିଛି । ତେବେ ସୀମାନ୍ତରେ ୨୪ ଘଣ୍ଟିଆ ପେଟ୍ରୋଲିଂ ପାଇଁ ପୋଲିସ କର୍ମଚାରୀ ଅଭାବ ପଡ଼ିଛନ୍ତି । ସୀମାନ୍ତବର୍ତୀ ଥାନା ପକ୍ଷରୁ ପ୍ରତିଦିନ କିଛି ସମୟ ପାଇଁ ସୀମାନ୍ତରେ ଗାଡି ମୋଟର ଯାଞ୍ଚ କରୁଛନ୍ତି । ତେବେ ୨୪ଘଣ୍ଟିଆ ଯାଞ୍ଚ ଅଭାବରୁ ସୀମାନ୍ତ ଅସୁରକ୍ଷିତ ହୋଇପଡ଼ିଛି । ତେଣୁକରି ସୀମାନ୍ତ ପ୍ରବେଶ ପଥରେ ସିସିଟିଭି କ୍ୟାମେରା ଲଗାଇବା ଓ ଆନୁଷଙ୍ଗିକ ବ୍ୟବସ୍ଥା କରିବା ଜରୁରୀ ହୋଇପଡ଼ିଛି । ସୁରକ୍ଷାକୁ ଦୃଷ୍ଟିରେ ସୀମାନ୍ତ ପ୍ରତିଟି ସନ୍ଦିଗ୍ଧ ସ୍ଥାନରେ କଡାକଡି ଯାଞ୍ଚ ପ୍ରକ୍ରିୟା ହେଲେ ଅପରାଧ ମାତ୍ରା କମିବାର ସମ୍ଭାବନା ରହିଛି ।

## ୨୫ରେ ରାଜ୍ୟସ୍ତରୀୟ କବାଡ଼ି ଦଳ ଚୟନ

**ବାରିପଦା, ୨୨ ।୧(ସମିସ):** ଓଡ଼ିଶା କବାଡ଼ି ଆସୋସିଏସନ୍ ଆନୁକୂଲ୍ୟରେ କଟକ ଠାରେ ଫେବୃୟାରୀ ୧୩ ରୁ ୧୫ ମଧ୍ୟରେ ୭୩ ତମ ଉଭୟ ପୁରୁଷ ଓ ମହିଳା ବର୍ଗରେ ରାଜ୍ୟସ୍ତରୀୟ ବରିଷ୍ଠ କବାଡ଼ି ଚାମ୍ପିଅନସିପ ଅନୁଷ୍ଠିତ ହେବାକୁ ଯାଉଛି । ଏ ନେଇ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଜଣାଇଛନ୍ତି । ଏହି ଚାମ୍ପିଅନସିପ୍‌ରେ ଅଂଶଗ୍ରହଣ କରିବା ପାଇଁ ମୟୂରଭଞ୍ଜ ଜିଲ୍ଲାର ଉଭୟ ପୁରୁଷ ଓ ମହିଳା ଦଳର ଚୟନ ଚଳିତ ମାସ ୨୫ ତାରିଖରେ ଅନୁଷ୍ଠିତ ହେବ । ଇଚ୍ଛୁକ ଖେଳାଳି ଉକ୍ତ ତାରିଖ ଦିନ ବାରିପଦା ଷ୍ଟାଡିୟମ ଅଫିସରେ ନିଜନିଜର ଆଧାର କାର୍ଡର ଅବିକଳ ନକଲ ଦାଖଲ କରି ନାମ ପଞ୍ଜୀକରଣ କରିପାରିବେ । ପୁରୁଷ ଖେଳାଳିଙ୍କ ଓଜନ ୮୫ କିଲୋଗ୍ରାମ ଓ ମହିଳା ଖେଳାଳିଙ୍କ ଓଜନ ୭୫ କି ଗ୍ରାରୁ କମ ହେବା ଆବଶ୍ୟକ ବୋଲି କବାଡି ସମ୍ପାଦକ ପ୍ରସନ୍ନଜିତ ମହାନ୍ତି ପ୍ରକାଶ କରିଛନ୍ତି ।

# ସମ୍ଭାବ୍ୟ ଆଗୁଆ ନିର୍ବାଚନ ପାଇଁ ନବଗଠିତ ଏନ୍‌ଏସି ରାଜନୀତି ଚଳଚଞ୍ଚଳ

**ବାରିପଦା, ୨୨।୧(ସମିସ):** ରାଜ୍ୟରେ ନୂଆ ୨୮ଟି ଏନଏସି ଗଠନ ପାଇଁ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ ପାଇସାରିଛି । ଏହି ଏନ୍‌ଏସିଗୁଡ଼ିକର ସୀମାନିର୍ଦ୍ଧାରଣ ସହ ଭୋଟର ତାଲିକା ଚୂଡ଼ାନ୍ତ ହୋଇନାହିଁ । ଏହି ସମୟରେ ନିର୍ଦ୍ଧାରିତ ସମୟସୀମା ମଧରେ ନିର୍ବାଚନ ପ୍ରକ୍ରିୟା ସାରିବା ପାଇଁ ଆମେ ଚେଷ୍ଟା କରୁଛୁ ବୋଲି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି । ଆସନ୍ତା ଜୁନ୍ ମାସରେ ଏନ୍‌ଏସି ନିର୍ବାଚନ ହୋଇପାରେ ବୋଲି ତାଙ୍କର ଏହି ମନ୍ତବ୍ୟ ପରେ ନାନା ଆଲୋଚନା ପର୍ଯ୍ୟାଲୋଚନା ଆରମ୍ଭ ହୋଇଛି । କୌଣସି ସୀମା ନିର୍ଦ୍ଧାରଣ ଏନ୍‌ଏସି ଗଠନ ନେଇ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ ପରେ ଏହାର ୬ ମାସରେ ନିର୍ବାଚନ ହେବା ନେଇ ନିୟମ ରହିଛି । ଅପରପକ୍ଷରେ ମାର୍ଚ୍ଚ ସୁଦ୍ଧା ସବୁ ନୂଆ ଏନଏସିର ସୀମା ନିର୍ଦ୍ଧାରଣ ସାରିବାକୁ ସରକାରଙ୍କୁ ରାଜ୍ୟ ନିର୍ବାଚନ କମିସନ ନିର୍ଦ୍ଦେଶ ଦେଇଛନ୍ତି । ଏହାପରେ ଆସନ ସଂରକ୍ଷଣ ଏବଂ ଭୋଟର ତାଲିକା ପ୍ରସ୍ତୁତ ହେବ ଓ ଉକ୍ତ ଏନଏସି ଗୁଡ଼ିକରେ ନିର୍ବାଚନ ପ୍ରକ୍ରିୟା ସମ୍ପନ୍ନ ହେବ । ରାଜ୍ୟ ସରକାର ନବଗଠିତ ୨୮ ଏନ୍‌ଏସିରେ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ଆରମ୍ଭ କରିନାହାନ୍ତି । ତେଣୁ ରାଜ୍ୟ ସରକାରଙ୍କୁ ଚିଠି ଲେଖି ନିର୍ବାଚନ କମିସନ ଅବଗତ କରିଛନ୍ତି । ମାର୍ଚ୍ଚ ସୁଦ୍ଧା ସୀମା ନିର୍ଦ୍ଧାରଣ କାମ ସରିଲେ ତାପରେ ସଂରକ୍ଷଣ ଏବଂ "ଭୋଟର ତାଲିକା ପ୍ରସ୍ତୁତ ପାଇଁ ପ୍ରାୟ ୪୫ ଦିନ ସମୟ ଲାଗିବ । ଏହାପରେ ପୂରା ଭୋଟ ପ୍ରକ୍ରିୟା ପାଇଁ ଆଉ ୩୫ ଦିନ ଲାଗିପାରେ । ନିର୍ବାଚନ କମିସନଙ୍କ ଚିଠି ଅନୁସାରେ ରାଜ୍ୟ ସରକାର ପ୍ରସ୍ତୁତ ଅଛନ୍ତି ବୋଲି ମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ ଯେ ୨୮ଟି ନୂଆ ଏନଏସି ମଧରେ ମୟୂରଭଞ୍ଜ ଜିଲ୍ଲାର ସର୍ବାଧିକ ବେତନଟୀ, ବାଙ୍ଗିରିପୋଷି, ଚିତ୍ରଡ଼ା, କପ୍ତିପଦା, ଯଶିପୁର ଓ ରାସଗୋବିନ୍ଦପୁର ଆଦି ୬ ଏନ୍‌ଏସି ରହିଛି । ଏଗୁଡ଼ିକ ଗଠନରେ ପଞ୍ଚାୟତ, ୱାର୍ଡର ଗ୍ରାମ ସୀମା ଓ ଲୋକ ସଂଖ୍ୟା ପ୍ରସ୍ତୁତି ସରିଛି ବୋଲି ମୟୂରଭଞ୍ଜ ଜିଲ୍ଲା ନଗର ଉନ୍ନୟନ ଏଜେନ୍ସି (ଡୁଡା)ର ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା କହିଛନ୍ତି । ନୂତନ ଏନ୍‌ଏସିର ଜନସଂଖ୍ୟା ଓ ଭୌଗୋଳିକ ସୀମାକୁ ଦୃଷ୍ଟିରେ ରଖି ସମାନ ଅନୁପାତରେ ୱାର୍ଡ ଗଠନ ହେବ । ନିୟମ ଅନୁସାରେ ସର୍ବନିମ୍ନ ୧୧ରୁ ସର୍ବୋଚ୍ଚ ୧୪ଟି ୱାର୍ଡ ଗୋଟିଏ ଏନ୍‌ଏସିରେ ରହିବ ବୋଲି ସେ କହିଛନ୍ତି । ତଦନୁସାରେ ଜିଲ୍ଲାର ନବଗଠିତ ଏନ୍‌ଏସି ଯଶିପୁରର ଜନସଂଖ୍ୟା ୨୦ହଜାର ୯୬୧, ବେତନଟୀ ଜନସଂଖ୍ୟା ୨୦ ହଜାର ୬୧ ଓ କପ୍ତିପଦା ୧୯ହଜାର ୫୩୨ ଥିବାରୁ ସର୍ବୋଚ୍ଚ ୧୪ଟି ଲେଖାଏ ଓ୍ୱାର୍ଡ ଭାଗରେ ପଡ଼ିବ । ସେହିପରି ରାସଗୋବିନ୍ଦପୁର ଜନସଂଖ୍ୟା ୧୨ହଜାର ୮୧, ବାଙ୍ଗିରିପୋଷିର ୧୦ ହଜାର ୧୮୪ ଓ ଚିତ୍ରଡାର ୧୦ହଜାର ୫୨ ଥିବାରୁ ୱାର୍ଡ ସଂଖ୍ୟା ୧୧ରୁ ୧୨ମଧରେ ସୀମିତ ରହିପାରେ ବୋଲି ଆଶା କରାଯାଉଛି । ୱାର୍ଡ ଗଠନ ପରେ ସଂରକ୍ଷଣ ବ୍ୟବସ୍ଥା ସମ୍ପନ୍ନ ନିୟମାନୁସାରେ କରାଯିବ । ୨୦୨୭ରେ ସାଧାରଣ ପୌର ନିର୍ବାଚନ ଥିବାରୁ ଉପରୋକ୍ତ ଏନ୍‌ଏସି ଗୁଡିକ ପାଇଁ ଯଦିଓ ନିର୍ବାଚନ ଅନୁଷ୍ଠିତ ହୁଏ, ତେବେ ନିର୍ବାଚିତ ପରିଷଦ କିଛି ମାସ ପାଇଁ କାର୍ଯ୍ୟକରିବ । ଏପରି ସ୍ଥଳେ ନବଗଠିତ ଏନଏସିରେ କାଉନସିଲର ଓ ଚେୟାରମ୍ୟାନ ଆଶାୟୀ ରାଜନୈତିକ ଦଳ ଠାରୁ ଆଗରେ ନିଜର ସଂଗଠନ ସଜାଡିବା ଆରମ୍ଭ କଲେଣି । ବର୍ତ୍ତମାନ ନବଗଠିତ ଏନଏସିର ନିର୍ବାହୀ ଅଧିକାରୀ ଭାବେ ସମ୍ପୃକ୍ତ ବ୍ଲକର ବିଡିଓ ଅତିରିକ୍ତ ଦାୟିତ୍ୱରେ ଥିବା ବେଳେ ପରିଷଦର ମୁଖ୍ୟ ଭାବେ ଅତିରିକ୍ତ ଜିଲ୍ଲାପାଳ/ଉପଜିଲ୍ଲାପାଳ ରହିଛନ୍ତି ।

## ୪ବର୍ଷ ପରେ ଭୂମିହୀନଙ୍କୁ ମିଳିଲା ସରକାରୀ ଜମିର ଦଖଲ



**ରାଇରଙ୍ଗପୁର, ୨୨।୧(ସମିସ):** ରାଇରଙ୍ଗପୁର ତହସିଲ ଅଞ୍ଚଳର ବ୍ୟକ୍ତିଙ୍କୁ ସରକାରୀ ଜମି ମିଳିଥିଲେ ସୁଦ୍ଧା ଦଖଲ ପ୍ରଦାନ କରାଯାଇନଥିଲା । ଯାହାକୁ ନେଇ ଆବାସ ଗୃହ ନିର୍ମାଣରୁ ବଞ୍ଚିତ ଥିଲେ । ଦୀର୍ଘ ୪ବର୍ଷ ପରେ ଏହାର ସମାଧାନ ହୋଇଛି । ରାଇରଙ୍ଗପୁର ତହସିଲ ପକ୍ଷରୁ ସରକାରୀ ଜମିର ମାପ ଚୁପ କରି ତାଙ୍କୁ ଦଖଲ ପ୍ରଦାନ କରାଯାଇଛି । ରାଇରଙ୍ଗପୁର ତହସିଲ ଅନ୍ତର୍ଗତ ନାଗଭଣ ଗ୍ରାମର ଅବଦୁଲ କାଦିରଙ୍କୁ ଗତ ୨୦୨୨ ମସିହାରେ ସରକାରୀ ଜମି ବଣ୍ଟନ ହୋଇଥିବା ବେଳେ ଦଖଲ ମିଳିନଥିଲା । ତହସିଲ କର୍ମଚାରୀ ମାନଙ୍କ ବ୍ୟତିକ୍ରମ ପାଇଁ ପଟ୍ଟା ମିଳିବା ସତ୍ତ୍ୱେ ଦଖଲ ନପାଇ ଅନେକ ସମସ୍ୟାରେ ଥିଲେ । ଯାହା ଫଳରେ ବସୁନ୍ଧରା ଯୋଜନାରେ ଜମି ପଟ୍ଟା ପାଇଥିଲେ ସୁଦ୍ଧା ଆବାସ ଗୃହ ନିର୍ମାଣ ନିମନ୍ତେ ଜମି ଦଖଲ ମିଳିନଥିଲା । ଏନେଇ ଗତ ୪ବର୍ଷ ହେବ ଜିଲ୍ଲା ପ୍ରଶାସନ ନିକଟରେ ବାରମ୍ବାର ଦାବି କରି ଆସୁଥିଲେ । ଜମି ଦଖଲ ମିଳିବାରେ ବିବାଦ ଲାଗି ରହିଥିଲା । ରାଇରଙ୍ଗପୁର ତହସିଲଦାର ବିଶ୍ୱନାଥ ବିଶ୍ୱାଳ ଘଟଣା ବାବଦରେ ଜାଣିବା ପରେ ଏହାର ସମାଧାନ କରାଇଛନ୍ତି । ତହସିଲ କର୍ମଚାରୀଙ୍କ ଦ୍ୱାରା ମାପଚୁପ କରି ତାଙ୍କୁ ଜମି ହସ୍ତାନ୍ତର କରାଇଛନ୍ତି । ଭୂମିହୀନ ଅବଦୁଲ କାଦିରଙ୍କୁ ଦୀର୍ଘ ୪ବର୍ଷ ପରେ ୪ ଡିସିମିଲ ଜମି ମିଳିଥିବା ବେଳେ ଆବାସ ଗୃହ ନିର୍ମାଣ କାର୍ଯ୍ୟ କରିପାରିବେ । ଯାହାକୁ ନେଇ ସେ ଖୁସି ପ୍ରକାଶ କରିଛନ୍ତି । ଜମି ନଥିବାରୁ ପୂର୍ବରୁ ବାରମ୍ବାର ଆବାସ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ମିଳିଥିବା ସତ୍ତ୍ୱେ ଗୃହ ନିର୍ମାଣ କରି ପାରୁନଥିଲେ । ଏବେ ଗୃହ ନିର୍ମାଣ କାର୍ଯ୍ୟ କରିପାରିବେ ବୋଲି ଖୁସି ପ୍ରକାଶ କରିବା ସହ ଜିଲ୍ଲା ପ୍ରଶାସନ ଓ ରାଇରଙ୍ଗପୁର ତହସିଲଦାରଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ଜାତୀୟ ରଗ୍‌ବୀରେ ମୟୂରଭଞ୍ଜର ଗୌରବ ମନୋଜ ଓ ବୁଧାନ ସିଂ




**ବାରିପଦା, ୨୨ ।୧(ସମିସ):** ମୟୂରଭଞ୍ଜ ଜିଲ୍ଲାର ଦୁଇ ଯୁବ ରଗ୍‌ବୀ ଖେଳାଳି ମନୋଜ ସିଂହ ଓ ବୁଧାନସିଂ ବାଇପାଇ ଓଡ଼ିଶା ସବ୍-ଜୁନିୟର ପୁରୁଷ ରଗ୍‌ବି ଦଳର ପ୍ରତିନିଧିତ୍ୱ କରି ୧୦ମ ସବ୍-ଜୁନିୟର ଜାତୀୟ ରଗ୍‌ବି ସେଭେନ୍ସ ଚାମ୍ପିଅନସିପ୍‌୨୦୨୫ରେ ରୌପ୍ୟ ପଦକ ଅର୍ଜନ କରିଛନ୍ତି । ଏହି ଜାତୀୟ ପ୍ରତିଯୋଗିତା ୧୬ ଜାନୁଆରୀରୁ ୨୧ ଜାନୁଆରୀ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମ୍, ଭୁବନେଶ୍ୱରରେ ଆୟୋଜିତ ହୋଇଥିଲା । ଶିମିଳିପାଳ ପାଦଦେଶ ଶ୍ୟାମାଖୁଣ୍ଟା ବ୍ଲକର ବାଉଁଶବିଲା ଗ୍ରାମ ନିବାସୀ ସୋମା ସିଂଙ୍କ ପୁଅ ମନୋଜ । ସିନ୍ଦୁଗୌରା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ର । ନିୟମିତ ଅଭ୍ୟାସ, ଦୃଢ଼ ଶୃଙ୍ଖଳା ଓ କୌଶଳପୂର୍ଣ୍ଣ ଖେଳ ଦ୍ୱାରା ସେ ଓଡ଼ିଶା ଦଳରେ ସ୍ଥାନ ପାଇ ଜାତୀୟ ସ୍ତରରେ ଦଳକୁ ସଫଳତା ଦେଇଛନ୍ତି । ଅନ୍ୟପଟେ ଜିଲ୍ଲାର ସୀମାନ୍ତ ତିରିଙ୍ଗ ବ୍ଲକର ଦେଓଗାଁ ଗ୍ରାମ ନିବାସୀ ବିଶ୍ୱଜିତ ବାଇପାଇଙ୍କ ପୁଅ ବୁଧାନସିଂ ରାଇରଙ୍ଗପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ର । ତାଙ୍କର ଉତ୍କୃଷ୍ଟ ପ୍ରଦର୍ଶନ ଓ ଦୃଢ଼ ସଂକଳ୍ପ ଓଡ଼ିଶା ସବ୍-ଜୁନିୟର ଦଳକୁ ରୌପ୍ୟ ପଦକ ଅର୍ଜନ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଛି । ଏହି ଐତିହାସିକ ସଫଳତା ପାଇଁ ଦୁହିଁ ଖେଳାଳିଙ୍କ ବିଦ୍ୟାଳୟର ମୁଖ୍ୟଶିକ୍ଷକ ଓ ଶାରୀରିକ ଶିକ୍ଷା ଶିକ୍ଷକ ତାଙ୍କୁ ହୃଦୟପୂର୍ଣ୍ଣ ଅଭିନନ୍ଦନ ଜଣାଇଥିବା ସହ ଭବିଷ୍ୟତରେ ଆହୁରି ଉଚ୍ଚ ସଫଳତା କାମନା କରିଛନ୍ତି । ଏଥିସହ ମୟୂରଭଞ୍ଜ ଜିଲ୍ଲା ରଗବୀ ଫୁଟବଲ୍ ଆସୋସିଏସନର ରାଜଦୂତ ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ସଭାପତି ସୁନାରାମ କିସ୍କୁ, ମୁଖ୍ୟ ପରାମର୍ଶଦାତା ବାବା ଧଳାରାମ ହାଁସଦା, କୋଚ୍ ଜିତେନ୍ଦ୍ର ସିଂହ ଓ ସଚିବ ଜେ. ସୁଶିଲ ହେମ୍ବ୍ରମ ଉଭୟ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇବା ସହ ସମ୍ପୂର୍ଣ୍ଣ ଓଡ଼ିଶା ସବ୍-ଜୁନିୟର ପୁରୁଷ ରଗବି ଦଳକୁ ମଧ ଜାତୀୟ ସ୍ତରରେ ରୌପ୍ୟ ପଦକ ଜିତିଥିବାରେ ଶୁଭେଚ୍ଛା ଜଣାଇଛନ୍ତି ।

### ବଳଭଦ୍ରପୁର ପ୍ରିମିୟମ ଲିଗ୍ ଉଦ୍‌ଯାପିତ
## ମା' ମଙ୍ଗଳା ୱାରିଅର୍ସ ଚାମ୍ପିଅନ



**ବଡସାହି, ୨୨ ।୧(ସମିସ):** ଏହି ବ୍ଲକ ଅଧୀନ ବଳଭଦ୍ରପୁର ପଞ୍ଚାୟତ ବଳଭଦ୍ରପୁର ଗ୍ରାମରେ ଚାଲିଥିବା ସିଜିନ ୩ ଲିଗ୍‌ର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରିମିୟର ଲିଗରେ ଖେଳରେ ୬ଟି ଦଳ ଅଂଶ ଗ୍ରହଣ କରିଥିଲେ, ଫାଇନାଲ ମ୍ୟାଚ ମା' ମଙ୍ଗଳା ୱାରିଅର୍ସ ଓ ଆଚାର୍ଯ୍ୟ ୱାରିଅର୍ସ ମଧ୍ୟରେ ଅନୁଷ୍ଠିତ ହେଇଥିଲା । ଟସ ଜିଣି ମା ମଙ୍ଗଳା ୱାରିଅର୍ସ ବୋଲିଂର ନିଷ୍ପତ୍ତି ନେଇଥିଲା । ନିର୍ଦ୍ଧାରିତ ୧୦ଓଭରରେ ଆଚାର୍ଯ୍ୟ ଓ୍ୱାରିଅର୍ସ ୯ ୱିକେଟ ହରାଇ ୯୫ ରନ ସଂଗ୍ରହ କରିଥିଲା । ଜବାବରେ ମା ମଙ୍ଗଳା ୱାରିଅର୍ସ ୬ଓଭରରେ ୪ଟି ୱିକେଟ ବିନିମୟରେ ୯୬ ରନ ସଂଗ୍ରହ କରି ମ୍ୟାଚଟି ଜିତି ଚଳିତ ବର୍ଷର ଚାମ୍ପିଅନ ହୋଇଥିଲା । ଏହି ଅବସରରେ ଅନଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବଡ଼ସାହି ପଞ୍ଚାୟତ ସମିତିର ଉପାଧକ୍ଷ୍ୟ କାଞ୍ଚନ ପ୍ରଧାନ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ଶ୍ରୀମତୀ ଅନ୍ନପୂର୍ଣ୍ଣା ଖଣ୍ଡେଇ, ନିତ୍ୟାନନ୍ଦ ମିଶ୍ର, ମହେନ୍ଦ୍ର ସିଂ, ରଣଜିତ୍ ଆଚାର୍ଯ୍ୟ, ଅଭିଜିତ ଦେ ଉପସ୍ଥିତ ରହି ଚମ୍ପିୟାନ ଓ ରନର୍ସଅପ ଦଳକୁ ପୁରସ୍କାର ବିତରଣ କରିଥିଲେ । ସମିତି ସଭ୍ୟ ଇଂ. ସନତ ସେଠି ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ । ଏଥି ସହିତ ବଳଭଦ୍ରପୁର କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ଏଥିରେ ସହଯୋଗ କରିଥିଲେ ।

# ଆଦିବାସୀ ସଂସ୍କୃତି ଓ ପରମ୍ପରା ବିକାଶର ଉଦାହରଣ 'କୁନ୍ଦୁଲିଆ ମହୋତ୍ସବ'

**ବିଶୋଇ, ୨୨।୦୧ (ସମିସ)**



ବିଶୋଇ ବ୍ଲକ ଅନ୍ତର୍ଗତ କୁନ୍ଦୁଲିଆ ଠାରେ ଦିଗ୍‌ବିଜୟ ସ୍ପୋର୍ଟିଂ କ୍ଲବ୍ ଆନୁକୂଲ୍ୟରେ ୩୭ତମ ବିରାଟ ବାର୍ଷିକ କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମ 'କୁନ୍ଦୁଲିଆ ମହୋତ୍ସବ - ୨୦୨୬' ଅନୁଷ୍ଠିତ ହୋଇଯାଇଛି । ମଙ୍ଗଳବାର ମହୋତ୍ସବ ଉଦ୍‌ଘାଟିତ ହେବା ପରେ ବାଳକ, ବାଳିକା ବିଭାଗର ଦୌଡ଼, ଅଙ୍କ କଷା, ମ୍ୟୁଜିକ୍ ଚେୟାର ଓ ଲମ୍ବଡ଼ିଆ ପ୍ରମୁଖ ବିଭିନ୍ନ ପ୍ରକାର କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବୁଧବାର ମହୋତ୍ସବର ମୁଖ୍ୟ ଦିବସରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ସାଙ୍ଗକୁ ବୟସ୍କ ମହିଳାଙ୍କ ବୋଲ ଗୋଟା ଓ ସ୍ୱାମୀ ସ୍ତ୍ରୀ ଙ୍କ ମାଠିଆରେ ଜଳ ଭୋରା ଖେଳ ପ୍ରତିଯୋଗିତା ମହୋତ୍ସବର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା ।ଅପରାହ୍ନ ସମୟରେ ଡାଣ୍ଟା, ଦେସାଏ, ବୁଢ଼ୀଗାଳି, ହୋ ସୁସୁନ, କାଠି ନାଚ ଓ ଡିସ୍କୋ ନାଚ ଭଳି ଆଦିବାସୀ ପାରମ୍ପରିକ ନୃତ୍ୟର ଆସର ଦର୍ଶକଙ୍କ ପାଇଁ ମନୋରଞ୍ଜନର ଖୋରାକ ଯୋଗାଇଥିଲା । ସେହିପରି ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବରେ ମୟୂରଭଞ୍ଜ ଜିଲ୍ଲାର ବିଜେଡି ଦଳୀୟ ବଳିଷ୍ଠ ନେତା ଡାକ୍ତର ଦେବାଶିଷ ମାର୍ଣ୍ଡି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଆଦିବାସୀ ସଂସ୍କୃତି ଓ ପରମ୍ପରାର ବିକାଶର ଉଦାହରଣ କୁନ୍ଦୁଲିଆ ମହୋତ୍ସବ ବୋଲି କହିଥିଲେ । ସେହିପରି ସମ୍ମାନିତ ଅତିଥି ଭାବରେ ବ୍ଲକ ଅଧକ୍ଷା ତୁଳସୀ ସିକ୍ରି ହାଁସଦା, ଜିଲ୍ଲା ପରିଷଦ ସଦସ୍ୟା ବିନ୍ଦୁସ୍ମିତା ଦେଓ, ବରିଷ୍ଠ ବିଜେଡି ନେତା ବୁଦ୍ଧିମାନ ମଣ୍ଡଳ, ବିଶୋଇ ସରପଞ୍ଚ କରୁଣା ସାଗର ମାର୍ଣ୍ଡି, ଖଡ଼ମବେଡ଼ା ସରପଞ୍ଚ ସୋମବାରି ସିଂ, ବିଶୋଇ ପଞ୍ଚାୟତ ସମିତି ସଦସ୍ୟ କାଶୁ ମାଝୀ, କ୍ଲବ୍‌ର ବରିଷ୍ଠ ସଦସ୍ୟ ସୁବାଷ ପାତ୍ର, ବ୍ଲକ ବିଜେଡି ସଭାପତି ରଞ୍ଜନ ନନ୍ଦ, ସମାଜସେବୀ ସହଦେବ ବେଶ୍ରା, ପ୍ରାକ୍ତନ ସରପଞ୍ଚ ଘାସିନୀ ନାଏକ ଯୋଗଦେଇ ଉତ୍ସବର ଗାରିମା ବଢ଼ାଇବା ସହିତ ଆଦିବାସୀ ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ କ୍ଲବ ପକ୍ଷରୁ ଏହିପରି ଅଭିନବ ମହୋତ୍ସବ ଆୟୋଜନକୁ ପ୍ରଶଂସା କରିଥିଲେ । ବୁଧବାର କ୍ଲବ୍ ପକ୍ଷରୁ ସାନ୍ତାଳୀ ଅପେରା ପରିବେଷଣ କରାଯାଇଥିଲା । ଶେଷରେ ଉଭୟ କ୍ରୀଡା ଓ ପାରମ୍ପରିକ ନୃତ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥି ମାନେ ଆକର୍ଷଣୀୟ ପୁରସ୍କାର ଦେଇ ପୁରସ୍କୃତ କରିଥିଲେ । କ୍ଲବର ବରିଷ୍ଠ ସଦସ୍ୟ ଶାନ୍ତନୁ ପାତ୍ର ମଞ୍ଚ ପରିଚାଳନା କରିଥିବାବେଳେ କ୍ଲବର ସଭାପତି ତାରାଶଙ୍କର ସାମନ୍ତ, ଉପସଭାପତି କିରଣ ପାତ୍ର, ସାଧାରଣ ସମ୍ପାଦକ ରାଜୀବ ନାଏକ, ସହ ସମ୍ପାଦକ ସନତରାଜ ସୋରେନ, କୋଷାଧକ୍ଷ ଗଗନ ମୁର୍ମୁ ଓ ଏସ୍.ଆର ସୋରେନ, କ୍ରୀଡ଼ା ସମ୍ପାଦକ ଲକ୍ଷ୍ମଣ ମୁର୍ମୁ, ସାଂସ୍କୃତିକ ସମ୍ପାଦକ ହରପାଲ ମୁର୍ମୁ, ଦାଶରଥି କିସ୍କୁ, ଶଙ୍କର ହେମ୍ବ୍ରମ, ଧନୁରାମ ହାଁସଦା, ବିଜୟ ମୁର୍ମୁ ସମେତ କ୍ଲବର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି

**କୁଆମରା ୨୨ ।୧(ସମିସ):** ଗୋପବନ୍ଧୁ ନଗର ବ୍ଲକ ପରିସର ନୂତନ ସଭା ଗୃହରେ ଆଜି ବନ୍ଦେ ମାତରମ୍ ୧୫୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ବିଡିଓ ପୃଥ୍ୱୀରାଜ ପରିଡ଼ାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ମୁଖ୍ୟ ଅତିଥି ବିଧାୟକ ଭାସ୍କର ଚନ୍ଦ୍ର ମଢେଇ, ମୁଖ୍ୟ ବକ୍ତା ଖୁଣ୍ଟା ଡିଗ୍ରୀ କଲେଜର ରାଜନୀତି ବିଜ୍ଞାନ ବିଭାଗ ଅଧାପକ ଡ଼ଃ ସ୍ନେହାଶିଷ ସେଠୀ, ଏବିଡିଓ ବିଘ୍ନେଶ ବେହେରା, ଜିଲ୍ଲା ପରିଷଦ ସଭ୍ୟା ଉର୍ମିଳା ସେଠୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାର ଦେବାଶିଷ ବେହେରା୍ ପ୍ରମୁଖ ଯୋଗ ଦେଇ ଉକ୍ତ କାବ୍ୟ ଭାରତୀୟଙ୍କ ମନରେ ଏକତା ସୃଷ୍ଟି କରିବା ସହ ଇଂରେଜ ମାନଙ୍କ ବିରୁଦ୍ଧରେ ଲଢିବା ପାଇଁ ଦେଶବାସୀଙ୍କୁ ଶକ୍ତି ଯୋଗାଇଥିଲା ବୋଲି ମତବ୍ୟକ୍ତ କରିଥିଲେ । ଆରମ୍ଭ ରେ ସାମୁହିକ ବନ୍ଦେ ମାତରମ୍ ଗାନ କରାଯାଇଥିଲା । ଶିକ୍ଷକ ବଙ୍କିମ ଚନ୍ଦ୍ର ବାରିକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ଶିକ୍ଷୟତ୍ରୀ ପଦ୍ମିନୀ ପାଢ଼ୀ ସହଯୋଗ କରିଥିଲେ । ଏଥି ପୂର୍ବରୁ ବିଦ୍ୟାଳୟ ମାନଙ୍କରେ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀ ମାନଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମ ରେ ଏମବିକେ, ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, ସରପଞ୍ଚ, ସମିତି ସଭ୍ୟ ଓ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀ ଓ କର୍ମଚାରୀ ମାନେ ଯୋଗ ଦେଇଥିଲେ ।

# ସଚେତନତାଧର୍ମୀ ନାଟକ 'ପରିବର୍ତ୍ତନର ସ୍ୱର' ମଞ୍ଚସ୍ଥ

କେନ୍ଦୁଝର,୨୨।୧(ସମିସ):



ଜିଲ୍ଲା ଆଇନସେବା ପ୍ରାଧିକରଣ ଓ ଜିଲ୍ଲା ପ୍ରଶାସନର ସହଯୋଗରେ ସୁଭଦ୍ରା ଶକ୍ତି ମେଳା ଓ ଆତ୍ମନିର୍ଭର ଭାରତ ମେଳା କାଳୀପଡ଼ିଆଠାରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ସଚେତନତାଧର୍ମୀ କ୍ଷୁଦ୍ର ନାଟିକା "ପରିବର୍ତ୍ତନର ସ୍ୱର' ମଞ୍ଚସ୍ଥ ହୋଇଥିଲା। ଉକ୍ତ ନାଟକର ମାର୍ଗଦର୍ଶକ ଥିଲେ ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଜଜ୍ ଗୋପାଳ ଚନ୍ଦ୍ର ବେହେରା। ମୁଖ୍ୟ ଉପଦେଷ୍ଟା ଆଇନସେବା ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ ଯୋଗଦେଇଥିବାବେଳେ ରଚନା କରିଥିଲେ ପ୍ରାଧିକରଣ ସଦସ୍ୟ ତଥା ତଦାଶା ସମ୍ପାଦକ ଅକ୍ଷୟ କୁମାର ଚକ୍ର। ନିର୍ଦ୍ଦେଶନା ଦେଇଥିଲେ ବରିଷ୍ଠ ଆଇନଜୀବୀ ତଥା କାସାଣ୍ଡ୍ରା କଲ୍‌ଚରାଲ ସେଣ୍ଟରର ସମ୍ପାଦକ ରବୀନ୍ଦ୍ର କୁମାର ସେଠୀ, ସଂଗୀତ ନିର୍ଦ୍ଦେଶନା ଦେଇଥିଲେ ଚନ୍ଦ୍ରଶେଖର ଜେନା। ପୁସ୍ମିତା ବାରିକ, ମାନସ ରଞ୍ଜନ ନାଏକ, ଦେବବ୍ରତ କୁମାର ଦାସ, ଅର୍ଚ୍ଚନା ଦାଶ, ରଶ୍ମିତା ଜେନା, ଲୋକନାଥ ବାରିକ, ମମତାମୟୀ ମହାନ୍ତ, ଦୀପ୍ତିରଞ୍ଜନ ଅବର୍ଦ୍ଧା, କବିତା ମହାନ୍ତ, ବିମଳା ମହାନ୍ତ ଓ ଅକ୍ଷୟ ଚକ୍ର ଉପସ୍ଥିତ ଥିଲେ। ଏକ ମେଧାବୀ ଗରୀବ ଛାତ୍ରୀକୁ ଏକ ତରଫା ଭଲପାଇ ଜଣେ ଧନୀ ଓ ପଥଭ୍ରଷ୍ଟ ଯୁବକ ଏସିଡ୍ ପକାଇ ତା'ର ଜୀବନକୁ ଦୁର୍ବିସହ କରିଥିଲା ଓ ଆଇନସେବା ପ୍ରାଧିକରଣର ହସ୍ତକ୍ଷେପ ଫଳରେ ସେହି ମେଧାବୀ ଛାତ୍ରୀଟି କିଭଳି ପୁନର୍ବାର ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରି ନୂଆ ଜୀବନ ପାଇ ପାରିଛି ତାହା ଏହି କ୍ଷୁଦ୍ର ନାଟିକା "ପରିବର୍ତ୍ତନର ସ୍ୱର' ର ମୁଖ୍ୟ କାହାଣୀ। ସୁଭଦ୍ରା ମେଳାରେ ପ୍ରାଧିକରଣ ଦ୍ୱାରା ଏହିଭଳି ସଚେତନତାଧର୍ମୀ ନାଟକକୁ ଦର୍ଶକ ତଥା ଜିଲ୍ଲାବାସୀ ପସନ୍ଦ କରି ଆଇନସେବା ପ୍ରାଧିକରଣକୁ ସାଧୁବାଦ ଜଣାଇଛନ୍ତି।

# ୨୭ ଦିନର ନବଜାତ ଶିଶୁ କନ୍ୟା ଉଦ୍ଧାର



## ଶିଶୁକନ୍ୟାକୁ ପୋଷ୍ୟ ଭାବେ ପ୍ରଦାନ ପାଇଁ ଦମ୍ପତିଙ୍କ ଅନୁରୋଧ

ମୋରଡା,୨୨।୧(ସମିସ): ମୋରଡା ବ୍ଲକ ଅନ୍ତର୍ଗତ ଜୈନିକ ଗ୍ରାମର ଦମ୍ପତି ଏକ ୨୭ ଦିନର ନବଜାତ ଶିଶୁ କନ୍ୟା କୁ ଉଦ୍ଧାର କରି ଘରକୁ ଆଣି ଲାଳନପାଳନ କରୁଥିଲେ।ତେବେ ଗୁରୁବାର ସିଡିପିଓ ବିଜୟଲକ୍ଷ୍ମୀ ଦଣ୍ଡପାଟ ଅଭିଯୋଗ ପାଇ ଘଟଣାର ତଦନ୍ତ ଆରମ୍ଭ କରି ନବଜାତ ଶିଶୁ କନ୍ୟାଟି କେଉଁଠି ଅଛି ସନ୍ଧାନ ନେଇଥିଲେ। ଖବର ପାଇବା ପରେ ମୋରଡ଼ା ଥାନା ସବ ଇନ୍ସପେକ୍ଟର ନିବେଦିତା ନାୟକ ଙ୍କ ସହିତ ଶିଶୁ ସମନ୍ୱୟ ବିଭାଗର ଅଧିକାରୀ ବିଜୟଲକ୍ଷ୍ମୀ ଦଣ୍ଡପାଟ ସଦଳବଳେ ଯାଇ ଶିଶୁ କନ୍ୟା କୁ ଉଦ୍ଧାର କରିଥିବା ଦମ୍ପତିଙ୍କୁ ବୁଝାସୁଝା କରିବା ପରେ ଶିଶୁକନ୍ୟା ଟିକୁ ଉଦ୍ଧାର କରି ବାରିପଦାସ୍ଥିତ ସି ଡବ୍ଲ୍ୟୁସିକୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି। ତେବେ ଦମ୍ପତି ଦୁହେଁ ଶିଶୁଟିର ଉପଯୁକ୍ତ ଯତ୍ନ ନେଉଥିଲେ ଏବଂ ଶୁଶୁ କନ୍ୟାଟିକୁ ପୋଷ୍ୟ ଭାବେ ଗ୍ରହଣ କରିବା ଦିଗରେ ପ୍ରଶାସନ ସାହାଯ୍ୟ କରିବାକୁ ନିବେଦନ କରିଛନ୍ତି।

# ଟ୍ରକ୍ ପଛକୁ ଧକ୍କା ଦେଲା ଟ୍ରକ୍ ; ଜଣେ ଗୁରୁତର

ତୁରୁମୁଙ୍ଗା,୨୨।୧(ସମିସ): କେନ୍ଦୁଝର ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ହାତିବାରୀ ଛକ ନିକଟରେ ଗୁରୁବାର ଅପରାହ୍ଣରେ ଏକ ଟ୍ରକ୍ ପଛକୁ ଆଉ ଏକ ଟ୍ରକ୍ ଧକ୍କା ଦେବାରୁ



ପଛ ଟ୍ରକର ଡ୍ରାଇଭର ଚାପହୋଇ ଗୁରୁତର ହୋଇଛନ୍ତି। ତାଙ୍କୁ ସ୍ଥାନୀୟଲୋକଙ୍କ ସହାୟତାରେ ଏକ ଘଣ୍ଟା ପରେ ଏନ୍‌ଏଚ୍‌ଆଇ କର୍ମଚାରୀ ଉଦ୍ଧାର କରି ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଗୁରୁତର ଡ୍ରାଇଭରଙ୍କ ପରିଚୟ ମିଳି ନ ଥିବାବେଳେ ତାଙ୍କ ଗୋଡ଼ ଓ ଛାତିରେ ଗଭୀର ଆଘାତ ଲାଗିଛି। ତୁରୁମୁଙ୍ଗା ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତକରି ତଦନ୍ତ କରୁଛି।

# ମା' ତାରିଣୀ ପ୍ରେସ୍ କ୍ଲବ୍‌ର ସାମାଜିକ ସେବାକୁ ଗୁରୁତ୍ୱ



ଘଟଗାଁ,୨୨।୧(ସମିସ): ଘଟଗାଁ ଠାରେ ଗଠିତ ହୋଇଛି ମା ତାରିଣୀ ପ୍ରେସ୍ କ୍ଲବ୍। ଘଟଗାଁ ଅଞ୍ଚଳରେ କର୍ତ୍ତବ୍ୟରତ କିଛି ବରିଷ୍ଠ ଓ ଯୁବ ସାମ୍ବାଦିକଙ୍କୁ ନେଇ ଏହି ପ୍ରେସକ୍ଲବ୍ ଗଠନ ହୋଇଛି। ଏଥିରେ ସାମାଜିକ ସେବାଉପରେ ଗୁରୁତ୍ୱ ଦିଆଯାଇଛି। ଏହି କ୍ଲବ୍ ମାଧ୍ୟମରେ ପ୍ରଶାସନ ଓ ଜନସାଧାରଣଙ୍କ ସହଯୋଗରେ ରକ୍ତଦାନ ଶିବିର, ଚାରାରୋପଣ ପରି କାର୍ଯ୍ୟକୁ ଗୁରୁତ୍ୱ ଦିଆଯିବ ବୋଲି ମତ ପ୍ରକାଶ ପାଇଥିଲା। ଏଥି ସକାଶେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କାର୍ଯ୍ୟକାରିଣି କମିଟି ଗଠିତ ହୋଇ ସର୍ବସମ୍ମତି କ୍ରମେ ବରିଷ୍ଠ ସାମ୍ବାଦିକ ପ୍ରଦୀପ କୁମାର ସାଙ୍କୁ ସଭାପତି, କୂଳମଣି ନାଏକଙ୍କୁ ଉପସଭାପତି ଭାବେ ମନୋନୀତ କରାଯାଇଥିଲା। ସେହିଭଳି କାର୍ଯ୍ୟକାରୀ ସଭାପତି ଭାବେ ମାନସ ପେରେଇ, ସାଧାରଣ ସମ୍ପାଦକ ଭାବେ ଭବାନୀ ମହାନ୍ତ, ସମ୍ପାଦକ ଭାବେ ଭୀମସେନ ବଳ, ଏକେ ଶୁଭ୍ରାଂଶୁ ଶେଖରଙ୍କୁ ମନୋନୀତ କରାଯାଇଥିଲା। କୋଷାଧ୍ୟକ୍ଷ ଭାବେ ଛବୀନ୍ଦ୍ର କୁମାର ଜେନାଙ୍କୁ ଚୟନ କରାଯାଇଥିଲା। କୋର୍ କମିଟି ସଦସ୍ୟ ଭାବେ ମହେନ୍ଦ୍ର ପାତ୍ର, ଲକ୍ଷ୍ମୀକାନ୍ତ ତ୍ରିପାଠୀ, ତ୍ରିଲୋଚନ ପାତ୍ର, ଅମରେନ୍ଦ୍ର ଦେହୁରୀଙ୍କୁ ମନୋନୀତ ହୋଇଥିବା ବେଳେ ଉପଦେଷ୍ଟା ଭାବେ ବରିଷ୍ଠ ସାମ୍ବାଦିକ ଆନନ୍ଦ ଚନ୍ଦ୍ର ସିଂ, ସଞ୍ଜୟ ମିଶ୍ର, ପ୍ରଫୁଲ ରାଉତ, ରାଜେନ୍ଦ୍ର ପଟ୍ଟନାୟକ, ମନୋଜ ବିଶ୍ୱାଳଙ୍କୁ କମିଟିରେ ସ୍ଥାନ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ଦେବାଶିଷ ଭଞ୍ଜ, ଅଜୟ କୁମାର ମହାନ୍ତି, ସଞ୍ଜୀବ ରାଉତ, ରକ୍ଷାକର ବାରିକ, ପ୍ରଶାନ୍ତ କୁମାର ଖଣ୍ଡା, ସଚିନ ରାଉତ, ସନ୍ତୋଷ କୁମାର ନାୟକ, ଲିପୁନ ପାତ୍ର, ରଣଜିତ ମହାନ୍ତ, ଉଦୀପ୍ତ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# କୁକୁଡ଼ା ଲଢେଇ ଖେଳ ଉପରେ ଚଢ଼ଉ



ତୁରୁମୁଙ୍ଗା,୨୨।୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅଞ୍ଚଳରେ ବିଭିନ୍ନ ହାଟ ସହ ଯାତ୍ରାରେ ବେଧଡ଼କ କୁକୁଡ଼ା ଲଢେଇ ଚାଲିଥିବାବେଳେ ଗୁରୁବାର ପାଟଣା ଥାନା ଅଧୀନ ଖଡ଼ିକାପଦା ପଞ୍ଚାୟତ ପୁରୁଣାପାଣି ଗ୍ରାମର ସ୍କୁଲ ନିକଟରେ ଥିବା ପଡ଼ିଆରେ ଟୁସୁ ପର୍ବ ଚାଲିଥିଲା। ଏଥିସହ ଟୁସୁ ପର୍ବ ନା ରେ ବେଧଡ଼କ ଭାବରେ କୁକୁଡ଼ା ଲଢ଼େଇ ଖେଳ ମଧ୍ୟ ଚାଲିଥିଲା। ପର୍ବ ଆଳରେ ଶହଶହ କୁକୁଡ଼ାଙ୍କ ଜୀବନ ବାଜିରେ ଲାଗିଥିବାବେଳେ କୁକୁଡ଼ା ଗୋଡ଼ରେ କାତି ବାନ୍ଧି ଲଢେଇ ଚାଲିଥିଲା। ଏଥି ସହ ଲକ୍ଷ ଲକ୍ଷ ଟଙ୍କା ମଧ୍ୟ ବାଜି ଲାଗିଥିଲା। ଖବରପାଇ ପାଟଣା ଥାନା ଅଧିକାରୀ କିରଣ କୁମାର ସାହୁ ଚଢ଼ଉ କରିଥିଲେ। ପୁଲିସକୁ ଦେଖି ଲୋକେ ଦୌଡ଼ି ପଳାଇବାରୁ ସେଠାରୁ ପୁଲିସ ଖାଲି ହାତରେ ଫେରିଥିବା ଜଣାପଡ଼ିଛି।

# ବଡ଼ସାହି କଲେଜରେ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ



ବଡ଼ସାହି,୨୨।୧(ସମିସ): ବଡ଼ସାହି କଲେଜରେ ମହିଳା ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ରଞ୍ଜନ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ଏହି ଶିବିର ଆଠ ଦିନ ଧରି +୩ ପ୍ରଥମ ବର୍ଷର ୮୬ ଜଣ ଛାତ୍ରୀଙ୍କୁ ନେଇ ସଂଯୋଜିକା ଅଧ୍ୟାପିକା ସନ୍ଧ୍ୟା ରାଣୀ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ପ୍ରାଣୀବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ଡ ଜୀବନ କୁମାର ପଣ୍ଡିତ ଉପସ୍ଥିତ ରହି ଛାତ୍ରୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ଟ୍ରେନର ରଞ୍ଜିତା ସିଂ ଆଠ ଦିନ ଧରି ଛାତ୍ରୀମାନଙ୍କୁ ବିଭିନ୍ନ କୈଶଳ ଶିଖାଇଥିଲେ। ଏଥିରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଅଣ ଶିକ୍ଷକ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।



# ■ ଡବଲ୍ ଇଞ୍ଜିନ ସରକାରରେ ଶାସନ ଢିଲା

# ସିଏମ୍ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ ପରେ ବି ମିଳୁନି ନ୍ୟାୟ

ଆନନ୍ଦପୁର,୨୨।୧(ସମିସ): ସାଧାରଣ ଲୋକଙ୍କ ମୌଳିକ ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ସିଧାସଳଖ ସାଧାରଣ ଲୋକଙ୍କ ଠାରୁ ଅଭିଯୋଗଫର୍ଦ୍ଦ ଗ୍ରହଣ କରି ଏହାର ତ୍ୱରିତ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରୁଛନ୍ତି। ହେଲେ ସାଧାରଣ ଲୋକଙ୍କ ସମସ୍ୟାକୁ ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରୁ ତୃଣମୂଳସ୍ତରର ଅଧିକାରୀଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଉଥିବା ସତ୍ତ୍ୱେ ଅଧିକାରୀମାନେ ହାତବାନ୍ଧି ବସିବା ଚିନ୍ତାର କାରଣ ହୋଇଛି। ଏହାର ଉଦାହରଣ ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ଘସିପୁରା ତହସିଲ ଅଧୀନ ବାଲିପାଳ ମୌଜାର ବସନ୍ତ କୁମାର ସାହୁଙ୍କ ସ୍ତ୍ରୀ ପ୍ରଜ୍ଞା ପରମିତା ସାହୁଙ୍କ କ୍ଷେତ୍ରରେ। ଜମି ମାଲିକ ନିଜ ପଟ୍ଟାଭୁକ୍ତ ଜମି ଫେରିପାଇବା ପାଇଁ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହେବା ସତ୍ତ୍ୱେ ନିରାଶ ହୋଇଥିଲେ। ଜମି ମାଲିକ ବସନ୍ତ କୁମାର ସାହୁଙ୍କ ସ୍ତ୍ରୀ ପ୍ରଜ୍ଞା ପରମିତା ସାହୁଙ୍କ ନାମରେ ଘସିପୁରା ତହସିଲ ବାଲିପାଳ ମୌଜା ଖାତା ନଂ ୩୧୩/୧୩୬ ପ୍ଲଟ୍ ନଂ ୬୭୫ ଏ୦.୦୬୦ ପଟ୍ଟାଭୁକ୍ତ ଜମି ରହିଛି। ଏହି ପଟ୍ଟାଭୁକ୍ତ ଜମିକୁ ଜଣେ ବ୍ୟକ୍ତି ନିଜ ଦଖଲରେ ରଖିଛନ୍ତି। ଏହି ଜବରଦଖଲରେ ଥିବା ପଟ୍ଟାଭୁକ୍ତ ଜମିକୁ ଜବରଦଖଲରେ ରଖିଥିବା ବ୍ୟକ୍ତି ବିଶେଷ ଅନ୍ୟଜଣଙ୍କୁ ଲିଜ୍ ସୂତ୍ରରେ ଚାଷ ପାଇଁ ଦେବା ଘଟଣା ଜମି ମାଲିକଙ୍କ ପାଇଁ ଚିନ୍ତାଜନକ ସ୍ଥିତି ସୃଷ୍ଟି କରିଛି। ଘଟଣା ସମ୍ପର୍କରେ ଘସିପୁରା ତହସିଲରେ ଅଭିଯୋଗ ହେବାରୁ ବିବାଦୀୟ ଜମି ସ୍ଥାନୀୟ ଆର୍‌ଆଇଙ୍କ ଦ୍ୱାରା ତଦନ୍ତ କରାଯାଇ ରିପୋର୍ଟ ମଧ୍ୟ ପ୍ରଦାନ କରାଯାଇଥିଲା। ରିପୋର୍ଟ ଅନୁସାରେ, ଜମି ମାଲିକଙ୍କ ପଟ୍ଟାଭୁକ୍ତ ଜମି ଜଣାପଡ଼ିଥିବାବେଳେ ଏହାକୁ ସେ ଜବରଦଖଲମୁକ୍ତ କରିବାରେ ବିଫଳ ହୋଇଛନ୍ତି। ଦୀର୍ଘ ୩ ବର୍ଷ ଧରି ଏହି ପଟ୍ଟାଭୁକ୍ତ ଜମି ଜବରଦଖଲରେ ରହିଥିବାରୁ ଜମି ମାଲିକ କିଣିଥିବା ଜମିକୁ ନିଜେ ବ୍ୟବହାର କରିପାରୁ ନାହାନ୍ତି। ଏଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ଜମି ମାଲିକ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହେବା ପରେ ଘସିପୁରା ଥାନାରେ ଲିଖିତ ଅଭିଯୋଗ କରିବା ସତ୍ତ୍ୱେ କୌଣସି ସୁଫଳ ପାଇପାରି ନାହାନ୍ତି। ଫଳରେ ନିରାଶ ହୋଇ ଜମି ମାଲିକ ଗତ ୫ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ନିଜର ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲେ। ପୂର୍ବରୁ ଘଟଣାକୁ ନେଇ ଜମି ମାଲିକ ୨୦୨୫ ଅକ୍ଟୋବର ମାସରେ ଡିଜି ପୁଲିସଙ୍କ ନିକଟରେ ଅଭିଯୋଗ କରିବା ପରେ ଘଟଣା ଦିଗରେ ଦୃଷ୍ଟି ଦିଆଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ କେନ୍ଦୁଝର ଏସ୍‌ପିଙ୍କ ନିକଟକୁ ପତ୍ର ଜରିଆରେ ଅବଗତ କରାଯାଇଥିଲା। ସେହିପରି ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ କ୍ରମିକ ସଂଖ୍ୟା ୧/୧୨.୦୯.୨୦୨୫ ରେ ଅଭିଯୋଗ ଦାଖଲ ହେବା ପରେ ଘଟଣା ଦିଗରେ ଦୃଷ୍ଟି ଦିଆଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ଘସିପୁରା ତହସିଲକୁ ନିର୍ଦ୍ଦେଶନାମା ମଧ୍ୟ ଜାରି ହୋଇଥିଲା। ହେଲେ ଅଦ୍ୟାବଧି ଘଟଣା ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଜମି ମାଲିକ ଅଭିଯୋଗ କରି

# ବ୍ଲକସ୍ତରୀୟ କ୍ୟାରିୟର ଗାଇଡେନ୍ସ ପ୍ରଶିକ୍ଷଣ ଶିବିର




ବେତନଟୀ,୨୨।୧(ସମିସ): ବେତନଟୀ ବ୍ଲକ୍ ଏବଂ ବଡ଼ସାହି ବ୍ଲକ ଅଧୀନ ସମସ୍ତ ସରକାରୀ ମାଧ୍ୟମିକ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ନେଇ ଦୁଇ ଦିନିଆ କ୍ୟାରିୟର ଗାଇଡ଼େନ୍ସ ପ୍ରଶିକ୍ଷଣ ଶିବିର ବେତନଟୀ ସଠିଲୋ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବେତନଟୀ ବ୍ଲକ ଶିକ୍ଷାଧିକାରୀ ବିପ୍ଳବ କର ଏବଂ ଅତିରିକ୍ତ ଶିକ୍ଷା ଅଧିକାରୀ ଅପର୍ଣ୍ଣା ସାହୁ ଏବଂ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ନରହରି ମହାନ୍ତ ପ୍ରମୁଖ ଯୋଗ ଦେଇ ତାଲିମ ଶିବିରକୁ ଉଦ୍‌ଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପି ଏମ ଶ୍ରୀ ମହାରାଜା ପ୍ରତାପ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସୁବୋଧ କୁମାର ସାହୁ, ତାଳପଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଦେବରାଜ ନାୟକ, ଏବଂ ପଦ୍ମଲୋଚନ ସରକାରୀ ଉଚ୍ଚ ବିଦ୍ୟାଳୟ ବଡ଼ ଛୁରୁଣୀର ଶିକ୍ଷୟିତ୍ରୀ ମଲ୍ଲିକା କିସ୍କୁ ଉକ୍ତ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ। ଏଥିରେ ବଡ଼ସାହି ଓ ବେତନଟୀ ବ୍ଲକର ୫୪ଜଣ ଶିକ୍ଷକ ଶିକ୍ଷୟତ୍ରୀ ଦୁଇ ଦିନ ଧରି ପ୍ରଶିକ୍ଷଣ ନେଇଥିଲେ।

# ଜାତୀୟ ମତଦାତା ଦିବସ ପାଳିତ



କୁଆମରା,୨୨।୧(ସମିସ): ଗୋପବନ୍ଧୁନଗର ବ୍ଲକ କୁଆମରା ସାରସ୍ୱତ ସ୍ନାତକ ମହାବିଦ୍ୟାଳୟରେ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ସୁବଳ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟପକ ପ୍ରଭାତ କୁମାର ସେନାପତି, ଅବନୀ କୁମାର ମହାନ୍ତି, ଅଧ୍ୟାପିକା ମିତାରାଣୀ ଦ୍ୱିବେଦୀ, ଇଏଲସି ଅଧିକାରୀ ରାଜଲକ୍ଷ୍ମୀ ବେହେରା ପ୍ରମୁଖ ଯୋଗ ଦେଇ ମତଦାନ ଅଧିକାର ଉପରେ ବକ୍ତବ୍ୟ ରଖିଥିଲେ। ଉପସ୍ଥିତ ଛାତ୍ରଛାତ୍ରୀମାନେ ଶପଥ ପାଠ କରିବା ସହ ଏକ ସଚେତନତା ରାଲି କଲେଜ ପରିସର ରୁ ବାହାରି ସ୍ଥାନୀୟ ବଜାର ପରିକ୍ରମା କରିଥିଲା। ଉକ୍ତ କାର୍ଯ୍ୟକ୍ରମ କୁ ଏନ୍‌ଏସ୍‌ଏସ୍ ଅଧିକାରୀ ଗୋପୀନାଥ ପଣ୍ଡା, ଯୁବ ରେଡକ୍ରସ୍ ବିଭାଗ ଅଧିକାରୀ ବିଶ୍ୱନାଥ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

# ତେଲଦଉଡ଼ି ଗ୍ରାମରେ ମାଗଣା ସ୍ୱାସ୍ଥ୍ୟ ଶିବିର

ଗୋପବନ୍ଧୁନଗର,୨୨।୧(ସମିସ): ଉଦଳା ବ୍ଲକ୍ ଅଧୀନରେ ଥିବା ତେଲଦଉଡ଼ି ଗ୍ରାମରେ ଉଦଳା ଏୟୁ ସ୍ମଲଫାଇନାନ୍ସ ବ୍ୟାଙ୍କ ସମ୍ପ୍ରତି ଭାରତୀୟ ରିଜର୍ଭ ବ୍ୟାଙ୍କରୁ ଏକ ସାର୍ବଜନିନ ବ୍ୟାଙ୍କରେ ପରିଣତ ହେବା ପାଇଁ ନିତିଗତ ଅନୁମୋଦନ ଯାହାଫଳରେ ଏହା ଏକ ଦଶନ୍ଧିରୁ ଅଧିକ ସମୟ ମଧ୍ୟରେ ଭାରତର ସର୍ବ ବୃହତ କ୍ଷୁଦ୍ର ଆର୍ଥିକ ବ୍ୟାଙ୍କରେ ପରିଣତ ହୋଇଛି। ଭାରତର ସର୍ବବୃହତ କ୍ଷୁଦ୍ର ବ୍ୟାଙ୍କ ଏୟୁ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାର ଉଦଳା ତହସିଲ ଅଧୀନରେ ଥିବା ତେଲଦିହୁଡ଼ି ଗ୍ରାମରେ ଏହି ବାବଦରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜନ ହୋଇ ଯାଇଛି। ଗ୍ରାମାଂଚଳ ଲୋକ ମାନଙ୍କର ରକ୍ତହୀନତା, ରକ୍ତଚାପ, ସର୍କରାସ୍ତର ଏବଂ ଅନ୍ୟାନ୍ୟ ରୋଗ ପାଇଁ ସ୍କ୍ରିନିଂ କରାଯାଇଥିଲା ଏବଂ ଆବଶ୍ୟକୀୟ ଔଷଧ ବଂଟନ କରାଯାଇଛି। ଏହି ଶିବିରର ଆୟୋଜନର ଆଭିମୁଖ୍ୟ ଥିଲା ଗ୍ରାମାଂଚଳରେ ମୌଳିକ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ନିଦାନ ସେବା ପ୍ରଦାନ କରି ଗ୍ରାମାଂଚଳରେ ରକ୍ତହୀନତାର ପ୍ରଭାବ ହ୍ରାସ କରିବା ଏବଂ ରୋଗ ବିଷୟରେ ସଚେତନତା ବୃଦ୍ଧି କରିବା ଶିବିରର ଆଭିମୁଖ୍ୟ ଥିଲା। ଏହି କାର୍ଯ୍ୟକ୍ରମରେ ରୋଗୀ ମାନଙ୍କୁ ୩୦ ଦିନର ଔଷଧ ମାଗଣା ଦିଆଯାଇଛି।



# ମା ମଙ୍ଗଳା କପ୍ କ୍ରିକେଟ୍ | ଭୁବନେଶ୍ୱରକୁ ହରାଇ ରାଉରକେଲା ଚାମ୍ପିଅନ

ଆନନ୍ଦପୁର,୨୨।୧(ସମିସ):



ଘସିପୁରା ମା'ମଙ୍ଗଳା କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ଘସିପୁରା କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ମ୍ୟାଚରେ ରାଉରକେଲା ଆରଏସଏ କ୍ରିକେଟ କ୍ଲବ ୬୨ ରନରେ ଭୁବନେଶ୍ୱର ସାଇ ୧୧ କ୍ରିକେଟ କ୍ଲବକୁ ହରାଇ ଚାମ୍ପିଅନ ହୋଇଛି। ରାଉରକେଲା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୬ ୱିକେଟ୍ ହରାଇ ୨୪୨ରନ୍ କରିଥିଲା। ରାଉରକେଲା ସାର୍ଥକ ସ୍ୱୟମ ପ୍ରକାଶ ୬୫ ବଲରେ ୯୧ରନ ଓ ମ୍ରିଦୁଲ ପାଣ୍ଡେ ୨୩ ବଲରେ ୬୭ରନ କରିଥିଲେ। ଏହାର ଜବାବରେ ଭୁବନେଶ୍ୱର ଦଳ ୨୦. ୩ ଓଭରରେ ସମସ୍ତ ୱିକେଟ୍ ହରାଇ ୧୮୦ରନ୍ ସଂଗ୍ରହ କରି ପରାଜୟ ବରଣ କରିଥିଲେ। ରାଉରକେଲା ବୋଲର ଅଙ୍କିତକର ୪ଗୋଟି ୱିକେଟ ନେଇଥିଲେ କ୍ଷ ସାର୍ଥକ ସ୍ୱୟଂମ ପ୍ରକାଶ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ମ୍ରିଦୁଲ ପାଣ୍ଡେ ମ୍ୟାନ ଅଫ ଦ ଟୁର୍ଣ୍ଣାମେଣ୍ଟ ଭାବେ ବିବେଚିତ ହୋଇଥିଲେ। ଅମ୍ପାୟାର ପ୍ରାଣନାଥ ଜେନା ଓ ରମେଶ ମହାରଣା ମ୍ୟାଚ୍ ପରିଚାଳନା କରିଥିଲେ। ମନୋରଞ୍ଜନ ମିଶ୍ର,ସମ୍ବିତ କୁମାର ଜେନା ସ୍କୋର୍ ଦାୟିତ୍ୱରେ ଥିଲେ। ବୁବୁ ସିହ୍ନା, ତାପସ ପଡ଼ିଆରୀ ଧାରା ବିବରଣୀ ପ୍ରଦାନ କରିଥିଲେ। କ୍ଲବ୍ ସଭାପତି ପ୍ରସନ୍ନଜିତ୍ ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଜଙ୍ଗଲ ଓ ଶ୍ରମ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ତେଲକୋଇ ବିଧାୟକ ଡଃ ଫକୀର ମୋହନ ନାୟକ ସମ୍ମାନିତ ଅତିଥି, ଆନନ୍ଦପୁରର ବିଧାୟକ ପ୍ରାର୍ଥୀ ଆଲୋକ ସେଠୀ, ଘସିପୁରାର ବିଧାୟକ ପ୍ରାର୍ଥୀ ଡ଼ଃ ଶମ୍ଭୁନାଥ ରାଉତ, ପୂର୍ବତନ ନଗରପାଳ ରାମଚନ୍ଦ୍ର ସାହୁ, ପ୍ରବଚକ ପଣ୍ଡିତ ଜିତୁ ଦାଶ ବିଜେପି କେନ୍ଦୁଝର ଜିଲ୍ଲା ଉପସଭାପତି ଜ୍ଞାନରଞ୍ଜନ ସାମନ୍ତସିଂହାର, ଆନନ୍ଦପୁର ଡିଏଫ୍‌ଓ ପ୍ରଶାନ୍ତ କୁମାର ପଣ୍ଡା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲେ ସିନେ ତାରକା ସୌମ୍ୟା କାନୁନ୍‌ଗୋ। କ୍ଲବ୍‌ର ସମ୍ପାଦକ ନାରାୟଣ ସାହୁ, ସଦସ୍ୟ ଜ୍ୟୋର୍ତିମୟ ଦାଶ, ସୁରେଶ ସାହୁ, ରମେଶ ସାହୁ, ଦାମୋଦର ସାହୁ, ତୋଫାନ୍ ସାହୁ, ସୌମିତ୍ର ସାହୁ, ନୃତ୍ୟ ଗୁରୁ ଜିତୁ ଦାଶ, ଜ୍ୟୋତିର୍ମୟ ଦାଶ, ଆଶିଷ ବେହେରା, ଶିନାନନ୍ଦ ମହାରଣା, ମଙ୍ଗଳ ନାୟକ, ରାମଚନ୍ଦ୍ର ଧଳ, ମାନସ ସାହୁ, ସୁନୀଲ ସ୍ୱାଇଁ, ପୌଲସ୍ତ୍ୟ ସାହୁ, ମୃତ୍ୟୁଞ୍ଜୟ ସାହୁ, ଧବଳେଶ୍ୱର ସାହୁ, ଚିନ୍ମୟ ନାୟକ, ବସନ୍ତ ଜେନା, ରାଜେଶ ପଣ୍ଡିତ, ମଳୟ ସାହୁ, ଉଜ୍ଜ୍ୱଳ ସେନାପତି, ସତ୍ୟଜିତ୍ ଜେନା, ରାଜମଙ୍ଗଳ ନାୟକ, ସାହିଦ୍ ନାୟକ, ରାଜକିଶୋର ପେରେଇ, ସାଇଶୁଭଙ୍କର ପାଢ଼ୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସକାଳ
THE SAKALA



## ଉଡ଼ାବାଲି ଦ୍ୱୀପରେ ଉଡ଼ିଲା ଜାତୀୟ ପତାକା

# ମଝି ସମୁଦ୍ରରେ ଉଡ଼ିଲା ତ୍ରିରଙ୍ଗା

ଭଦ୍ରକ,୨୨।୧(ସମିସ): ୭୭ତମ ସାଧାରଣତନ୍ତ୍ର ଦିବସର ଅବ୍ୟବହିତ ପୂର୍ବରୁ ଓଡ଼ିଶା ପୁଲିସ ପକ୍ଷରୁ ଗୁରୁବାର ଭଦ୍ରକ ଜିଲ୍ଲା ଅନ୍ତର୍ଗତ ଧାମରା ବନ୍ଦର ନିକଟସ୍ଥ ଜନବସତିବିହୀନ ଉଡ଼ାବାଲି ଦ୍ୱୀପରେ



ଜାତୀୟ ପତାକା ଉତ୍ତୋଳନ କରାଯାଇଛି। ଏହି ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ଦେଶର ଉପକୂଳ ସୁରକ୍ଷାରେ ନିରନ୍ତର ସେବା ଯୋଗାଉଥିବା ସୁରକ୍ଷାବାହିନୀଙ୍କ ସାହସ, ତ୍ୟାଗ ଓ କର୍ତ୍ତବ୍ୟନିଷ୍ଠା ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ।

ଏହି ଅବସରରେ ସେ କହିଥିଲେ ଯେ ସମୁଦ୍ରତଟ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସଶକ୍ତ ଓ ଆଧୁନିକ କରିବା ପାଇଁ ଓଡ଼ିଶା ପୁଲିସ ତରଫରୁ ଦୀର୍ଘମିଆଦି ଯୋଜନା ଆରମ୍ଭ କରାଯାଇଛି। ଏଥିନିମନ୍ତେ ଚଳିତବର୍ଷ ରାଜ୍ୟ ସରକାର ବାର୍ଷିକ ବଜେଟ୍‌ରେ ୧୪୯ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଉକ୍ତ ଅର୍ଥରାଶିକୁ ବିନିଯୋଗ କରି ସାମୁଦ୍ରିକ ପାଟ୍ରୋଲିଂ ପାଇଁ ଯନ୍ତ୍ରଚାଳିତ ବୋଟ୍, ଟ୍ରଲର, ପ୍ରତ୍ୟେକ ସାମୁଦ୍ରିକ ଥାନା ପାଇଁ ଡ୍ରୋନ୍, ନୌସେନା ବିଶେଷଜ୍ଞ ଓ ବୈଷୟିକ ପରାମର୍ଶଦାତାଙ୍କୁ ନିୟୋଜନ, ମାଛ ଧରାବତରଣ କେନ୍ଦ୍ରରେ ସ୍ୱତନ୍ତ୍ର ସାମୁଦ୍ରିକ ପୁଲିସ ଅଧିକାରୀଙ୍କୁ ନିୟୋଜିତ କରିବା ଏବଂ ସମସ୍ତ ସାମୁଦ୍ରିକ ଥାନାରେ କମ୍ୟୁନିଟି ପୁଲିସିଂ ଭଳି କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି ବୋଲି ସେ କହିଥିଲେ। ଏହାସହ ମାଛଧରା କେନ୍ଦ୍ରଗୁଡ଼ିକରେ ସିସିଟିଭି କ୍ୟାମେରା ସ୍ଥାପନ କରାଯିବା ସହ ସାମୁଦ୍ରିକ ପୁଲିସ ଥାନାଗୁଡ଼ିକରେ ନିୟନ୍ତ୍ରଣ କେନ୍ଦ୍ର ପ୍ରତିଷ୍ଠା କରିବାକୁ ପଦକ୍ଷେପ ନିଆଯାଉଛି। ଏହି ସମସ୍ତ ବ୍ୟବସ୍ଥାକୁ ଭୁବନେଶ୍ୱରର ଏକ ଅତ୍ୟାଧୁନିକ କମାଣ୍ଡ ଓ କଣ୍ଟ୍ରୋଲ ସେଣ୍ଟର ସହ ଯୋଡ଼ାଯିବ ଏବଂ ଆଗାମୀ ଦିନରେ ଏହା ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଡିଜିପି କହିଥିଲେ।

ଏହି ଅବସରରେ କାର୍ଯ୍ୟକ୍ରମକୁ ସଫଳ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ଭାରତୀୟ ନୌସେନା, ଭାରତୀୟ ଉପକୂଳ ସୁରକ୍ଷା, ଶୁଳ୍କ ବିଭାଗ, ରାଜ୍ୟ ପୁଲିସ, ରାଜ୍ୟ ସରକାରଙ୍କ ମତ୍ସ୍ୟ ବିଭାଗ, ଗୁଇନ୍ଦା ବିଭାଗ, ଜଙ୍ଗଲ ବିଭାଗ, ସ୍ଥାନୀୟ ବାସିନ୍ଦା ଏବଂ ମତ୍ସ୍ୟଜୀବୀଙ୍କୁ ଡିଜିପି ଧନ୍ୟବାଦ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରେଳବାଇ ପୁଲିସ, ଉପକୂଳ ସୁରକ୍ଷା ଅତିରିକ୍ତ ମହାନିର୍ଦ୍ଦେଶକ ଅରୁଣ ବୋଥ୍ରା, ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର, ଭଦ୍ରକ ଏସ୍‌ପି ମନୋଜ ରାଉତ, ଏନ୍‌ସିସି କମାଣ୍ଡାଣ୍ଟ, ଧାମରା ବନ୍ଦର ମୁଖ୍ୟ ଉପସ୍ଥିତ ଥିଲେ।

## ସାଇକଲ ମରାମତି ଦୋକାନୀଙ୍କୁ ବୀଭତ୍ସ ହତ୍ୟା

ସୁକିନ୍ଦା, ୨୨।୧(ସମିସ): ସୁକିନ୍ଦା ଅଞ୍ଚଳରେ ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ହତ୍ୟାର ଶିକାର ଯୁବକଜଣଙ୍କ ହେଲେ, ଲେମ୍ବୁ ପଞ୍ଚାୟତ ଅଧୀନ ମାଟିଗାଡ଼ିଆ ଗ୍ରାମ ଦଶରଥ ବେହେରା (୫୩)। ଦୁର୍ବୃତ୍ତମାନେ ତାଙ୍କ ବେକ କାଟି ହତ୍ୟା କରିଛନ୍ତି। ଗୁରୁବାର ସକାଳୁ ମାଟିଗାଡ଼ିଆ ଗାଁ ଛକ ନିକଟରେ ଦଶରଥଙ୍କ ମୃତଦେହ ପଡ଼ିଥିବା ଦେଖି ଗାଁଲୋକେ ସୁକିନ୍ଦା ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏନେଇ ନମ୍ବର ୧୬/୨୬ରେ ଏକ ମାମଲା ରୁଜୁ ହୋଇଛି।

### ରାତି ଅଧରେ ଘରୁ ଟେକିନେଇ ମାରିଦେଲେ

କିଛି ମାସ ତଳେ ଦଶରଥଙ୍କ ପତ୍ନୀଙ୍କ ଦେହାନ୍ତ ହୋଇଥିଲା। ତାଙ୍କର ଦୁଇ ପୁଅ। ଦଶରଥ ଓ ବଡ଼ପୁଅ ଅଶୋକ ପଡ଼ୋଶୀ ବାଲିଆ ଗ୍ରାମରେ ସାଇକଲ ମରାମତି ଦୋକାନ କରି ପରିବାର ପ୍ରତିପୋଷଣ କରନ୍ତି। ସାନପୁଅ କେନ୍ଦୁଝରରେ ଏକ ଘରୋଇ କମ୍ପାନୀରେ କାମ କରେ। ଗତକାଲି ପୁଅ ଅଶୋକ ସାଇକଲ ଦୋକାନରେ ଶୋଇଥିଲା। ଦଶରଥ ଘରେ ଏକା ଶୋଇଥିବା ବେଳେ କିଛି ଦୁର୍ବୃତ୍ତ ତାଙ୍କୁ ଘରୁ ଟେକି ନେଇ ଏକ ଧାରୁଆ ଅସ୍ତ୍ରରେ ତାଙ୍କ ବେକ କାଟି ହତ୍ୟା କରିଥିଲେ। ପରେ ଶବକୁ ଗାଁ ଛକରେ ଫିଙ୍ଗି ଚାଲି ଯାଇଥିବା ସନ୍ଦେହ କରାଯାଉଛି।

ଗ୍ରାମବାସୀଙ୍କ କହିବା କଥା, ଦଶରଥ ଜଣେ ଶାନ୍ତ ସରଳ ଲୋକ। ତାଙ୍କର କାହା ସହ ଶତ୍ରୁତା ନଥିଲା। ତେବେ କିଏ ଓ କାହିଁକି ତାଙ୍କୁ ହତ୍ୟା କରିଛି, ତାକୁ ନେଇ ନାନା ସନ୍ଦେହ ସୃଷ୍ଟି ହୋଇଛି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଜାରି ରଖିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଏକ ଭୟର ବାତାବରଣ ସୃଷ୍ଟି ହୋଇଛି।

## ଶିମିଳିପାଳ ପାଦଦେଶରେ ପଞ୍ଚତାରକା ହୋଟେଲ ନିର୍ମାଣ ପ୍ରସଙ୍ଗ

# ଜମି ପ୍ରଦାନ ନେଇ ଏନ୍‌ଜିଟିରେ ଶୁଣାଣି, ରାୟ ସଂରକ୍ଷିତ

ବାରିପଦା,୨୨।୧(ସମିସ): ଶିମିଳିପାଳ ପାଦଦେଶର ଶାମାଖୁଣ୍ଟା ବ୍ଲକର ଲକ୍ଷ୍ମୀପୋଷି ଅଞ୍ଚଳରେ ପଞ୍ଚତାରକା ହୋଟେଲ ନିର୍ମାଣ ପାଇଁ ଇଡ୍‌କୋ ପକ୍ଷରୁ ପ୍ରଦାନ ହେବାକୁ ଥିବା ୧୦୦ଏକର ଜମି ପ୍ରଦାନ ବିରୋଧରେ ରୁଜୁ ମାମଲାର ଇଷ୍ଟର୍ଣ୍ଣ ବେଞ୍ଚ କଲିକତା ନ୍ୟାସନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନଜିଟି) ପକ୍ଷରୁ ଶୁଣାଣି ହୋଇଛି। ଜୁଡିସିଆଲ ମେମ୍ବର ଜଜ୍ ଅଶୋକ ତ୍ୟାଗି ଓ ଏକ୍ସପୋର୍ଟ ମେମ୍ବର ଜଜ୍ ଡ. ଆଫ୍ରୋଜ ଅହମଦଙ୍କ ସମ୍ବଳିତ ବେଞ୍ଚରେ ଉଭୟ ପକ୍ଷରୁ ମାମଲାର ଶୁଣାଣି କରି ରାୟ ସଂରକ୍ଷିତ ରଖିଛନ୍ତି। ଶିମିଳିପାଳ ଜାତୀୟ ଉଦ୍ୟାନର ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ସଂଲଗ୍ନ ଅଂଚଳରେ ନିର୍ମାଣକୁ ନେଇ ପରିବେଶ ସୁରକ୍ଷା ଏବଂ ପ୍ରତିରୋଧାତ୍ମକ ଆଇନଗତ ହସ୍ତକ୍ଷେପ ସମ୍ପର୍କରେ କୋର୍ଟ ମାମଲାକୁ ଗମ୍ଭୀର ଭାବେ ଗ୍ରହଣ କରିଛନ୍ତି ବୋଲି ଅଭିଯୋଗକାରୀ ପକ୍ଷ ଆଇନଜୀବୀ ଆକାଶ ଶର୍ମା ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ଶିମିଳିପାଳ ଅଭୟାରଣ୍ୟ ପାଦଦେଶରେ ଥିବା ଇକୋ ସେନସିଟିଭ ଜୋନରେ ପଞ୍ଚତାରକା ହୋଟେଲ ସୋନାର ବାଙ୍ଗଲା ହୋଟେଲ ଓ ରିସର୍ଟ ନିର୍ମାଣକୁ ନେଇ ଜମି ଚିହ୍ନଟ ଓ ପ୍ରଦାନ ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ଇନ୍‌ଫ୍ରାକଷ୍ଟ୍ରାକଚର ଡେଭଲପମେଣ୍ଟ କର୍ପୋରେସନ ପକ୍ଷରୁ ଶାମାଖୁଣ୍ଟା ତହସିଲ ଲକ୍ଷ୍ମୀପୋଷି ଅଞ୍ଚଳର ଖାତା ନଂ ୧୨୩, ପ୍ଲଟ ନଂ ୧୩୮ରୁ ୯୩.୨୮୦ଏକର ଜଙ୍ଗଲ ଜମି ପ୍ରଦାନ ପାଇଁ ଉଦ୍ୟମ ହୋଇଥିଲା। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ତଥା ଅଭୟାରଣ୍ୟର ଇକୋ ସେନସିଟିଭ ଜୋନକୁ କ୍ଷତି ପହଞ୍ଚାଇବାକୁ ଥିବାରୁ ବିଭିନ୍ନ ମହଲରୁ ପ୍ରତିବାଦର ସ୍ୱର ଉଠିଥିଲା। ଭଞ୍ଜସେନାର ସକ୍ରିୟ କର୍ମକର୍ତ୍ତା ତଥା ପରିବେଶବିତ୍ ରାକେଶ କୁମାର ମହାନ୍ତିଙ୍କ ଅଭିଯୋଗକୁ ନେଇ ଏନ୍‌ଜିଟିରେ ଏକ ମାମଲା କେସ ନଂ ୧୨୭/୨୦୨୫/ଇଜେଡ୍‌ରେ ରୁଜୁ ହୋଇଥିଲା। ଏପରିକି ଆବେଦନକାରୀଙ୍କ ପକ୍ଷରୁ ଜଙ୍ଗଲଜମିର ପ୍ରତିରୋଧାତ୍ମକ ହସ୍ତକ୍ଷେପ ଆବଶ୍ୟକ ବୋଲି କୋର୍ଟଙ୍କ ନିକଟରେ ଦାବି କରିଥିଲେ। ଯାହାକୁ ନେଇ ଆଇନଜୀବୀ ଶର୍ମା ଉକ୍ତ ଜମିଟି ଇକୋ ସେନ୍‌ସିଟିଭ ଜୋନ ଅଧୀନରେ ଆସୁଥିବା ବେଳେ ଏହା ଶିମିଳିପାଳ ଅଭୟାରଣ୍ୟ ଓ ବ୍ୟାଘ୍ର




ସଂରକ୍ଷଣ ପ୍ରକଳ୍ପ କ୍ଷେତ୍ର ମଧ୍ୟରେ ରହୁଥିବା ଦର୍ଶାଇଥିଲେ। ଏପରିକି ସରକାରୀ ଦସ୍ତାବିଜ୍ ଓ ବନବିଭାଗର ରିପୋର୍ଟକୁ ଦର୍ଶାଇ ପରିବେଶ ସମ୍ବେଦନଶୀଳତାକୁ ସ୍ପଷ୍ଟ କରୁଥିବା ନେଇ ତଥ୍ୟ ଉପସ୍ଥାପନ କରିଥିଲେ। ଏପରିକି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଇକୋ ସେନ୍‌ସିଟିଭ ଜୋନରେ କଂକ୍ରିଟ ନିର୍ମାଣ କରାଗଲେ ପରିବେଶକୁ କ୍ଷତି ପହଞ୍ଚାଇବା ସହ ବନ୍ୟଜନ୍ତୁଙ୍କ ଉପରେ ଏହାର ଘୋର ପ୍ରଭାବ ପଡିବା ସୁନିଶ୍ଚିତ ବୋଲି ଯୁକ୍ତିରେ ଦର୍ଶାଇଥିଲେ। ଏପରିକି ଜଙ୍ଗଲ ଜମିରେ ହୋଟେଲ ପ୍ରକଳ୍ପ ନିର୍ମାଣ ପାଇଁ ଜମି ହସ୍ତାନ୍ତର ପ୍ରକ୍ରିୟାକୁ ବିରୋଧ କରିଥିଲେ। ଉଭୟ ପକ୍ଷର ଯୁକ୍ତକୁ ଶୁଣିବା ପରେ ମାମଲାର ରାୟକୁ ସଂରକ୍ଷିତ ରଖାଯାଇଛି।

## ଆଜି ରଥକାଠ ଅନୁକୂଳ ପୂଜା

ପୁରୀ,୨୨।୧(ସମିସ): ଚଳିତ ବର୍ଷର ରଥଯାତ୍ରା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ମହାପ୍ରଭୁଙ୍କ ନିମନ୍ତେ ତିଆରି ହେବ ତିନିରଥ। ତେଣୁ ପରମ୍ପରା ଅନୁଯାୟୀ, ଶୁକ୍ରବାର ବସନ୍ତ ପଞ୍ଚମୀ ତିଥିରେ ରଥକାଠ ଅନୁକୂଳ ପୂଜା ହେବ। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ୧୨ ଫୁଟିଆ ୩ ଖଣ୍ଡ ଧଉରା କାଠ ରଖାଯାଇଛି। ସନ୍ଧ୍ୟାରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପରିସରରେ ମା' ସରସ୍ୱତୀଙ୍କୁ ପୂଜାର୍ଚ୍ଚନା ପରେ ରଥକାଠ ଅନୁକୂଳ ପୂଜା ହେବ। ରଥ ସଂହିତା ଅନୁଯାୟୀ, ତିନିରଥ ନିର୍ମାଣ ଲାଗି ମୋଟ ୮୬୫ ଖଣ୍ଡ କାଠ ଆବଶ୍ୟକ ହୋଇଥାଏ। ଗତବର୍ଷ ଆସିଥିବା କାଠ ମଧ୍ୟରୁ ୪୭ ଖଣ୍ଡ ବଳକା ରହିଛି। ବାକି ୮୧୮ଖଣ୍ଡ କାଠ ଏଥର ଆସିବ। ପ୍ରଥମ ପର୍ଯ୍ୟାୟରେ ଗତ ମଙ୍ଗଳବାର ୩ଟି ଟ୍ରକ୍‌ରେ ୮୩ଖଣ୍ଡ ଅସନ ଓ ଧଉରା କାଠ ଆସି ପହଞ୍ଚିଛି। ପରମ୍ପରା ଅନୁଯାୟୀ, ବସନ୍ତ ପଞ୍ଚମୀ ତିଥିରେ ରଥକାଠ ଅନୁକୂଳ ଏବଂ ପବିତ୍ର ଅକ୍ଷୟ ତୃତୀୟାରେ ରଥ ନିର୍ମାଣ ଅନୁକୂଳ ହେବାର ବିଧି ରହିଛି। ତେଣୁ ଶୁକ୍ରବାର ରଥକାଠ ଅନୁକୂଳ ପୂଜା ହେବ। ସେହିପରି ଶ୍ରୀରାମ ନବମୀରେ କଟକସ୍ଥିତ ଖପୁରିଆ କରତ କଳରେ ରଥକାଠ ଚିରଟ ଏବଂ ଅକ୍ଷୟ ତୃତୀୟାରେ ମହାପ୍ରଭୁଙ୍କ ତିନିରଥ ନିର୍ମାଣ ଅନୁକୂଳ କରାଯିବ।

## ଜାନୁଆରୀ ୨୬ରେ ଖୋଲା ରହିବ ନନ୍ଦନକାନନ

ନନ୍ଦନକାନନ, ୨୨।୧ (ସମିସ): ଆସନ୍ତା ଜାନୁଆରୀ ୨୬ତାରିଖ (ସୋମବାର) ନନ୍ଦନକାନନ ପ୍ରାଣୀଉଦ୍ୟାନ ପର୍ଯ୍ୟଟକଙ୍କ ନିମନ୍ତେ ଖୋଲା ରହିବ। ସାଧାରଣତଃ ପର୍ଯ୍ୟଟକଙ୍କ ନିମନ୍ତେ ନନ୍ଦନକାନନ ସୋମବାର ବନ୍ଦ ରହିଥାଏ। ଏଥର ଦେଶର ୭୭ତମ ସାଧାରଣତନ୍ତ୍ର ଦିବସ ସୋମବାର ପଡୁଛି। ଜାତୀୟ ଦିବସ ଛୁଟି ଥିବା ହେତୁ ଏହି ଦିନ ବୁଲିଯିବାକୁ ଲୋକେ ପସନ୍ଦ କରିଥା'ନ୍ତି। ଏଣୁ ଆସନ୍ତା ସୋମବାର ପର୍ଯ୍ୟଟକଙ୍କ ନିମନ୍ତେ ନନ୍ଦନକାନନ ଖୋଲା ରହିବ ବୋଲି ଜଣେ ଅଧିକାରୀ କହିଛନ୍ତି। ଏହା ବଦଳରେ ମଙ୍ଗଳବାର ପ୍ରାଣୀଉଦ୍ୟାନ ବନ୍ଦ ରହିବ।

## ପାଟଣାଗଡ଼ ଏନ୍‌ଏସି ଉପାଧ୍ୟକ୍ଷଙ୍କୁ ନିଲମ୍ବନ କଲା ବିଜେଡି

ଭୁବନେଶ୍ୱର, ୨୨।୧(ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଏନ୍‌ଏସି ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ମେହେରଙ୍କୁ ବିଜେଡି ନିଲମ୍ବନ କରିଛି। ଦଳବିରୋଧୀ କାର୍ଯ୍ୟ ପାଇଁ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଶ୍ରୀ ମେହେରଙ୍କୁ ଦଳରୁ ନିଲମ୍ବିତ କରାଯାଇଛି। ଏନେଇ ବିଜେଡି ବରିଷ୍ଠ ଉପସଭାପତି ପ୍ରତାପ ଜେନା ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି।

## ଓଡ଼ିଶା ଜାତୀୟ ମରୁଡ଼ି ପ୍ରଶମନ ପ୍ରକଳ୍ପ ପାଇଁ ବୁଝାମଣା ପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, ୨୨।୧(ସମିସ): ରାଜ୍ୟରେ ଆରମ୍ଭ ହେବ ଓଡିଶା କୃଷି ମରୁଡ଼ି ପ୍ରଶମନ କାର୍ଯ୍ୟକ୍ରମ। ଏଥିପାଇଁ ମୋଟ୍ ୧୪୧.୫୦ କୋଟି ଟଙ୍କା ଖର୍ଚ୍ଚ ହେବ। ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏନ୍‌ଡିଏମ୍‌ଏଫ୍) ଓ ଓସଡମା ପାଣ୍ଠି ଯୋଗାଇବେ। ଏନ୍‌ଡିଏମ୍‌ଏ, ଇକ୍ରିସାଟ୍, ଆଇଆର୍‌ଆର୍‌ଆଇ(ଇରି), ଆଇସିଏଆର୍ ସିଆର୍‌ଆଇଡିଏ (କ୍ରିଡ଼ା) ପରି ଅନ୍ତର୍ଜାତୀୟ ଗବେଷଣା ସଂସ୍ଥା ସହ କୃଷି ବିଭାଗ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ଓ କୃଷି ବିଜ୍ଞାନ କେନ୍ଦ୍ର ମିଳିତ ଭାବେ ଏହାକୁ କାର୍ଯ୍ୟକାରୀ କରିବେ। ଏଥିପାଇଁ ଗୁରୁବାର ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ପ୍ରକଳ୍ପ ନୂଆପଡ଼ା ଜିଲ୍ଲା କୋମନା ବ୍ଲକ, ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ଓ ମୟୂରଭଞ୍ଜର ରରୁଆଁ ବ୍ଲକରେ ଆରମ୍ଭ ହେବ। ପ୍ରାୟ ୨୪ ହଜାର ପରିବାର ନିକଟରେ ଏହାକୁ ପହଞ୍ଚାଇବାକୁ ଲକ୍ଷ୍ୟ ରହିଛି।

## ୧୦ ଜିଲ୍ଲା ପରିଷଦ ସଭାପତିଙ୍କ ସହ ନବୀନଙ୍କ ଆଲୋଚନା

# ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ବିକାଶ କାମ ଜାରି ରଖିବାକୁ ନବୀନଙ୍କ ପରାମର୍ଶ

ଭୁବନେଶ୍ୱର,୨୨।୧(ସମିସ): ରାଜ୍ୟର ୧୦ଟି ଜିଲ୍ଲାର ଜିଲ୍ଲା ପରିଷଦ ସଭାପତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ଗୁରୁବାର ସନ୍ଧ୍ୟାରେ ନବୀନ ନିବାସରେ ଏହି ସାକ୍ଷାତ ଆଲୋଚନା ବେଳେ ଜିଲ୍ଲାପରିଷଦ ସଭାପତିମାନଙ୍କ ସହ ସେମାନଙ୍କ ଜିଲ୍ଲାର ବିକାଶ କାମ ଓ ଆଗାମୀ ପଞ୍ଚାୟତ ନିର୍ବାଚନ ପ୍ରସ୍ତୁତି ବିଷୟରେ ନବୀନ ଆଲୋଚନା କରିଛନ୍ତି। ଏହି ଆଲୋଚନାରେ ଭାଗ ନେଇ ଜିଲ୍ଲା ପରିଷଦ ସଭାପତି ମାନେ ପଞ୍ଚାୟତି ପ୍ରତିନିଧି ମାନଙ୍କ କ୍ଷମତାକୁ ରାଜ୍ୟ ସରକାର ହଡପ କରି ପ୍ରଶାସନକୁ ଦେଇଥିବାରୁ ତୃଣମୂଳ ସ୍ତରରେ ସୃଷ୍ଟି ହେଉଥିବା ଅସନ୍ତୋଷ ବିଷୟରେ ଶ୍ରୀ ପଟ୍ଟନାୟକଙ୍କୁ ଅବଗତ କରିଥିଲେ। ପଞ୍ଚାୟତିରାଜ ବ୍ୟବସ୍ଥାକୁ ଦୁର୍ବଳ କରିବା ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମକୁ ଶ୍ରୀ ପଟ୍ଟନାୟକ ନାପସନ୍ଦ କରିବା ସହିତ ଏଥିପାଇଁ ଆଇନଗତ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଶ୍ରୀ ପଟ୍ଟନାୟକ କହିଥିଲେ ଯେ, ଓଡ଼ିଶାରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଶକ୍ତିଶାଳୀ କରିବାକୁ ବିଜୁ ବାବୁଙ୍କ ଆଦର୍ଶରେ ବିଜେଡି ସରକାର ଅନେକ ସକାରାତ୍ମକ ପଦକ୍ଷେପ ନେଇଥିଲା। କୌଣସି



**ପଞ୍ଚାୟତିରାଜ ବ୍ୟବସ୍ଥାର କ୍ଷମତା ହଡ଼ପ ବିରୋଧରେ ହେବ ଆଇନଗତ ଲଢ଼େଇ**

ପରିସ୍ଥିତିରେ ବି ପଞ୍ଚାୟତକୁ ଦୁର୍ବଳ କରିବା ଉଦ୍ୟମକୁ ବରଦାସ୍ତ କରାଯିବ ନାହିଁ। ସରକାରଙ୍କ ଅସହଯୋଗ ପରି ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ବିକାଶ କାମ ଜାରି ରଖିବା ପାଇଁ ଶ୍ରୀ ପଟ୍ଟନାୟକ ପରାମର୍ଶ ଦେଇଥିଲେ। ଏତଦବ୍ୟତୀତ ନିଜ ନିଜ ଜିଲ୍ଲାରେ ପଞ୍ଚାୟତ ନିର୍ବାଚନ ପାଇଁ ଦଳୀୟ ସ୍ତରରେ ପ୍ରସ୍ତୁତି ଆରମ୍ଭ କରିବାକୁ ଶ୍ରୀ ପଟ୍ଟନାୟକ ଜିଲ୍ଲା ପରିଷଦ ସଭାପତି ମାନଙ୍କୁ ପରାମର୍ଶ ଦେଇଥିଲେ। ଆଜିର କାର୍ଯ୍ୟକ୍ରମରେ ବାଲେଶ୍ୱରର ନାରାୟଣ ପ୍ରଧାନ, କଟକର କିଶୋର ଚନ୍ଦ୍ର ମିଶ୍ର, ବଲାଙ୍ଗିରର ଦେବକୀ ସାହୁ, ବରଗଡ଼ର ମାନିନୀ ଭୋଇ, ମାଲକାନଗିରିର ସମାରି ଟାଙ୍ଗୁଲୁ, ଅନୁଗୁଳର ବବିତା ପ୍ରଧାନ, ଗଞ୍ଜାମର ଅଞ୍ଜଳି ସ୍ୱାଇଁ, ଜଗତସିଂହପୁରର ମନୋରଞ୍ଜନ ଭୋଇ, ନୟାଗଡ଼ର ଦେବାଶିଷ ପଟ୍ଟନାୟକ ଓ ନବରଙ୍ଗପୁରର ମୋତିରାମ ନାୟକ ପ୍ରମୁଖ ଜିଲ୍ଲା ପରିଷଦ ସଭାପତିମାନେ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ଦୁଇ ମୃତ

ବାସୁଦେବପୁର,୨୨।୧(ସମିସ): ଗୁରୁବାର ନଳବାଙ୍କ ଛକରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଦୁଇ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକଦ୍ୱୟ ହେଲେ, ସୁଶାନ୍ତ ମହାକୁଡ଼ ଓ ସେଖ୍ ମନସୁର୍ ଅଲ୍ଲୀ। ଗୁରୁତର ମନ୍‌ସେଖ୍ ସେଖ୍ ମନଜୁର୍ ଅଲ୍ଲୀଙ୍କୁ ପ୍ରାଥମିକ ଚିକିତ୍ସା କରି କଟକ ସ୍ଥାନାନ୍ତର କରାଯାଇଛି।



ବାସୁଦେବପୁର ପୌରପାଳିକାର ସାବରପୁର ଦୁଇ ଭାଇ ସେଖ୍ ମନସୁର୍ ଅଲ୍ଲୀ ଓ ମନସେଖ୍ ସେଖ୍ ମନ୍‌ଜୁର୍ ଅଲ୍ଲୀ ବାଇକ୍‌ରେ ଧାମରା ଭଉଣୀ ଘରକୁ ଯାଉଥିଲେ। ଏହି ସମୟରେ ସୁଶାନ୍ତ କୃଷ୍ଣପୁର ପଞ୍ଚାୟତରୁ ବାସୁଦେବପୁର ଅଭିମୁଖେ ଫେରୁଥିଲେ। ନଳବାଙ୍କ ଛକରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ୩ ଜଣଙ୍କୁ ସଂଜ୍ଞାହୀନ ଅବସ୍ଥାରେ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସୁଶାନ୍ତ ଓ ମନସୁର୍‌ଙ୍କୁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁତର ମନ୍‌ସେଖ୍‌ଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଉଲ୍ଲେଖଯୋଗ୍ୟ, ସୁଶାନ୍ତ ଶଶୁର ଘରୁ ଫେରୁଥିବା ବେଳେ ମନସୁର ଓ ମନଜୁର ଧାମରାସ୍ଥିତ ଭଉଣୀ ଘରକୁ ଯାଉଥିଲେ।

## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

### ଖାଇକୁ ଖସିଲା...

ସେନା ଓ ପୁଲିସ ପକ୍ଷରୁ ମିଳିତ ଉଦ୍ଧାର ଅଭିଯାନ ଆରମ୍ଭ ହୋଇଥିଲା। ଦୁର୍ଘଟଣାସ୍ଥଳରେ ୪ ଜଣ ଯବାନଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ଆହତମାନଙ୍କୁ ଉଦ୍ଧାର କରି ହସପିଟାଲ ନିଆଯାଇଥିଲା। ତେବେ ବାଟରେ ଆଉ ୬ ଜଣ ଯବାନ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ଅନ୍ୟ ୧୧ ଜଣଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଜଣେ ଯବାନ ଅବଜରଭେସନରେ ଥିବା ବେଳେ ଅନ୍ୟ ୧୧ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସେମାନଙ୍କୁ ହେଲିକପଟର ଯୋଗେ ଉଧାମପୁର ହସପିଟାଲକୁ ନିଆଯାଇଛି।

### ପଛଘୁଞ୍ଚା ଦେଲେ...

ସମେତ ଉଚ୍ଚ ପଦାଧିକାରୀମାନେ ଏହି ବିଷୟରେ ଆଲୋଚନା କରିବେ। ହେଲେ ଯେତେବେଳେ ଆମେରିକା ରାଷ୍ଟ୍ରପତିଙ୍କୁ ପଚରାଗଲା ଯେ ଏହି ଚୁକ୍ତି କେତେ ଦିନ ପର୍ଯ୍ୟନ୍ତ ରହିବ। ସେତେବେଳେ ଟ୍ରମ୍ପ୍ ସ୍ପଷ୍ଟ କରିଥିଲେ ଯେ ଏହା ଏକ ଦୀର୍ଘକାଳୀନ ଏବଂ ସ୍ଥାୟୀ ଚୁକ୍ତି ହେବ। ପୂର୍ବରୁ ଡାଭୋସ୍‌ରେ ବିଶ୍ୱ ଅର୍ଥନୈତିକ ଫୋରମ୍‌କୁ ସମ୍ବୋଧିତ କରି ଆମେରିକା ରାଷ୍ଟ୍ରପତି କହିଛନ୍ତି ଯେ ସେ ଗ୍ରୀନଲ୍ୟାଣ୍ଡର ଅଧିଗ୍ରହଣ ବିଷୟରେ ତୁରନ୍ତ ଆଲୋଚନା କରିବାକୁ ଚାହୁଁଛନ୍ତି। ଗ୍ରୀନଲ୍ୟାଣ୍ଡ ହେଉଛି ଆମେରିକାର ସହଯୋଗୀ ଦେଶ ଡେନମାର୍କର ଏକ ଅର୍ଦ୍ଧ-ସ୍ୱାୟତ୍ତ ଅଞ୍ଚଳ। ରାଷ୍ଟ୍ରପତି ଭାବରେ ପ୍ରଥମ କାର୍ଯ୍ୟକାଳ ସମୟରେ ଟ୍ରମ୍ପ୍ ପ୍ରଥମେ ୨୦୧୯ ରେ ଗ୍ରୀନଲ୍ୟାଣ୍ଡ ଅଧିଗ୍ରହଣ ପ୍ରସଙ୍ଗରେ ମତ ଦେଇଥିଲେ। ଗ୍ରୀନଲ୍ୟାଣ୍ଡ ରୋକ୍‌ଠୋକ୍ କହିଛି ଯେ ସେ ଆମେରିକାର ଅଂଶ ହେବାକୁ ଚାହୁଁନାହିଁ, ଯେ କି ପୂର୍ବରୁ ଏହି ଦ୍ୱୀପରେ ଏକ ସାମରିକ ଘାଟି ପରିଚାଳନା କରୁଛି। ଟ୍ରମ୍ପ୍ ଆହୁରି ମଧ୍ୟ କହିଛନ୍ତି ଯେ ତାଙ୍କ ଦେଶ ଗ୍ରୀନ୍‌ଲ୍ୟାଣ୍ଡକୁ ଅଧିଗ୍ରହଣ କରିବା ପାଇଁ ଆଲୋଚନା କରିବାକୁ ଚେଷ୍ଟା ଚଳାଇଛି, କାରଣ ଆମେରିକା ବ୍ୟତୀତ ଅନ୍ୟ କୌଣସି ରାଷ୍ଟ୍ର ଏହାକୁ ସୁରକ୍ଷିତ ରଖିବା ସ୍ଥିତିରେ ନାହାଁନ୍ତି। ସେପଟେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ କହିଛନ୍ତି ଯେ ସେ ଏହି ପ୍ରସଙ୍ଗକୁ ନେଇ ଚିନ୍ତିତ ନୁହଁନ୍ତି। ଜାତୀୟ ସୁରକ୍ଷା ପରିଷଦ ବୈଠକରେ ତାଙ୍କ ଟେଲିଭିଜନ ବକ୍ତବ୍ୟରେ ପୁଟିନ୍ କହିଛନ୍ତି ଗ୍ରୀନଲ୍ୟାଣ୍ଡରେ କ'ଣ ଘଟୁଛି ତାହା ଆମର କାମ ନୁହେଁ।

### ନିର୍ବାଚନ ପ୍ରକ୍ରିୟା...

ସାଧାରଣ ନିର୍ବାଚନ ପରେ ପରେ ମମତା ମହାନ୍ତ ଓ ସୁଜିତ୍ କୁମାର ରାଜ୍ୟସଭା ସଦସ୍ୟ ପଦରୁ ଇସ୍ତଫା ଦେଇ ବିଜେପିରେ ଯୋଗ ଦେଇଥିଲେ ଓ ବିଜେପି ପ୍ରାର୍ଥୀ ରୂପେ ଅବଶିଷ୍ଟ ଅବଧି ପାଇଁ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ। ତେଣୁ ଏହି ୪ଟି ଆସନରେ ବିଜେପି ଓ ବିଜେଡି କାହାକୁ ନିର୍ବାଚିତ କରିବେ ତାହା ଉପରେ ସମସ୍ତଙ୍କ ନଜର ନିବଦ୍ଧ ହୋଇଛି। ସଂଖ୍ୟା ଦୃଷ୍ଟିରୁ ବିଜେପି ୨ଟି ଓ ବିଜେଡି ଗୋଟିଏ ଆସନ ପାଇବା ନିଶ୍ଚିତ। ମାତ୍ର ୪ର୍ଥ ଆସନଟି ପାଇଁ ବିଜେପି ବା ବିଜେଡି ପାଖରେ ସଂଖ୍ୟାବଳ ନାହିଁ। ଏହି ପରିପ୍ରେକ୍ଷୀରେ ବିଜେପିର ତୃତୀୟ ଓ ବିଜେଡିର ଦ୍ୱିତୀୟ ପ୍ରାର୍ଥୀଙ୍କ ପାଇଁ କଂଗ୍ରେସ ସଦସ୍ୟଙ୍କ ପ୍ରଥମ ପସନ୍ଦ ଭୋଟ ଅନିବାର୍ଯ୍ୟ ହୋଇ ପଡ଼ିବ। କିମ୍ବା ୪ର୍ଥ ଆସନରେ ପ୍ରାର୍ଥୀ ହେଉଥିବା ବ୍ୟକ୍ତିଙ୍କୁ ତିନି ଦଳର ପ୍ରଥମ ପସନ୍ଦ ଭୋଟ ପାଇଲେ ନିର୍ବାଚିତ ହେବା ସମ୍ଭବ ହୋଇ ପାରିବ। ସବୁ ଦଳର ସମର୍ଥନ ପାଇବା ପରି ବ୍ୟକ୍ତି ସ୍ୱାଧୀନ ଭାବରେ ନିର୍ବାଚନ ଲଢ଼ିଲେ ଏହି ଆସନରେ ବିଜୟୀ ହୋଇପାରନ୍ତି ବୋଲି ରାଜନୈତିକ ସମୀକ୍ଷକମାନେ ଆକଳନ କରୁଛନ୍ତି।

ଅନ୍ୟପକ୍ଷରେ ବିଜେପି ୨ଟି ଆସନରେ ବିଜୟୀ ହେବା ନିଶ୍ଚିତ କୁହାଯାଉଥିବାରୁ ଏହା ଉପରେ ପ୍ରାୟ ଡ଼ଜନେରୁ ଅଧିକ ନେତା ଆଖି ରଖିଛନ୍ତି। ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସହ ପୂର୍ବତନ ସଭାପତି ସମୀର ମହାନ୍ତି, ଉପସଭାପତି ଗୋଲୋକ ନାୟକ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ପ୍ରମୁଖ ଦାବିଦାର ସୂଚୀରେ ଥିବା କୁହାଯାଉଛି। ଏହାବ୍ୟତୀତ ଗତ ନିର୍ବାଚନ ପୂର୍ବରୁ ବିଜେଡି ଛାଡ଼ି ବିଜେପିରେ ଯୋଗ ଦେଇଥିବା କିଛି ନେତା ରାଜ୍ୟସଭାରେ ଥଇଥାନ ହେବାକୁ ଲାଗି ପଡ଼ିଥିଲେ ହେଁ ସେମାନଙ୍କର ସମ୍ଭାବନା କମ୍ ଥିବା କୁହାଯାଉଛି।

### ୬ ପ୍ରସଙ୍ଗରେ ସରକାରଙ୍କୁ...

ଉପସ୍ଥିତିରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯାଇଛି। ଚାଷୀଙ୍କ ସମସ୍ୟା ସମେତ ରାଜ୍ୟରେ ଚରମ ଆଇନ ଶୃଙ୍ଖଳା ପରିସ୍ଥିତି, ସଂଖ୍ୟାଲଘୁ ଓ ଦଳିତ ମାନଙ୍କ ପ୍ରତି ଅତ୍ୟାଚାର, ପଲ୍ୟୁସନ ସାର୍ଟିଫିକେଟ୍ ନାଁରେ ଲୋକଙ୍କ ଉପରେ ଜିଜିଆ କର ଆଦାୟ କରିବା, ବିଭିନ୍ନ ନିଯୁକ୍ତି ପରୀକ୍ଷାରେ ବ୍ୟାପକ ସ୍କାମକୁ ନେଇ ବୈଠକରେ ଆଲୋଚନା ହୋଇଛି। ସେହିପରି ମହାନଦୀର ଉପର ମୁଣ୍ଡରେ ଛତିଶଗଡ଼ ସରକାର ୧୦୦ରୁ ଊର୍ଦ୍ଧ୍ୱ ଇଣ୍ଡଷ୍ଟ୍ରିଆଲ ବ୍ୟାରେଜ ନିର୍ମାଣ କରିବା ପରେ ମହାନଦୀର ତଳ ମୁଣ୍ଡରେ ଓଡ଼ିଶାର ୧୩ଟି ଜିଲ୍ଲା ପ୍ରଭାବିତ ହୋଇଛି। ପିଇବା ପାଣି ସ୍କିମ୍ ଠାରୁ ଆରମ୍ଭ କରି, ଅଣମୌସୁମୀ ଜଳସେଚନ, ଶକ୍ତି ଉତ୍ପାଦନ ଓ ବନ୍ୟା ନିୟନ୍ତ୍ରଣ ଆଜି ଦିନରେ ରାଜ୍ୟର ପ୍ରମୁଖ ସମସ୍ୟା ସାଜିଛି। ମହାନଦୀର ସୁରକ୍ଷା ଏବଂ ଓଡିଶାର ସ୍ୱାର୍ଥ ପାଇଁ ବିଜୁ ଜନତା ଦଳ ଏକ ବ୍ୟାପକ ଜନ ଆନ୍ଦୋଳନ କରିଥିଲା, ଯାହା ଫଳରେ କେନ୍ଦ୍ର ସରକାର ରାଜ୍ୟର ଆଇନଗତ ଲଢ଼େଇ ପରେ ଟ୍ରିବ୍ୟୁନାଲ ଗଠନ କରିଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ଆହ୍ୱାନ କରାଯାଇଥିବା ସର୍ବଦଳୀୟ ବୈଠକରେ ଯୋଗଦେବା ପାଇଁ ଆଜିର ବୈଠକରେ ନିଷ୍ପତ୍ତି ହୋଇଥିଲେ ମଧ୍ୟ ଓଡ଼ିଶାର ଜନସାଧାରଣଙ୍କର ସ୍ୱାର୍ଥ ଓ ମହାନଦୀର ଜଳ ପ୍ରବାହର ସୁରକ୍ଷା କ୍ଷେତ୍ରରେ ବିଜେଡି ଆଭିମୁଖ୍ୟରେ କୌଣସି ସାଲିସ୍ କରାଯିବ ନାହିଁ ବୋଲି ଶ୍ରୀ ଦାସବର୍ମା କହିଛନ୍ତି। ସେହିପରି ଗତ ସାଧାରଣ ନିର୍ବାଚନ ସମୟରେ ବିଜେପି ଓଡ଼ିଶାର ଜନସାଧାରଣଙ୍କୁ ଯେଉଁ ୨୧ଟି ନିର୍ବାଚନ ପ୍ରତିଶ୍ରୁତି ଦେଇଥିଲା, ସେ ସମ୍ପର୍କରେ ଆଜି ରାଜନୈତିକ ବ୍ୟାପାର କମିଟିରେ ବ୍ୟାପକ ଭାବରେ ଚର୍ଚ୍ଚା ଓ ଆଲୋଚନା କରାଯାଇଛି। ଓଡ଼ିଶାର ଜନସାଧାରଣଙ୍କ ଭୋଟ୍ ନେଲା ପରେ ଡବଲ ଇଞ୍ଜିନ ସରକାର ରାଜ୍ୟବାସୀଙ୍କୁ ପ୍ରତାରିତ କରଥିବାରୁ ସେ ସମ୍ପର୍କରେ ରାଜ୍ୟବ୍ୟାପୀ ୱାର୍ଡ, ପଞ୍ଚାୟତ, ବ୍ଲକ, ନିର୍ବାଚନ ମଣ୍ଡଳୀ, ଜିଲ୍ଲା, ଏନଏସି, ପୌରପରିଷଦ ଓ ମହାନଗର ନିଗମ ସ୍ତରରେ ବିଜେଡି ପକ୍ଷରୁ ସରକାରଙ୍କ ବିଫଳତା ଏବଂ ପ୍ରତାରଣା ବରୋଧରେ ସଶକ୍ତ ଜନମତ ସୃଷ୍ଟି କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଦୁର୍ନୀତିରେ ଶୂନ୍ୟ ସହନଶୀଳତା, ଚିଟ୍‌ଫଣ୍ଡ ସ୍କାମ୍‌ରେ ପ୍ରଭାବିତ ଜନସାଧାରଣଙ୍କୁ ୧୮ ମାସ ମଧ୍ୟରେ ପ୍ରାପ୍ୟ ପ୍ରଦାନ, ୪୮ ଘଣ୍ଟା ମଧ୍ୟରେ ଡିବିଟି ମାଧ୍ୟମରେ ଓଡ଼ିଶାର ଚାଷୀକୁଳକୁ ବିନା କଟନୀ ଛଟନୀରେ ୩୧୦୦ ଟଙ୍କା କୁଇଣ୍ଟାଲ ପ୍ରାପ୍ୟ, ସୁଭଦ୍ରା ଯୋଜନାରେ ପ୍ରତ୍ୟେକ ମହିଳାଙ୍କୁ ୨ ବର୍ଷରେ ୫୦ ହଜାର ଟଙ୍କାର କ୍ୟାସ୍ ଭାଉଚର, ୨୦୨୭ ମସିହା ସୁଦ୍ଧା ୨୫ ଲକ୍ଷ ଲକ୍ଷପତି ଦିଦି, ବୟସ୍କ ବ୍ୟକ୍ତିମାନଙ୍କୁ ୩ ହଜାର ଟଙ୍କା ଭତ୍ତା, ୩୦୦ ୟୁନିଟ୍ ମାଗଣା ବିଜୁଳି, ମତ୍ସ୍ୟଜୀବୀ ମାନଙ୍କୁ ୧୦ ହଜାର ଟଙ୍କା ଭତ୍ତା, ପଞ୍ଚାୟତ, ଜିଲ୍ଲା ସଦର ମହକୁମା ଓ ଷ୍ଟେଟ୍ କ୍ୟାପିଟାଲକୁ ନୂତନ ଭାବେ ୭୫,୦୦୦ କିମି ଗ୍ରାମ୍ୟ ଓ ସହରୀ ରାସ୍ତା ନିର୍ମାଣ, ୪ଟି ସହରରେ ଆଇଟି ପାର୍କ, ମେକ୍ ଇନ୍ ଓଡ଼ିଶା ସ୍କିମ୍ ମାଧ୍ୟମରେ ଓଡ଼ିଶାର ବିକାଶ, ପାରାଦୀପ, ଧାମରା, ରାଉରକେଲା ଓ ସମ୍ବଲପୁର ମଧ୍ୟରେ ଶିଳ୍ପ କରିଡର ପ୍ରତିଷ୍ଠା, ୨ ବର୍ଷ ମଧ୍ୟରେ ୬୫ ହଜାର ନିଯୁକ୍ତି, କେନ୍ଦୁପତ୍ର ତୋଳାଳୀ ମାନଙ୍କର ସମସ୍ୟାର ସମାଧାନ, ପିଏମ୍ ଆବାସ ଯୋଜନା ମାଧ୍ୟମରେ ୧୫ ଲକ୍ଷ ନୂତନ ଗୃହ ନିର୍ମାଣ, ଜଳଜୀବନ ମିଶନ ଜରିଆରେ ୨୬ ଲକ୍ଷ ପରିବାରକୁ ପିଇବା ପାଣିର ବ୍ୟବସ୍ଥା, ବାକି ଥିବା ପୁରୀ ପରିକ୍ରମା ପ୍ରକଳ୍ପର ପୂର୍ଣ୍ଣାଙ୍ଗ, ପଶ୍ଚିମ ଓଡ଼ିଶାରେ ୩ ଟି ଟେକ୍ସଟାଇଲ ପାର୍କ ପ୍ରତିଷ୍ଠା ପ୍ରତିଶ୍ରୁତି ଆଜି ପ୍ରତାରଣାରେ ପରିଣତ ହୋଇଛି ବୋଲି ବିଜେଡି ପକ୍ଷରୁ ଶ୍ରୀ ଦାସବର୍ମା କହିଛନ୍ତି। ବିଜୁ ଜନତା ଦଳ ଖୁବଶୀଘ୍ର ରାଜ୍ୟବ୍ୟାପୀ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମର ରୂପରେଖ ଘୋଷଣା କରିବ ବୋଲି ଦଳ ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି।

### ହାତ ମାରିଦେଲେ...

ଅନିଶ୍ଚିତତା ଦେଖାଦେଇଛି। ପ୍ରାକୃତିକ ସୌନ୍ଦର୍ଯ୍ୟଭରା କାଳ ଡ୍ୟାମକୁ ଯିବା ପାଇଁ ପର୍ଯ୍ୟଟକ ଏହି ରାସ୍ତା ଦେଇ ଯିବାଆସିବା କରୁଛନ୍ତି। ମାତ୍ର ନିମ୍ନମାନର ନିର୍ମାଣ ହୋଇଥିବା ରାସ୍ତା ଦେଇ ଯିବାଆସିବା କରିବା ଦ୍ୱାରା ବହୁ ଲୋକ ହଇରାଣ ହରକତ ହେଉଛନ୍ତି ବୋଲି ଗ୍ରାମର ଆଲୋକ ବେହେରା, ଅଜୁ ବେହେରା ଓ ସଞ୍ଜୟ ବେହେରା ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ଅଧୀକ୍ଷଣ ଯନ୍ତ୍ରୀଙ୍କ ସହ ଯୋଗାଯୋଗ ହୋଇପାରିନାହିଁ। ଏ ନେଇ ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ କହିଛନ୍ତି, ଅଭିଯୋଗକୁ ନେଇ ଏକ ଟେକ୍ନିକାଲ ଟିମ ପଠାଯାଇ ରାସ୍ତା କାର୍ଯ୍ୟ ତଦାରଖ କରିବା ପରେ ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ରାଜ୍ୟରେ ସରକାର ପରିବର୍ତ୍ତନ ହୋଇଥିଲେ ମଧ୍ୟ ଏଭଳି କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଦୁର୍ନୀତିରେ ଲିପ୍ତ ରହି ନିମ୍ନମାନର କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ସରଣ୍ଡାରେ ଏନକାଉଣ୍ଟର...

କେତେକ ମାଓବାଦୀ ଜଙ୍ଗଲରେ ଲୁଚି ରହିଥିବା ଏଥିରୁ ସ୍ପଷ୍ଟ ହେଉଛି। ପୁଲିସ ଡିଆଇଜି କହିଛନ୍ତି ଯେ ସର୍ଚ୍ଚ ଅପରେସନ ସରିବା ପରେ ବିସ୍ତୃତ ବିବରଣୀ ପ୍ରଦାନ କରାଯିବ। ସୂଚନାଯୋଗ୍ୟ ଯେ ଦୀର୍ଘ ଦିନ ଧରି ସରନ୍ଦା ଜଙ୍ଗଲ ମାଓବାଦୀଙ୍କ ଗଡ଼ ହୋଇ ରହିଛି। ସେମାନେ ଏଠାରେ ରହି ଝାଡ଼ଖଣ୍ଡ ଓ ଓଡ଼ିଶାରେ ମଧ୍ୟ ନିଜର କାର୍ଯ୍ୟକଳାପ ଜାରି ରଖିଛନ୍ତି। ନିଜକୁ ସୁରକ୍ଷିତ ରଖିବା ଲାଗି ସେମାନେ ଜଙ୍ଗଲ ସାରା ବାରୁଦ ବିଛାଇ ଦେଇଛନ୍ତି। ତେଣୁ ସର୍ଚ୍ଚ ଅପରେସନ ବେଳେ ସୁରକ୍ଷା ବାହିନୀକୁ ଖୁବ ସତର୍କତା ସହିତ କାମ କରିବାକୁ ପଡୁଛି। ୨୦୨୨ରୁ ଏହି ଜଙ୍ଗଲରେ ବିଭିନ୍ନ ସମୟରେ ଏନକାଉଣ୍ଟର ହେଉଛି। ଏହି ଜଙ୍ଗଲରେ ଆଉ ଜଣେ ଦୁର୍ଦାନ୍ତ ମାଓ ନେତା ମିସିର ବେସରା ମଧ୍ୟ ଲୁଚି ରହିଥିବା ସନ୍ଦେହ କରାଯାଉଛି। ତାକୁ ଧରିବା ଲାଗି ରାଜ୍ୟ ପୁଲିସ ଏକ କୋଟି ଟଙ୍କାର ପୁରସ୍କାର ଘୋଷଣା କରିଛନ୍ତି।

GOVERNMENT OF ODISHA A-1323
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
RENGALI LEFT BANK CANAL DIVISION, AT/P.O. Kamakhyanagar
Dist: Dhenkanal, Odisha, PIN-759018
☎:06769-270771 Email ID - eerlbcdivision@gmail.com

**e-PROCUREMENT NOTICE No. RLBCD-P1-11/2025-26**

| | | |
|---|---|---|
| 1 | Category of Work | "Civil Construction Works". |
| 2 | Total No. of Works | 11 (Eleven) Nos of work. |
| 3 | Estimated Cost | Varies From Rs.49.73 Lakhs to Rs.8.85 Lakhs |
| 4 | Period of Completion | 30 Days |
| 5 | Class of Contractor | Varies From "B' Class (Odisha P.W.D), "B' Class & 'C' Class and "C" & "D"(Odisha P.W.D) or equivalent Class of other licensing authority |
| 6 | Cost of Bid Document / Mode of Payment | Varies From Rs. 6,000/- (Non-Refundable) and Rs. 4,000/- / Online through Electronic Payment Mode (Internet Banking/ NEFT/RTGS of Designated Banks and their Aggregator Banks). |
| 7 | EMD / Bid Security Amount / Mode of Payment | Varies From Rs. 49,730/- to Rs.8,850/- Online through Electronic Payment Mode (Internet Banking/ NEFT/RTGS of Designated Banks and their Aggregator Banks) |
| 8 | Other details: | |
| | (i) Procurement Officer | Superintending Engineer, Rengali Left Bank Canal Division, Kamakhyanagar. |
| | (ii) Availability of Bid Documents for Online Bidding. | 16.01.2026 from 10.00 Hours to 30.01.2026 up to 17.00 Hours. |
| | (iii).Date, time & venue of Bid Opening (Online) | On Dt.31.01.2026 at 11.00 Hours in the O/o the Superintending Engineer, Rengali Left Bank Canal Division, Kamakhyanagar (through online). |
| | (iv) Date, time & venue of transparent lottery for finalization of bids, if required | On Dt.11.02.2026 at 11.00 Hours (Tentative Date) in the O/o the Superintending Engineer, Rengali Left Bank Canal Division, Kamakhyanagar. |

*Further details can be seen from the Government of Odisha website https://tendersodisha.gov.in

Superintending Engineer
R.L.B. Canal Division
kamakhyanagar

OIPR-

## ଆଜିର ରାଶିଫଳ

**ମେଷ:** ଖୁସି ଖବର ମିଳିବ। ଚାକିରିରେ ସଫଳତା ମିଳିବ। ଅର୍ଥ ନିବେଶ କରିବା ପାଇଁ ଭଲ ସମୟ। ଭବିଷ୍ୟତ ପାଇଁ ଅର୍ଥ ସଞ୍ଚୟ କରିବେ। ନିଜ ଭୁଲକୁ ସୁଧାରିବେ। ଧାର୍ମିକ ଯାତ୍ରା ଯୋଗ ଅଛି।

**ବୃଷ:** ଦିନଟିରେ ସଫଳତା ପ୍ରାପ୍ତି ହେବ। ସୃଜନାତ୍ମକ କାମ ପ୍ରତି ଆଗ୍ରହ ବଢ଼ିବ। ଅଧିକ ଖର୍ଚ୍ଚରୁ ରହିବେ। ବନ୍ଧୁଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଛାତ୍ରଛାତ୍ରୀ କୃତକାର୍ଯ୍ୟ ହେବେ।

**ମିଥୁନ:** ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ରାଜନୀତିରେ ସକ୍ରିୟ ହେବେ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷା ଲାଗି ପ୍ରସ୍ତୁତି କରିବେ।

**କର୍କଟ:** ଅଫିସ୍‌ରେ ଉଚ୍ଚ ଅଧିକାରୀଙ୍କ ସହଯୋଗ ମିଳିବ। ବ୍ୟବସାୟରୁ ଲାଭ ମିଳିବ। ଅର୍ଥ ନିବେଶରୁ ଦୂରେଇ ରୁହନ୍ତୁ। ପୁରୁଣା ବନ୍ଧୁଙ୍କ ସହ ଭେଟ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ସିଂହ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବ୍ୟବସାୟ ସମ୍ବନ୍ଧିତ ନୂଆ ଯୋଜନାରୁ ବଞ୍ଚିତ ରହିବେ। ମନ ଖୁସି ରହିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ପିତାମାତା ଚିନ୍ତାରେ ରହିବେ।

**କନ୍ୟା:** ଆର୍ଥିକ ସ୍ଥିତି ଭଲ ରହିବ। ସୁଖଦ ଯାତ୍ରା ଯୋଗ ଅଛି। ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଭାଇ, ଭଉଣୀଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ବ୍ୟସ୍ତତା ଭିତରେ ସମୟ କଟିବ।

**ତୁଳା:** ପ୍ରେମ ସମ୍ପର୍କରେ ପ୍ରଗାଢ଼ତା ଆସିବ। ଛାତ୍ରଛାତ୍ରୀ କର୍ମଚଞ୍ଚଳ ହେବେ। ଆଇନଜୀବୀଙ୍କୁ ସଫଳତା ମିଳିବ। ଘରକୁ ଅତିଥି ଆଗମନ ହେବ। ଜୀବନସାଥୀଙ୍କ ନୂଆ କାମକୁ ନେଇ ଖୁସି ଅନୁଭବ କରିବେ।

**ବିଛା:** ଘରେ ଧନଧାନ୍ୟ ବୃଦ୍ଧି ହେବ। ବିବାହ ପ୍ରସ୍ତାବ ସ୍ଥିର ହେବ। ଘରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜନ ହେବ। ପରିବାର ସଦସ୍ୟଙ୍କ ମଧ୍ୟରେ ତିକ୍ତତା ଦୂର ହେବ। ଭଉଣୀଙ୍କ ଲାଗି ଉତ୍ତମ ସମୟ।

**ଧନୁ:** ଯାତ୍ରା ସମୟରେ ମୂଲ୍ୟବାନ ଜିନିଷ ହଜିବା ସମ୍ଭାବନା ଅଛି। ଅଫିସ୍‌ରେ ମାନସମ୍ମାନ ବଢ଼ିବ। ଅନଲାଇନ କାର୍ଯ୍ୟରୁ ଲାଭ ମିଳିବ। ଜୀବନସାଥୀଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଦେଖା ଦେବ।

**ମକର:** ଚାକିରି ନିଷ୍ପତ୍ତି ପାଇଁ ଦ୍ୱନ୍ଦ୍ୱରେ ରହିବେ। ଛାତ୍ରଛାତ୍ରୀ ଅଧିକ ପରିଶ୍ରମ କରିବେ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଭୁଲ ବୁଝାମଣା ଦେଖାଦେବ। ସମାଜସେବାରେ ନିଜକୁ ନିୟୋଜିତ କରିବେ।

**କୁମ୍ଭ:** କାର୍ଯ୍ୟରେ ବାଧା ଆସିବ। ବ୍ୟବହାରରେ ନିୟନ୍ତ୍ରଣ ରକ୍ଷା କରିବେ। ଭାବିଚିନ୍ତି ଖର୍ଚ୍ଚ କରିବେ। କୌଣସି ଦୁର୍ଘଟଣା ଘଟିବା ସମ୍ଭାବନା ଅଛି। ଅଚାନକ ଦୂର ସ୍ଥାନକୁ ଯାତ୍ରା କରିବେ। ଚିନ୍ତାରେ ରହିବେ।

**ମୀନ:** ଦିନଟି ଉତ୍ସାହଜନକ ରହିବ ନାହିଁ। ଘରେ ପୂଜାପାଠ ଆୟୋଜନ କରିବେ। ନିଜ ପସନ୍ଦର କାର୍ଯ୍ୟ କରିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ପାରିବାରିକ ଜୀବନ ସୁଖମୟ ହେବ। ଗୁରୁଜନଙ୍କ ସହଯୋଗ ମିଳିବ।

## ଆଜିର ଇତିହାସ

- ୧୯୨୦- ବାୟୁଡାକ ସେବା ଆରମ୍ଭ ହେଲା।
- ୧୯୮୯- ତାଜିକିସ୍ତାନରେ ଆସିଥିବା ଭୂମିକମ୍ପ ଯୋଗୁ ଶତାଧିକ ମୃତ।
- ୨୦୦୨- ଆମେରିକୀୟ ସାମ୍ବାଦିକ ଡାନିଏଲ୍ ପର୍ଲ କରାଚୀରୁ ଅପହରଣ କରାଗଲା।
- ୨୦୨୦- ବ୍ରିଟେନ୍‌ର ମହାରାଣୀ ଏଲିଜାବେଥ୍ ଦ୍ୱିତୀୟ ବ୍ରେକ୍ଜିଟ୍ ଆଇନ୍‌କୁ ମଞ୍ଜୁରି ଦେଲେ।

**ଆଜି ଆସିଥିଲେ**

# ନେତାଜୀ ସୁଭାଷ ଚନ୍ଦ୍ର ବୋଷ




ନେତାଜୀ ସୁଭାଷ ଚନ୍ଦ୍ର ବୋଷ। ଭାରତୀୟ ମୁକ୍ତି ସଂଗ୍ରାମ ଇତିହାସର ସବୁଠାରୁ ପ୍ରଭାବଶାଳୀ ଏବଂ ପ୍ରେରଣାଦାୟୀ ନେତାମାନଙ୍କ ମଧ୍ୟରେ ସେ ଅଗ୍ରଣୀ ଥିଲେ। ନେତାଜୀ ଭାରତର ଏମିତି ଜଣେ ବୀରପୁତ୍ର ଥିଲେ, ଯିଏ ଦେଶକୁ ସ୍ୱାଧୀନ କରିବାକୁ ବ୍ରିଟିଶମାନଙ୍କ ସହ ମୁହାଁମୁହିଁ ଲଢ଼ିବାକୁ ସ୍ଥିର କରିଥିଲେ। ତାଙ୍କ ଓଜସିନୀ ଭାଷଣରେ ହଜାର ହଜାର ଭାରତୀୟ ଯୁବକ ଦେଶପ୍ରେମରେ ଉଦ୍‌ବୁଦ୍ଧ ହୋଇ ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହୋଇଥିଲେ। ବିଦେଶ ମାଟିରୁ 'ମୋତେ ରକ୍ତ ଦିଅ ମୁଁ ତୁମକୁ ସ୍ୱାଧୀନତା ଦେବି' ଆହ୍ୱାନରେ ଯୁବଗୋଷ୍ଠୀଙ୍କ ମନରେ ସେ ସୃଷ୍ଟି କରିଥିଲେ ଦେଶପ୍ରେମର ବହ୍ନି। ବିଚକ୍ଷଣ ପ୍ରତିଭା, ଅଦମ୍ୟ ଶକ୍ତି ଏବଂ ତାଙ୍କ ଭିତରେ ଥିବା ବିଦ୍ରୋହୀ ମନୋଭାବ ତାଙ୍କୁ ନେତାଜୀର ଆଖ୍ୟା ଦେଇଥିଲା। ସେ ଥିଲେ ଓଡ଼ିଶା ଆଉ କଟକ ମାଟିର ପୁଅ। ୧୮୯୭ ମସିହା ଆଜିର ଦିନରେ ଜାନକୀନାଥ ବସୁ ଓ ପ୍ରଭାବତୀ ଦେବୀଙ୍କ ନବମ ସନ୍ତାନ ଭାବେ କଟକଠାରେ ସୁଭାଷ ଜନ୍ମ ନେଇଥିଲେ। ରେଭେନ୍ସା କଲିଜିଏଟ୍ ସ୍କୁଲରେ ପଢ଼ି ସେ ମାଟ୍ରିକ୍ ପରୀକ୍ଷାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଛାତ୍ର ଜୀବନରେ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶ ତାଙ୍କୁ ଅନୁପ୍ରାଣିତ କରିଥିଲା। ୧୯୨୦ ମସିହା ଆଇସିଏସ୍ ପରୀକ୍ଷାରେ ସେ ସର୍ବଭାରତୀୟ ସ୍ତରରେ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ପରବର୍ତ୍ତୀ ସମୟରେ ୧୯୨୧ ମସିହାରେ ଭାରତରେ ଘଟିଥିବା ଜାଲିଆନାବାଗ ହତ୍ୟାକାଣ୍ଡ ଫଳରେ ସୁଭାଷ ଅଧାରୁ ଆଇ.ସି.ଏସ୍ ପ୍ରଶିକ୍ଷଣ ଛାଡ଼ି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିଲେ। ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ପ୍ରଭାବିତ ହୋଇ ସେ ଜାତୀୟ କଂଗ୍ରେସରେ ଯୋଗ ଦେଇଥିଲେ। ୧୯୩୯ ମସିହାରେ 'ଫରୱାର୍ଡ ବ୍ଲକ୍' ନାମକ ଏକ ରାଜନୈତିକ ଦଳ ଗଠନ କରି ଇଂରେଜ ସରକାରଙ୍କ ବିରୋଧରେ ବିଦ୍ରୋହ ଜାରି ରଖିଥିଲେ। ସଶସ୍ତ୍ର ଆନ୍ଦୋଳନ ଦ୍ୱାରା ହିଁ ଭାରତକୁ ବ୍ରିଟିଶ ସାମ୍ରାଜ୍ୟବାଦରୁ ମୁକ୍ତ କରିହେବ ବୋଲି ସେ ବିଶ୍ୱାସ କରୁଥିଲେ। ଭାରତର ସ୍ୱାଧୀନତା ପାଇଁ ୧୯୪୧ ଜାନୁୟାରୀ ୧୭ ତାରିଖରେ ସେ ଭାରତର ସୀମାନ୍ତ ଅତିକ୍ରମ କରି ଆଫଗାନିସ୍ତାନ ଓ ସୋଭିଏତ ରୁଷ ମଧ୍ୟ ଦେଇ ମାର୍ଚ୍ଚ ମାସରେ ବର୍ଲିନଠାରେ ପହଞ୍ଚିଥିଲେ। ବର୍ଲିନରୁ ଆଜାଦ ହିନ୍ଦ୍ ରେଡିଓ ମାଧ୍ୟମରେ ଭାରତବାସୀଙ୍କୁ ସଂଗ୍ରାମ ପାଇଁ ଆହ୍ୱାନ ଦେଇଥିଲେ। ସୁଭାଷ ସିଙ୍ଗାପୁରରେ ଆଜାଦହିନ୍ଦ୍ ଫୌଜର ଦାୟିତ୍ୱ ଗ୍ରହଣ କଲେ। ୧୯୪୩ ମସିହା ଅକ୍ଟୋବର ୨୧ ତାରିଖ ଦିନ ସେଠାରେ ସେ ଏକ ଅସ୍ଥାୟୀ ସ୍ୱାଧୀନ ସରକାର ଗଠନ କଲେ। ସେହିଦିନଠାରୁ ସେ 'ଦିଲ୍ଲୀ ଚଲୋ' ଆହ୍ୱାନ ଦେଇଥିଲେ। ୧୯୪୪ ମାର୍ଚ୍ଚ ୧୮ ତାରିଖରେ ଆଜାଦ ହିନ୍ଦ୍ ଫୌଜ ବର୍ମା ସୀମା ଅତିକ୍ରମ କରି ଭାରତୀୟ ମାଟିରେ ପାଦ ଥାପିଥିଲା ଓ ମଣିପୁରର ଇମ୍ଫାଲ ଯାଏଁ ଏହି ଅଭିଯାନ ଅଗ୍ରସର ହେଲା। ଦୃଢ଼ ପଦକ୍ଷେପରେ ଅଗ୍ରସର ହେଉଥିବା ଆଜାଦ ହିନ୍ଦ୍ ଫୌଜ ଉପରକୁ ବ୍ରିଟିଶ ବାହିନୀ ଉଭୟ ସ୍ଥଳ ଓ ଆକାଶପଥରୁ ଆକ୍ରମଣ କରି ଇମ୍ଫାଲଠାରେ ତାଙ୍କୁ ପରାସ୍ତ କଲା। ୧୯୪୫ରେ ତାଇୱାନଠାରେ ବିମାନ ଦୁର୍ଘଟଣାରେ ମୃତ୍ୟୁ ହୋଇଛି ବୋଲି ଖବର ଆସିଥିଲା। ହେଲେ ଆଜି ବି ନେତାଜୀଙ୍କ ମୃତ୍ୟୁ ରହସ୍ୟ ଘେରରେ ରହିଛି। ତାଙ୍କର ବିଚାର ଏବଂ ଆଦର୍ଶ ଆଜି ମଧ୍ୟ ଯୁବପିଢ଼ିଙ୍କ ପାଇଁ ପ୍ରେରଣାଦାୟୀ ହୋଇଛି। ନେତାଜୀଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ତାଙ୍କ ଜନ୍ମଦିନକୁ 'ପରାକ୍ରମ ଦିବସ' ଭାବେ ପାଳନ କରାଯାଉଛି। ଜଣେ ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ଦେଶଭକ୍ତ ଓ ଜଣେ ଅବିସ୍ମରଣୀୟ ଯୋଦ୍ଧା ଭାବେ ନେତାଜୀ ଏ ଜାତିର ଚିର ନମସ୍ୟ।

# 'ରାମାୟଣ' ପାଇଁ ବଦଳିଲା 'କିଙ୍ଗ୍'ର ରିଲିଜ୍



ବଲିଉଡ୍ କିଙ୍ଗ୍ ଖାନ୍ ଶାହାରୁଖ୍ ଏବେ ତାଙ୍କ ଫିଲ୍ମ 'କିଙ୍ଗ୍'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ଅନେକ ଦିନରୁ ଶାହାରୁଖ୍‌ଙ୍କ ପ୍ରଶଂସକମାନେ ଏହାର ରିଲିଜ୍ ଦିନକୁ ଅପେକ୍ଷା କରିଛନ୍ତି। ଇତିମଧ୍ୟରେ ଏହାର ରିଲିଜ୍‌କୁ ନେଇ ଖବର ଆସିଛି। ସିଦ୍ଧାର୍ଥ ଆନନ୍ଦ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ନିକଟରେ ସିଦ୍ଧାର୍ଥ ଏହାର ରିଲିଜ୍‌କୁ ନେଇ ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ ସେୟାର୍ କରିଥିଲେ। ଏହାପରେ ସିଦ୍ଧାର୍ଥ 'କିଙ୍ଗ୍'କୁ ଏଇ ବର୍ଷ କ୍ରିସ୍‌ମାସ ଅବସରରେ ରିଲିଜ୍ କରାଯିବା ପାଇଁ ଯୋଜନା କରିଥିବା ଚର୍ଚ୍ଚା ହେଉଛି। ନୀତେଶ ତିୱାରିଙ୍କ 'ରାମାୟଣ' ପାଇଁ ସିଦ୍ଧାର୍ଥ ଏହି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। 'ରାମାୟଣ' ଓ 'କିଙ୍ଗ୍' ଉଭୟ ଫିଲ୍ମ ବକ୍ସ ଅଫିସ୍‌ରେ ଆୟ ମାମଲାରେ ରେକର୍ଡ କରିବ ବୋଲି ଆଶା କରାଯାଉଛି। 'ରାମାୟଣ'ର ପ୍ରଥମ ପାର୍ଟ ୨୦୨୬ ନଭେମ୍ବରରେ ରିଲିଜ୍ ହେଉଥିବାରୁ 'କିଙ୍ଗ୍' ଫିଲ୍ମ ନିର୍ମାତା ଉଭୟ ଫିଲ୍ମକୁ ବିଜିନେସ୍ ପାଇଁ ଯଥେଷ୍ଟ ସମୟ ମିଳୁ ବୋଲି ଇଚ୍ଛା ରଖିଛନ୍ତି। ଏହି କାରଣରୁ କ୍ରିସମାସ୍ ସମୟ 'କିଙ୍ଗ୍' ପାଇଁ ଉପଯୁକ୍ତ ସମୟ ବୋଲି ଏହାର ପ୍ରଯୋଜକ ଭାବୁଛନ୍ତି। ସବୁଠୁ ବଡ଼ କଥା ହେଲା, ଏହି ସମୟରେ ଅନ୍ୟ କୌଣସି ବଡ଼ ହିନ୍ଦୀ ଫିଲ୍ମ ମଧ୍ୟ ରିଲିଜ୍ ହେଉ ନାହିଁ। ତେବେ ଫିଲ୍ମର ରିଲିଜ୍‌କୁ ନେଇ ଖୁବ୍‌ଶୀଘ୍ର ସିଦ୍ଧାର୍ଥ ବିଧିବଦ୍ଧଭାବେ କିଛି ସୂଚନା ଦେଇପାରନ୍ତି ବୋଲି କୁହାଯାଉଛି। 'କିଙ୍ଗ୍'ରେ ଶାହାରୁଖ୍‌ଙ୍କ ସହ ଦୀପିକା ପାଦୁକୋନ୍, ସୁହାନା ଖାନ୍, ଅଭିଷେକ ବଚ୍ଚନ, ଅରଶଦ ୱର୍ସି ପ୍ରମୁଖ ନଜର ଆସିବେ।

# ବୀର ସୁରେନ୍ଦ୍ର ସାଏ



ଆଜି ଆସିଥିଲେ

ଭାରତୀୟ ସଶସ୍ତ୍ର ସଂଗ୍ରାମର ମହାନାୟକ ବୀର ସୁରେନ୍ଦ୍ର ସାଏଙ୍କ ଆଜି ଜନ୍ମତିଥି। ୧୮୫୭ ସିପାହୀ ବିଦ୍ରୋହର ୩୦ ବର୍ଷ ପୂର୍ବରୁ ରାଜଗାଦିର ଉତ୍ତରାଧିକାରିତ୍ୱ ନେଇ ସେ ବ୍ରିଟିଶ ସରକାର ବିରୋଧରେ 'ଉଲଗୁଲାନ' (ଆନ୍ଦୋଳନ) ଆରମ୍ଭ କରିଥିଲେ। ସେ ଥିଲେ ଜଣେ ଦୁର୍ଦ୍ଧର୍ଷ ଯୋଦ୍ଧା ଓ ବିଚକ୍ଷଣ ବିପ୍ଳବୀ। ୧୮୦୯ ମସିହା ଆଜିର ଦିନରେ ସୁରେନ୍ଦ୍ର ସାଏ ସମ୍ବଲପୁରଠାରୁ ୧୯ ମାଇଲ ଦୂର ଖିଣ୍ଡା ଗାଁରେ ଜନ୍ମଗ୍ରହଣ କରିଥିଲେ। ଖିଣ୍ଡାବଂଶୀୟ ଧରମ ସିଂହ ଓ ରେବତୀ ଦେବୀଙ୍କ ସାତ ପୁଅ ଓ ଗୋଟିଏ ଝିଅ ମଧ୍ୟରୁ ସୁରେନ୍ଦ୍ର ସାଏ ଥିଲେ ବଡ଼ ପୁଅ। ସେ ଥିଲେ ସମ୍ବଲପୁରରେ ଚୌହାଣ ବଂଶର ଚତୁର୍ଥ ରାଜା ମଧୁକର ସାଏଙ୍କ ବଂଶଜ। ସୁରେନ୍ଦ୍ର ସାଏ ଗାଙ୍ଗପୁର ରାଜ୍ୟର ହାତିବାରୀ ଜମିଦାରଙ୍କ କନ୍ୟା ସୁବର୍ଣ୍ଣକୁମାରୀଙ୍କୁ ବିବାହ କରିଥିଲେ। ୧୮୨୭ରେ ଚୌହାଣ ବଂଶର ଶେଷ ରାଜା ନିଃସନ୍ତାନ ମହାରାଜ ସାଏଙ୍କ ମୃତ୍ୟୁ ପରେ ରାଜଗାଦିରେ ଅଧିଷ୍ଠିତ ହେବା ପାଇଁ ସୁରେନ୍ଦ୍ର ସାଏ ଥିଲେ ଯୋଗ୍ୟ ବ୍ୟକ୍ତି। ବ୍ରିଟିଶ କର୍ତ୍ତୃପକ୍ଷ କିନ୍ତୁ ନାନା ଫନ୍ଦି ଫିକର କରି ସୁରେନ୍ଦ୍ର ସାଏଙ୍କୁ ରାଜଗାଦିରୁ ଦୂରେଇ ରଖିବାରୁ ଜନ ଅସନ୍ତୋଷ ତୀବ୍ରତର ହୋଇ ସମ୍ବଲପୁର ବିପ୍ଳବର ରୂପ ନେଲା। ତାଙ୍କ ମୋଟ ଜୀବନ କାଳ ୭୫ ବର୍ଷ ମଧ୍ୟରୁ ୩୬ ବର୍ଷକାଳ ସେ କାରାଗାରରେ କାଟିଥିଲେ। ସୁରେନ୍ଦ୍ର ସାଏ ୧୮୨୭ରୁ ୧୮୪୦ ପର୍ଯ୍ୟନ୍ତ ୧୩ ବର୍ଷ ଓ ୧୮୫୭ରୁ ୧୮୬୪ ପର୍ଯ୍ୟନ୍ତ ୭ ବର୍ଷ ଏହିପରି ଦୁଇଟି ପର୍ଯ୍ୟାୟରେ ମୋଟରେ ୨୦ ବର୍ଷ ଇଂରେଜ ସରକାରଙ୍କ ବିରୁଦ୍ଧରେ ନିରବଚ୍ଛିନ୍ନ ଭାବରେ ଲଢ଼େଇ କରିଥିଲେ। ସେ ଇଂରେଜମାନଙ୍କ ମୁକାବିଲା ନିମନ୍ତେ ଗରିଲା ରଣନୀତି ଆପଣେଇ ଥିଲେ। ପାହାଡ଼ ଉପରୁ ପଥର ଖସାଇ ଇଂରେଜମାନଙ୍କ ଉପରେ ଅତର୍କିତ ଆକ୍ରମଣ କରୁଥିଲେ। ତାଲିମପ୍ରାପ୍ତ ଇଂରେଜ ସୈନ୍ୟମାନଙ୍କ ଯୁଦ୍ଧ କୌଶଳ କାମ ଦେଇ ନ ଥିଲା। ତେବେ ବିଶ୍ୱାସଘାତକତାର ଶିକାର ହୋଇଥିଲେ ସୁରେନ୍ଦ୍ର ସାଏ। ତାଙ୍କ ଜନ୍ମଦିନ ୨୩ ଜାନୁଆରି ୧୮୬୪ ରେ ହିଁ ଦ୍ୱିତୀୟ ଥର ପାଇଁ ସେ ଗିରଫ ହୋଇଥିଲେ। ଗିରଫ ସୁରେନ୍ଦ୍ର ସାଏଙ୍କୁ ମଧ୍ୟପ୍ରଦେଶର ବୁରହାନପୁର ଜିଲ୍ଲାସ୍ଥ ଅସୀରଗଡ଼ ଦୁର୍ଗରେ ବନ୍ଦୀ କରାଯାଇଥିଲା। ସେବେଠାରୁ ଜୀବନର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ବନ୍ଦୀ ଜୀବନ କାଟିଥିଲେ ସୁରେନ୍ଦ୍ର ସାଏ। ୧୮୮୪ ଫେବୃଆରୀ ୨୮ ତାରିଖରେ ଅସୁରଗଡ଼ ଦୁର୍ଗରେ ହିଁ ସୁରେନ୍ଦ୍ର ସାଏଙ୍କ ପରଲୋକ ହୋଇଥିଲା। ମାତୃଭୂମିକୁ ପରାଧୀନତାର ଶୃଙ୍ଖଳରୁ ମୁକ୍ତ କରିବା ପାଇଁ ତାଙ୍କର ଜୀବନବ୍ୟାପୀ ପ୍ରଚେଷ୍ଟାର ତୁଳନା ନାହିଁ।

## ସଞ୍ଜୀବନୀ

'ସକାଳର ସ୍ୱାସ୍ଥ୍ୟ'

# ହେୟାର ଲାଇନ୍ ଫ୍ରାକ୍‌ଚର୍

**ହେୟାର ଲାଇନ୍ ଫ୍ରାକ୍‌ଚର୍‌କୁ ଡାକ୍ତରୀ ଭାଷାରେ ଷ୍ଟ୍ରେସ୍ ଫ୍ରାକ୍‌ଚର୍ କୁହାଯାଏ। ଏଥିରେ ଅସ୍ଥି ଭାଙ୍ଗି ନ ଥାଏ ବରଂ କେଶ ପରି ପତଳା ର କ୍ରାକ୍ ବା ଫାଟ ହୋଇଥାଏ। ଚିକିତ୍ସାରେ ଅବହେଳା ହେଲେ ଭବିଷ୍ୟତରେ ଫ୍ରାକ୍‌ଚର୍ ହେବା ଆଶଙ୍କା ବଢ଼ିପାରେ।**



ଅଚାନକ ପାଦ ମଚକି ଯିବା, ପାଦ ଝିମ୍‌ଝିମ୍ ଲାଗିବା, ପାଦରେ ଚାପ, ଦୌଡ଼ିବା କିମ୍ବା ଡିଆଁଡେଇଁ ଦ୍ୱାରା ହାଡରେ ସୂକ୍ଷ୍ମ ଫାଟ ଆସିପାରେ। ଏହାବାଦ୍ ଭୁଲ୍ ଶୈଳୀରେ ବ୍ୟାୟାମ, ସଠିକ୍ ଜୋତା ନ ପିନ୍ଧିବା, ଦୁର୍ବଳ ଅସ୍ଥି କିମ୍ବା ଖାବଡ଼ା ଭୂମିରେ ଚାଲିବା ଦ୍ୱାରା ଏହି ରୋଗ ହୋଇପାରେ। ଏହି ରୋଗ ହେଲେ ପାଦରେ ଯନ୍ତ୍ରଣା ହୁଏ। ତଳେ ପାଦ ରଖିବାରେ କଷ୍ଟ, ଫ୍ରାକ୍‌ଚର୍ ସ୍ଥାନଟି ଫୁଲିଯିବା ଓ ସେଠାରେ ଆଘାତ ନଜର ଆସିବା ଆଦି ଲକ୍ଷଣ ଦେଖାଯାଏ। ହେୟାରଲାଇନ୍ ଫ୍ରାକ୍‌ଚର୍‌ରେ ଡାକ୍ତର ମୋଟା ପଟି କିମ୍ବା ପ୍ଲାଷ୍ଟର ଲଗାନ୍ତି। ଫ୍ରାକ୍‌ଚର୍ ସ୍ଥାନକୁ ଆରାମ ଦେବା ସହିତ ବରଫ ଘସିବା ଦ୍ୱାରା ଆରାମ ମିଳିଥାଏ। ଖାଦ୍ୟପେୟରେ କ୍ୟାଲ୍‌ସିୟମ ଏବଂ ଭିଟାମିନ୍-ଡି' ଭରପୁର ଖାଦ୍ୟ ସାମିଲ କରିବା ଦ୍ୱାରା ଅସ୍ଥି ଶକ୍ତ ହୁଏ। ସର୍ବଦା ଡାକ୍ତରଙ୍କ ପରାମର୍ଶ ନେଇ ଚିକିତ୍ସା କରିବା ଆବଶ୍ୟକ।

# ଫ୍ଲେକ୍ସିବଲ୍ ରେନୋସ୍କୋପି

ବିଶୃଙ୍ଖଳିତ ଜୀବନଶୈଳୀ, କମ୍ ପାଣି ପିଇବା, କ୍ୟାଲ୍‌ସିୟମ ଓ ୟୁରିକ ଏସିଡ୍ ଉଚ୍ଚ ପରିମାଣ ଥିବା ଖାଦ୍ୟ ଅଧିକ ଖାଇଲେ କିଡ୍‌ନୀ ଷ୍ଟୋନ୍ ହେବା ଆଶଙ୍କା ଅଧିକ ଥାଏ। ଏହାଦ୍ୱାରା ଶରୀରରେ ବିଭିନ୍ନ ଲକ୍ଷଣ ଦେଖାଯାଇଥାଏ। ରୋଗୀର ଶାରୀରିକ ଅବସ୍ଥା, ପଥୁରିର ସ୍ଥିତି ଆଦିକୁ ଗୁରୁତ୍ୱ ଦେଇ ଚିକିତ୍ସା କରାଯାଇଥାଏ। ଆବଶ୍ୟକ ହେଲେ ସର୍ଜରୀ ଓ ଅନ୍ୟାନ୍ୟ ଚିକିତ୍ସା ପଦ୍ଧତିଗୁଡ଼ିକୁ ଅନୁସରଣ କରିବାକୁ ହୁଏ। ଏହିକ୍ରମରେ ଫ୍ଲେକ୍ସିବଲ୍ ରେନୋସ୍କୋପି ଏକ ଅତ୍ୟାଧୁନିକ ଚିକିତ୍ସା ପଦ୍ଧତି। ଏଫ୍‌ୟୁଆର୍‌ଏସ୍ ଏକ ଅତ୍ୟାଧୁନିକ ଚିକିତ୍ସା ପଦ୍ଧତି। ଏହାକୁ ରେଟ୍ରୋଗ୍ରେଡ ଇଣ୍ଟ୍ରାରେନଲ୍ ସର୍ଜରୀ ମଧ୍ୟ କୁହାଯାଏ। ବୃକ୍କର ଭିତରେ ପଥୁରି କିମ୍ବା ୟୁରେଟର୍ ଷ୍ଟୋନ ଚିହ୍ନଟ ଏବଂ ଚିକିତ୍ସା ପାଇଁ ଫ୍ଲେକ୍ସିବଲ୍ ରେନୋସ୍କୋପି ଅସ୍ତ୍ରୋପଚାର ବ୍ୟବହୃତ କରାଯାଏ। ଏହି ସର୍ଜରୀରେ ରୋଗୀଙ୍କ ଶରୀରରେ କଣା କରିବାକୁ ପଡ଼ି ନ ଥାଏ। ଏହି ପ୍ରକ୍ରିୟାରେ ଏକ ଫ୍ଲେକ୍ସିବଲ ୟୁରେଟେରୋସ୍କୋପ ପରିସ୍ରା ରାସ୍ତା ଦେଇ ମୂତ୍ରାଶୟ, ୟୁରେଟର ଓ ବୃକ୍କର ଭିତରକୁ ପ୍ରବେଶ କରି ଏବଂ ଲେଜର ବ୍ୟବହାର କରି ପଥୁରିକୁ ଗୁଣ୍ଡ କରି କାଢ଼ି ଦିଆଯାଏ। ବିନା କଣାରେ ପଥୁରି ଅସ୍ତ୍ରୋପଚାର ହୁଏ। ଫଳରେ ରୋଗୀକୁ ହସ୍‌ପିଟାଲରୁ ଶୀଘ୍ର ଛଡ଼ାଯାଇଥାଏ। ଏଥିରେ କମ୍ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯିବା ସହ ରକ୍ତ କ୍ଷୟ କମ୍ ସମ୍ଭାବନା ଥାଏ। ତେବେ ଅସ୍ତ୍ରୋପଚାର ପରେ ପୀଡ଼ିତ ଡାକ୍ତରଙ୍କ ପରାମର୍ଶ ନେବା ନିତାନ୍ତ ଜରୁରି।



# ପ୍ରଦୂଷଣ ପ୍ରତିହତକାରୀ ଖାଦ୍ୟ

ବର୍ତ୍ତମାନ ଦେଶର ବିଭିନ୍ନ ସହରରେ ବାୟୁ ପ୍ରଦୂଷଣମାତ୍ରା ଖରାପସ୍ତରରେ ପହଞ୍ଚିଛି। ପ୍ରଦୂଷଣ ବୃଦ୍ଧି ଯୋଗୁ ରୋଗପ୍ରତିରୋଧକଶକ୍ତି ଦୁର୍ବଳ ହୁଏ। ଆଜ୍‌ମା, ହରମୋନ୍ ଅସନ୍ତୁଳନ, ହୃଦ୍‌ରୋଗ ଆଦି ରୋଗ ସୃଷ୍ଟି ହୁଏ। ତେଣୁ ଖାଦ୍ୟପେୟ ପ୍ରତି ଧ୍ୟାନ ଦେଇ ଫିଟ୍ ରହିପାରିବେ। ହଳଦୀର ଉପକାରୀ ତତ୍ତ୍ୱ ରୋଗପ୍ରତିରୋଧକ ଶକ୍ତି ବଢ଼ାଇ ସଂକ୍ରମଣରୁ ରକ୍ଷା କରିଥାଏ। ଯକୃତରୁ ବିଷାକ୍ତ ପଦାର୍ଥ ବାହାର କରିବାକୁ ଚିକିତ୍ସକଙ୍କ ପରାମର୍ଶରେ ରସୁଣ ଖାଇ ପାରିବେ। ଚର୍ମ ଜନିତ ସମସ୍ୟା ଦୂର ପାଇଁ ପିତା ଖାଦ୍ୟ ସେବନ ଜରୁରି। ସେହିପରି ଖାଦ୍ୟ ବିଶେଷଜ୍ଞଙ୍କ ମତାନୁସାରେ, ଦୈନିକ ଖାଦ୍ୟରେ ପ୍ରଦୂଷଣ ପ୍ରତିହତକାରୀ ଖାଦ୍ୟ ଯଥା- ଅଁଳା, ପିଜୁଳି, କମଳା, ଅମୃତଭଣ୍ଡା, ବିଟ୍, ଶ୍ରୀଅନ୍ନ -ମାଣ୍ଡିଆ, ଗାଜର, ଅଦା, ବ୍ରୋକଲି, ଟମାଟୋ, ଡ୍ରାଏଫ୍ରୁଟ୍‌ସ, ପାଳଙ୍ଗ, ମେଥି, ସାଲମନ ଆଦି ସାମିଲ କରିବା ଜରୁରି। ଉଷୁମ ପାଣିରେ ଲେମ୍ବୁ ରସ ମିଶାଇ ପାନ ମଧ୍ୟ ହିତକର। ପାଣି ସହିତ ପଇଡ଼, ଜୁସ୍ ପିଇ ପାରିବେ। ବ୍ୟାୟାମ କରିବା ସ୍ୱାସ୍ଥ୍ୟ ପ୍ରତି ହିତକର।



# ହୃଦ୍ ରୋଗରେ ଅର୍ଜୁନ ଗଛର ଉପକାରିତା

ଡାକ୍ତର ପ୍ରଦୀପ କୁମାର ମିଶ୍ର

**ଅର୍ଜୁନ ଗଛର ପତ୍ର ଓ ଛାଲି ଔଷଧାର୍ଥେ ବ୍ୟବହାର ହୋଇଥାଏ। ଏହା କଷାୟରସଯୁକ୍ତ ଉଷ୍ଣବୀର୍ଯ୍ୟ ଅଟେ।**

- ଅର୍ଜୁନ ଛାଲିର ଚୂର୍ଣ୍ଣ ଏକରୁ ତିନିଗ୍ରାମ ମାତ୍ରାରେ ଦିନକୁ ଦୁଇବେଳା ସେବନ କଲେ ହୃଦ୍ ରୋଗରେ ଉପକାର ହୁଏ।
- ଅର୍ଜୁନ ଛାଲି ୨୦ ଗ୍ରାମ୍, ଗାଈଦୁଗ୍ଧ ୧୬୦ମିଲି ଏବଂ ଜଳ ୬୪୦ମିଲି ଏକତ୍ର ଯଥାବିଧି ପାକ କରି ଦୁଗ୍ଧାବଶେଷ ରଖି ଛାଣି ପାନ କଲେ ହୃଦ୍‌ରୋଗରେ ବିଶେଷ ଉପକାର ହୁଏ। (ଚକ୍ରଦତ୍ତ)
- ମକଚି ଯାଇଥିବା ସ୍ଥାନରେ ଅର୍ଜୁନ ଛାଲି ବାଟି ଲେପ ଦେଲେ ଉପକାର ହୁଏ।
- ଅର୍ଜୁନ ଛାଲି ବାଟି ସେଥିରେ ମହୁ ମିଶାଇ ମୁଖରେ ଲେପନ କରି ଅଧଘଣ୍ଟା ପରେ ଧୋଇ ଦେଲେ ତ୍ୱଚାର କଳାଦାଗ କମିଥାଏ।
- ଅର୍ଜୁନ ଛାଲି ଚୂର୍ଣ୍ଣକୁ ବାସଙ୍ଗ ପତ୍ର ରସରେ ସାତ ଥର ଭାବନା ଦେଇ ଏହି ଚୂର୍ଣ୍ଣକୁ ଏକଗ୍ରାମ୍ ମାତ୍ରାରେ ଘିଅ, ମହୁ ଓ ମିଶ୍ରି ସହିତ ସେବନ କଲେ କ୍ଷୟ କାଶ ଓ ପୁରାତନ କାଶରେ ଉପକାର ହୁଏ।

ମାଛରଙ୍କା, ସିଂଲା, ବାଲେଶ୍ୱର

# ସିଭିଆଇକୁ ବୁଝିବା ପିତାମାତାଙ୍କ କର୍ତ୍ତବ୍ୟ

**ଶିଶୁମାନଙ୍କ ଦୃଷ୍ଟିଶକ୍ତି ସମସ୍ୟାର ଅନ୍ୟତମ ପ୍ରମୁଖ କାରଣ ହେଉଛି କର୍ଟିକାଲ୍/ସେରେବ୍ରାଲ୍ ଭିଜୁଆଲ୍ ଇମ୍ପେୟାରମେଣ୍ଟ (ସିଭିଆଇ)। ଏହା ସାଧାରଣ ଚକ୍ଷୁ ରୋଗ ପରି ନୁହେଁ। ମସ୍ତିଷ୍କର ଦୃଶ୍ୟ ପ୍ରକ୍ରିୟାକରଣ କେନ୍ଦ୍ରକୁ କ୍ଷତି ହେବା ଯୋଗୁ ଏହି ରୋଗ ହୁଏ। ଅନେକ କ୍ଷେତ୍ରରେ ଶିଶୁର ଚକ୍ଷୁ ସୁସ୍ଥ ଏବଂ ସ୍ୱାଭାବିକ ଦେଖାଯାଇପାରେ, ତଥାପି ଶିଶୁଟି ଦୈନନ୍ଦିନ ଜୀବନରେ ଭଲ ଭାବରେ ଦେଖିବା, ବୁଝିବା କିମ୍ବା ଦେଖିଚାହିଁ କାର୍ଯ୍ୟ କରିବାକୁ ଅସୁବିଧାରେ ପଡ଼ିଥାଏ। ଜନ୍ମ ପୂର୍ବରୁ, ଜନ୍ମ ସମୟରେ କିମ୍ବା ଜନ୍ମ ପରେ ପରେ ମସ୍ତିଷ୍କରେ ଆଘାତ ଯୋଗୁଁ ସିଭିଆଇ ବାଧିତ ହୋଇପାରେ।**



**କାରଣ:** ସାଧାରଣ କାରଣଗୁଡିକ ମଧ୍ୟରେ ମସ୍ତିଷ୍କକୁ ଅମ୍ଳଜାନ କିମ୍ବା ରକ୍ତ ଯୋଗାଣର ଅଭାବ, ମସ୍ତିଷ୍କରେ ତରଳ ପଦାର୍ଥ ଜମା, ସଂକ୍ରମଣ ଯାହା ମସ୍ତିଷ୍କ ପର୍ଯ୍ୟନ୍ତ ପହଂଚିଥାଏ, ମୁଣ୍ଡରେ ଆଘାତ, ସମୟ ପୂର୍ବରୁ ଜନ୍ମ, ଆନୁବଂଶିକ ରୋଗ, ଶରୀର ବୃଦ୍ଧିକାରୀ ରାସାୟନିକ ପ୍ରକ୍ରିୟା କିମ୍ବା କ୍ରୋମୋଜୋମ୍ ସମ୍ବନ୍ଧୀୟ ଅବସ୍ଥା ଆଦି ଅନ୍ତର୍ଭୁକ୍ତ।

**ଲକ୍ଷଣ:** ସିଭିଆଇ ବା ମସ୍ତିଷ୍କ ଦୃଷ୍ଟି ବାଧିତ ରୋଗ ହେଲେ ଶିଶୁମାନେ ଦେଖୁଥିବା ଜିନିଷ ଉପରେ ପ୍ରତିକ୍ରିୟା ଦେବାକୁ ସମୟ ନିଅନ୍ତି, କେବଳ ସାମ୍ନାର ରହିଥିବା ସାମଗ୍ରୀ ଦେଖିପାରନ୍ତି, ମୁହଁ ଏବଂ ବସ୍ତୁଗୁଡ଼ିକୁ ଚିହ୍ନିବାରେ ଅସୁବିଧା ଭୋଗନ୍ତି। ଅସଜଡ଼ାଭାବେ ଜିନିଷକୁ ଚିହ୍ନିବାରେ ଅସୁବିଧା ହୁଏ। ଗତିଶୀଳ ବସ୍ତୁକୁ ସହଜରେ ଲକ୍ଷ୍ୟ କରନ୍ତି। ସେମାନେ ପ୍ରାନ୍ତ ଦୃଷ୍ଟିକୋଣରେ ଦେଖିବାକୁ ପସନ୍ଦ କରନ୍ତି। ଆଲୋକ ପ୍ରତି ସମ୍ବେଦନଶୀଳ ହୁଅନ୍ତି। ନିର୍ଦ୍ଦିଷ୍ଟ ରଙ୍ଗକୁ ପସନ୍ଦ କରନ୍ତି। ତେଣୁ ଶରୀର ବିକଶିତ ହେବାରେ ବିଳମ୍ବ, ଶିଶୁଠାରେ ଅସ୍ୱାଭାବିକ ଭାବେ ଦେଖିବାର ଆଚରଣ ସହିତ ଉପରୋକ୍ତ ଲକ୍ଷଣ ଦେଖାଦେଲେ ପିତାମାତାମାନେ ଏଥିପ୍ରତି ଧ୍ୟାନ ଦେଇ ରୋଗ ନିର୍ଣ୍ଣୟ ପାଇଁ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପରାମର୍ଶ ନେବା ଆବଶ୍ୟକ। ସିଭିଆଇ ବା ମସ୍ତିଷ୍କ ଦୃଷ୍ଟି ବାଧିତ ରୋଗ ନିରୂପଣ ଏକ ବିଳମ୍ବିତ ପ୍ରକ୍ରିୟା। ଅଧିକାଂଶ କ୍ଷେତ୍ରରେ ଶିଶୁ ଚାଲିବା ଆରମ୍ଭ ଅବସ୍ଥାରେ କିମ୍ବା ପରେ ଏହି ରୋଗ ଚିହ୍ନଟ ହୁଏ।

**ପ୍ରତିକାର:** ବିଶେଷଜ୍ଞ ଡାକ୍ତରମାନେ ନିର୍ଦ୍ଦିଷ୍ଟ ଭାବେ ସ୍ପିଚ୍ ଏବଂ ଲାଙ୍ଗୁଏଜ୍ ଥେରାପି, ଫିଜିଓଥେରାପି, ଅକୁପେସନାଲ୍ ଥେରାପି, କଗ୍ନିଟିଭ୍ ଡେଭେଲପମେଂଟ ସପୋର୍ଟ, ଏବଂ ବିହେଭିଅରାଲ୍ ଥେରାପି ଭଳି ସହଯୋଗୀ ସେବା ସହିତ ବ୍ୟକ୍ତିଗତ ହସ୍ତକ୍ଷେପ ଯୋଜନା ପ୍ରଦାନ କରନ୍ତି। ସିଭିଆଇ ପୀଡ଼ିତ ଅନେକ ପିଲା ଠିକ ଭାବେ ମନଯୋଗୀ ନ ହେବା କିମ୍ବା ଶିଖିବାରେ ଅସୁବିଧା ଭୋଗନ୍ତି ବୋଲି ଭୁଲ ବୁଝାଯାଏ। ଦୃଷ୍ଟିଶକ୍ତି ସମସ୍ୟାଗୁଡ଼ିକୁ ପ୍ରାରମ୍ଭିକ ଭାବରେ ଚିହ୍ନଟ କରିବା ଦ୍ୱାରା ସେମାନଙ୍କର ଶିଖିବା, ପାରସ୍ପରିକ କ୍ରିୟା କରିବା ଏବଂ ଉନ୍ନତି କରିବାର କ୍ଷମତାକୁ ପରିବର୍ତ୍ତନ କରାଯାଇପାରିବ।

- ମିତାରାଣୀ ନାୟକ
ପୁନର୍ବାସ ଚିକିତ୍ସକ
ମିଠୁ ତୁଳସୀ ଚାନରାଇ କ୍ୟାମ୍ପସ

# ଚୂଡ଼ାନ୍ତ ନିଷ୍ପତ୍ତି | ଭାରତରେ ବିଶ୍ୱକପ୍ ଖେଳିବନି ବାଂଲାଦେଶ

ଦୁବାଇ,ଢାକା,୨୨।୧(ଏଜେନ୍ସି):



ଖେଳାଳିମାନଙ୍କ ଜୀବନ ପ୍ରତି ଥିବା ବିପଦ, ଦୁଇ ଦେଶର ରାଜନୈତିକ ଓ କୂଟନୈତିକ ସ୍ତରରେ ଉତ୍ତେଜନାମୂଳକ ସମ୍ପର୍କ ଲାଗି ଭାରତରେ ଟି-୨୦ ବିଶ୍ୱକପ ଖେଳିବ ନାହିଁ ବୋଲି ବାଂଲାଦେଶ ସରକାର ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କରେ ବାଂଲାଦେଶ କ୍ରିକେଟ ବୋର୍ଡ ସଭାପତି ଅମିନୁଲ ଇସ୍‌ଲାମ ବୁଲବୁଲ୍ ସାମ୍ବାଦିକ ସମ୍ମିଳନୀ କରି ଘୋଷଣା କରିଛନ୍ତି ଓ ଆଇସିସିକୁ ଜଣାଇଦେଇଛନ୍ତି। ଏବେ ବାଂଲାଦେଶ ଟି-୨୦ ବିଶ୍ୱକପ୍‌ରେ ଖେଳିବ କି ନାହିଁ ତାହା ଆଇସିସି ନିଷ୍ପତ୍ତି ନେବ। ବାଂଲାଦେଶ ତାହାର ନିଷ୍ପତ୍ତି ଜଣାଇବା ପରେ ପାକିସ୍ତାନ କ୍ରିକେଟ ବୋର୍ଡ ସହ ଆଇସିସିର ଗୁରୁତ୍ୱପୂର୍ଣ୍ଣ ବୈଠକ ଚାଲିଛି। ଏହା ପରେ ବାଂଲାଦେଶ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ଆଇସିସି ସୂତ୍ରରୁ ଜଣାଯାଇଛି। ବାଂଲାଦେଶକୁ ଯଦି ଆଇସିସି ବିଶ୍ୱକପ୍‌ରୁ ବହିଷ୍କୃତ କରେ, ତେବେ ସ୍କଟଲାଣ୍ଡକୁ ଅଂଶଗ୍ରହଣ କରିବାକୁ ସୁଯୋଗ ମିଳିବ।

ଆଇପିଏଲ୍‌ରୁ ମୁସ୍ତାଫିଜୁର ରହେମାନଙ୍କୁ ବିଦା କରିବା ପରେ ଭାରତରେ ବାଂଲାଦେଶ ଖେଳାଳିଙ୍କ ଜୀବନପ୍ରତି ସୃଷ୍ଟି ହୋଇଥିଲା ବିପଦ। ଏଥିଲାଗି ଭାରତରେ ଖେଳାଯିବାକୁ ଥିବା ବାଂଲାଦେଶର ଗ୍ରୁପ୍-ସି' ମ୍ୟାଚ୍‌ଗୁଡିକୁ ଶ୍ରୀଲଙ୍କା ସ୍ଥାନାନ୍ତର କରିବାକୁ ଆଇସିସିକୁ ଅନୁରୋଧ କରିଥିଲା। କିନ୍ତୁ ବାଂଲାଦେଶର ଏପରି ଅନୁରୋଧକୁ ଗତକାଲି ଆଇସିସିା ଶକ୍ତିଶାଳୀ କାର୍ଯ୍ୟନିର୍ବାହୀ ବୋର୍ଡ ପ୍ରତ୍ୟାଖାନ କରିଥିଲା। ଏହା ସହ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଭାରତରେ ବିଶ୍ୱକପ୍ ଖେଳିବ କି ନାହିଁ ସେ ସମ୍ପର୍କରେ ନିଷ୍ପତ୍ତି ନେବାକୁ ଆଇସିସି ପକ୍ଷରୁ ଚରମବାଣୀ ଦିଆଯାଇଥିଲା। ଏଥିରେ ବାଂଲା ସରକାର କିମ୍ବା କ୍ରିକେଟ ବୋର୍ଡ ଆଦୌ ବିଚଳିତ ନ ହୋଇ ଭାରତରେ ବିଶ୍ୱକପ୍ ଖେଳିବ ନାହିଁ ବୋଲି ରୋକ୍‌ଠୋକ୍ ଶୁଣାଇଦେଇଥିଲା।

### ବ୍ୟାପକ କ୍ଷତି

ଫେବୃଆରୀ ୭ରୁ ମାର୍ଚ୍ଚ ୮ ମଧ୍ୟରେ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍‌ରେ ବାଂଲାଦେଶ ଅଂଶଗ୍ରହଣ ନ କଲେ, ଖେଳାଳି, ବୋର୍ଡ ଓ ପ୍ରାୟୋଜକଙ୍କର ବ୍ୟାପକ କ୍ଷତି ହେବ। ଆଇସିସି ଟୁର୍ଣ୍ଣାମେଣ୍ଟ ପରେ ପାଇବାକୁ ଥିବା ଅନୁଦାନରେ କାଣ୍ଟଛାଣ୍ଟ ହେବ ନାହିଁ। ୨୦୨୭ ଯାଏ ଏପରି କରାଯିବାକୁ ନିଷ୍ପତ୍ତି ହୋଇଛି। ଫଳରେ ବାଂଲା କ୍ରିକେଟ ବୋର୍ଡର କୌଣସି କ୍ଷତି ହେବ ନାହିଁ। କିନ୍ତୁ ଦଳକୁ ମିଳିବାକୁ ଥିବା ୫ କୋଟି ଟଙ୍କାର ଅଂଶଗ୍ରହଣକାରୀ ଫି' ମିଳିବ ନାହିଁ। ଖେଳାଳିମାନେ ମ୍ୟାଚ୍ ଫି' ପାଇବେ ନାହିଁ, ପୁରସ୍କାର ରାଶି ମିଳିବ ନାହିଁ ଓ ପ୍ରାୟୋଜକଙ୍କଠାରୁ ମଧ୍ୟ ଦିଆଯାଉଥିବା ଅର୍ଥ ଦିଆଯିବ ନାହିଁ। ବାଂଲାଦେଶରେ ବହୁତ କ୍ରିକେଟ ସମର୍ଥକ ରହିଛନ୍ତି। ବାଂଲାଦେଶକୁ ବିଦା କରିବା ପରେ ସେଠାରେ ଦର୍ଶକ ସଂଖ୍ୟା ନିଶ୍ଚିତଭାବେ କମିଯିବ। ସବୁଠାରୁ ବଡ଼ କଥା ହେଲା, ଖେଳାଳିମାନଙ୍କ ବ୍ୟକ୍ତିଗତ ପ୍ରାୟୋଜକ। ବାଂଲା ଦଳର ଅଧାଡଜନେରୁ ଅଧିକ ଖେଳାଳି ଭାରତୀୟ କମ୍ପାନିଗୁଡିକ ସହ ଚୁକ୍ତିବଦ୍ଧ ଅଛନ୍ତି। ଏଣୁ ଏମାନଙ୍କ ଉପରେ ସୁଦୂର ପ୍ରସାରୀ ପ୍ରଭାବ ପଡ଼ିବା ନିଶ୍ଚିତ। ଏପରି କି ଭବିଷ୍ୟତରେ ସେମାନଙ୍କୁ ପ୍ରାୟୋଜନ ସଂସ୍ଥା ଚୁକ୍ତିବଦ୍ଧ କରିବାକୁ ନିଶ୍ଚିତ ଅନିଚ୍ଛା ପ୍ରକାଶ କରିବା ସ୍ପଷ୍ଟ ଭାବେ ଜଣାପଡୁଛି। ୨୦୨୮ ଅଲିମ୍ପିକ୍ସରେ କ୍ରିକେଟ ଖେଳ ହେବ। ଏଠାରେ ନିଶ୍ଚିତଭାବେ କ୍ରିକେଟ କ୍ଷତିଗ୍ରସ୍ତ ହେବ ବୋଲି ଆକଳନ କରାଯାଇଛି।

### ଆଇସିସି ଟୁର୍ଣ୍ଣାମେଣ୍ଟରେ ଖେଳି ନ ଥିବା ଦଳ



- ୧୯୯୬ ଦିନିକିଆ ବିଶ୍ୱକପ୍: ଶ୍ରୀଲଙ୍କାରେ ଖେଳିବାକୁ ଅଷ୍ଟ୍ରେଲିଆ ଓ ୱେଷ୍ଟଇଣ୍ଡିଜ୍ ଓହରିଲେ। ଶ୍ରୀଲଙ୍କାରେ ଅରାଜକତା ଓ ବୋମା ବିସ୍ଫୋରଣ ଥିଲା ମୁଖ୍ୟ କାରଣ।
- ୨୦୦୩ ଦିନିକିଆ ବିଶ୍ୱକପ୍: ଜିମ୍ବାୱେରେ ଇଂଲଣ୍ଡ ଓ କେନିଆରେ ନ୍ୟୁଜିଲାଣ୍ଡ ଖେଳିବାକୁ ମନାକରିଥିଲେ। ନୀତିଗତ ନିଷ୍ପତ୍ତି ଯୋଗୁଁ ଏହି ଦୁଇ ଦେଶ ବିଶ୍ୱକପ୍ ଖେଳିବାକୁ ଯାଇ ନ ଥିଲେ।
- ୨୦୦୯ ଟି-୨୦ ବିଶ୍ୱକପ୍: ଜିମ୍ବାୱେ ରାଷ୍ଟ୍ରପତି ରବର୍ଟ ମୁଗାବେଙ୍କ ସହ ଇଂଲଣ୍ଡର ରାଜନୈତିକ ଉତ୍ତେଜନା ରହିଥିଲା। ଫଳରେ ଇଂଲଣ୍ଡରେ ଖେଳିବାକୁ ଜିମ୍ବାୱେ ଓହରିଯାଇଥିଲା।
- ୨୦୦୯ ୧୯ ବର୍ଷରୁ କମ୍ ବିଶ୍ୱକପ୍: ବାଂଲାଦେଶରେ ଅସ୍ଥିରତା ଓ ଅରାଜକତା ଯୋଗୁ ଅଷ୍ଟ୍ରେଲିଆ ଅଧାରୁ ଦ୍ୱିପାକ୍ଷିକ ସିରିଜ୍ ନ ଖେଳି ସ୍ୱଦେଶ ଫେରିଥିଲା। ଏହିବର୍ଷ ବାଂଲାରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରୁ ମଧ୍ୟ ଅଷ୍ଟ୍ରେଲିଆ ଓହରିଯାଇଥିଲା।
- ୨୦୨୫ ଚାମ୍ପିଅନ୍ସ ଟ୍ରଫି: ୨୯ ବର୍ଷ ପରେ ପାକିସ୍ତାନ ଚାମ୍ପିଅନ୍ସ ଟ୍ରଫି ରୂପରେ ଆଇସିସି ଇଭେଣ୍ଟ ଆୟୋଜନ କରିବାକୁ ସୁଯୋଗ ପାଇଥିଲା। କିନ୍ତୁ ୨୦୦୮ ରୁ ପାକିସ୍ତାନରେ ଖେଳିବାକୁ ଯାଇ ନ ଥିବା ଭାରତ ସେଠାରେ ଖେଳିବ ନାହିଁ ବୋଲି ମନା କରିଦେଇଥିଲା। ଏହା ପରେ ଦୁବାଇରେ ଭାରତ ସମସ୍ତ ମ୍ୟାଚ୍ ଖେଳିଥିଲା।

## ରାୟପୁରରେ ଆଜି ଦ୍ୱିତୀୟ ଟି-୨୦
# ପ୍ରତ୍ୟାବର୍ତ୍ତନ ଲକ୍ଷ୍ୟରେ ନ୍ୟୁଜିଲାଣ୍ଡ




ରାୟପୁର, ୨୨।୧ (ଏଜେନ୍ସି): ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଚଳିତ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ର ଦ୍ୱିତୀୟ ମୁକାବିଲା ଏଠାରେ ଆସନ୍ତାକାଲି ବା ଶୁକ୍ରବାର ଖେଳାଯିବ। ଏହି ମୁକାବିଲା ଉଭୟ ଦଳ ଲାଗି ଗୁରୁତ୍ୱପୂର୍ଣ୍ଣ। ଗୋଟିଏ ଦିନ ପୂର୍ବରୁ ନାଗପୁରଠାରେ ଅନୁଷ୍ଠିତ ପ୍ରଥମ ମୁକାବିଲାରେ ଭାରତର ପାୱାରଫୁଲ ବ୍ୟାଟିଂ ଆଗରେ ହାର ମାନିଥିଲା ନ୍ୟୁଜିଲାଣ୍ଡ। ଏହାର ଅର୍ଥ ନୁହେଁ ଯେ ଏହି ବ୍ୟାଟରମାନେ ଦ୍ୱିତୀୟ ମୁକାବିଲାରେ ମଧ୍ୟ ସଫଳ ହେବେ। କିନ୍ତୁ ଯେଉଁ ଦୁଇ ଖେଳାଳିଙ୍କ ଉପରେ ନଜର ରହିଛି, ସେମାନେ ପ୍ରଥମ ଟି-୨୦ରେ ଫେଲ୍ ମାରିଥିଲେ। ଓପନର ସଞ୍ଜୁ ସାମସନ ୧୦ ଓ ନଂ-୩ରେ ଇସାନ କିଶାନ ୮ ରନ୍ କରିଥିଲେ। ଅଭିଷେକ ଶର୍ମାଙ୍କ ୩୫ ବଲ୍‌ରେ ୮୪ ଓ ରିଙ୍କୁ ସିଂଙ୍କ ୨୦ ବଲ୍‌ରୁ ୪୪ ରନ୍‌ର ବିସ୍ଫୋରକ ବ୍ୟାଟିଂ ସାଙ୍ଗକୁ ବରୁଣ ଚକ୍ରବର୍ତ୍ତୀ ଓ ଅନ୍ୟମାନଙ୍କ ଦ୍ୱାରା ଚେକ୍‌ମେଟ ହୋଇଛନ୍ତି। ଭାରତ ନିକଟରେ ଏକାଧିକ ସୁପରପାୱାର ବ୍ୟାଟର ରହିଛନ୍ତି। ଯାହା ଫଳରେ ଭାରତ ଜଣେ କିମ୍ବା ଦୁଇଜଣଙ୍କ ଉପରେ ନିର୍ଭର କରୁନାହିଁ।

ଏହାର ଅର୍ଥ ନୁହେଁ ଯେ ନ୍ୟୁଜିଲାଣ୍ଡ ବିନା ଲଢ଼େଇରେ ଏହି ସିରିଜ୍ ହାରିଯିବ। ଭାରତୀୟ ସ୍ପିନରଙ୍କୁ ଉଭୟ ଟେଷ୍ଟ ଓ ଦିନିକିଆ ସିରିଜ୍‌ରେ ଫ୍ଲପ୍ କରିଦେଇଥିବା ନ୍ୟୁଜିଲାଣ୍ଡ ବ୍ୟାଟର ଗୋଟିଏ ସୁଯୋଗକୁ ଅପେକ୍ଷା କରିଛନ୍ତି। ଦଳ ନିକଟରେ ବିସ୍ଫୋରକ ବ୍ୟାଟର ରହିଛନ୍ତି। ଭାରତୀୟ ପିଚ୍‌ରେ ସଫଳ ହୋଇଥିବା ବୋଲର ମଧ୍ୟ ରହିଛନ୍ତି। ଟି-୨୦ ବିଶ୍ୱକପ୍ ଖେଳିବାକୁ ମନୋନୀତ ଦଳ ଏଠାରେ ଖେଳୁଛି। ଆସନ୍ତାକାଲି ଖେଳାଯିବାକୁ ଥିବା ମ୍ୟାଚ୍‌ରେ ଏହି ଦଳ ଯେ ପ୍ରତ୍ୟାବର୍ତ୍ତନ ନ କରିବ ତାହା କହିବା କଷ୍ଟକର। ସେ ଯାହା ହେଉ ଟି-୨୦ ଫର୍ମାଟରେ ଆଉ ଏକ ଧମାକାଦାର ବ୍ୟାଟିଂରେ ରାୟପୁର ଷ୍ଟାଡିୟମ୍‌ରେ ଦେଖିବାକୁ ମିଳିବ ଏଥିରେ ସନ୍ଦେହର ଅବକାଶ ନାହିଁ।

**ଖେଳ ଆରମ୍ଭ : ରାତି ୭ଟା**
**ପ୍ରସାରଣ : ଷ୍ଟାର୍‌ସ୍ପୋର୍ଟ୍ସ ନେଟ୍‌ୱର୍କ**
**ଲାଇଭ୍ ଷ୍ଟ୍ରିମିଂ : ଜିଓହଟ୍‌ଷ୍ଟାର**

## ସିନ୍ଧୁଙ୍କ ୫୦୦ତମ ବିଜୟ



ଜାକର୍ତ୍ତା, ୨୨।୧ (ଏଜେନ୍ସି): ଦୁଇଥରର ଅଲିମ୍ପିକ ପଦକ ବିଜୟିନୀ ପିଭି ସିନ୍ଧୁ ତାଙ୍କ କ୍ୟାରିୟରର ଆଉ ଏକ ମାଇଲଖୁଣ୍ଟ ହାସଲ କରିଛନ୍ତି। ବିଶ୍ୱର ୬ଷ୍ଠ ତଥା ଭାରତର ପ୍ରଥମ ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ଭାବେ ୩୦ ବର୍ଷୀୟା ସିନ୍ଧୁ ୫୦୦ ସିଙ୍ଗଲ୍ସ ମ୍ୟାଚ୍ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି। ଏଠାରେ ଚାଲିଥିବା ଇଣ୍ଡୋନେସିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ଅବସରରେ ସିନ୍ଧୁ ଏହି ସଫଳତା ପାଇଛନ୍ତି। ଗୁରୁବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସର ଏକ ମ୍ୟାଚରେ ସିନ୍ଧୁ ୨୧-୧୯, ୨୧-୧୮ ସିଧାସଳଖ ଗେମରେ ଡେନମାର୍କର ଫୋଏ ଲିନ ଜାଏର୍ଫେଲ୍ଡଟଙ୍କୁ ପରାସ୍ତ କରିଥିଲେ। ଏହି ମ୍ୟାଚ ଜିତିବାକୁ ସିନ୍ଧୁଙ୍କୁ ୪୩ ମିନିଟ୍ ସମୟ ଲାଗିଥିଲା। ସିନ୍ଧୁଙ୍କ କ୍ୟାରିୟରର ଏହା ୫୦୦ତମ ସିଙ୍ଗଲ୍ସ ବିଜୟ ଥିଲା। ବର୍ତ୍ତମାନ ସୁଦ୍ଧା ସିନ୍ଧୁ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନରେ ୭୩୨ ମ୍ୟାଚ୍ ଖେଳିସାରିଛନ୍ତି। ତାଙ୍କର ବିଜୟ ପ୍ରତିଶତ ୬୮.୩ ରହିଛି। ସିନ୍ଧୁଙ୍କ ପୂର୍ବରୁ ଉଭୟ ପୁରୁଷ ଓ ମହିଳା ବର୍ଗରେ କୌଣସି ଭାରତୀୟ ଖେଳାଳି ଏହି ମାଇଲଖୁଣ୍ଟ ହାସଲ କରିନାହାନ୍ତି।

## ମେଘାଳୟ ଠାରୁ ହାରିଲା ଓଡ଼ିଶା

କଟକ,୨୨।୧(ସମିସ): ୭୯ତମ ଜାତୀୟ ଫୁଟବଲ ଚାମ୍ପିଅନସିପ୍ ସନ୍ତୋଷ ଟ୍ରଫିର ଫାଇନାଲ ରାଉଣ୍ଡ ଗୁରୁବାର ଠାରୁ ଆରମ୍ଭ ହୋଇଛି। ଆସାମର ଶିଳାପଥର ଫୁଟବଲ ଷ୍ଟାଡିୟମରେ ଖେଳାଯାଇଥିବା ପ୍ରଥମ ଲିଗ୍‌ରେ ଓଡ଼ିଶା ୦-୧ ଗୋଲରେ ମେଘାଳୟଠାରୁ ପରାସ୍ତ ହୋଇଛି। ମେଘାଳୟର ମିଲଫିଲ୍ଡର ଏମ ବେବି ୨୩ତମ ମିନିଟରେ ଗୋଲ ସ୍କୋର କରି ଦଳକୁ ପ୍ରଥମାର୍ଦ୍ଧରେ ଆଗୁଆ ରଖିଥିଲେ। ଖେଳର ଅବଶିଷ୍ଟ ସମୟରେ ଓଡ଼ିଶା ଗୋଲ ସୁଝାଇବାରେ ବିଫଳ ହେବା ସହ ଲିଗ୍ ଆରମ୍ଭରୁ ପରାଜୟର ସମ୍ମୁଖୀନ ହୋଇଥିଲା। ଆସନ୍ତା ୨୪ରେ ସର୍ଭିସେସ ବିପକ୍ଷରେ ଦଳ ଦ୍ୱିତୀୟ ଲିଗ୍ ମ୍ୟାଚ୍ ଖେଳିବ।

## ଜାଏଣ୍ଟ୍ସର ବ୍ୟାଟିଂ ବିପର୍ଯ୍ୟୟ

ଭଦୋଦରା, ୨୨।୧ (ଏଜେନ୍ସି): ଚଳିତ ମହିଳା ପ୍ରିମିଅର ଲିଗ୍ (ଡବ୍ଲ୍ୟୁପିଏଲ୍)ର ୧୪ତମ ମ୍ୟାଚରେ ଗୁରୁବାର ୟୁପି ୱାରିୟର୍ଜ ଓ ଗୁଜରାଟ ଜାଏଣ୍ଟ୍ସ ସାମ୍ନାସାମ୍ନି ହୋଇଛନ୍ତି। ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଗୁଜରାଟ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ପ୍ରଥମ ୧୦ ଓଭର ମଧ୍ୟରେ ଗୁଜରାଟ ୭୧ ରନରେ ଓପନର ଡାନି ୱାଟ୍-ହଜ୍ (୧୪ ରନ), ଅଧିନାୟିକା ଆସଲେ ଗାର୍ଡନର (୫) ଓ ଅନୁଷ୍କା ଶର୍ମା ୯୧୪ ରନ)ଙ୍କ ୱିକେଟ୍ ହରାଇ ବ୍ୟାକ୍‌ଫୁଟ୍‌ରେ ପଡ଼ିଥିଲା। ତେବେ ମଧ୍ୟକ୍ରମରେ ଅଭିଜ୍ଞ ସୋଫି ଡିଭାଇନ ଓ ବେଥ୍ ମୁନୀ ଧୈର୍ଯ୍ୟପୂର୍ଣ୍ଣ ଇନିଂସ ଖେଳି ସ୍ଥିତି ସମ୍ଭାଳିଥିଲେ। ରିପୋର୍ଟ ଲେଖା ହେଲାବେଳକୁ ଗୁଜରାଟ ୧୬ ଓଭରରେ ୫ ୱିକେଟ ହରାଇ ୧୧୧ ରନ ସଂଗ୍ରହ କରିଛି।

## ଅଷ୍ଟ୍ରେଲିଆନ୍ ଓପନ୍ / ତୃତୀୟ ରାଉଣ୍ଡ ୪୦ ବର୍ଷୀୟ ୱାରିଙ୍କା



ମେଲବୋର୍ଣ୍ଣ, ୨୨।୧ (ଏଜେନ୍ସି): ପୂର୍ବତନ ଚାମ୍ପିଅନ ଷ୍ଟାନ ୱାରିଙ୍କା ଏଠାରେ ଚାଲିଥିବା ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ଅଷ୍ଟ୍ରେଲିଆନ୍ ଓପନର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଗୁରୁବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡର ଏକ ମ୍ୟାଚରେ ସୁଇସ ତାରକା ୱାରିଙ୍କା ୪-୬, ୬-୩, ୩-୬, ୭-୫, ୭-୬ (୩) ସେଟ୍‌ରେ ଫ୍ରାନ୍ସ କ୍ୱାଲିଫାୟର ଆର୍ଥର ଗେ'ଙ୍କୁ ପରାସ୍ତ କରିଥିଲେ। ଏଥିସହ ବିଶ୍ୱର ଦ୍ୱିତୀୟ ବୟୋଜ୍ୟେଷ୍ଠ ଖେଳାଳି ଭାବେ ୱାରିଙ୍କା କୌଣସି ଗ୍ରାଣ୍ଡସ୍ଲାମର ୩ୟ ରାଉଣ୍ଡକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ୱାରିଙ୍କାଙ୍କୁ ବର୍ତ୍ତମାନ ୪୦ ବର୍ଷ ୩୧୦ ଦିନ ହୋଇଛି। ବିଶ୍ୱର ବୟୋଜ୍ୟେଷ୍ଠ ଖେଳାଳି ଭାବେ ୪୮ ବର୍ଷ ତଳେ ଅଷ୍ଟ୍ରେଲିଆର କେନ୍ ରୋସେୱାଲ ମେଲବୋର୍ଣ୍ଣ ପାର୍କରେ ୩ୟ ରାଉଣ୍ଡରେ ଖେଳିଥିଲେ। ସେତେବେଳେ ତାଙ୍କୁ ୪୪ ବର୍ଷ ହୋଇଥିଲା।

୧୦ଥରର ବିଜେତା ନୋଭାକ ଜୋକୋଭିଚ୍, ଡିଫେଣ୍ଡିଂ ଚାମ୍ପିଅନ ଜାନିକ ସିନ୍ନର, ୯ମ ସିଡ ଆମେରିକାର ଟେଲର ଫ୍ରିଜ, ୧୨ତମ ସିଡ୍ କାସ୍ପର ରୁଡ ପ୍ରମୁଖ ତୃତୀୟ ରାଉଣ୍ଡରେ ସ୍ଥାନ ପକ୍କା କରିଛନ୍ତି। ସିର୍ବିଆ ତାରକା ଜୋକୋଭିଚ ୬-୩, ୬-୨, ୬-୨ ସେଟରେ ଇଟାଲୀର ଫ୍ରାନ୍ସିକୋ ମାଏଷ୍ଟେଲିଙ୍କୁ, ଦ୍ୱିତୀୟ ସିଡ୍ ସିନର ୬-୧, ୬-୪, ୬-୨ ସେଟରେ ଘରୋଇ ଖେଳାଳି ଜେମ ଡକଓ୍ୱର୍ଥଙ୍କୁ ହରାଇଥିଲେ। ମହିଳା ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡରେ ଡିଫେଣ୍ଡିଂ ଚାମ୍ପିଅନ ମାଡିସନ କିଜ୍, ୨ୟ ସିଡ୍ ଇଗା ସ୍ୱିଆଟେକ, ୪ର୍ଥ ସିଡ୍ ଆମଣ୍ଡା, ଆନିସିମୋଭା, ୫ମ ସିଡ୍ ଏଲିନା ରିବାକିନା, ୬ଷ୍ଠ ସିଡ୍ ଜେସିକା ପେଗୁଲା, ଦୁଇଥରର ପୂର୍ବ ଚାମ୍ପିଅନ ନାଓମି ଓସାକା, ଲିଣ୍ଡା ନୋସ୍କୋଭା ସହଜ ବିଜୟ ସହ ରାଉଣ୍ଡ-୩୨ରେ ପହଞ୍ଚିଛନ୍ତି।

## ଏଚଆଇଏଲ୍: ଆଜି କ୍ୱାଲିଫାୟର-୧ | ଫାଇନାଲ ଟିକଟ ଲକ୍ଷ୍ୟରେ କଳିଙ୍ଗ, ରୟାଲ୍ସ

ଭୁବନେଶ୍ୱର, ୨୨।୧ (ସମିସ): ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ପୁରୁଷ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍) ୭ମ ସଂସ୍କରଣର ଲିଗ୍ ପର୍ଯ୍ୟାୟ ମୁକାବିଲା ଗୁରୁବାର ଶେଷ ହୋଇଯାଇଛି। ଶୁକ୍ରବାରଠାରୁ ପ୍ଲେ-ଅଫ୍ ଅର୍ଥାତ୍ ନକ୍‌ଆଉଟ୍ ପର୍ଯ୍ୟାୟ ଆରମ୍ଭ ହେବ। ପଏଣ୍ଟ ଟେବଲର ଶୀର୍ଷ ଦୁଇ ସ୍ଥାନରେ ରହିଥିବା ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଓ ରାଞ୍ଚି ରୟାଲ୍ସ ମଧ୍ୟରେ ପ୍ରଥମ କ୍ୱାଲିଫାୟର ଖେଳାଯିବ। ସନ୍ଧ୍ୟା ୫ଟାରେ ଏହି ହାଇଭୋଲଟେଜ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚରେ ଯେଉଁ ଦଳ ବିଜୟୀ ହେବ ଜାନୁଆରୀ ୨୬ରେ ହେବାକୁ ଥିବା ଟାଇଟଲ୍ ଲଢ଼େଇ ମୁକାବିଲାକୁ ସିଧାସଳଖ ଟିକଟ୍ ହାସଲ କରିବ। ଅର୍ଥାତ୍ ଉଭୟ କଳିଙ୍ଗ ଲାନ୍ସର୍ସ ଓ ରାଞ୍ଚି ରୟାଲ୍ସ ପାଇଁ କ୍ୱାଲିଫାୟର-୧ ସେମିଫାଇନାଲ ସଦୃଶ ହୋଇଛି।

ଲିଗ୍ ପର୍ଯ୍ୟାୟ ଉପରେ ନଜର ପକାଇଲେ ଭୁବନେଶ୍ୱରଭିତ୍ତିକ ଦଳ କଳିଙ୍ଗ ଲାନ୍ସର୍ସ ବେଶ୍ ଦମ୍‌ଦାର ପ୍ରଦର୍ଶନ କରିଥିଲା। ନେଦରଲାଣ୍ଡ୍ସର ଆର୍ଥର ଭାନ୍ ଡୋରେନଙ୍କ ନେତୃତ୍ୱାଧୀନ ଲାନ୍ସର୍ସ ୭ଟି ମ୍ୟାଚରୁ ୬ ବିଜୟ ଓ ଗୋଟିଏ ପରାଜୟ ସହ ୧୬ ପଏଣ୍ଟ ପାଇ ଶୀର୍ଷରେ ରହିଥିଲା। ଏପରିକି କ୍ରମାଗତ ୬ଟି ବିଜୟ ସ୍ୱାଦ ଚାଖିଥିବା କଳିଙ୍ଗ ଶେଷ ଲିଗ୍‌ରେ ୧-୨ ଗୋଲରେ ସୁରମା ହକି କ୍ଲବଠାରୁ ହାରିବା ଫଳରେ ବିଜୟଧାରାରେ ବ୍ରେକ୍ ଲାଗିଥିଲା। ଏହାସତ୍ତ୍ୱେ ଘରୋଇ ପରିବେଶରେ ଖେଳୁଥିବାରୁ କଳିଙ୍ଗ ଲାନ୍ସର୍ସକୁ ଏହି ମ୍ୟାଚରେ ଫେଭରିଟ୍ ବିବେଚନା କରାଯାଉଛି। ଶ୍ରେଷ୍ଠ ରକ୍ଷଣଭାଗ କଳିଙ୍ଗର ସବୁଠୁ ବଡ଼ ଶକ୍ତି ରହିଛି। ୭ଟି ମ୍ୟାଚରେ ଦଳ ମାତ୍ର ୮ଟି ଗୋଲ୍ ବରଣ କରିଛି। ବେଲ୍‌ଜିୟମ ଡ୍ରାଗଫ୍ଲିକର ଆଲେକ୍ସଜାଣ୍ଡର ହେଣ୍ଡ୍ରିକ୍ସ ୮ଟି ଗୋଲ୍ ଦେଇ ଲାନ୍ସର୍ସ ପାଇଁ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି।

### ଟମ୍ ବୁନ୍ ଦେଇଛନ୍ତି ୧୫ ଗୋଲ୍

ଅପରପକ୍ଷରେ ରାଞ୍ଚି ରୟାଲ୍ସ ୪ଟି ବିଜୟ ଓ ୩ଟି ପରାଜୟ ସହ ୭ଟି ଲିଗ୍‌ରୁ ୧୨ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲା। ଲିଗ୍ ପର୍ଯ୍ୟାୟରେ ଏକମାତ୍ର ଦଳ ଭାବେ ରାଞ୍ଚି ୨୫ଟି ଗୋଲ୍ ଦେଇଥିଲା। ବେଲ୍‌ଜିୟମ ଷ୍ଟ୍ରାଇକର ଟମ୍ ବୁନ୍ ରୟାଲ୍ସର ପ୍ରମୁଖ ଖେଳାଳି ରହିଛନ୍ତି। ବର୍ତ୍ତମାନ ସୁଦ୍ଧା ସେ ୧୫ଟି ଗୋଲ୍ ଦେଇସାରିଛନ୍ତି। ତେଣୁ କ୍ୱାଲିଫାୟର-୧ ନିଶ୍ଚିତ ଭାବେ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି। ସେହିଭଳି ଶୁକ୍ରବାର ରାତି ୭ଟା ୩୦ରେ ହାଇଦରାବାଦ୍ ତୁଫାନ୍ସ ଓ ଏଚ୍‌ଆଇଏଲ୍ ଜିସି ମଧ୍ୟରେ ଏଲିମିନେଟର ମୁକାବିଲା ଖେଳାଯିବାର କାର୍ଯ୍ୟସୂଚୀ ରହିଛି।

## ଓଡ଼ିଶା ଓପନ ଚେସ୍ | ଅଭିଜିତ, ଏନ୍‌ଗୁଏନ ମିଳିତ ଅଗ୍ରଣୀ

ଭୁବନେଶ୍ୱର,୨୨।୧(ସମିସ): ସୋଆ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଚାଲିଥିବା ଓଡ଼ିଶା ଓପନ ଚେସ୍ ଟୁର୍ଣ୍ଣାମେଣ୍ଟର କାଟାଗୋରୀ-ଏ'ରେ ଦୁଇ ଗ୍ରାଣ୍ଡମାଷ୍ଟର ଭାରତର ଅଭିଜିତ ଗୁପ୍ତା ଓ ଭିଏତନାମ୍‌ର ଏନ୍‌ଗୁଏନ ଭାନ ହୁଏ ମିଳିତଭାବେ ଅଗ୍ରଣୀ ରହିଛନ୍ତି। ୭ମ ରାଉଣ୍ଡ ଖେଳ ଶେଷସୁଦ୍ଧା ଉଭୟ ଖେଳାଳି ୬.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଛନ୍ତି। ଏମାନଙ୍କ ପଛକୁ ମଧ୍ୟ ଉଭୟ ଦେଶର ଦୁଇ ଖେଳାଳି ୬ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ରୁଷର ଗ୍ରାଣ୍ଡମାଷ୍ଟର ବୋରିସ୍ ସାଭେଚେଙ୍କୋ, କ୍ୟୁମାର ଆଇଏମ୍ ଡାଏସମାନି ଓଟେରୋ ଆକୋଷ୍ଟା, ବେଲାରୁଷର ଆଲେକସେଜ ଆଲେକଜାଣ୍ଡର, ରୁଷର ଗ୍ରାଣ୍ଡମାଷ୍ଟର ଭ୍ଲାଦିମିର ବୁର୍ମାକିନ୍‌ଙ୍କ ସହ ୯ଜଣ ଖେଳାଳି ୫.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ତୃତୀୟସ୍ଥାନରେ ରହିଛନ୍ତି।

ଗତକାଲି ଆରମ୍ଭ ହୋଇଥିବା କାଟାଗୋରୀ-ସି'ରେ ୩ ରାଉଣ୍ଡ ଶେଷସୁଦ୍ଧା ୨୭ଜଣ ଖେଳାଳି ୩ ପଏଣ୍ଟ ଲେଖାଏଁ ସଂଗ୍ରହ କରିଛନ୍ତି। ସେମାନଙ୍କ ମଧ୍ୟରେ ଓଡ଼ିଶାର ଦାଶରଥି ସାହୁ, ଲରେନ୍ସ ପ୍ରଧାନ, ଶ୍ରୀନାଥ ଭୋଇ, ସୁରଜ ମହାରଣା, ଏସ୍ ଗୋରାଚାନ୍ଦ ରେଡ୍ଡୀ, ସିଦ୍ଧାର୍ଥ ମିଶ୍ର, ନନ୍ଦନ ରାୟ ଓ ଦୀପ୍ତିରଞ୍ଜନ ନାୟକ ରହିଛନ୍ତି।

## ଜାତୀୟ ମହିଳା ଦୃଷ୍ଟିବାଧିତ କ୍ରିକେଟ | ଏମ୍‌ପିକୁ ହରାଇ ଓଡ଼ିଶା ଚାମ୍ପିଅନ




ଭୁବନେଶ୍ୱର,୨୨।୧(ସମିସ): ଓଡ଼ିଶା ମହିଳା ଦଳ ଜାତୀୟ ଦୃଷ୍ଟିବାଧିତ ଟି-୨୦ କ୍ରିକେଟ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ସ୍ଥାନୀୟ ହାଇଟେକ୍ ମେଡିକାଲ କଲେଜ ଗ୍ରାଉଣ୍ଡ ଖେଳପଡ଼ିଆରେ ଗୁରୁବାର ଅନୁଷ୍ଠିତ ଫାଇନାଲ ଖେଳରେ ଓଡ଼ିଶା ୩୨ ରନ୍‌ରେ ମଧ୍ୟପ୍ରଦେଶ (ଏମ୍‌ପି)କୁ ପରାସ୍ତ କରି ଏହି ଜାତୀୟ ଟାଇଟଲ କବ୍‌ଜା କରିଥିଲା। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ମହିଳା ଦଳ ୪ ୱିକେଟରେ ୧୭୩ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଓପନର ପାର୍ବତୀ ମାର୍ଣ୍ଡି ସର୍ବାଧିକ ୫୫, ଅଧିନାୟିକା ଫୁଲ ସୋରେନ୍ ୩୮ ଓ ଫର୍ମରେ ଥିବା ସୁକାନ୍ତି ଦଳପତି ୩୦ ରନ୍ କରିଥିଲେ। ଜବାବରେ ଓଡ଼ିଶା ବୋଲରଙ୍କୁ ଉଚିତ ମୁକାବିଲା କରି ନ ପାରି ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୧୪୧ ରନ୍‌ରେ ସୀମିତ ରହିଥିଲା। ଏମ୍‌ପି ପକ୍ଷରୁ ଦୁର୍ଗା ସର୍ବାଧିକ ୬୦ ଓ ସୁଷମା ପଟେଲ ୪୦ ରନ୍ କରିଥିଲେ। ଉଭୟ ମୁନି ପୂର୍ତ୍ତିଙ୍କ ଦ୍ୱାରା ଆଉଟ ହେବା ପରେ ଏମ୍‌ପି ଏହି ମ୍ୟାଚ୍ ହାରିଯାଇଥିଲା।

ଖେଳ ଶେଷରେ ଆୟୋଜିତ ଉତ୍ସବରେ ହାଇକେଟ ମେଡିକାଲ କଲେଜ ଓ ହସ୍ପିଟାଲର ଚେୟାରମ୍ୟାନ୍ ତିରୁପତି ପାଣିଗ୍ରାହୀ, ଗଜପତି ବିଧାୟକ ତଥା ମେଡିକାଲ ଏମ୍‌ଡି ରୂପେଶ ପାଣିଗ୍ରାହୀ, ଜିନ୍ଦଲ ଫାଉଣ୍ଡେସନ ସିଏସ୍‌ଆର୍ ଋଷି ପଠାଣିଆ, ଜାତୀୟ ଦୃଷ୍ଟିହୀନ କ୍ରିକେଟ ମହାସଂଘ ସଭାପତି ବିଜୁ ଗୌଡ଼, ଶୈଳେନ୍ଦ୍ର ଯାଦବ, ମହିଳା ଓ ଶିଶୁ ଉନ୍ନୟନ ଚେୟାରମ୍ୟାନ୍ ମେଜର କଳ୍ପନା ଦାସ୍, କେନ୍ଦ୍ରସରକାରଙ୍କ ଦୁଇ ପଦାଧିକାରୀ ଭାସ୍କର ରାଇତୋ ଓ ବସନ୍ତ ବେହେରା, ଓଡ଼ିଶା ଦୃଷ୍ଟିବାଧିତ ସଂଘ ସଭାପତି ଜାଫର ଇକବଲ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ଓଡ଼ିଶା ବିପକ୍ଷ ରଣଜୀ ଲଢ଼େଇ
# ୪ ଅର୍ଦ୍ଧଶତକ ବଳରେ ତାମିଲନାଡୁ ୨୮୧/୭


ଗୋବିନ୍ଦ ପୋଦ୍ଦାର: ୨/୮୫


ରାଜେଶ ମହାନ୍ତି: ୨/୫୦

ଭୁବନେଶ୍ୱର, ୨୨।୧ (ସମିସ): ଚଳିତ ରଣଜୀ ଟ୍ରଫିର ୬ଷ୍ଠ ରାଉଣ୍ଡ ପର୍ଯ୍ୟାୟ ଖେଳ ଗୁରୁବାରଠାରୁ ଦେଶର ବିଭିନ୍ନ ଗ୍ରାଉଣ୍ଡରେ ଆରମ୍ଭ ହୋଇଛି। ଏହିକ୍ରମରେ ସ୍ଥାନୀୟ କିଟ୍ କ୍ରିକେଟ୍ ଗ୍ରାଉଣ୍ଡରେ ଏଲିଟ୍ ଗ୍ରୁପ୍-ଏ'ର ଏକ ମୁକାବିଲାରେ ଓଡ଼ିଶା ଓ ତାମିଲନାଡୁ ପରସ୍ପର ସାମ୍ନାସାମ୍ନି ହୋଇଛନ୍ତି। ଏହି ମ୍ୟାଚରେ ଟସ୍ ଜିତି ଘରୋଇ ଓଡ଼ିଶା ଦଳର ଅଧିନାୟକ ଶୁଭ୍ରାଂଶୁ ସେନାପତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ତାମିଲନାଡୁ ୪ଟି ଅର୍ଦ୍ଧଶତକୀୟ ପାଳି ବଳରେ ୭ ୱିକେଟ୍‌ରେ ୨୮୧ ରନର ସମ୍ମାନଜନକ ସ୍କୋର ଠିଆ କରାଇଛି। ଓଡ଼ିଶା ବୋଲରମାନେ ୮୩ ଓଭର ବୋଲିଂ କରି ୭ଟି ୱିକେଟ୍ ନେବାରେ ସମର୍ଥ ହୋଇଛନ୍ତି। ଭ୍ରମଣକାରୀ ତାମିଲନାଡୁ ପକ୍ଷରୁ ବାମହାତୀ ବ୍ୟାଟର୍ ପ୍ରଦୋଷ ରଞ୍ଜନ ପଲ୍ ସର୍ବାଧିକ ୭୮ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓପନର୍ ଅତିଶ ଏସଆର୍ ୫୦, ଆନ୍ଦ୍ରେ ସିଦ୍ଧାର୍ଥ ୫୬, ଇନଫର୍ମ ବ୍ୟାଟର ଏନ୍. ଜଗଦିଶନ ୭, ପି. ବିଦ୍ୟୁତ ୧୨, ସୋନୁ ଯାଦବ ୮ ରନ କରିଥିବାବେଳେ ଅଜିତେଶ ଗୁରୁସ୍ୱାମୀ ଖାତା ଖୋଲିପାରି ନ ଥିଲେ। ଷ୍ଟମ୍ପସବେଳକୁ ନଂ-୭ ବ୍ୟାଟର୍ ନିଧିଶ ରାଜଗୋପାଳ ୫୪ ଓ ଅଧିନାୟକ ଆର୍. ସାଇକିଶୋର ୧୨ ରନ କରି ଅପରାଜିତ ରହିଛନ୍ତି।

ଘରୋଇ ଦଳ ପକ୍ଷରୁ ରାଜେଶ ମହାନ୍ତି ଓ ପୂର୍ବତନ ଅଧିନାୟକ ଗୋବିନ୍ଦ ପୋଦ୍ଦାରଙ୍କୁ ୨ଟି ଲେଖାଏ ୱିକେଟ୍ ମିଳିଥିଲା। ଦେବବ୍ରତ ପ୍ରଧାନ, ସମ୍ବିତ ବରାଳ ଓ ବିପ୍ଳବ ସାମନ୍ତରାୟ ଗୋଟିଏ ଲେଖାଏ ୱିକେଟ୍ ପାଇଥିଲେ। ତାମିଲନାଡୁର ୨୮୧ ରନ ଓ ଓଡ଼ିଶା ବୋଲରଙ୍କ ୭ ୱିକେଟ୍ ସଫଳତା ବଳରେ ପ୍ରଥମ ଦିବସର ସମ୍ମାନ ଉଭୟ ଦଳ ବାଣ୍ଟିନେଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ରୁ ଦାସ
EXECUTIVE EDITOR: SAMARENDU DAS